ଗୁରି ସଂବାଦ କଥା

ଅଚ୍ୟୁତାନନ୍ଦ ପତି

କଟକ-ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by PPRACHIN, SOA

ହାରିସଙ୍ଗାତ କଥା

ଲେଖକ :
ଶ୍ରୀ ଅଚ୍ୟୁତାନନ୍ଦ ପତ୍ତ

ପ୍ରକାଶକ :
ଧର୍ମଗ୍ରନ୍ଥ ଷ୍ଟୋର

Digitized by PPRACHIN, SOA

ଚରିସଙ୍ଗାତ କଥା

ପ୍ରକାଶକ :
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
କଟକ-୭୫୩୦୦୨

ପ୍ରଥମ ପ୍ରକାଶ :
୧୯୮୩

ମୁଦ୍ରଣ : ନବରତ୍ନ ପ୍ରିଣ୍ଟର୍ସ
କଟକ-୭୫୩୦୦୯

ମୂଲ୍ୟ : ବନ୍ଧାଇ ଟ ୧୫ ଙ୍କା
ଅବନ୍ଧା ଟ ୧୨ ଙ୍କା

CHARISANGATA KATHA

Shri Achyutanada Pati

Publisher
Sri Anant Misra
Cuttack Students' Store
Cuttack-753002
First Edition : 1983

Price : Deluxe Rs. Rs. 15-00
Popular Rs. 12-00

Digitized by PPRACHIN, SOA

ସୂଚୀ

୧ । ସ୍ୱର ସଙ୍ଗୀତ	...	୧
୨ । ନିଃଶବ୍ଦ ନୂପୁର	...	୧୫
୩ । କଣ୍ଢେଇ ରାଜ୍ୟ	...	୨୩
୪ । ଅଗ୍ନି	...	୨୯
୫ । ଶ୍ୱେତ ମାତଙ୍ଗ ଓ ମାଙ୍କଡ଼ସା ଉପାଖ୍ୟାନ	...	୩୪
୬ । ମନ୍ଦର	...	୪୦
୭ । ଛାଆ	...	୪୮
୮ । ମୁର୍ଦ୍ଦାର	...	୫୫
୯ । ଆସୁର	...	୬୨
୧୦ । ବନ୍ଧ	...	୬୯
୧୧ । ଫୁଲର ଫସିଲ	...	୭୪
୧୨ । ଟଗା ପୃଥିବ ହେ ଆକାଶ !	...	୭୮
୧୩ । ପ୍ରାଚୀର ପଥ	...	୮୨
୧୪ । ଅନ୍ଧାର ପରେ	...	୮୬
୧୫ । କଥା ଓ ପରକଥା	...	୮୯
୧୬ । ଅନ୍ଧାର ପୁଅ ଓ ଆଲୋକ କନ୍ୟା	...	୯୩
୧୭ । ମଣିଷ ବେପାର	...	୯୫
୧୮ । ଭୂତଳରୁ ଚନ୍ଦ୍ର ପର୍ଯ୍ୟନ୍ତ	...	୯୮
୧୯ । ରକ୍ତବୀଜ	...	୧୦୧
୨୦ । କଣ୍ଟା ଓ କୂଜନ	...	୧୦୪
୨୧ । ମୋର ପ୍ରଳୟ	...	୧୦୬
୨୨ । ଏକ ଆରବ୍ୟ ରଜନୀର ଅନ୍ତଚେତନା	...	୧୦୯
୨୩ । ଆପଣଙ୍କ ଗପ ଏବଂ ମୋ ଗପ	...	୧୧୧
୨୪ । ପ୍ଲସ୍ ଓ ମାଇନସ୍	...	୧୧୨

Digitized by PPRACHIN, SOA

ଚାରି ସଙ୍ଗାତ କଥା

ଚାରି ସଙ୍ଗାତ—ରଜାପୁଅ, ମନ୍ତ୍ରୀପୁଅ, ସାଧବ ପୁଅ, କଟୁଆଳ ପୁଅ । ଏହି ଚାରି ସଙ୍ଗାତଙ୍କ କାହାଣୀ ମୋ ଜେଜେ ମାଆ ତା ଜେଜେ ମାଆଠୁ ଶୁଣିଥିଲା । ମୁଁ ମୋ ବୁଢ଼ୀ ମାଆଠୁଁ ଶୁଣିଛି । ମୋ ମାଆଠାରୁ ମୋ ପିଲାଏ ଶୁଣୁଛନ୍ତି । ମୋ ସ୍ତ୍ରୀଠୁଁ ମୋ ପିଲାର ପିଲାଏ ହୁଏତ ଶୁଣିବେ । କାଳକାଳର ଏ ସଙ୍ଗାତ କାହାଣୀରେ ଅନ୍ତବୈକ୍ତିକ ବନ୍ଧୁତାକୁ ଅନ୍ତମାହାରେ ଉପସ୍ଥାପିତ କରାଯାଇଛି । ମନ୍ତ୍ରୀପୁଅ ବନ୍ଧୁ ରଜାପୁଅର ସୁଖସୌଭାଗ୍ୟ ପାଇଁ ପ୍ରାଣମୂର୍ଚ୍ଛା ପ୍ରଚେଷ୍ଟା କରି ଶେଷରେ ତାକୁ ବଞ୍ଚେଇବାକୁ ଯାଇ ପଥର ପାଲଟିଛି । ପୁଣି ରଜାପୁଅ ପ୍ରସ୍ତରୀଭୂତ ମନ୍ତ୍ରୀପୁଅର ପ୍ରାଣ ପ୍ରତିଷ୍ଠା ଲାଗି ନିଜର ପ୍ରଥମ ନବଜାତ ସୁକୁମାର ଶିଶୁକୁ ମନ୍ତ୍ରୀପୁଅର ପଥର ମୂର୍ତ୍ତି ଉପରେ ଅକାତରରେ ଛେଚି ଦେଇଛି । ଏ କାହାଣୀରେ ବନ୍ଧୁତାର ଯେଉଁ ବିପୁଳ ଆଦର୍ଶକୁ ପରିପ୍ରସ୍ଫୁର କରାଯାଇଛି, ତାହା କେତେଦୂର ସତ୍ୟାଶ୍ରୟୀ, ଯୁକ୍ତିସାପେକ୍ଷ, କହି ହେବନି ; କିନ୍ତୁ ଏ କାହାଣୀ ଏକ ନିଷ୍ଠୁର ସତ୍ୟକୁ କହିଯାଇଛି ଏବଂ ସେ ସତ୍ୟଟି ହେଉଛି ରଜା, ମନ୍ତ୍ରୀ, ସାଧବ, କଟୁଆଳ ପୁଅମାନେ ସବୁବେଳେ ଆପଣା ଆପଣା ଭିତରେ ନିଜ ରୁଚିକୁ ବଞ୍ଚେଇବା ଲାଗି ସଙ୍ଗାତ ବସନ୍ତି । ସେମାନେ ସଙ୍ଗାତ-ରୋଗଗ୍ରସ୍ତ । ସେମାନେ ଅବାଟରେ ଦୂର ଦୂର ବଣ ଜଙ୍ଗଲରେ କଞ୍ଚା ମାଂସର ପାରିଧି କରନ୍ତି । କଣ୍ଟାଝଟାକୁ ମାଡ଼ି ମକଚି ଚାଲିବାକୁ ଲୁହାନାଲ୍ ପିନ୍ଧା ବେଖାତିରର ଜୋତାକୁ ତାଙ୍କର ବାପ ଓଗେର୍ ପୂର୍ବଜମାନେ ଯୋଗାଇ ଦେବାକୁ ବାଧ୍ୟ ହୁଅନ୍ତି; ଯେହେତୁ ଏହି ଅଳବତ୍ ଯୋଗାଇଦେବା ବିଧି ସେମାନଙ୍କ ଆଭିଜାତ୍ୟରେ ଏକ ଅନିବାର୍ଯ୍ୟ ଆବଶ୍ୟକତା ହୋଇ ପଡ଼ିଛି ।

Digitized by PPRACHIN, SOA

ହଁ, ଏକ ରାଜ୍ୟରେ ସେଇମିତିକା ଗୁଣ ଜଣ ସଙ୍ଗୀତ ଥିଲେ । ସମସ୍ତେ ପ୍ରବଳ ପ୍ରତାପୀ ପୁରୁଷ-ପୁଙ୍ଗବମାନଙ୍କର ପ୍ରଚଣ୍ଡ ପ୍ରତିଲିପି । ସମସ୍ତେ ସମାଜର ଶ୍ରେଷ୍ଠୀମାନଙ୍କର ଶ୍ରେଷ୍ଠ ସନ୍ତାନ ।

ସେମାନଙ୍କ ପରିଚୟରେ କମିକ ସଂଖ୍ୟା ଏକରେ ଯେ ଆସିବେ, ସେ ହେଲେ ପୁରୁଷ ଶ୍ରେଷ୍ଠ, ବହୁ ବଳିଷ୍ଠ, ସର୍ବଦାରୁଷ୍ଟ, ସଦାଅତିଷ୍ଠ, ତଥା ଦୋସ୍ତ ଦଳର ଖୋଦ ଓସ୍ତାଦ୍ । ସେ ଥିଲେ ତତ୍କାଳୀନ ରାଜ୍ୟର ପାଟମନ୍ତ୍ରୀଙ୍କର ସୁଯୋଗ୍ୟ ସୁତ ଓରଫ୍ ପଡ଼ାପଢ଼ି ଦୌଡ଼ରେ ବହୁତ ବେଳସୁ ଆଗେଇ ପଡ଼ିଥିଲେ ସୁଦ୍ଧା ସର୍ବସମ୍ମାନସେବୀ ସାର୍ବଜନୀନ କୁମାର ସାହେବ ଅଥବା ସମସ୍ତଙ୍କୁ ପାଠ ପଢ଼େଇବାପାଇଁ ହାତରେ ଚେନ୍ ଗୁଳ୍ଲି ଧରି ବୁଲୁଥିବା ସନ୍ ଅଫ୍ ଦି ସଏଲ୍ । ଧ୍ୟାନ ଭେଗା ମନ୍ତ୍ରୀର ବେଟା ପାଠ ନ ହେବାରୁ ପାଠପଢ଼ା ଛାଡ଼ିଦେଲା ବା ବିଦ୍ୟାଳୟର ଏକ ବିଚକ୍ଷଣ ସଦସ୍ୟ ସାଜିବାରୁ ଅନୁଷ୍ଠାନରୁ ଗେଟୁଠାକୁ ତଡ଼ି ଦିଆଗଲା । ଏମିତି ବଦନାମ ତାଙ୍କ ବାପାଙ୍କ ବିରୁଦ୍ଧଦଳର ପଙ୍ଗପାଳମାନେ ତାଙ୍କର ଚରିତ୍ର ସଂହାର ପାଇଁ ହୋହାଲ୍ଲା କରୁଥିଲେ; କିନ୍ତୁ ଅସଲ ରହସ୍ୟ ହେଉଛି, କୁମାର ସାହେବ ପଢ଼ିବାକୁ ଇଚ୍ଛା କରି ନଥିଲେ । କାରଣ ପଢ଼ିବା ତାଙ୍କର ଦରକାର ନ ଥିଲା । ଯୁଗଧର୍ମକୁ ଜାଣି ଚଳନ୍ତି ଏବଂ ଅନୁମାନ, ଅନୁପ୍ରବେଶ, ଅନୁଧ୍ୟାନ, ଅନୁକରଣ, ଅନୁଭବ, ଅନୁରାଗ, ଅନୁଯୋଗ, ଅନୁଶୋଚନା ଇତ୍ୟାଦି ଇତ୍ୟାଦି ଅନେକ କିଛି କରି ସେ ଦିବ୍ୟଦ୍ରଷ୍ଟା ହୋଇ ଯାଇଥିଲେ । ନିଜର ନିର୍ଯ୍ୟାସକୁ ଖର୍ଚ୍ଚ କରି ଯେଉଁମାନେ ବ୍ରିଲିଏଣ୍ଟ କେରିଅର ହାସଲ କରିଛନ୍ତି, ଅଧିକାଂଶ କେସରେ ସେମାନଙ୍କୁ ଶୋକରେ ମରିବାକୁ ପଡ଼ୁଛି । ବେଳସୁ ପାଠ ଛାଡ଼ିଦେଇ ଶାଠର ବେପାରରେ ବୁଦ୍ଧିର ପୁଞ୍ଜିକୁ ଖଟାଇପାରିଲେ କେବଳ ମନ୍ତ୍ରିତ୍ୱର ଗାଦିପାଇଁ ହକ୍‌ଦାର ହେଇପାରିବ । ତେଣୁ କାର୍ତ୍ତିଚନ୍ଦ୍ର ପାଠପଢ଼ା ଇଚ୍ଛା କରି ଛାଡ଼ି ଦେଇଥିଲେ । ହଁ, କାର୍ତ୍ତିଚନ୍ଦ୍ର ହେଉଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପୁଅ, ଅର୍ଥାତ୍ ଏ ଯୁଗର ମହାମହିମ ସମ୍ରାଟ ସନ୍ତାନ । ଗଣତନ୍ତ୍ର ମନ୍ତ୍ରାରୁ ଯୁଗର ମୌସୁମ ପାଇ ଏବେ ଗଣତନ୍ତ୍ରମାର୍କା ଜଣତନ୍ତ୍ର ଜନ୍ମ ନେଇଛି । ଏ ଦେଶର ଅବୋଧ ଜନତା ପ୍ରଜାତନ୍ତ୍ରର ଆଲଖାଲ୍ଲା ଭିତରେ ନବରୂପୀ ଧୂର୍ତ୍ତ ରାଜନ୍ୟବର୍ଗଙ୍କ ବଂଶୀଶାସନକୁ ବିନା ବାଦ ବିସମ୍ବାଦରେ ପିଠେଇ ନେଉଛି । ଯୁଗଯୁଗରୁ ଧର୍ମର ରାଜା, ରାଜାର ପୁଅ ରାଜା, ରାଜରାଣୀଙ୍କ ଗୋଲାମ ରାଜା, ରାଜାଙ୍କ ରାଜତନ୍ତ୍ର ବୋଝ ବୋହି ବୋହି ସେମାନଙ୍କ ପିଠିରେ

Digitized by PPRACHIN, SOA

ବର୍ଣ୍ଣ ବସିଯାଇଛି । ଏହି ବର୍ଣ୍ଣର 'ଜନ୍'କୁ ବଂଶାନୁସୂତ୍ରରେ ମହଜୁଦ ରଖିବାକୁ ଶାସକଶ୍ରେଣୀ ସର୍ବଦା ସଜାଗ ରହି ଆସିଛନ୍ତି । ତେଣୁ ତା'ପରେ, ତା'ପରେ ଯେଉଁମାନେ ଜନତାର ପୁଅ ହୋଇ ଆସୁଛନ୍ତି, ସମସ୍ତଙ୍କ ପିଠିରେ ବର୍ଣ୍ଣ ଆପେ ଆପେ ଉଠିଯାଉଛି । ସେ ଯାହାହେଉ, ମୋଟରେ ସର୍ବଶ୍ରୀ କାର୍ତ୍ତିଚନ୍ଦ୍ର, ଅକ୍ଷତର ନରପତି-ନନ୍ଦନ ନ ହେଲେ ମଧ୍ୟ ଅଧୁନାତନ ନକଲି ନରକଙ୍କର କୁବୁଜଧାରୀ ଅସଲି ଚିତାକଟା ମନ୍ତ୍ରୀ ମହାରାଜାଙ୍କ ସ୍ୱଜା'ସ୍ୱା'ଉଦରସମ୍ଭୂତ ପୁତ୍ରରତ୍ନ ଅବଶ୍ୟ ଅଟନ୍ତି । ସଂକ୍ଷେପରେ କାର୍ତ୍ତିଚନ୍ଦ୍ର, ଶ୍ରୀରୁମ୍ ଗୋଦାମତଦ୍ଦ ବ୍ରୂନଆଦି ରାଜାଙ୍କର ବେଟା ନୁହନ୍ତି ସତ; କିନ୍ତୁ ରାଜାଙ୍କ ଉପର ପାହ୍ୱାଆର ଉପରେ ପାହ୍ୱାଆଙ୍କ ବଡ଼ା ଅଟନ୍ତି ।

ଦୁଇ ନମ୍ବର ଖେଳୁଆଡ଼ଙ୍କ ନାମଥିଲା ଜ୍ୟୋତିଚନ୍ଦ୍ର । ରାଜ୍ୟର ଶ୍ୱେତମାତଙ୍ଗ ସଚିବ ସନ୍ତାନ । ଜନ୍ମ ମୂଳରୁ ସମ୍ପୂର୍ଣ୍ଣ ହୋମାଳ ଥିଲେ ବି ବାପାଙ୍କ ଜ୍ୟୋତିରେ ଜଳୁଥିଲେ । ବାପାଙ୍କ ଶାସନରେ ତାଙ୍କୁ ବେଖାତିର କରିବାକୁ କାହାରି ହିମ୍ମତ୍ ନ ଥିଲା । ବାପା-ମାଆ ନାଇଟ କ୍ଲବରେ ଆପଣା ଘରର ସଂକୀର୍ଣ୍ଣତା ଭିତରୁ ସମ୍ପୂର୍ଣ୍ଣ ଅପସରି ଯାଇଁ ଦେହମନର ମୁକ୍ତ ସ୍ୱାଦ ଚାଖିଲାବେଳେ ସେମାନଙ୍କ ଡ୍ରୟରରୁ ବୋତଲ ଅଧା କରି ଜଣ୍ଣାସୁ ଜ୍ୟୋତିଚନ୍ଦ୍ର ଅଧାପାଣି ଭରୁ ଭରୁ ଅଳ୍ପ କେତେ ଦିନ ମଧ୍ୟରେ ବୋତଲ ଫାଙ୍କା କରି ପୂରାପାଣି ପୂରେଇଲେ ସୁଦ୍ଧା କିଛି ଅସୁବିଧା ସୃଷ୍ଟି ହେଉ ନ ଥିଲା । କ୍ଲବଫେରନ୍ତା କ୍ଲାନ୍ତକ୍ଲାନ୍ତା ସଞ୍ଜ୍ଞା ବିଯୁକ୍ତ-ବିଯୁକ୍ତା ଏବଂବିଧ ପିତାମାତା ବୋତଲର ପାଇପ ପାଣିକୁ ବୋତଲର ଚମାଯୁ ଭାବି ପିଇ ଦେଇ ଶୋଇ ପଡ଼ୁଥିଲେ । ତେଣୁ ଜ୍ୟୋତିଚନ୍ଦ୍ରଙ୍କ ବୋତଲ ପ୍ରତିଯୋଗିତାରେ ବିଶେଷ ଦକ୍ଷତା ଥିଲା ।

କ୍ଷିତିଚନ୍ଦ୍ର ଦୋସ୍ତ ସମ୍ପ୍ରଦାୟର ତୃତୀୟ କୃଷ୍ଣ ସାମନ୍ତ । ସ୍ୱନାମଧନ୍ୟ ତାଙ୍କ ବାପା ସରେନ ଲିକରର ହୋଲ୍ସେଲର ଓ ସରକାରୀ ଦଳର ଚିରସ୍ଥାୟୀ କୋଷାଧ୍ୟକ୍ଷ । ତେଣୁ କ୍ଷିତିଚନ୍ଦ୍ରଙ୍କର ଗର୍ବ ଓ ଗୌରବକୁ ସମସ୍ତେ ଯଥାର୍ଥ ବୋଲି ବିନାଦ୍ୱିଧାରେ ସ୍ୱୀକାର କରି ନେଇଥିଲେ । ଯଦିଓ କ୍ଷିତିଚନ୍ଦ୍ରଙ୍କର ବାପା ଅନ୍ୟ-ପ୍ରାନ୍ତରେ ଜନ୍ମ ନେଇଥିଲେ, ତଥାପି ତାଙ୍କର କର୍ମଭୂମି ଏ ରାଜ୍ୟର ମଙ୍ଗଳଲାଗି ଅକାତରରେ ଦାନ କରୁଥିଲେ । ଫଳତଃ ରାଜ୍ୟର ପ୍ରାୟ ସବୁ ଲୋକକଲ୍ୟାଣ-କାରୀ ସଂସ୍ଥାର ପ୍ରଧାନ କାରପଟଦାର ହେବାକୁ ଜନସାଧାରଣ ତାଙ୍କୁ ବାଧ୍ୟ କରୁଥିଲେ । ପାଇଖାନା ଉଦ୍ଘାଟନଠାରୁ ବଡ଼ ବଡ଼ ପ୍ରୋଜେକ୍ଟର ଭିତ୍ତି ସ୍ଥାପନ ପର୍ଯ୍ୟନ୍ତ ସମସ୍ତ ଶୁଭଙ୍କର ଅନୁଷ୍ଠାନରେ ତାଙ୍କ ଉପସ୍ଥିତି ଏକ ଅବଶ୍ୟ ଆବଶ୍ୟକତା

Digitized by PPRACHIN, SOA

ହୋଇ ପଡ଼ିଥିଲା । ସରୁଷ ଦଳର ଲୋକେ କୁହାକୁହି ହୁଅନ୍ତି ଯେ ନିର୍ବାଚନ ବେଳେ ତାଙ୍କର ଅନିର୍ବଚନୀୟ ଦାନ ପାଇଁ ତାଙ୍କୁ ନେପାଳ, ଚୀନ ପ୍ରଭୃତି ବିଶେଷ ବ୍ୟବସାୟର ଦେଶମାନଙ୍କୁ ବାରମ୍ବାର ଯିବାପାଇଁ ପାସପୋର୍ଟ ଦିଆ ଯାଇଥିଲା ଓ ତାଙ୍କ ଯିବା ଆସିବାରେ ସାମାନ୍ୟତମ ଅସୁବିଧା ସୃଷ୍ଟି ନ କରିବାକୁ କଷ୍ଟମ ସଂସ୍ଥାକୁ ସରକାରୀ ବିଭାଗ ପକ୍ଷରୁ ଗୋପନୀୟ ସୂଚନା ମଧ୍ୟ ଯୋଗାଇ ଦିଆ ଯାଇଥିଲା । ଏ କଥା ସତ, ଅବାଞ୍ଛିତ ହଡ଼ା ଗୋରୁଙ୍କୁ ବ୍ୟବସାୟ ସୂତ୍ରରେ କଂସେଇଖାନାକୁ ଯୋଗାଉଥିଲେ, କିନ୍ତୁ ଗୋଟା କେତେ ବଡ଼ ବଡ଼ ଗୋଶାଳା ପ୍ରତିଷ୍ଠା କରିବାକୁ ସେ ମୋଟେ ପଛେଇ ନ ଥିଲେ । ନିଜେ ସେ ସମ୍ପୂର୍ଣ୍ଣ ନିରାମିଷାଶୀ ଥିଲେ; କିନ୍ତୁ ବାବୁଭାୟାଙ୍କ ପ୍ରୀତ୍ୟର୍ଥେ କୁକୁଡ଼ା ହାଲାଲ କରିବାକୁ ସମୁଚିତ ମନେ କରୁଥିଲେ । ଏହାଦ୍ୱାରା ସେ ନିଜର ରୁଚି ଓ ଯୁଗର ଆବଶ୍ୟକତା ଭିତରେ ଏକ ସୁନ୍ଦର ସମନ୍ୱୟ ଆଣି ପାରିଥିଲେ । ଯୋଗ୍ୟ ବାପାଙ୍କର ସୁଯୋଗ୍ୟ ପୁଅ ରୂପେ ବାପାଙ୍କର ନୀତିଗୁଡ଼ାରେ ନିଜକୁ ଅଡ଼େଇ ଅଡ଼େଇ ବାପାଙ୍କର ଧନ, ସମ୍ମାନ, ପଦବୀ ପଲଣକୁ ବୋହିବା ପାଇଁ ନିଜ ପିଠିକୁ କ୍ଷିତିଚନ୍ଦ୍ର ସାବାଡ଼ କରୁଥିଲେ ।

ଦୋପ୍ତି କୁଞ୍ଜର ଚତୁର୍ଥ ନାଗର ଥିଲେ ପ୍ରୀତିଚନ୍ଦ୍ର । ତାଙ୍କ ବାପା ଥିଲେ ରାଜ୍ୟର ଶ୍ରେଷ୍ଠବିତ୍ତ ପୁରୁଷ । ବୃତ୍ତି ଥିଲା କଂଟ୍ରାକ୍ଟି । ତାଙ୍କ ଚରିତ୍ରର ଏକ ଚମକପ୍ରଦ ବୈଶିଷ୍ଟ୍ୟ ଥିଲା, ଯେଉଁ ବିଭାଗର କାମ ସେ ହାତକୁ ନେଉଥିଲେ, ସେ ବିଭାଗର ମନ୍ତ୍ରୀ, ଇଂଜିନିଅର୍‌ଠାରୁ ଆରମ୍ଭ କରି ପିଅନ, ଅର୍ଡ଼ର୍‌ଲି ପର୍ଯ୍ୟନ୍ତ ସମସ୍ତଙ୍କ ଘରଣୀମାନଙ୍କର ପରିସ୍ଥିତି, ପୋଜିସନ୍, ପଇସା, ବୟସ ବିଚାରରେ ଧରମପୁଅ, ଧରମଭାଇ, ଧରମବାପ ଅଚିରେ ହୋଇ ପାରୁଥିଲେ । କାରଣ ଧର୍ମସମ୍ପର୍କର ଶିକାର ପାଇଁ ଲୋକର ସ୍ଥିତି ତଥା ସ୍ୱାଦୁ ଠଅର କରି କାର୍, ଫ୍ରିଜ୍ ସ୍ୱିଚ୍‌ବୋର୍ଡଠାରୁ ବରା, ପକୁଡ଼ି, ସିନେମା ଟିକେଟ୍ ପର୍ଯ୍ୟନ୍ତ ଯାହାପାଇଁ ଯେଉଁ ଥୋପ ଦରକାର ସେ କଣ୍ଟାରେ ଗୁନ୍ଥି ପାରୁଥିଲେ । ବାପାଙ୍କ ପ୍ରସାରିତ ଅନ୍ୟାନ୍ୟ ଧର୍ମ-ସମ୍ବନ୍ଧ ସ୍ଥାପନ ଯୋଜନାକୁ ନିଜର ଆଗାମୀ ବୟସ ପାଇଁ ଛାଡ଼ିଦେଇ ପ୍ରାରମ୍ଭିକ ସ୍ତରରେ ପ୍ରୀତିଚନ୍ଦ୍ର ଉପର ପାହିଆ ଅଫିସରଙ୍କ ପ୍ରାସାଦର ଅନ୍ଦରମହଲଠାରୁ କଲୋନୀ ଶ୍ରମିକର ହାଣ୍ଡିଶାଳ ପର୍ଯ୍ୟନ୍ତ ବହୁରଙ୍ଗୀ ଗୁଳୁଗୁଳିଆ ଉପାୟନର ସିନ୍ଧିକାଠି ଚଳାଇ ଅନାୟାସରେ ସବୁଠି ଗଳି ପାରୁଥିଲେ ଏବଂ ସେ ଅଞ୍ଚଳର ସମସ୍ତ ବିବାହିତା ଅବିବାହିତା ଯୁବତୀଙ୍କ ମନ୍ଦିରେ ମହାପ୍ରସାଦ ଦେଇ କେବଳ

Digitized by PPRACHIN, SOA

ନେଗ୍ଗେଲା ଧରମଣ୍ଡଇ ହେବା ଯୋଜନାକୁ ଏକ କୁଶଳୀ କଳାକାର ରୂପେ ସୁସମ୍ପନ୍ନ କରିପାରିଥିଲେ ।

ଏଇ ସଙ୍ଗୀତମାନେ ପାରମ୍ପରିକ ଢଙ୍ଗରେ ମହାପ୍ରସାଦ ବଦଳାଇ ହୋଇ ଫୁଲ ବଦଳାବଦଳି କରି, ଗଙ୍ଗାମୁଗ ପାଟିରେ ପୂରାପୂରି ହୋଇ, ବା ସେଇ ରକମର ଇତ୍ୟାଦି ଇତ୍ୟାଦି କରି ସଙ୍ଗୀତ ବା ସଙ୍ଗୀତର ଅନ୍ୟନାମ ମହାପ୍ରସାଦ, ଫୁଲ, ଗଙ୍ଗାମୁଗ ଇତ୍ୟାଦି ଇତ୍ୟାଦି ବସି ନଥିଲେ; କିନ୍ତୁ ସେମାନଙ୍କ ବନ୍ଧୁତାର ଆରମ୍ଭ ପ୍ରସ୍ତୁତିଯୁକ୍ତ ଆନୁଷ୍ଠାନିକ ନ ହୋଇଥିଲେ ମଧ୍ୟ ପ୍ରାରମ୍ଭିକ ଉତ୍ସବରେ ବନ୍ଧୁମାନେ ଅଳପ ଆପେ ଏତେ ମାତାରେ ଉତ୍ସବମୁଖର ହୋଇ ଉଠିଥିଲେ ଯେ ସେଠାରେ ବନ୍ଧୁ ସଂଖ୍ୟାରେ ଥିବା ବନ୍ଧୁ କିସମର ଲୋକଙ୍କ ମୁହଁ ବନ୍ଦ ହୋଇ ଯାଇଥିଲା । ବିଭିନ୍ନ ସଂଖ୍ୟାର ତାରକାମାର୍କା ଅଭିଜାତ ହୋଟେଲଠାରୁ ନିଛାଟିଆ ପାଟକଡ଼ରେ ସୋଲାଲୁଟ୍‌ପୂଟ ସ୍ଲଟ ସହ ଆମ୍ବିଳା ତାଡ଼ ମିଳୁଥିବା ଖଟି ପର୍ଯ୍ୟନ୍ତ ବନ୍ଧୁମାନେ ସ୍ୱଚ୍ଛନ୍ଦରେ ବିଚରଣ କରିବା ପାଇଁ ଲାଇସେନ୍‌ସ ପାଇଥିଲେ ନୁହେଁ, ଲାଇସେନ୍‌ସ ହାସଲ କରି ନେଇଥିଲେ । ଏ ପ୍ରକାର ସ୍ୱର୍ଗପାତାଳ ପରିଭ୍ରମଣ ମୂଳରେ ଗୋଟିମର ଦର୍ଶନ ଥିଲା ।

'ମହାପୁରୁଷଙ୍କ ଉକ୍ତି ଥିଲା—'ଯେ ସ୍ଥାନେ ଯେମନ୍ତ ମିଳଇ' ଏବଂ 'ବସୁଧୈବ କୁଟୁମ୍ବକମ୍' । ଥରେ ଏକ ବିଶିଷ୍ଟ ହୋଟେଲ୍‌ର ଏକ ମହତ୍ତ୍ୱପୂର୍ଣ୍ଣ ଦିନରେ ଗୋଟାଏ ଟେବୁଲର ଅଧିକାର ପାଇଁ ଉତ୍ସବର ସୂତ୍ରପାତ ହୁଏ । ସେ ଟେବୁଲର ଏକ ବିଶେଷ ଆକର୍ଷଣ ଥିଲା । ସେ ଟେବୁଲର ଅତିଥିଙ୍କୁ ହୋଟେଲର ଶ୍ରେଷ୍ଠା ନର୍ତ୍ତକୀ ପ୍ରତ୍ୟେକ ପାନପାତ୍ରରେ ଅଧର ଲଗାଇ ପରିବେଷଣ କରୁଥିଲା । ସେ ବିଶିଷ୍ଟ ଆସନର ଏକଚାଟିଆ ଦଖଲ ପାଇଁ ସ୍ୱରମହାରଥୀ ନିଜ ନିଜର ପୁଞ୍ଜିକ୍ଷମତା ବା ପଇସାର ଆସ୍ଫାଳନ ଦେଲେ । କିଏ ସେ ଆସନ ନେବ, ସେଥିପାଇଁ ସ୍ୱର ମହାରଥୀଙ୍କ ମତାନ୍ତର, ମନାନ୍ତର, ମୁଥା ଝଗଡ଼ା ପାଇଁ ବିଚରା ହୋଟେଲ ମେନେଜର ଯେତେ ବ୍ୟସ୍ତ ହୋଇ ନଥିଲେ, ତା ଅପେକ୍ଷା କ'ଣ କରି ଆଜ ହୋଟେଲକୁ ସେମାନଙ୍କ ଉପଦ୍ରବରୁ ରକ୍ଷା କରିବେ, ସେଥିପାଇଁ ବେଶି ବିବ୍ରତ ହୋଇ ପଡ଼ିଥିଲେ । ନିର୍ଦ୍ଦିଷ୍ଟ ନର୍ତ୍ତକୀର ମନ୍ତ୍ରଣା ଗ୍ରହଣ କରି ମେନେଜର ଘୋଷଣା କଲେ ଯେ ଯିଏ ନର୍ତ୍ତକୀର ହାତରୁ ଅଧିକ ପାତ୍ର ପାନ କରି ପାରିବ, ସେ କେବଳ ତା'ର ଅଧରଚୁମ୍ବିତ ପାତ୍ରର ଅଧିକାରୀ ହେବ । ସ୍ୱର ମହାମାନ୍ୟ ଅତିଥି ଦ୍ୱସ୍ତୁତ ନେଲେ । ତା'ପରେ ପିଇବାର ପ୍ରତିଯୋଗିତା ଆସ୍ତେ ଆସ୍ତେ କ୍ଲାଇମେକ୍ସକୁ

Digitized by PPRACHIN, SOA

ଉଠିଲା । କଲର୍ ଟଣାଟଣି, ବୋତଲ ପିଟାପିଟି ଏବଂ ତା'ପରେ କ'ଣ କ'ଣ ହେଲା, ସେ ସବୁକଥା ଖୃଶଜଣଙ୍କୁ ମାଲୁମ ନଥିଲା । ରାତିର ଶେଷବେଳକୁ ଖୃଶଜଣ ହୋସ୍‌କୁ ଆସିଲେ । ସମସ୍ତେ ହୋଟେଲ ଆଗର ମଡ଼ଆରେ ପଡ଼ିଛନ୍ତି । ସମସ୍ତଙ୍କର ପିଠି ମୁଣ୍ଡ ଗୁଡ଼ି କେଉଁଠି ହେଲେ, କଟା କଟା ଶୁଖିଲା ରକ୍ତର ଦାଗ ପଡ଼ିଛି । ସମସ୍ତଙ୍କ ପକେଟ୍ ସମ୍ପୂର୍ଣ୍ଣ ଭାବରେ ଶୂନ୍ୟ ହୋଇଯାଇଛି । ଟ୍ରୁ ଫ୍ରେଣ୍ଡସିପ୍ ବଗିନ୍‌ସ ଆଫ୍‌ଟେର୍ ଏ ଟ୍ରାଏଲ୍ ଅଫ୍ ଷ୍ଟ୍ରେଙ୍ଗ୍‌ଥ୍ । ମାରାତ୍ମକ ମାରପିଟ୍ ମହୋତ୍ସବରେ ବୋତଲ ଯନ୍ତ୍ରରୁ ବନ୍ଧୁତାର ଯାଙ୍କସେମାନେ ବାହାରି ପଡ଼ିଲେ—ହାତମିଳାମିଳି, କୁଣ୍ଢାକୁଣ୍ଢି ଠାରୁ ଗାଲ ପାଖକୁ ମୁହଁନେବା ପର୍ଯ୍ୟନ୍ତ । ବନ୍ଧୁତାର ଉପସର୍ଗମାନେ ଥିଲେ ନଆଁର ଝିଅ । ସଙ୍ଗୀତମାନଙ୍କ ଭିତରେ ସେମାନେ ଜଳିଲେ । ତାଙ୍କ ଧାସରେ ସଙ୍ଗୀତମାନେ ବି ତାତିଲେ ।

ଏଇ ଖୃଶ ଯୁଗମାନବ ବନ୍ଧୁତାର ଶଙ୍ଖ ଭିତରକୁ ଆସି ଖେଳ ଆରମ୍ଭ କରିଦେଲେ । ସଂସ୍କୃତିର ଦୋଳଖେଳ, ଜନସେବାର ଜିମ୍ନାଷ୍ଟିକ ଫିଟ୍‌ସ । ସାଂସ୍କୃତିକ ପରିଷଦର ସଭ୍ୟଳକ ରୂପେ ସରକାରୀ ଖର୍ଚ୍ଚରେ ରାଜ୍ୟର ଗିରିକନ୍ଦର ଡିପୁମାନଙ୍କୁ ଯାଇଁ ଆଦିବାସୀ ଯୁବତୀଙ୍କ ସଦ୍ୟୋଜ୍ଜିତ ଗୁଡ଼ିର ସ୍ୱାଦୁ ଓ ରହସ୍ୟର ଅନୁଧ୍ୟାନ କରି କଟା କଟା ଗଣ୍ୟମାନ୍ୟ ହୋଇ ପାରିଲେ । କଳାକେନ୍ଦ୍ରମାନଙ୍କରେ ଭାରତନାଟ୍ୟମ୍, କଥକ, ମଣିପୁରୀ, ଓଡ଼ିଶୀ ନୃତ୍ୟଭଙ୍ଗୀମାନଙ୍କରେ କୋଣାର୍କ, ଖଜୁରାହୋ ବନ୍ଧିଶରର ସମାବେଶ କରି ସରକାରୀ ତହବିଲ୍‌ର ସଦୁପଯୋଗ ପାଇ ଧନ୍ୟଧନ୍ୟ ହେଲେ । ନାରୀମଙ୍ଗଳ ଅନୁଷ୍ଠାନମାନଙ୍କରେ ଅନୂଢ଼ା କନ୍ୟାମାନଙ୍କ ଅବଚେତନକୁ ସୁରା ମାଧ୍ୟମରେ ଉଜ୍ଜୀବିତ କରି ସେମାନଙ୍କୁ ସାକୀରର ଗୌରବ ଦେଇ ଅନେକଟା ପୁଣ୍ୟ ଅର୍ଜନ କଲେ ।

ଜନସେବା ଆଇଟମ୍‌ର ନମୁନା ଟିକିଏ ଟିକିଏ ଦେଖେଇ ଦେଇ ପରେ ପରେ ପୂରା ଖେଳ ପାଇଁ ଚୌକମ୍ ପ୍ରସ୍ତୁତି ନେଇ ମଇଦାନ ଉପରକୁ ଡେଇଁ ପଡ଼ିଥିଲେ । ପହିଲୁ ପହିଲୁ ଏଇ ଧର—ବନ୍ଧୁମଣ୍ଡଳୀ ପ୍ରସ୍ତାବ ଦେଲେ, ଠିକ୍ କହିଲେ ହୁକୁମ ଜବରଦସ୍ତି ଲଦିଲେ ଯେ ଏଠାରେ ସାର୍ବଜନୀନ ଦୁର୍ଗୋତ୍ସବ ଏ ବର୍ଷ ଆରମ୍ଭ ହେବ । ସମସ୍ତଙ୍କୁ ପ୍ରସ୍ତାବ ଗ୍ରହଣ କରିବାକୁ ବାଧ୍ୟ କରାଗଲା । ନଜର ଚୁଆପିଲା, ଘରଦ୍ୱାର, ଗୃହବାରୀକାରୀ ଦୃଷ୍ଟିରୁ ସମସ୍ତେ ଆଦେଶକୁ ଗ୍ରହଣ ବି କଲେ । ଏଇ ମହତ୍ତ୍ୱ ଯୋଜନା ପାଇଁ କେଉଁ ଡ୍ରାଇଭର୍ ଗାଡ଼ି ନେଇଥିବେଳେ ଗୃହା ଫାଙ୍କିବା ହେତୁ ତାକୁ ପଗ୍ଗୁ ନର୍ଦ୍ଦମାରେ ବୁଡ଼ାଗଲା ବା କେଉଁ ମୂଲିଆ ବା

Digitized by PPRACHIN, SOA

ରିକ୍ସାବାଲା ଉପରେ ଚାପି ଦିଆ ଯାଇଥିବା ଚାନ୍ଦା ପାଇବାକୁ ତା' କୁଡ଼ିଆରୁ ଖୁସ୍ରିକଂସା ବା କବାଟକୁ ନିଲାମ କରି ଚାନ୍ଦା ଭରଣା କରିବାର ପଦକ୍ଷେପ ନିଆଗଲା । କାହାଘରେ ନିଆଁ ଲାଗିଛି—ମିଛ ଫସଦ ତାଙ୍କ ଅନୁଗତ ଯୁବଶକ୍ତିକୁ ଧରି ନିଆଁ ଲିଭେଇ ଦେଲେ; କିନ୍ତୁ ଅଗ୍ନି ଉତ୍ପାତରେ ଘରକରଣା ଜିନିଷ ଯାହା ଯେମିତି ରକ୍ଷା ହେଲା ସତ, ଘଡ଼ି, କଲମ, ସେଭିଂସେଟ୍ ଜାଙ୍ଗପୁ ସମ୍ପତ୍ତିଗୁଡ଼ିକ ସବୁ ନିଆଁର ପାଟିରେ ଚାଲିଗଲା ।

ସଙ୍ଗାତ ସଂସ୍ଥା ସମୟର ଅତି ଅଳ୍ପ ବ୍ୟବଧାନ ମଧ୍ୟରେ ଅସମ୍ଭବ ଭାବରେ ଦୃପ୍ତ ଓ ଦୁର୍ଦ୍ଧର୍ଷ ହୋଇ ଉଠିଲା । ଏଣିକି ଏମାନେ ଯାହା କହିଲେ, ତା'ର ଉତ୍ତରରେ 'ନା' କହିବାକୁ କାହାର ଦମ୍ ନ ଥିଲା । ଯାହା କଲେ, ଭଲ କଲେ ବୋଲି ବଧେଇ ଦେବାକୁ ଲୋକେ ଆତୁର ପଡ଼ିଲେ । ସେମାନଙ୍କ ବିରୁଦ୍ଧରେ ନିଜେ ନିଜକୁ ଶୁଣାଇବାକୁ ସୁଦ୍ଧା ସାଧାରଣ ଜନତା ନିରାପଦ ମଣୁ ନ ଥିଲା । ନିଜର ନିରାପତ୍ତା ପାଇଁ ସେମାନଙ୍କ ସୁନଜରରେ ରହିବାକୁ ସମସ୍ତେ ସଜାଗ ଥିଲେ । ଖ୍ୟାତିଜନିତ ପ୍ରୀତିର ବାହା ବାହା ନେଇ ସଙ୍ଗାତମାନେ ଦିନକୁ ଦିନ ଆହୁରି ଉନ୍ମତ୍ତ, ଆହୁରି ଉଦ୍ଧତ ହୋଇ ଉଠିଲେ ।

ଆଗରେ ଆଗାମୀ ନିର୍ବାଚନ । ଠିଆ ହେବା କୀର୍ତ୍ତିଚନ୍ଦ୍ରଙ୍କର ପ୍ରାପ୍ୟ ବୋଲି ସେ ନିଶ୍ଚିତ ଥିଲେ । ଜ୍ୟୋତି, କ୍ଷିତି, ପ୍ରୀତି ବିଧାୟକ ପଦପାଇଁ ନିଜକୁ ଅଦକ୍ଷ ବୋଲି ଭାବୁ ନଥିଲେ । ନିର୍ଦ୍ଦିଷ୍ଟ ପାଟମୁଣ୍ଡର ନିଘୁଟିଆ ତାଡ଼ିଖଟିହିଁ ସେମାନଙ୍କର ଗୋପନ ମନ୍ତ୍ରଣାଗାରରୂପେ କାମ କରୁଥିଲା । ଆମ୍ବିଳା ତାଡ଼ିର କଡ଼ା-ମିଠା ନିଶା ଇମୋସନ୍‌ର ଜୁଆରଭଟ୍ଟା ଭିତରେ ସେମାନଙ୍କୁ ବିଭିନ୍ନ ଅପରେସନ୍‌ର ବ୍ଲୁ ପ୍ରିଣ୍ଟ ତିଆରି କରିବାକୁ ଉନ୍ମାଦନା ଦେଉଥିଲା । ବିଚରା ଖଟିମାଲିକ ସେମାନଙ୍କ ପାଖରେ ବନ୍ଧାବକରି ପରି ନିଜର ମୁଣ୍ଡ ବିକି କରି ଦେଇଥିଲା । ସବୁବେଳେ ହାଣିବାର ହତିଆର ବିଚରାର ବେକଷଣ୍ଢ ଉପରେ ଉଠିକି ରହିଥିଲା । ମହାମାନ୍ୟ ସଙ୍ଗାତମାନେ ଖଟିରେ ବିଜେହେଲା କ୍ଷଣି ତାଡ଼ିଆଳ ସବୁ ଟେକି, ସମସ୍ତ ଚାଟ ସାମଗ୍ରୀ ସମର୍ପି ଦେଇ ଦୂରକୁ ଅପସରି ଯାଉଥିଲା ।

ନିର୍ବାଚନର ବିଷ ସବୁ ସଙ୍ଗାତଙ୍କ ଶିରାରେ ପହଁରି ପହଁରି ମଗଜ ଆଡ଼କୁ ଆଗେଇ ଯାଉଥିଲା । ପ୍ରତ୍ୟେକ ଅନ୍ୟ ତିନିଙ୍କଠୁ ନିଜର ନାମଟା ପ୍ରସ୍ତାବ ଆକାରରେ ଆସିବ ବୋଲି ଅପେକ୍ଷା କରୁଥିଲେ । ସମସ୍ତେ ସମସ୍ତଙ୍କ ମନକୁ ମନେ ମନେ ପଢ଼ି ପାରୁଥିଲେ; କିନ୍ତୁ ପାଟି ଖୋଲି ପାଠଟା କହିବାକୁ ମୁହଁ

Digitized by PPRACHIN, SOA

ମୂଳକରେ ସମସ୍ତଙ୍କ ଓଠ ଆପେ ଆପେ ଅଠା ଅଠା ହୋଇ ଯାଉଥିଲା । ସଙ୍ଗୀତ-ମାନଙ୍କର ନିଜର ଶକ୍ତି ଉପରେ ଅସମ୍ଭବ ଆସ୍ଥା ଥିଲା ଏବଂ ସେମାନେ ନିଶ୍ଚିତ ଥିଲେ ଯେ ସେମାନଙ୍କର ଠିଆ ହେବା ମାନେ ଅନିବାର୍ଯ୍ୟ ଜିତିବା, ଆଉ ଜିତିବା ଅର୍ଥ ଅଲବତ୍ ମନ୍ତ୍ରୀ ହେବା । ଚାଉଗ୍ଲାସ ଓ ବଡ଼ଭଜାର ବାରମ୍ବାର ଉପଯୋଗ ଯୋଗୁଁ ସେମାନେ ହଠାତ୍ ନିଜ ନିଜକୁ ନିଜ ନିଜର ଅକ୍ତିଆରର ବାହାରକୁ ଠେଲି ଦେଇ ବହୁତ ହୋ-ହଲ୍ଲା ପରେ ଏକ ଅଜବ୍ ସିଦ୍ଧାନ୍ତ ନେଲେ । ସେମାନେ ଫନ୍ଦବନ୍ଧ ଭାବରେ ବହୁ ଘଟଣାକୁ ଦୁର୍ଘଟଣା ଓ ଅନେକ ଦୁର୍ଘଟଣାକୁ ଘଟଣା କରି ସମସ୍ତଙ୍କୁ ଦେଖେଇ ଦେଇଛନ୍ତି । କଥା ଛିଡ଼ିଲା ସେମାନେ ଯେ ଯାହାର ମନମୁତାବକ ଏକା ଏକା ଗୋଟିଏ ଲେଖା ପ୍ରୋଜେକ୍ଟ ହାତକୁ ନେବେ ଏବଂ ଫନ୍ଦଦର ବିନା ସାହାଯ୍ୟରେ ନିଜେ ନିଜର ଯୋଜନାକୁ କାର୍ଯ୍ୟକାରୀ କରିବେ । ପ୍ରୋଗ୍ରାମ୍‌ଗୁଡ଼ିକର ପରିସମାପ୍ତି ପରେ ପ୍ରକଳ୍ପର ଗୁରୁତ୍ୱ, କାର୍ଯ୍ୟ ହାସଲ ପ୍ରଣାଳୀ ଓ ଫଳାଫଳ ଉପରେ ବିସ୍ତୃତ ଆଲୋଚନା କରାଯିବ । ଲକ୍ଷ୍ୟରେ ନୂତନତାବୋଧ, ସାଧନ-ବିଧିରେ ବୁଦ୍ଧିମତ୍ତା ଓ ସିଦ୍ଧି ପର୍ଯ୍ୟାୟରେ ଉତ୍କୃଷ୍ଟ ଚମତ୍କାରିତାକୁ ଆଖିରେ ରଖି ପ୍ରତ୍ୟେକଙ୍କ ଯୋଜନାଗୁଡ଼ିକୁ ତଉଲାଯିବ । ଯିଏ ଅଧିକ ଓଜନଦାର ବୋଲି ପ୍ରମାଣିତ ହେବ ସେହି କେବଳ ନିର୍ବାଚନ ପାଇଁ ପ୍ରାର୍ଥୀ ହେବ ଏବଂ ଅନ୍ୟମାନେ ତାକୁ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କରିବେ । କଡ଼ାକଡ଼ ସର୍ତ୍ତ ରହିଲା । ପନ୍ଦର ଦିନ ଭିତରେ କାମ ଖତମ କରିବାକୁ ପଡ଼ିବ ।

କାର୍ତ୍ତିଚନ୍ଦ୍ରଙ୍କ ଯୋଜନାଟା ଏଇମିତି ଥିଲା । ଶେଠ୍ ବିଠଲଭାଇଙ୍କ ବାପା ପରସ୍ୱରବର୍ଷ ମୂର୍ବରୁ ପ୍ରାପ୍ୟ ବିନା ପଇସାରେ ପାଞ୍ଚଏକର ଜମି ଏପାଖ ସେପାଖ କରି ଶାଗରେ ମୁଗରେ ନିଜର କରି ନେଇଥିଲେ । ଜାଗାଟା ସେତେବେଳେ ସହରଠାରୁ ଟିକିଏ ଦୂରରେ ଥିଲା । ବର୍ତ୍ତମାନ ସହର ସେ ଜାଗାକୁ ଟପି ଆହୁରି ଢେର ଆଗକୁ ଲମ୍ବି ଲମ୍ବି ଗଲାଣି । ସେତେବେଳେ ସହରତଳି ଅଞ୍ଚଳ ଥିବାରୁ ରିକ୍‌ସାବାଲା, କୁଲି ମୂଲିଆମାନେ ନାମମାତ୍ର କୁଡ଼ିଆ କରି ସେଠି ରହୁଥିଲେ । ଆସ୍ତେ ଆସ୍ତେ କେତେଟା ଉଠା ଦୋକାନ ବସୁ ବସୁ ଜାଗା ଉପରେ ସ୍ଥାୟୀ ଦୋକାନ କେତେଟାର ଆସ୍ଥାନ ବି ଜମି ଉଠିଲା । କେତେଟା ଝାଟିମାଟିର ଘୁଙ୍ଗିଆ ପରିଚ୍ଛଦ ବଦଳାଇ ଇଟାକାନ୍ଥ, ଚୂନପୋଛ ଚଢ଼େଇ ଠିଆ ହୋଇଗଲା । ବିଠଲଭାଇ ଜାଗାଟିକୁ ଦଖଲ କରିବାକୁ ଯେତେ ଧୂମଧଡ଼ାକ କଲେ ବି ଜମିଟା ତାଙ୍କ ଅକ୍ତିଆରକୁ ଆସିପାରିଲା ନାହିଁ । ସେ ଅଞ୍ଚଳର କୁଲିଙ୍କ ଦାଦା ଓରଫ୍

Digitized by PPRACHIN, SOA

ଶ୍ରମିକ ନେତା ଗଣପତି ତାଙ୍କର ସବୁ ଚେଷ୍ଟାକୁ ପଣ୍ଡ କରି ଦେଉଥିଲା । ବଟଲଭାଇ କୀର୍ତ୍ତିଚନ୍ଦ୍ରଙ୍କୁ ତା' ଦୁଃଖ କେତେଥର ଜଣାଇଥିଲା । କୀର୍ତ୍ତିଚନ୍ଦ୍ରଙ୍କର ଖିଆଲ ପଶିଲା । ସେ ବଟଲଭାଇ ସହିତ ଯୋଗସୂତ୍ର ସ୍ଥାପନ କଲେ । କଥାହେଲା କୀର୍ତ୍ତିଚନ୍ଦ୍ର ସେ ଜାଗାକୁ ଦଖଲକୁ ଆଣିବେ ଏବଂ ସେଠାରେ ଗୋଟାଏ ଇଣ୍ଡଷ୍ଟ୍ରି କରାହେବ । ସରକାରଙ୍କଠୁଁ ଟଙ୍କା ଆଣିବା ଦାୟିତ୍ୱ କୀର୍ତ୍ତିଚନ୍ଦ୍ରଙ୍କର; କିନ୍ତୁ ଗୋଟିଏ କଥା, ଜାଗାଟିକୁ ପ୍ରଥମେ ଆଗେ ତାଙ୍କ ନାଁରେ ସାମୟିକ ଭାବରେ ବଟଲଭାଇ ଲେଖିଦେବେ, ତା' ନହେଲେ ସେ ବା କାହିଁକି ମୁସ୍କିଲ ହେଙ୍ଗାମରେ ପଶିବେ । ତା'ପରେ ପୁଣି ଜାଗାଟା ତାଙ୍କ ନାଁରେ ନଥିଲେ ସେ ବା ଟଙ୍କା ଆଣିବେ କେମିତି ? ଅବଶ୍ୟ ଇଣ୍ଡଷ୍ଟ୍ରିଟା ଚାଲୁ ହୋଇଗଲେ ଫିଫ୍ଟି ଫିଫ୍ଟି ସେଆର ବେସିସ୍‌ରେ ସେମାନେ ଉଭୟ ଉପକୃତ ହେବେ । ସରକାରୀ ଋଣ ସୁଝିବା ପରେ ଜାଗାଟିକୁ ସେ ବଟଲଭାଇ ନାଁରେ ଲେଖିଦେବେ । ଧ୍ରୁବ ବିଶ୍ୱାସର କଥା । ବଟଲଭାଇ ଏ ପ୍ରସ୍ତାବରେ ହଁ ଭରିଲେ । ତାଙ୍କର ଉପାୟ ନଥିଲା । ଜମିଟାକୁ ଦଖଲ କରିବା ତାଙ୍କ ଶକ୍ତିର ବାହାରେ ଥିଲା । ଜାଗାଟା କୀର୍ତ୍ତିଚନ୍ଦ୍ରଙ୍କ ହାତକୁ ଆସିଗଲା ପରେ ସେ ବଟଲଭାଇଙ୍କୁ ପୁଣି ଏକ ପ୍ରସ୍ତାବ ଦେଲେ । ଗଣପତିକୁ ଯେମିତି ହେଉ ହାତ କରିବାକୁ ହେବ । ତା' ବ୍ୟକ୍ତିତ୍ୱକୁ ଯେତେ ପଇସା ପଡ଼ୁ କିଣିଦେବା ନିତାନ୍ତ ଦରକାର । ତା'ପରେ ମା'ଆ ବାପ ନଥିବା ଭେକିଲା ମୂଲିଆ ରିକ୍ସାବାଲା ଓ ଜଳାପୋଡ଼ିଆ ଦୋକାନୀ କେଇଟାଙ୍କୁ ବୁଲ୍‌ଡୋଜର୍ ଧକ୍କାରେ ମାଟିରେ ମିଶାଇ ଦେବା କୀର୍ତ୍ତିଚନ୍ଦ୍ରଙ୍କର ବାଆଁ ହାତର ଖେଳ । ଭାଗ୍ୟକୁ ନିକଟରେ ବଟଲଭାଇଙ୍କ ଫାର୍ମର ପ୍ରତିଷ୍ଠା ଦିବସ ଉତ୍ସବ ହେଲା । ଦିନଟାକୁ ବଟଲଭାଇ ଖୁବ୍ ଆଡ଼ାଚଡ଼ଡ଼ା ଉପରେ ସବୁବର୍ଷ ମାନନ୍ତି । ଅଞ୍ଚଳର ସବୁ ଗଣ୍ୟମାନ୍ୟ ଲୋକେ ବଟଲଭାଇଙ୍କ ବିରିଅନି, ବୋତଲ, ବାଇଜୀଙ୍କ ମିଠା ପାଟିରେ ମାତିବାକୁ ସକ ମକ ହୁଅନ୍ତି । ଏଇ ମୌକାରେ କୀର୍ତ୍ତିଚନ୍ଦ୍ରଙ୍କ ଟ୍ରେଟାପ୍ ପରାମର୍ଶ ଅନୁସାରେ ଗଣପତି ଜଣେ ବିଶିଷ୍ଟ ଅତିଥି ଭାବରେ ନିମନ୍ତ୍ରିତ ହୋଇ ଆସିଲେ । ହରେକ କିସମର ପାଠି, ଆଖି ଚାଉଁ ସାମଗ୍ରୀ ଯୋଗାଇ ତାଙ୍କୁ ଡେରି ପର୍ଯ୍ୟନ୍ତ ଅଟକାଇ ଦିଆଗଲା । ଦୁର୍ଭାଗ୍ୟ କଥା, କୀର୍ତ୍ତିଚନ୍ଦ୍ର ହଠାତ୍ ଅସୁସ୍ଥ ହୋଇ ପଡ଼ିବା ହେତୁ ଉତ୍ସବକୁ ଆସି ପାରିଲେ ନାହିଁ । ଖୁବ୍ ଡେରିରେ ଗଣପତି ବାହାରିଲେ । କୀର୍ତ୍ତିଚନ୍ଦ୍ରଙ୍କ ଚେତାବନୀ ବଟଲଭାଇଙ୍କ ମନେ ପଡ଼ିଲା । ଯେତେଦୂର ପାରିଯାଏ ଗଣପତିଙ୍କୁ ତୃପ୍ତ ରଖିବାକୁ ପଡ଼ିବ । ସାଙ୍ଗେ ସାଙ୍ଗେ ନିଜର ଗାଡ଼ିରେ ଗଣପତିଙ୍କୁ ଛାଡ଼ିଦେଇ ଆସିବାକୁ ସେ ଡ୍ରାଇଭରକୁ ଡାକିଲେ । ଡ୍ରାଇଭର ଉତ୍ସବକୁ ଅତି-

Digitized by PPRACHIN, SOA

ମାସାରେ ଉପଭୋଗ କରି ଫଙ୍କା ହରାଇ ବସିଥିଲା । ବଠଲଭାଇ ବ୍ୟସ୍ତ ହୋଇ ପଡ଼ିଲେ । ଗଣପତି ଡ୍ରାଇଭିଂ ଜାଣିଥିଲେ । ବଠଲଭାଇଙ୍କ ନାଉଲକାଉଲିକୁ ସମ୍ମାନ ଦେଇ ଗଣପତି ଗାଡ଼ି ଧରି ବାହାରିଗଲେ । କାଲି ଯାଇଁ ଡ୍ରାଇଭର ଗାଡ଼ି ନେଇ ଆସିବ । ପରଦିନ ସକାଳୁ ଚହଳ ପଡ଼ିଥିଲା ଯେ ରାତିରେ ଗଣପତି ମଟର ଦୁର୍ଘଟଣାରେ ପଡ଼ି ଘଟଣା ସ୍ଥଳରେ ମରି ଯାଇଛନ୍ତି । କୌଣସି ଏକ ଟ୍ରକ୍ ଧକ୍କାରେ ଗଣପତି ନିଜେ ଚଳାଉଥିବା ବଠଲଭାଇଙ୍କ କାର୍‌ଟି ପୂରାପୂରି ଖତମ୍ ହୋଇଯାଇଛି । ଡ୍ରାଇଭର ନିଜେ ଉପସ୍ଥିତ ଥିବା ସତ୍ତ୍ୱେ ବଠଲଭାଇ ଗଣପତିଙ୍କୁ ନିଜେ କାର୍ ଚଳାଇ ଯିବାପାଇଁ ପ୍ରବର୍ତ୍ତାଇ ଥିଲେ ବୋଲି ତାଙ୍କ ଡ୍ରାଇଭର୍‌ର ବୟାନ ଉପରେ ଏହା ଏକ ପରିକଳ୍ପିତ ହତ୍ୟାକାଣ୍ଡ ବୋଲି ବଠଲଭାଇଙ୍କୁ ପୋଲିସ ବାନ୍ଧି ନେଇଛି । ଗଣପତିଙ୍କ ଶୋକସଭାରେ କ୍ଷିତିଚନ୍ଦ୍ର ସଭାପତିତ୍ୱ କରି ଅତି ଉତ୍ତେଜିତ ଅବସ୍ଥାରେ ହତ୍ୟାକାରୀକୁ ଉପଯୁକ୍ତ ଶାସ୍ତି ଦେବାକୁ ଦୃଢ଼ ମତ ପୋଷଣ କରିଥିଲେ ।

ଜ୍ୟୋତିଚନ୍ଦ୍ର ବୋତଲ ପରେ ବୋତଲ ଠିପି ଖୋଲି ନିଜର ବୁଦ୍ଧିକୁ ପତଳା ପତଳା କରି କରି ଗୋଟାଏ ମନମାନା ପ୍ରକଳ୍ପ ପାଇଁ ରାତିତମାମ ଭାବିଲେ । ଯୋଜନାଗୁଡ଼ାକ ଇମିତି ଛନ୍ଦମନ୍ଦ ହୋଇ ଯାଉଥିଲେ ଯେ ସବୁବେଳେ ଖାଲି ଗଣ୍ଠି ପଡ଼ିଯାଉଥିଲା । ଶେଷକୁ ଜ୍ୟୋତିବାବୁ କିଛି ଗୋଟେ ମୌକାକୁ ଅପେକ୍ଷା କରି ରହିଲେ । ସୁବିଧା ଆସିଲେ ସେଥିରୁ ସୂତା ଲଗାଇ ଜାଲ ବୁଣିବେ । ହଠାତ୍ ଗୋଟାଏ ସୁଯୋଗ ଆସି ହାବୁଡ଼ିଗଲା । ତାଙ୍କ ବାପାଙ୍କ ଦପ୍ତରର କାମ କରୁଥିବା ଜଣେ କଂଟ୍ରାକ୍ଟର ଆସି ଅନୁରୋଧ ଦେଖାଇଦେଲା । କଥାଟା ହେଉଛି, ଗୋଟାଏ ପ୍ରୋଜେକ୍ଟ ପାଇଁ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କଂଟ୍ରାକ୍ଟର ତାଙ୍କଠୁଁ ଟିକିଏ କମ୍ କରି ଟେଣ୍ଡର ଦେଇଛି । ଜ୍ୟୋତିଚନ୍ଦ୍ରଙ୍କ ବାପାଙ୍କ ପାଖକୁ ଆଜି ଫାଇଲ ଆସିବ । ସେ ଫାଇଲରୁ ସେ ଟେଣ୍ଡରଟିକୁ ଗାଏବ୍ କରିବାକୁ ହେବ । ଏଥି ପାଇଁ ଦାମ୍ ହେଉଛି ବର୍ଷକର ମଦ ଖର୍ଚ୍ଚ । ଜ୍ୟୋତିଚନ୍ଦ୍ରଙ୍କ କ୍ଲବ୍‌ପ୍ରେମୀ ବାପା ଓ ପାନପ୍ରାଣା ମମିଙ୍କୁ ପଟି ମାରିବାକୁ ବିଶେଷ କିଛି କଷ୍ଟ କରିବାକୁ ପଡ଼ୁନଥିଲା; କିନ୍ତୁ ବଡବା ଫାଇଲ ଆଣିଥିବା କିରାଣୀଟିର ରୁକରି ଯିବା ଯିବା ଉପରେ ଆସି ପହଞ୍ଚି ଯାଇଥିଲା ।

କ୍ଷିତିଚନ୍ଦ୍ରଙ୍କର ଷଷ୍ଠ ଇନ୍ଦ୍ରିୟ ହଠାତ୍ ଯେଉଁ ଯୋଜନାଟା ଯୋଗାଇଦେଲା, ସମୟର ସ୍ୱଳ୍ପତା ଦୃଷ୍ଟିରୁ କ୍ଷିତିଚନ୍ଦ୍ର ତାକୁ ହିଁ ଧରିନେଲେ । ସେ ଠିକ୍

Digitized by PPRACHIN, SOA

କରିନେଲେ ବୁଲିଟା ଚଟ୍‌କଣ ମାରିବେ । ଆଉ ସେ ଚଟ୍‌କଣରେ ଗୁଣ୍ଡା କାର୍ତ୍ତିକୁମାର ବୋତଲବାଲା ଜ୍ୟୋତି ଶେଠ, ଚମଡ଼ାର ପ୍ରୀତିପୁଅ କୁଆଡ଼େ ଉଡ଼ିଯିବେ । ତାଙ୍କ ବୁଦ୍ଧି ଉପରେ ତାଙ୍କର ଯଥେଷ୍ଟ ବିଶ୍ୱାସ ଥିଲା । ଦିନେ ସହରର ସବୁଠୁଁ ବଡ଼ ଜୁଏଲର ଦୋକାନରୁ ଲୋକ ପଠାଇ ପାଞ୍ଚହଜାର ଟଙ୍କାର ଗୋଟାଏ ହାର କିଣି ଆଣିଲେ । କିଛି ସମୟ ପରେ ପରେ ଦୋକାନକୁ ନିଜେ କହିସି ଚେକଟ୍ ପକାଇଲେ । ଦୋକାନର ମାଲିକ କୃତକୃତ୍ୟ ହୋଇପଡ଼ିଲେ । ଦୋକାନ ପଛପଟ ଥିବା ବିଶ୍ରାମ ଆଡ଼ୁଆକୁ ତତ୍‌କ୍ଷଣାତ୍ କ୍ଷିତିଚନ୍ଦ୍ରଙ୍କୁ ପାଛୋଟି ନେଲେ । ଅନେକ ଠୁଙ୍ଗ୍ ଠାଙ୍ଗ୍, ଗପସପ, ହସପରେ ହସ ହସି କ୍ଷିତିଚନ୍ଦ୍ର ବିଦାୟ ନେଲେ । ହଠାତ୍ ଅଧାବାଟରୁ ଫେରିଆସିଲେ, ସେ ତାଙ୍କର ବେଗ୍ ଛାଡ଼ିଦେଇ ଯାଇଛନ୍ତି । ସେ ପଦ୍ମଲକ୍ଷଣି ଦୋକାନୀ ଅତି ବିନମ୍ର ଭାବରେ ଜଣାଇଲା ଯେ ସେ ବେଗ୍ ନେଇ ଦେଇ ଆସିବାକୁ ବାହାରୁଥିଲା । କ୍ଷିତିଚନ୍ଦ୍ର ବେଗଟାକୁ ଶୀଘ୍ର ଖୋଲି ପକାଇଲେ । ତାଙ୍କ ଆଖି ଜଳି ଉଠିଲା । ବେଗ୍‌ରେ ପଚିଶ ହଜାର ଟଙ୍କା ଥିଲା । ଗାଏବ୍ ହୋଇଛି । ଦୋକାନୀ ହେମାଳ ଯାଇ ମୁଣ୍ଡ ଧରିସିବା ଅବସ୍ଥାକୁ ଆସି ଯାଇଥିଲା । କ୍ଷିତିଚନ୍ଦ୍ର ଗର୍ଜି ଉଠିଲେ । ସେ ତଟକା ବେଙ୍କ୍‌ରୁ ଟଙ୍କା ଡ୍ର କରିଛନ୍ତି । ନୋଟଗୁଡ଼ିକର ନମ୍ବର ତାଙ୍କ ପାଖରେ ଅଛି । ଚେଷ୍ଟା ଖାନତଲାସ ହେଉ । କ୍ଷିତିଚନ୍ଦ୍ରଙ୍କ ଚିତ୍କାରରୁ ଜମି ଜମି ଆସୁଥିବା ଲୋକଙ୍କ ଭିଡ଼ ଭିତରୁ ପାଟି କର୍ମିଲା—ଅଲବତ ଖାନତଲାସ ହେବା ଉଚିତ । ଟ୍ରେଜେରୀରୁ ବାହାରିଲା ପାଞ୍ଚହଜାର ଟଙ୍କା । କ୍ଷିତିଚନ୍ଦ୍ରଙ୍କର ନୋଟ କରିଥିବା ନମ୍ବର ରହିଛି ନୋଟ ଉପରେ । ଲୋକେ କ ଆଉ ସମଜା ପଡ଼ନ୍ତି, କ୍ଷିତି ବାବୁଙ୍କ ସାଙ୍ଗରେ ଖେଳକ ? କ୍ଷିତି ବାବୁଙ୍କ ବେଗ୍‌ରେ ପଚିଶ ହଜାର ହାଜର ହୋଇଗଲା ।

କ୍ଷିତିଚନ୍ଦ୍ର ହିଶାପୁ ଚୁଟକ ଫୁଟାଇଲେ । ଅଳ୍ପ କେତେଦିନ ପରେ ସହରଟା ଦିନେ ଉଠପଡ଼ ହେଲା ଶେବ ଖଳଣ ହେଉଥିବା ଗୋଟିଏ ଖଜଳ ବୋଝେଇ ଟ୍ରକ୍‌କୁ କେତେକ ଯୁବକ ଅଟକାଇ ଦେଇଛନ୍ତି । ପୋଲିସ ଖଜଳ ବସ୍ତାଗୁଡ଼ିକୁ ସିଜ୍ କରିଛନ୍ତି । ସମସ୍ତେ ଟ୍ରେଟାପ୍ ହେଲେ କ୍ଷିତିଚନ୍ଦ୍ରଙ୍କର ଖଜଳ ଟ୍ରକ୍ ବୋଲି । କ୍ଷିତିଚନ୍ଦ୍ରଙ୍କର ଆବେଦନ ଉପରେ ବସ୍ତାଗୁଡ଼ିକ ଖୋଲାଗଲା । ସବୁଗୁଡ଼ିକ କୁଣ୍ଡା ବସ୍ତା । ଡାଇରିଫାର୍ମକୁ ଯୋଗାଇବାକୁ କୁଣ୍ଡା ଆସୁଥିଲା । କ୍ଷିତିଚନ୍ଦ୍ର ହସି ହସି କୋର୍ଟରୁ ଆସୁଥିଲେ । ଟ୍ରକ୍ ଧରିଥିବା ଟୋକାଙ୍କ ସିନେମା ଖର୍ଚ୍ଚ ଓ ପୋଲିସ-ବାଲାଙ୍କୁ କିଛି ଖଜଳ ଦେଲାପରେ ମୁନାଫା ପ୍ରାପ୍ୟ ପନ୍ଦର ହଜାର ।

Digitized by PPRACHIN, SOA

ପ୍ରୀତିଚନ୍ଦ୍ର ପ୍ରୀତି-ପ୍ରକଳ୍ପ ପାଇଁ ମାପଚୂର ଆରମ୍ଭ କରିଦେଲେ । ସବୁ ପ୍ରୀତି ପ୍ରୋଜେକ୍ଟର ଆଉଟ୍‌ପୁଟ ଏକା ରକମର, ଅଲ୍ପବସ୍ତ୍ର ଦେହର ସ୍ୱାଦୁ । ଏଥର କଞ୍ଚା ଫସଲକୁ ଠିକଏ କଡ଼ା ମାଲମସଲା ଦେଇ ଉତାରିବାକୁ ପଡ଼ିବ । ଉତ୍କଟ ଚମତ୍କାରିତାର ବାସନା ସେଥିରୁ ବାହାରୁଥିବ । ପ୍ରୀତିଚନ୍ଦ୍ରଙ୍କର ପାରିଧିର ପ୍ରଣାଳୀ ଓଲଟା ପ୍ରକାରର । ତାଙ୍କ ତୂଣୀରର ପଞ୍ଚଶରେ ଶିକାରକୁ ନମାରି ନିଜେ ନିଜ ଉପରକୁ ବେଦମ୍ ଠୁଙ୍କି ଦିଅନ୍ତି ଏବଂ ନିଜକୁ ରକ୍ତାକ୍ତ କରି ଘାଉଲା ବାଘ ଭଳି ଶିକାରକୁ ଝୁଣି ଝୁଣି ଖାଆନ୍ତି । ଏଥର ସ୍ୱତନ୍ତ୍ର ଧରଣରେ ଶିକାର ତଲାସ କରିବାକୁ ହେବ । ପ୍ରତିଯୋଗିତାର ପ୍ରଶ୍ନ । ତାଙ୍କର ମନେ ପଡ଼ିଗଲା କଲେଜର ଅନୂଢ଼ା ଅଧ୍ୟାପିକା ନୂପୁର ଚଟାର୍ଜି କଥା । ପ୍ରୀତିଚନ୍ଦ୍ର ଥିଲେ କେପି ସପ୍ଲାଇଜ୍ ଫାର୍ମର ମେନେଜିଂ ଡାଇରେକ୍ଟର । ତେଣୁ ମେଟ୍ରିକୁଲେସନ ଧଡ଼ା ପାରହେବାକୁ ବିଶେଷ କିଛି ଅସୁବିଧା ନଥିଲା । କଲେଜରେ ନିହାତି ପଢ଼ାଇବା ଦରକାର ଥିଲା । କଲେଜ ହେଉଛି ଶିକାରର ଜଙ୍ଗଲ । କଲେଜରେ ପଢ଼ାଇବାକ୍ଷଣି ଆଖି ପଡ଼ିଲା ନୂପୁର ଚଟାର୍ଜି ଉପରେ । ସେ ଭୂଗୋଳର ଅଧ୍ୟାପିକା ଥିଲା । ତେଣୁ ପ୍ରୀତିଚନ୍ଦ୍ର ଭୂଗୋଳ ନେଲେ । ଅଧ୍ୟାପିକାଙ୍କଠୁ ଭୂଗୋଳ ଶୁଣିବାକୁ ତାଙ୍କର ଫୁର୍‌ସତ୍ ନଥିଲା । ନୂପୁରର ଦେହର ଭୂଗୋଳ ତାଙ୍କୁ ବାଇ କରି ଦେଇଥିଲା । ଅଧ୍ୟାପିକାଙ୍କର ଦେହର ମାନଚିତ୍ର କ୍ଲାସର ବ୍ଲାକ୍‌ବୋର୍ଡ, ରାସ୍ତାର ପାଚେରିରେ ଆଙ୍କିଲେ ଏବଂ ଅଙ୍କେଇ ବୁଲିଲେ । ଶେଷକୁ ଧରାପଡ଼ି ପ୍ରିନ୍‌ସପାଲ୍‌ଙ୍କଠାରୁ ବହୁ ଭର୍ତ୍ସନା ଓ ଅନେକ ଧମକ ଖାଇଥିଲେ । ଠିକ୍ ଅଛି ନୂପୁର ଚଟାର୍ଜି ! ଅବଶ୍ୟ ସମୟ ତା'ର ସ୍ତନର ପାହାଡ଼ ଓ ଓଠର ଝରଣାରେ କିଛିଟା ଅବକ୍ଷୟ ଆଣି ଦେଇଛି । କ୍ଷତି ନାହିଁ । ଚମତ୍କାରିତାର ଆବଶ୍ୟକତା ରହିଛି । ତା'ପରେ ଯୋଜନାଟା କଣ୍ଠେ କଣ୍ଠେ କାର୍ଯ୍ୟକାରୀ ହେଲା । ନୂପୁରର ବାନ୍ଧବୀ ନିଶିଗନ୍ଧାକୁ ପଇସାର ପାଖୁଡ଼ା ପିନ୍ଧାଇ ଏବଂ ତା ଭିତରେ ପ୍ରୀତିର ଗନ୍ଧ ପୂରାଇ କାବୁ କରାଗଲା । ନିଶିଗନ୍ଧାର ଘରକୁ ନୂପୁର ରାତିରେ ନିମନ୍ତ୍ରିତା ହେଲା । ପାନୀୟରେ ଯଥେଷ୍ଟ ଅନ୍ୟ କିଛି ମ୍ଲସ୍ କରାଗଲା । ନୂପୁର ବେହୋସ ହେଲା । ସକାଳୁ ନୂପୁର ଫେରିଆସି ତା ଟେବୁଲ ଉପରୁ ଆବିଷ୍କାର କଲା କେତୋଟି କେମେରା-ସମୂହ ଅଦ୍ଭୁତ ଚିତ୍ର । ତା'ର ବିବସନ ନଗ୍ନ ଅବୟବ ପ୍ରୀତିଚନ୍ଦ୍ରର ଲଙ୍ଗଳା ଦେହ ସାଙ୍ଗରେ ବହୁ ଅଶ୍ଳୀଳ ଭଙ୍ଗୀରେ । ତା ମୁଣ୍ଡ ଘୂରିଗଲା । ତା'ପରେ ପ୍ରୀତିଚନ୍ଦ୍ର ଫଟୋଗୁଡ଼ିକର ପୁଞ୍ଜି ନେଇ ନୂପୁର ସହିତ ବ୍ଲାକମେଲିଂର ବ୍ୟବସାୟ ଆରମ୍ଭ କରିଦେଲେ । ପ୍ରାପ୍ୟ ଆଦାୟ କଲେ ପଇସାରେ ନୁହେଁ, ଶରୀର ଶହିତ ନୂପୁରର ସଜୀବ ଲଙ୍ଗଳା ଦେହର

Digitized by PPRACHIN, SOA

କଣ୍ଠମାଂସକୁ ଟେବୁଲରେ ଗୁଡ଼ିବରେ । ସମାଜ ଆମିତୁ ନିଜକୁ ବଂଞ୍ଚାଇବା ଲାଗି ନୂପୁର ନାଗର ହୋଇ ପଡ଼ିଥିଲା ।

ଠିକ୍ ପନ୍ଦରଦିନ ପରେ ପୁଣି ସେହି ମାଂସପାଖ ନିଗୁଡ଼ିଆ ଖଟିକୁ ସୁର ସଙ୍ଗୀତ ଆସିଲେ । ସମସ୍ତେ ବସୁଥିଲେ ସମସ୍ତଙ୍କ ହାତରେ ଟିକେଟିକା । ସମସ୍ତେ ବାଜମାନ୍ କରୁଛନ୍ତି । ତାସପତ୍ର ଦେଖାଇବା ଆଗରୁ ସମସ୍ତେ ମିଶି ଠିକ୍‌କଲେ ବିଜୟର ନିଶାକୁ ଗ୍ଲାସର ନିଶାରେ ମିଶାଇ ପନିଲୁ ମନ୍ଗୁଲ ହେବେ । ତାପରେ ସମସ୍ତେ ସମସ୍ତଙ୍କ କରାମତିକୁ କଡ଼ାଗଣ୍ଡା କରି ସମସ୍ତଙ୍କୁ ବୁଝେଇବେ । ତା'ପରେ ବିସ୍ମର ଏବଂ ବିସ୍ମର ପରେ ରାସ୍ତ ।

ଦେଶର କାମ ଦେଶରେ କରିଥିବାରୁ ଦେଶୀ ଉପସ୍ମର ନେଇ ଉତ୍ସବ ମନାଇବାକୁ ଖଟିର ମାଲିକକୁ ହୁକୁମ ଦିଆଗଲା । ଖଜୁରୀ, ଗୁଡ଼ାକ, ମହୁଲ ସବୁ ମିଶାଇ କକ୍‌ଟେଲ ହେବ । ସବୁ ଦେଶୀ ହାତତିଆରି ମାଲ । ତା' ସାଙ୍ଗକୁ ସବୁ ଦେଶୀ ସ୍ୱାଦ୍ । ଆଉ ଯାହା ହେବ, କିନ୍ତୁ ଶୁଖୁଆର ସାଗ ସାଗ ଏକ ସ୍ୱତନ୍ତ୍ର ପ୍ରିପେରାରସନ୍ ଅବଶ୍ୟ ମେନୁରେ ରହିବ । ସେମାନେ ଉତ୍ସବ ପିଇବାରେ ଆରମ୍ଭ କଲେ । ସେମାନେ ଉତ୍ସବ ମନାଇବାକୁ ପିଇଲେ । ସେମାନେ ପିଇଲେ ଏବଂ ଉତ୍ସବ ମନାଇଲେ । ଉତ୍ସବ, ଉତ୍ସବ, ଉତ୍ସବ । ପିଇଲେ, ପିଇଲେ, ପିଇଲେ ।

ସକାଳୁ ସମସ୍ତଙ୍କୁ ଚମକାଇ ଦେଇ ଏକ ଚମତ୍କାର ଖବରର ଚହଳ ସୁରଆଡ଼େ ଖେଳିଗଲା । ଖାଣ୍ଡି, ଜ୍ୟୋତି, କ୍ଷିତି, ପ୍ରୀତି ସୁର ମହାପୁରୁଷଙ୍କ ମହାପ୍ରୟାଣ ହେଇ ଯାଇଛି । ଅଭିଶାପ ପାଇ ସ୍ୱର୍ଗର ଦେବପୁରୁଷ ଆସିଥିଲେ । ସେମାନେ ଶାପମୁକ୍ତ ହେଇ ସ୍ୱର୍ଗକୁ ବାହୁଡ଼ି ଯାଇଛନ୍ତି ।

× × ×

ସୁର ସଙ୍ଗୀତ କାହାଣୀ ମୋର ଏଇଠି ସରିଲା । ଆପଣମାନେ ଯଦି କେହି ସେ ରାଜ୍ୟର ଲୋକ ହୋଇଥାନ୍ତି, ସୁର ସଙ୍ଗୀତଙ୍କୁ ଆପଣମାନେ ନିଶ୍ଚୟ ଜାଣିଥିବେ । ଆପଣମାନଙ୍କୁ ସେମାନେ ସେମାନଙ୍କ କଥା ନ ଜଣାଇ କେବେ ଛାଡ଼ି ଦେଇ ନ ଥିବେ । ସେମାନଙ୍କ ସମ୍ବନ୍ଧରେ ଯାଇତାଇ ଏ'ସୁର କଥା ମୁଁ ଆପଣ-ମାନଙ୍କୁ କହିଲି । ମୁଁ ଛାର, ଅକିଞ୍ଚନ, ସେମାନଙ୍କ ମହତ୍ତ୍ୱ, ମହାନତା ମାପିବାକୁ କିଏ ? ଆପଣମାନେ ଯଦି ସେ ରାଜ୍ୟର ମାନଦାର ବାସିନ୍ଦା ହୋଇଥିବେ, ଆଜ

Digitized by PPRACHIN, SOA

ଆପଣମାନଙ୍କର ପଦ୍ମ ବାସୁକୀର ସହସ୍ର ଫଣା ଥିବ, ଆପଣମାନେ ବି ତାଙ୍କ ମହିମା ଗାଇ ପାରିବେ ନାହିଁ । ମୁଁ ସେମାନଙ୍କ ସମ୍ପର୍କିତ ବହୁ ସତ୍ୟରୁ ସମୁଦ୍ରରୁ ଗଣ୍ଡେ ଭଳି ଅଳ୍ପ କିଛି କହିଛି ଏବଂ ତା' ସାଙ୍ଗରେ ସତ୍ୟର ଅପଳାପ କରି ଏକ ବିରାଟ ମିଥ୍ୟା ବି କହିଛି । ସେ ମିଥ୍ୟାଟି ହେଉଛି, ସ୍ବର ସଙ୍ଗୀତ କେବେ ମରିଯାଇ ନ ଥିଲେ । ସେମାନେ କେବେ ଏତେ ସୁରୁଖୁରୁରେ ମରିପାରିବେ ନାହିଁ । ମୁଁ ଶାସ୍ତ୍ର ପୁରାଣର ପରମ୍ପରାକୁ ପ୍ରଚାର କରିବାକୁ ଯାଇଁ ସେମାନଙ୍କୁ ମାରି ଦେଇନାହିଁ । ଭଗବାନଙ୍କର ମୁଁ ଏକନିଷ୍ଠ ଭକ୍ତ ନୁହେଁ । ଅକର୍ମା ମଣିଷଙ୍କ ମାନସ ଶିଳ୍ପ ବିଚରା ଭଗବାନ୍‌ମାନଙ୍କୁ ମୁଁ ଦୟା କରେ । ସ୍ବର ସଙ୍ଗୀତ ଚିରଞ୍ଜୀବୀ । ଆମେ ସେମାନଙ୍କୁ କେହି ମାରି ପାରିବା ନାହିଁ । ଆମେ ସେମାନଙ୍କ ତା'ପର ତା'ପର କଥା ଭାବିଲେ ବରଂ ଶେଷରେ ନିଜେ ମରିଯିବା । ମୁଁ ନିଜକୁ ବୁଝେଇବା ଲାଗି କାହାଣୀକୁ ଶେଷ କରି ସେମାନଙ୍କୁ ମାରିଦେଇଛି ।

●

Digitized by PPRACHIN, SOA

ନିଃଶବ୍ଦ ନୂପୁର

ସ୍ୱର୍ଗତ ଜମିଦାର ଖାରବର ବୈରିଗଞ୍ଜନ ମର୍ଦ୍ଦରାଜ ମାନଧାତା ମହାପାତ୍ରଙ୍କ ଆବକ୍ଷ ବ୍ରୋଂଜ ମୂର୍ତ୍ତିର ଉଦ୍‌ଘାଟନ ଉତ୍ସବ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରିବାକୁ ବେଶ୍ ଜୋର୍‌ସୋର୍‌ରେ ଆୟୋଜନ ଚାଲିଥିଲା । ନାଗ ଭବନର ସଦର ଫାଟକ ଆଗରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ବୈରିଗଞ୍ଜନ କେବଳ ଜଣେ ଶକ୍ତ ଶାସକ ଅବା ପ୍ରତାପୀ ଜମିଦାର ନ ଥିଲେ, ସେ କେବଳ ଅଜସ୍ର ଅର୍ଥ ଓ ଅମୂଲ୍ୟ ଆୟୁଅଳଙ୍କାରର ଏକମାତ୍ର ଉତ୍ତରାଧିକାରୀ ନ ଥିଲେ, ସେ ଆଉ ଅନେକ କିଛି ଥିଲେ । ଅନନ୍ୟ ଥିଲେ । ତାଙ୍କ ପରି ଜଣେ କରିତ୍‌କର୍ମାଙ୍କ ସ୍ମୃତିସ୍ମରଣ ପାଇଁ ତାଙ୍କ ମୂର୍ତ୍ତି ପ୍ରତିଷ୍ଠା ଅବଶ୍ୟ ଆବଶ୍ୟକ ବୋଲି ତାଙ୍କ ଅଞ୍ଚଳବାସୀ କେବଳ ଅନୁଭବ କରି ନ ଥିଲେ, ଆବଶ୍ୟକୀୟ ଅର୍ଥ ସଂଗ୍ରହ ପାଇଁ ବରଂ ଉପଦ୍ରବ କରିବାକୁ ପଛେଇ ଯାଇ ନ ଥିଲେ । ଜମିଦାର ସାହେବଙ୍କ ସ୍ମୃତିରକ୍ଷା ସକାଶେ ଏକ ପୂଜ୍ୟପୂଜା ସଂସଦ ତାଙ୍କ ନାତିଙ୍କ ନେତୃତ୍ୱରେ ଗଢ଼ାଯାଇଥିଲା । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ହେଲା ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ । ତାପରେ ସାରା ରାଜ୍ୟରେ କେବଳ ନୁହେଁ, ସମଗ୍ର ଦେଶରେ ତାଙ୍କର ଜୟନ୍ତୀ ଓ ମୃତ୍ୟୁ ବାର୍ଷିକୀର ଯଥାଯଥ ପାଳନ ପାଇଁ ଆଶୁ ବ୍ୟବସ୍ଥା ଗ୍ରହଣ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ତାଙ୍କ ନାମରେ ଏକ ସ୍ୱତନ୍ତ୍ର ଚେୟାର୍‌ର ସୃଷ୍ଟି, ତାଙ୍କୁ ଅନ୍ତତଃ ମରଣୋତ୍ତର ଭାରତରତ୍ନ ବା ମେନ ଅଫ୍ ଦି ସଏଲ୍ କିମ୍ବା ତାଠୁଁ ଅଧିକା କିଛି ଗୋଟେ ମର୍ଯ୍ୟାଦାବନ୍ତ ଉପାଧି ପ୍ରଦାନ-ଇତ୍ୟାଦି ଇତ୍ୟାଦି । ଅବଶ୍ୟ ତାଙ୍କ ନାତିଙ୍କ ଉଦ୍ୟମରେ ରାଜଧାନୀରେ ନୂତନ ନିର୍ମିତ ଫାଇଭଷ୍ଟାର୍ ହୋଟେଲ୍‌କୁ ତାଙ୍କ ନାମରେ ନାମିତ କରାଯାଇଛି । ତାଙ୍କର ନାତି ସେ ହୋଟେଲର ଜଣେ ବଡ଼ ଅଂଶୀଦାର ବୋଲି ନୁହେଁ, ଜମିଦାର ସାହେବ ସ୍ୱୟଂ ନିଜେ ଜଣେ ଉଚ୍ଚକୋଟୀର ରସଗ୍ରାହୀ ବ୍ୟକ୍ତି ବୋଲି । ତାଙ୍କ ବ୍ୟକ୍ତିତ୍ୱର ସ୍ମାରକୀ ରୂପେ ହୋଟେଲର ନାମ ରଖାଯାଇଥିଲା—"ହୋଟେଲ୍ ଦି ମର୍ଦ୍ଦରାଜ ।" ପ୍ରକାଶ ଥାଉକି ଜମିଦାର ସାହେବଙ୍କର ଅତିପ୍ରିୟ ଖାଦ୍ୟ ଥିଲା ମାଛ ପୋଡ଼ା । ସେତେପ୍ରକାର ଅନ୍ନବ୍ୟଂଜନ,

Digitized by PPRACHIN, SOA

ଯାହାକିଛି ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟର ବ୍ୟବସ୍ଥା ହେଲେ ମଧ୍ୟ ନିଶ୍ଚୟ ଗୋଟାଏ ବଡ଼ ଶେଉଳ ମାଛକୁ ପୋଡ଼ି ଚକଟା ହେଉଥିଲା । ଆଉ ସେ ମାଛ ପୋଡ଼ାର ଗୋଟାଏ ବିରାଟ ଗୁନା ରୂପା ଥାଳୀରେ ତାଙ୍କ ଆଗରେ ଥୁଆ ନ ହେଲେ, ତାଙ୍କ ହାତ ଚଳୁ ନ ଥିଲା । ସେଥିପାଇଁ ‘ହୋଟେଲ ଦ ମର୍ଦ୍ଧରାଜ’ର ମେନୁରେ ସପ୍ତାହରେ ଅନ୍ତତଃ ପାଞ୍ଚଥର ମାଛ ପୋଡ଼ାକୁ ଏକ ସ୍ପେସିଏଲ୍ ଆଇଟମ୍ ରୂପେ ରଖାଯାଇଛି । ଅନେକ ପ୍ରଖ୍ୟାତନାମା କବି ଲେଖକ ବହୁ ବେତନ ପାଇ ତାଙ୍କ ଦରବାରରେ ଅବସ୍ଥାପିତ ହୋଇଥିଲେ । ଏଥିପାଇଁ ତାଙ୍କ ଜମିଦାରୀର ବହୁ ଅନୁଗତ ବ୍ୟକ୍ତି, ବିଶେଷତଃ ତାଙ୍କ ଜମିଦାରୀ ସଂସ୍ଥାରେ ଜୀବିକା ନିର୍ବାହ କରୁଥିବା ସେବକମାନେ ତାଙ୍କୁ ବିକ୍ରମାଦିତ୍ୟ ଉପାଧି ଦେଇ ଜମିଦାରଙ୍କୁ ବରେଣ୍ୟ କରିବା ଅପେକ୍ଷା ନିଜକୁ ଅଧିକ ଧନ୍ୟ ମନେ କରୁଥିଲେ । କେବଳ କଳମର କଳାପ୍ରାଣ ଜମିଦାରଙ୍କର ଯେ ଆଗ୍ରହ ଥିଲା, ତାହା ନୁହେଁ, ନୃତ୍ୟ ସଙ୍ଗୀତର ମାନବୃଦ୍ଧି ପାଇଁ ସେ ସ୍ୱତନ୍ତ୍ର ଉତ୍ସବର ବିପୁଳ ଆୟୋଜନ କରି ବନାରସ ପ୍ରଭୃତି ନାମୀ କେନ୍ଦ୍ରମାନଙ୍କରୁ ବଛା ବଛା ବାଇଜୀମାନଙ୍କୁ ଆଣି ଲୋକମାନଙ୍କୁ ଅନୁପ୍ରାଣିତ କରୁ କରୁ ଉତ୍ସବ ନିଶାରେ କାହାକୁ କେମିତି ଲଗାମ ଛଡ଼ା କରି ପକାଉଥିଲେ । ଉତ୍ସବ ବକତରେ ଜମିଦାରୀରେ କିଛିଟା ଉଚ୍ଛୃଙ୍ଖଳତା ଦେଖାଯାଉଥିଲେ ମଧ୍ୟ ମହତ୍ତର ଉଦ୍ଦେଶ୍ୟ ସାଧନ ଦୃଷ୍ଟିରୁ ଜମିଦାର ସାହେବ ଏ ପ୍ରକାରର ଛୋଟ ଛୋଟ ଅବ୍ୟାପାରଗୁଡ଼ାକୁ ହୋଇମାରେ ପ୍ରଶ୍ରୟ ଦେଉନଥିଲେ; କିନ୍ତୁ ଏବଂବିଧ ଲଘୁ ଅପରାଧ ପାଇଁ ସେ ପ୍ରାୟ ଆଖି ବୁଜି ଦେଉଥିଲେ । ନାରୀମାନଙ୍କ ପ୍ରତି ତାଙ୍କର ମାତ୍ରାଧିକ ଆସକ୍ତି ଥିଲା ବୋଲି ତାଙ୍କର କେହି କେହି ନିନ୍ଦୁକ ବଦନାମ ରଟାନ୍ତି । ଯାହା ବା କଥାଟା ସତହୁଏ, କିଛି ଯାଏ ଆସେନା । ପୃଥିବୀର ବହୁ ପ୍ରବୀଣ ପଦସ୍ଥ ଲୋକନାୟକମାନଙ୍କ ଜୀବନରେ ସେମିତି କିଛି କିଛି ଦେଖାଦେଇଛି ବୋଲି, ଇତିହାସରେ ନଜର୍ ରହିଛି । ଇହୁଦୀମାନଙ୍କର ବୃଦ୍ଧ ସମ୍ରାଟ ‘ଦାଉଦ’ଙ୍କର ଅପହୃତ ଜୀବନ ଉତ୍ତାପକୁ ଫେରାଇ ଆଣିବା ପାଇଁ ଦେଶବାସୀ ଦେଶର ସର୍ବଶ୍ରେଷ୍ଠା ସୁନ୍ଦରୀ ‘ଅବିଶାଗ’କୁ ସମ୍ରାଟଙ୍କର ପରିଚର୍ଯ୍ୟା ପାଇଁ ନିଯୁକ୍ତ କରିଥିଲେ । ସମ୍ରାଟ ନେପୋଲିଅନ୍ ତାଙ୍କ ଦପ୍ତରରେ କାର୍ଯ୍ୟବ୍ୟସ୍ତ ଥିଲାବେଳେ ତାଙ୍କୁ ଟିକିଏ ହାଲ୍‌କା କରିବା ପାଇଁ ପାଖ କୋଠରୀରେ ନାରୀ ଦେହର ବ୍ୟବସ୍ଥା କରାଯାଉଥିଲା । ମର୍ଦ୍ଧରାଜଙ୍କର ସେ ଧରଣର ଦୁର୍ବଳତା ଥିଲା କି ନଥିଲା, ତା ବିଚାର୍ଯ୍ୟ ନୁହେଁ । ଅସଲକଥା, ମାତୃଜାତି ପ୍ରତି ତାଙ୍କର ପରମ କର୍ତ୍ତବ୍ୟ ଅଛି ବୋଲି ସେ ଅନୁଭବ କରୁଥିଲେ, ଉଦ୍ୟମ ଚଳାଇଥିଲେ ଏବଂ

Digitized by PPRACHIN, SOA

ଏତାଦୃଶ କାର୍ଯ୍ୟବିଧିକୁ ସେ ଉପଭୋଗ କରୁଥିଲେ ମଧ୍ୟ । ନାରୀର ସାର୍ଥକତା ମାତୃତ୍ୱରେ । ପୁଣି କେତେଟା ଗୃହମାତ୍ରୁ ଝମ୍‌ଟାପ୍ ହୁଅନ୍ତି ଯେ ଜମିଦାର ସାହେବ ବହୁ କୁମାରୀଙ୍କୁ ମାତୃତ୍ୱ ଦେବାକୁ ସଦା ତତ୍ପର ଥିଲେ । ଅବଶ୍ୟ ସବୁ ଭଲ କାମରେ ଅସୁବିଧା ଆସିଲାଭଳି ତାଙ୍କ କାର୍ଯ୍ୟପଥରେ ବାଟ ଓଗାଳୁଥିବା ଅସୁବିଧା ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେଇ ସେ ନିଜର ବୀରବର ବୈରିଭଞ୍ଜନ ନାମକୁ ସାର୍ଥକ କରିବାକୁ ପଛେଇ ଯାଇ ନ ଥିଲେ । ହଁ, ଗୃହ ମାତ୍ରୁ ତ । ଦେହଯାକ ଜଣେ ତାଧନ ବୋଲି ହୋଇ ରାସ୍ତାରେ ଗଲାବେଳେ ଯଦି କେଉଁଠି ମଇଳା ଛୁଟିକାଟାଏ ପଡ଼ିଯାଇଥିବ, ଗୃହ ମାତ୍ରୁ ବୁଲିବୁଲି ଯାଇଁ ସେଇଠି ମୁହଁ ମାଡ଼ିବ । ସ୍ୱତନ୍ତ୍ର, ଜମିଦାର ସାହେବ ମାତୃଜାତିର ମଙ୍ଗଳପାଇଁ ଅତ୍ୟନ୍ତ ଉଦ୍‌ଗ୍ରୀବ ଥିଲେ । ତାଙ୍କ ଜମିଦାରୀରେ ସେ କାଳର ଗୋଟିଏ ବାଳିକା ବିଦ୍ୟାଳୟ ବସାଇ ତାର ପରିଚାଳନା ପାଇଁ ବୃତ୍ତି ଖଞ୍ଜି ଦେଇଥିଲେ । ବିଶେଷତଃ ଶିକ୍ଷୟିତ୍ରୀମାନଙ୍କର ବିଶେଷ ସୁବିଧା ପାଇଁ ତାଙ୍କର ସବିଶେଷ ଶୁଭ ଦୃଷ୍ଟି ଥିଲା । ନିଜ ଉଆସରେ ଓ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବା, ଖାଇବା, ପିଇବା, ପିନ୍ଧିବା ପ୍ରଭୃତିର ସମସ୍ତ ବ୍ୟବସ୍ଥା କରି ସେମାନଙ୍କୁ ବାହାର ଆବର୍ଜନାରୁ ଦୂରରେ ରଖିବାକୁ ମୁକ୍ତହସ୍ତ ହୋଇ ପଡ଼ୁଥିଲେ । ନୃତ୍ୟ ସଙ୍ଗୀତ ଉତ୍ସବ ପାଇଁ ରାଜ ଅର୍ଥର ବହୁ ବ୍ୟୟରେ ସେ ଯେଉଁ କଳାନିକେତନ ନିର୍ମାଣ କରିଥିଲେ, ଏବେ ତାହା ନାରୀ ଭବନରେ ପରିଣତ ହୋଇଛି । ସେହି ଭବନର ମୁଖ୍ୟ ପ୍ରବେଶ ପଥରେ ଜମିଦାର ସାହେବଙ୍କ ପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପିତ ହେବାକୁ ଯାଉଛି ।

ମୁଖ୍ୟମନ୍ତ୍ରୀ, କେବିନେଟ ପାହ୍ୱାଆ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ଏମ୍. ଏଲ୍. ଏ. ଏବଂ ତା ତଳ ତା ତଳ ତା ତଳ ପାଇସ୍ଥର ନେତୃବର୍ଗ ଓ ଉଚ୍ଚପଦସ୍ଥ କର୍ମଚାରୀଦଳଙ୍କ ଗହଣରେ ରାଜ୍ୟପାଳ ଜମିଦାର ସାହେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ । ଜଣେ ବଦାନ୍ୟ, ବୁଦ୍ଧିଦୀପ୍ତ, ଆଜୀବନ ସମାଜସେବୀ ତଥା ଅଭୂତପୂର୍ବ ନାରୀ-ହିତୈଷୀରୂପେ ଶତାୟୁ ଜମିଦାର ସାହେବଙ୍କୁ ବହୁ ଭାଷଣ, ଅଭିଭାଷଣ, ମାଧ୍ୟମରେ ଅନେକ ଅଭିନନ୍ଦନ କରାଗଲା । ଜମିଦାର ସାହେବଙ୍କ ସାଧୁ ଚିନ୍ତା, ମଧୁବୃତ୍ତି ଉପରେ ତାଙ୍କ ଦରବାରରେ ଅବସ୍ଥାପିତ ତତ୍କାଳୀନ କବିମାନଙ୍କ କଲମର କାବ୍ୟ କବିତା ଏବଂ ତାଙ୍କ ସମୟରେ ସାମୟିକ ଆସିଥିବା ଇବନ-ବାତୁତା, ହୁଏନସାଂ ଶ୍ରେଣୀୟ ରାଜଅତିଥିମାନଙ୍କ ବିବରଣୀରୁ ମିଳିଥିବା ତାଙ୍କ ଅମଳର ମାଦଳାପାଞ୍ଜି ଆଲେଖ୍ୟ ଉପରେ ଆଲୋଚନା ହୋଇ ମହାନୁଭବ

Digitized by PPRACHIN, SOA

ଜମିଦାର ସାହେବଙ୍କ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଗଲା । ଏହି ଉତ୍ସବରେ ଅଞ୍ଚଳର ଯୁବନେତା ସାରଙ୍ଗ ପାଣି ଅନ୍ୟତମ ଉଦ୍ୟୋକ୍ତାରୂପେ ଜମିଦାର ସାହେବଙ୍କ ନାତିଙ୍କର ଡାହାଣ ହାତ ହୋଇ ଅବିଶ୍ରାନ୍ତ ପରିଶ୍ରମ କରିଥିଲେ ।

ସଭା ସାଙ୍ଗ ହେଲାପରେ ସାରଙ୍ଗ ପାଣି ଘରକୁ ଫେରିବା ହେଲେ । ଜମିଦାର ସାହେବଙ୍କ ପ୍ରଶଂସା ନିଶା ତାଙ୍କ ମଗଜରୁ ପୂରାପୂରି ଖସି ଯାଇନଥିଲା । ଘରେ ପହଞ୍ଚି ନିଜର ସ୍ୱାମୀ-ଗର୍ବିତା ଅକ୍ଷର ବର୍ଜିତା ସ୍ତ୍ରୀ ଓ ବାପା ଖୋଜୀ ପରଶୁରାମରୁ ସବୁଥର ଭଳି କିଛିନା କିଛି ଆଣିଥିବା ଆଶାରେ ଅନିଦ୍ରା ହୋଇ ବସିଥିବା ଛଅବର୍ଷର ଶିଶୁପୁତ୍ର ଆଗରେ ସାରଙ୍ଗ ପାଣି ନିଜ ତଥା ଅତିଥି-ମାନଙ୍କର ବକ୍ତୃତାର ଅଧିକାଂଶ ଅଂଶ ଉଦ୍‌ଗାର କରି ପକାଇଲେ । ଜାତିର ଜଣେ ଆଦର୍ଶ ନାରୀହିତୈଷୀଙ୍କ ପ୍ରତି ଦେଶର ଜଣେ ଅନୁଭବୀ ଦେଶବାସୀରୂପେ ନିଜର କର୍ତ୍ତବ୍ୟ କରିପାରିଛନ୍ତି ବୋଲି ପରମ ପରିତୃପ୍ତି ନେଇ କର୍ମୀ ପ୍ରବର ସାରଙ୍ଗ ପାଣି କବୋଷ୍ଣ ନିଦରେ ଶୋଇପଡ଼ି ଘୁଙ୍ଗୁଡ଼ି ଗୁଡ଼ିଲେ ।

ସାରଙ୍ଗ ପାଣିଙ୍କର ବୃଦ୍ଧା ଜେଜେମା ଶ୍ରୀମତୀ ଶୋଇ ଶୋଇ ନାତି ମୁହଁରୁ ପାଖଘରେ ନାରୀବତ୍ସଳ ମର୍ଦ୍ଦରାଜଙ୍କର କୀର୍ତ୍ତି ଇତିବୃତ୍ତ ଶୁଣି ଶୁଣି ହଠାତ୍ ଅସ୍ଥିର ହୋଇ ପଡ଼ିଲେ । ତା ଭିତରେ ତାର ଅତି ସତ୍ୟ ଅତୀତ ଏକଡ଼ ସେକଡ଼ ଗୁଣ୍ଡିପିଣ୍ଡି ହୋଇ ଧର୍ଷିତାବାଳକର ଚିହ୍ନ ଖୋଳପାକୁ ଚୂରମାର କରିଦେବାକୁ ଦାନ୍ତ ରଗଡ଼ି ଉଠିଲା । ନାତି ସାରଙ୍ଗପାଣିର ମର୍ଦ୍ଦରାଜସ୍ତୁତି-ଶତକ ସେ ଅନେକ ଦିନ ହେଲା ଶୁଣି ଆସୁଥିଲା । ସବୁ ଶୁଣି ଅଶୁଣା ରହିବାକୁ ସେ ଅଭ୍ୟାସ କରି ସାରିଥିଲା । ଆଜି କିନ୍ତୁ ସେ ନିଜକୁ ଆୟତ୍ତ କରିବାକୁ ମୋଟେ ପ୍ରସ୍ତୁତ ନଥିଲା । ପାକଳ ଶାଳ ଗଛର ମଞ୍ଜକୁ ମାରାଧିକ ବୟସ ପିଟି ପିଟି ପଥର କରିଦେଲା ପରି ଶ୍ରୀମତୀର ମନଟାକୁ ତା ବୟସର ହାତୁଡ଼ି ମାଡ଼, ଛେଚି ଛେଚି କଦା କରି ଦେଇଥିଲା । ତା ଭିତରେ ସ୍ପନ୍ଦନ ନ ଥିଲା, ସ୍ପର୍ଦ୍ଧା ନଥିଲା । ତା ଭିତରକୁ ଉତ୍ତେଜନା ବୋହି-ନେବାକୁ ତା ଧମନୀଗୁଡ଼ାକ ଅସାଡ଼ ହୋଇ ପଡ଼ିଥିଲେ । ଆଜି ଏକ ଭୟଙ୍କର ବିସ୍ଫାରଣରେ ସେ ଅନୁଭବ କଲା ତା ଭିତରେ ଫୁଟିଲା ଟକମକ କିଆଁର ରକ୍ତ ଗୁଡ଼ାକ ଅଙ୍ଗାର ହୋଇ ପଡ଼ୁଛି । ତା ଭାବନା ସବୁ ହାବେଳୀର ହତିଆର ପିନ୍ଧି ମହାମାନବର ମିଛ ଖୋଳପାକୁ ଫାଡ଼ିଫୁଡ଼ି ଜାଳି ପୋଡ଼ି ଉଡ଼େଇ ଦେବାକୁ ଜଳି ଉଠୁଥିଲେ ।

Digitized by PPRACHIN, SOA

ଶ୍ରୀମନ୍ତ ଉଠି ପଡ଼ିଲା । ନାଚ ସାରଙ୍ଗ ପାଣି, ନାଚୁଣୀ ବୋହୂ ସରସ୍ୱତୀ, ନାତିର ଛଅବର୍ଷର ପୁଅ ଶାଶ୍ୱତ କୁମାର ସମସ୍ତେ ଶୋଇ ପଡ଼ିଛନ୍ତି । ଶୋଇବା ଆଗରୁ ସମସ୍ତେ ଜମିଦାର ମର୍ଦ୍ଦରାଜଙ୍କର ବହୁ ପ୍ରଶଂସାର ଭାଙ୍ଗ ନିଶା ପିଇ ଶୋଇ ଶୋଇ ହୁଏତ ମର୍ଦ୍ଦରାଜଙ୍କର ବୈକୁଣ୍ଠ ବଜାରର ସ୍ୱପ୍ନ ଦେଖୁଥିବେ ।

ଶ୍ରୀମନ୍ତ ଅନ୍ତରଙ୍କ ଉତ୍ତେଜନାରେ କବାଟ ଖୋଲି ଦାଣ୍ଡକୁ ଆସିଲା । ମର୍ଦ୍ଦରାଜଙ୍କ ମୂର୍ତ୍ତିମଣ୍ଡପ ଆଡ଼କୁ ଗୋଟାଏ ଯାଉଥିଲା ବାଘୁଣୀ ଭଳି । ସେ ଆଗେଇ ଯାଉଥିଲା ।

ନାସ୍ତି-ସ୍ୱଚ୍ଛୈଷୀ ସମାଜ-ସେବୀ ମର୍ଦ୍ଦରାଜ ? ଶ୍ରୀମନ୍ତର ଭାବନାର ଚୁଲି ଝିଙ୍କା ଭିତରେ ଦଲକାଏ ନିଆଁ ଖେଳେଇ ଦେଇଗଲା । ରାସ୍ତାର ଝଣ୍ଟେ ଅଧା-ପୋଡ଼ା ପଥରକୁ ଝୁଣ୍ଟି ପଡ଼ି ସେ କଣ୍ଡେଇ ହେଇ ନିଜକୁ ସମାଳୁ ସମାଳୁ ଅସହାୟ ଭାବରେ ପଡ଼ିଗଲା ।

ତା ଗୋଡ଼ର ନଖ ଉପୁଡ଼ା ବୃଢ଼ା ଆଙ୍ଗୁଠିଟାକୁ ଟେକି ଟେକି ଶ୍ରୀମନ୍ତ ଆଗକୁ ଚାଲିଥିଲା । ତା ଜୀବନର ଭଙ୍ଗା ଚାଳିଆର ଫାଟ ପାର ହୋଇ ତା ଅଜାତର ଦାଉଆ ଚେମାଗୁଡ଼ାକ ତା ମୁଣ୍ଡ ଉପରେ ରକ୍ତର ଗାର ପକାଉଥିଲା ।

ସହଦେବର ହାତ ଧରି ସେ ନଅରପଦାକୁ ନୂଆ ବୋହୂ ହେଇ ଆସିଥାଏ । ଜମିଦାରଙ୍କ ନଅର ପାଖର ଗାଁ ନାଁ ନଅରପଦା । ଦେହରେ ତା'ର ଦେହ-ପୂରାଇ ରଙ୍ଗ ଆଉ ରୂପ ଖେଳି ହୋଇ ଯାଉଥାଏ । ତା ମନର ସ୍ୱପ୍ନ ଗୁମ୍ଫାରୁ ହସର ସୁଅ ସରସ୍ୱ ସରସ୍ୱ ଓଠ ବୁଡ଼ାଇ ବୋହି ଚାଲିଥିଲା । ତା ଦେହ, ମୁହଁ, ଆଖି, ଓଠ ସବୁଟି ସମସ୍ତଙ୍କୁ ମାତାଲି କଲାଭଳି ରୂପର ନିଶା ନେସି ହୋଇଥିଲା । ଜମିଦାରଙ୍କ ଉଆସ ପାଖ ସାଇକୁ ଝିଅ ଦେବାକୁ ତା ବଡ଼ କାହିଁକି କୁନ୍ଥ କୁନ୍ଥୁ ହେଉଥିଲା । ତାଙ୍କ ଗାଁରୁ ପଦ୍ମା, ଦ୍ରୌପଦୀ ଆଗରୁ ନଅର-ପଦାକୁ ବୋହୂ ହେଇ ଆସିଥିଲେ । ପଦ୍ମା, ଦ୍ରୌପଦୀ, ଶ୍ରୀମନ୍ତଙ୍କ ଭଳି ବୋହୂ ଝିଅ-ବାହୁଙ୍କର ଇଜ୍ଜତ କାହାଣୀକୁ ମର୍ଦ୍ଦରାଜଙ୍କ ମର୍ଦ୍ଦନ ବାଡ଼ି, ତାଙ୍କ ଦରବାରର ଭଡ଼ାଟିଆ କବି-ଲେଖକମାନଙ୍କ କଲମଲେପ, ତାଙ୍କ ପଇସାର ଚୋରିକନା ବାନ୍ଧିଇ, ବୋଲି, ପୋଛି ଭବିଷ୍ୟତପାଇଁ ସବୁ ସାଫ୍ କରିଦେଲେ ବି ଶ୍ରୀମନ୍ତର ସିଲଟରେ କଣ୍ଟାଗାର ଭଳି ସେ କାହାଣୀ ସବୁ ଧାଡ଼ି ଧାଡ଼ି ହୋଇ ଏବେ ବି ପଡ଼ି ରହିଛି ।

Digitized by PPRACHIN, SOA

ଦ୍ରୌପଦୀର ଗେରସ୍ତ ଗୋବର୍ଦ୍ଧନକୁ ମର୍ଦ୍ଦରାଜ ଖରିଦ କରିନେଲେ । ଗୋବର୍ଦ୍ଧନ ଦ୍ରୌପଦୀକୁ ମର୍ଦ୍ଦରାଜଙ୍କୁ ବିକିବାକୁ ବସିବାରୁ ଦ୍ରୌପଦୀ ବାଧା ଦେଇଥିଲା, ହେଲେ ବର୍ତ୍ତିପାରି ନ ଥିଲା । ବଣ ଭିତରର ଅରମା ଜୋର କଡ଼ରୁ ଦିନେ ତା'ର ସଢ଼ିଗଲା ମୁର୍ଦ୍ଦାରକୁ ଗାଣ୍ଡିଆଳ ପିଲାଏ ଟାଣି ଟାଣି ଉପରକୁ ଆଣିଲେ । ତା ଗୁନ୍ଥର ଶ୍ରୀ, ତା ରୂପର ସର୍ବସ୍ୱ ଦୁଇଟିକୁ ଛାଡ଼ ତା ପରୁ ଦେହଟା ମିଳ ଯାଇଥିଲା । ସମସ୍ତଙ୍କୁ ବୁଝେଇ ଦିଆଗଲା କଅଁଳ ମାଂସ ପାଇ ମାଛ କଇଁଚ ତା ଗୁନ୍ଥର ଉନ୍ନତ ଦୁଇଟିକୁ ଖାଇ ଯାଇଛନ୍ତି । ତା ଗେରସ୍ତ ପଇସା ଫେରରେ ପଡ଼ ସଫାଇ ଦେଲା ଯେ ପେଟମରା ଯନ୍ତ୍ରଣା ସହି ନପାରି ଦ୍ରୌପଦୀ ଜୋରକୁ ଡେଇଁ ପଡ଼ ଜୀବନ ହାରିଦେଇଛି । ନାରୀସ୍ୱତ୍ୱୈଷୀ ମର୍ଦ୍ଦରାଜ ଦ୍ରୌପଦୀର ଶୁଦ୍ଧିକ୍ରିୟା ପାଇଁ ଗୋବର୍ଦ୍ଧନକୁ ଯଥେଷ୍ଟ ସାହାଯ୍ୟ କରି ବହୁତ ବାହା ବାହା ନେଲେ ।

ଆଉ ପଦୀ ? ବଞ୍ଚିବାର ସଉକ ନେଇ ଜମିଦାରଙ୍କ ଉଆସକୁ କାମଦାମ କରିବାକୁ ସେ ଆପେ ଆପେ ଯାଇଥିଲା । ବାବୁଭାୟାଙ୍କ ପୁରୁଣା ଲୁଗାପଟାକୁ ଗୃହକରିବାକର ବେଗ କଲାପରି ଅଳ୍ପ କେଇଦିନ ପରେ ପଦୀ ଉଆସର ସେବା-କାରୀଙ୍କ ଦଖଲକୁ ଆସିଲା । ଦାରୁଣ ଯୌନବ୍ୟାଧିର ଶିକାର ହୋଇ ଗନ୍ଧେଇଲା ଦେହକୁ ନେଇ ଗାଁ ମୁଣ୍ଡ ଠାକୁରାଣୀଗଛ ପାଖରେ ହାତପାତି ବଞ୍ଚିବାକୁ ଯୁଦ୍ଧଟା କରୁଥିଲା ସତ, ବଞ୍ଚିପାରି ନ ଥାନ୍ତା, ବଞ୍ଚିଲା ନାହିଁ । ଅବଶ୍ୟ ଠାକୁରାଣୀଙ୍କ ଆରତି ଦର୍ଶନ ପାଇଁ ଗୁଣୁର ମୁଷ୍ଟିକମାନଙ୍କ ଗହଣରେ ଜମିଦାର ସାହେବ କେତେ-ବେଳେ କେମିତି ବଳେ ହେଲେ ପଦୀର ଘାଆଧାଉଡ଼ି ହାତ ଉପରକୁ ଦଶଟି ଟଙ୍କା ଫିଙ୍ଗିଦେଇ ନିଜର ବଦନାମ୍ ବିଶେଷଣକୁ କାଏମ୍ ରଖୁଥିଲେ ।

ଶ୍ରୀମନ୍ତ ଶ୍ମଶାନରେ ଜଳୁଥିଲା । ତାର ଅଙ୍ଗାର ଆପେ ଆପେ ଆସି ତା ଉପରେ ଲଦି ହୋଇ ପଡ଼ୁଥିଲା । ହଁ, ସେ ନୂଆବୋହୂ ହୋଇ ନଅରପଦାକୁ ଆସିଥାଏ । ତା ଦେହ ଓ ରୂପ ନଅର ପଦାରେ ଚହଳ ପକାଇ ଦେଇଥାଏ । ତାପରେ ଆରମ୍ଭ ହେଇଗଲା ତା ରୂପର ଉପକଥା । ମାଂସଖୋର୍ ମର୍ଦ୍ଦରାଜଙ୍କ ପାଟିରୁ ଲାଳ ଗଡ଼ିଲା । ତା ପରେ ଶିକାରର ଯୋଜନା ସେ ସୁରୁ କରିଦେଲେ । ପ୍ରଥମ ପାରିଧି ସହଦେବ । ମର୍ଦ୍ଦରାଜଙ୍କ ଉପକୂଳରେ ଡଙ୍ଗା ଲଗାଇବାକୁ ବାତ ବାତ୍ୱବାତ ଦୂରର କଥା, ବରଂ ତାଙ୍କ ଗାଲ ଫଟାଇବାକୁ ହାତ ଉଠାଇଲା । ତା ଫଳରେ ଗୁରୁ ଅପରାଧରେ ତାର ଛଅମାସ ଜେଲରେ ଘଣା ପେଲିବାକୁ

Digitized by PPRACHIN, SOA

ପଡ଼ିଲା । ମର୍ଦ୍ଦରାଜଙ୍କ ପଇସା ଶର ନିର୍ବାଣ ହୋଇ ବାହୁଡ଼ି ଆସିଲା । ଦୁଷ୍ଟମାନେ ଶ୍ରୀମନ୍ତଙ୍କଠାରୁ ଲୋକଠୋକ ନାସ୍ତି ବାଣୀ ଶୁଣି ମୁହଁ ଫେରାଇଲେ; କିନ୍ତୁ ମର୍ଦ୍ଦରାଜଙ୍କ ଦୂତମାନେ ହାରି ନଥିଲେ । ସେମାନେ କେବଳ ହରାଇବାକୁ ମର୍ଦ୍ଦରାଜଙ୍କ କୋଠାଘରୁ ମାଂସ ଅଣ୍ଡାର ସଞ୍ଚା ନେଇ ନେଇ ସେମାନଙ୍କ ବାହା ମୂଳରେ ଯଥେଷ୍ଟ ଟାକତ ସଞ୍ଚୟ କରିଥିଲେ ।

ବନେ ଶ୍ରୀମନ୍ତଙ୍କୁ ପୋଖରୀ କୂଳରୁ ଟେକି ନେଇଗଲେ । ମର୍ଦ୍ଦରାଜଙ୍କ ପଲଙ୍କ ଉପରେ ନିସ୍ତେଜରେ ପଡ଼ି ରହିବା ପୂର୍ବରୁ ଶ୍ରୀମନ୍ତ ତାର ସବୁ ଶକ୍ତି ଲଗାଇ ଯୁଦ୍ଧ କରିଥିଲା । ମର୍ଦ୍ଦରାଜଙ୍କ ହାତକୁ ତା ଧଳା ଧଳା ସବଳ ଦାନ୍ତରେ ଫୁଟାଇ ଦେଇ କିଛି ହା ରକ୍ତ ଶୋଷି ଶୋଷି ହଠାତ୍ ଏକ ଶକ୍ତ ଧକ୍କା ଖାଇ ତଳେ ପଡ଼ିଗଲା । ଚେତା ହେଲା ପରେ ତା ଦେହରେ ଅନେକ ଦାନ୍ତ ଦାଗ ସେ ଆବିଷ୍କାର କରିଥିଲା । ସହଦେବ ଜେଲରୁ ଫେରିଲା । ନିଜର ରାଗ ନିଜ ଉପରେ ମେଣ୍ଟାଇବା ଛଡ଼ା ତାର ଆଉ କିଛି କରିବାର ନଥିଲା । ସାପକୁ ବାଡ଼େଇ ତା ମେରୁଦଣ୍ଡ ଭାଙ୍ଗିଦେଲେ ସେ ନିଜ ଉପରେ ଫଣା ହାଣି ନିଜର ଅନ୍ତ୍ରକସ ମେଣ୍ଟାଇଲା ପରି ସହଦେବ ନିଖାଇ ନପିଇ ନିଜ ଉପରେ ଦାଉ ସାଧିଲା । ଅବଶେଷରେ ବିଛଣାରେ ଘାରି ହୋଇ ହୋଇ ଶେଷକୁ ସେ ପାର ପାଇଗଲା । ଶ୍ରୀମନ୍ତ ସବୁ ଯନ୍ତ୍ରଣାକୁ ହଜମ କରି କୋଡ଼ ଛୁଆଟାକୁ ଧରି ପଡ଼ି ରହିଲା । କାଳେ ଟୋକାଟା ମାତୃଋଣ ସୁଝିଦେବ । ସେଟା ତ ଜମିଦାରଙ୍କ ଉଆସ ଭିତରେ ପଶି ଜମିଦାରଙ୍କ ଦେହଲଗା ଗୋଲାମି କରୁ କରୁ ଗୋଡ଼ ଖସାଇ ଅଧା ବୟସରେ ଅସାଧ ବେଗରେ ଚଢ଼ି ମଲା । ବାକି କିଛି ଭରସା ଥିଲା ନାତି ଟୋକାଟା ଉପରେ । ଆଜି ସେ ମର୍ଦ୍ଦରାଜଙ୍କ ମୂର୍ତ୍ତି ସ୍ଥାପନ କରି ଆନନ୍ଦରେ ଗଦ୍‌ଗଦ୍ ହୋଇ ଢୁଂଢୁଡ଼ି ମାରୁଛି ।

ଶ୍ରୀମନ୍ତ ମର୍ଦ୍ଦରାଜଙ୍କ ମୂର୍ତ୍ତି ପାଖରେ ପହଞ୍ଚି ଯାଇଥିଲା । ଉତ୍ସବ ପରେ ଜାଗାଟା ଶୂନଶାନ ହୋଇପଡ଼ିଛି । ଶ୍ରୀମନ୍ତର ମନେପଡ଼ିଲା ମର୍ଦ୍ଦରାଜର ହାତକୁ କାମୁଡ଼ି ସେଠୁ ସେ ରକ୍ତ ପିଇଥିଲା । ପଦ୍ମା ପାଖରୁ ସେ ଶୁଣିଥିଲା ଜମିଦାର ସାହେବଙ୍କ ହାତରେ ଗୋଟାଏ ଗାଆ ଚିହ୍ନ ଅଛି । ପଦ୍ମା ତେଲ ମାଲିସ୍ କଲା-ବେଳେ କେତେଥର 'ଏ କି ଚିହ୍ନ' ବୋଲି ପଚାରିଛି । ମର୍ଦ୍ଦରାଜ କାଳେ କହିଥିଲେ ଯେ ଗୋଟାଏ ବାଘୁଣୀକୁ ଶିକାର କରୁ କରୁ ସେ ତାଙ୍କ ଉପରକୁ ଝାମ୍ପମାରି ଏ ନିଶାନ ଛାଡ଼ି ଯାଇଛି । ହେଲେ ସେ ବାଘୁଣୀକୁ କାବୁ କରି ତାକୁ ଶିକାର କରିଥିଲେ ।

Digitized by PPRACHIN, SOA

ଶ୍ରୀମନ୍ତ ମର୍ଦ୍ଧରାଜଙ୍କ ପ୍ରତିମୂର୍ତ୍ତି ହାତକୁ ଅଣ୍ଡାଳିଲା । ନା, ଧାଉଳି ବାଘୁଣୀର କାମୁଡ଼ା ଶବ୍ଦକୁ ମର୍ଦ୍ଧରାଜ ଗୋଷ୍ଠୀର ଚମତ୍କାରମାନେ ଲମ୍ବ ସେରୱାନି ଓ ଚଉଡ଼ା ସାଲଚଦର ଘୋଡ଼ାଇ ରଖି ଭଦ୍ରଲୋକ ବୋଲାନ୍ତି । ତା କାମୁଡ଼ା ଦାଗକୁ ତା ଗେରସ୍ତ, ପୁଅ, ନାତି କେହି ଦେଖାଇ ପାରିଲେ ନାହିଁ । ତାକୁ ନିଜେ ଦେଖାଇବାକୁ ହେବ ।

ଶ୍ରୀମନ୍ତ ପ୍ରବଳ ଉତ୍ତେଜନାରେ ମର୍ଦ୍ଧରାଜଙ୍କ ମୂର୍ତ୍ତିର ହାତକୁ ଝୁଣିବାକୁ ଲାଗିଲା । ତା ଦାନ୍ତନଥିବା ପାଟିର ରେଡ଼ି ବ୍ରୋଞ୍ଜ ହାତର ଛୁପା ପାଇ ଫାଟିଗଲା । ତା ପାଟିରୁ ରକ୍ତ ଗଡ଼ିଲା । ଅଶକ୍ତ ଅବହେଳିତ ବୁଢ଼ା କୁକୁର ଶୁଖିଲା ହାଡ଼କୁ ଚୋବାଇ ଚୋବାଇ ନିଜ ରେଡ଼ିର ରକ୍ତକୁ ଚାଟି ତୃପ୍ତି ପାଇଲା ପରି ଶ୍ରୀମନ୍ତ ନିଜର ରକ୍ତକୁ ମର୍ଦ୍ଧରାଜଙ୍କ ମୂର୍ତ୍ତି ହାତରୁ ଚାଟିଚାଟି ହସି ଉଠିଲା ।

ଶ୍ରୀମନ୍ତ ଦୌଡ଼ ଦୌଡ଼ ଘରକୁ ଆସିଲା । ରାତି ପ୍ରାୟ ସରଯାଇଛି । ପହ ଫାଟିବା ଉପରେ । ସାରଙ୍ଗପାଣିର ଛଅ ବର୍ଷର ପୁଅ ବେଳସୁ ଉଠି ଅକ୍ଷର ଗୋଟି ଗୋଟି ଶବ୍ଦ ଅଙ୍କେଇ ଅଙ୍କେଇ ପାଠ ଅଭ୍ୟାସ କରୁଛି—ଝରବର ମ··· ର୍ଦ୍ଧ···ରା···ଜ···ବୈ···ର···ଗ···ଞ୍ଜ···ନ ମାନଧାତା ମହାପାତ୍ର ଜଣେ ପ୍ରଜା ବ···ତ୍ସ···ସ···ଳ ଜମିଦାର ଥିଲେ । ନାରୀମାନଙ୍କୁ ସେ ମାତାର ସ···ମ୍ମା···ନ ଦେଉଥିଲେ । ସେମାନଙ୍କର ମଙ୍ଗଳ ପାଇଁ ଏକ ବାଳିକା ବିଦ୍ୟାଳୟ ସ୍ଥା···ପନ କରିଥିଲେ··· ।

ଶ୍ରୀମନ୍ତ ନାତିର ପୁଅ ଗାଲରେ ଗୋଟାଏ ଶକ୍ତ ଚଟକଣା ବଜାଇ ବହିଟାକୁ ତା ହାତରୁ ଛଡ଼ାଇ ଆଣି ଚିରିଚିରି କରି ଫୋପାଡ଼ ଦେଲା । ବହଳିଆ ରକ୍ତଦାଗ ଲାଗିଥିବା ତାର ବସ୍ତ୍ର ଦାଉରେ ଦବିଗଲା । ଓଠକୁ ମେଲେଇ ସେ ଚିତ୍କାର କରି ଉଠିଲା—ସବୁ ମିଛ, ସବୁ ଧପ୍ପାବାଜି । ସବୁ ସାହିତ୍ୟ ଠକାର ସାହିତ୍ୟ । ସତ୍ୟର ସାହିତ୍ୟ ନୁହେଁ ।

ପୁଅର କାନ୍ଦଣା ଶୁଣି ସାରଙ୍ଗପାଣି ଓ ତାର ସ୍ତ୍ରୀ ଉଠିପଡ଼ିଲେ । ଜେଜେମାର ଏ ରଣଚଣ୍ଡୀ ରୂପ ଦେଖି କିଛି ବୁଝି ନପାରି ଖାଲି ଆବାକାବା ହୋଇ ଚାହିଁ ରହିଲେ ।

ଶ୍ରୀମନ୍ତ ସେ ଚିରା ବହିଟୁକୁଡ଼ା ଉପରକୁ ମେଞ୍ଚା ମେଞ୍ଚା ଛେପ ପକାଉଥିଲା ଓ ଖୁବ ଜୋର୍‌ରେ ହସୁଥିଲା ।

●

Digitized by PPRACHIN, SOA

କଣ୍ଢେଇର ରାଜ୍ୟ

ରାଜା ଥିଲେ ।

ରାଜାଙ୍କର ମହାମାନ୍ୟ ମହାମନ୍ତ୍ରୀ ଥିଲେ ।

ମହାମନ୍ତ୍ରୀଙ୍କ ପୁଅ ଯୁବମନ୍ତ୍ରୀ ଥିଲେ ।

ଯୁବମନ୍ତ୍ରୀଙ୍କର ବ୍ମଣୁର ମୂଷ୍ଟିକ ବ୍ମମଚଗୋଷ୍ଠୀ ଥିଲେ ।

ବ୍ମମଚଗୋଷ୍ଠୀଙ୍କର ବ୍ମଚରଗୁଣ୍ ମାଫ୍ ଫଲଫଲ ଫଲ୍‌ଟନ ଥିଲେ ।

ତେଣୁ ମହାମାନ୍ୟ ମହାମନ୍ତ୍ରୀ ପ୍ରାଜ୍ଞ, ପ୍ରଜାପ୍ରିୟ, ପରୋପକାରୀ, ପର୍ଯ୍ୟାପ୍ତ-ଯଶା, ପବିତ୍ରପ୍ରାଣ, ପରମକାରୁଣିକ ଇତ୍ୟାଦି ଇତ୍ୟାଦି ସବୁ ସେ ଅଲବତ୍ ଥିଲେ ।

ହଁ, ରାଜା ଥିଲେ । ରାଜାଙ୍କର ମହାମାନ୍ୟ ମହାମନ୍ତ୍ରୀ ଥିଲେ ।

ରାଜା ମହାମନ୍ତ୍ରୀଙ୍କର ହାତରେ ହୁକୁମରେ ଗୋଟାଏ ମୃଣ୍ମୟ କଣ୍ଢେଇ ହୋଇ ଖାଲି 'ହଁ' ବୋଲି ମୁଣ୍ଡ ଝୁଙ୍କାଉଥିଲେ । ରାଜାଙ୍କର ଏମିତିକା ସବୁ 'ହଁ' ଅଭ୍ୟାସକୁ ଅବ୍ୟାହତ ରଖିବାକୁ ମହାଧୂର୍ତ୍ତ ମହାମନ୍ତ୍ରୀ ସଦା ସତର୍କ ଥିଲେ । ମନ୍ତ୍ରୀଙ୍କ ମର୍ଜି ଅନୁଯାୟୀ କଣ୍ଢେଇ ସଂପ୍ରଦାୟର ରାଜାମାନେ ମୁଣ୍ଡରେ ରାଜକୀୟ ଜମ୍ବୁର ଖଞ୍ଜି ସମ୍ମାନର ସତରଞ୍ଜି ଉପରେ ପଦାର୍ପଣ କରି ସିଂହାସନକୁ ଆସୁଥିଲେ ଅଥବା ବାଧା ଖାଇ ପୋଷାକ ଖସାଇ ଖରବେଳର ଗାଣ୍ଡିଆଳ ଝୋଲା ଭଳି ଧଇଁ ସଇଁ ହୋଇ ସିଧାସିଧା ଖସୁଥିଲେ । ପ୍ରକାଶ ଥାଉକି ଆସିଲା, ବସିଲା, ଖସିଲା ଅର୍ଥାତ୍ ସବୁବେଳେ, ସବୁ ଅବସ୍ଥାରେ ରାଜାଙ୍କ ଲୁଣ୍ଡରେ ଲୁଣ୍ଡି ବନ୍ଧା

Digitized by PPRACHIN, SOA

ହୋଇଥିଲା । ଥରେ ଏମିତି ହେଲା, ମହାମନ୍ତ୍ରୀଙ୍କର ଏକ ଜଘନ୍ୟ ଯୋଜନା ଉପରେ କର୍ଣ୍ଣେଇ ରାଜାଙ୍କର ମୁଣ୍ଡ ହଲିଲା ନାହିଁ । ମହାପ୍ରତାପୀ ମହାମନ୍ତ୍ରୀ ନଗଣ୍ୟ ରାଜାର ଏତାଦୃଶ ଧୃଷ୍ଟତା ଦେଖି ବିହିତ ବ୍ୟବସ୍ଥା ପାଇଁ ବିବେଚନା କରିବା ହେଲେ । ଅଧମ କର୍ଣ୍ଣେଇଟାର ଅବାଧ ମୁଣ୍ଡଟାକୁ ଛୁଣ୍ଡାଇ ଦେଇ ଆଉ ଗୋଟେ ବୋଲମନା ନୂଆ କର୍ଣ୍ଣେଇକୁ ଗାଦିନସିନ କରିବାକୁ ଯୋଜନାର ପାହାଚ ସବୁ ଥାକ ଥାକ କରି ସଜାଡ଼ି ନେଲେ ।

ଏଁ ଚନ୍ତ୍ରାର ତତ୍କାଳୀନ କାର୍ଯ୍ୟାନୁଷ୍ଠାନ ପାଇଁ ମହାମାନ୍ୟ ମହାମନ୍ତ୍ରୀ ତାଙ୍କ ଶାସନତନ୍ତ୍ରର ଶ୍ରେଷ୍ଠଯନ୍ତ୍ରୀ ତାଙ୍କର କରିତ୍କର୍ମା କୁମରମଣିଙ୍କ ପାଖକୁ ଦୂତ ବରଗିଲେ । (ଭୂଷିମନ୍ତ୍ରୀଙ୍କ ପଦମର୍ଯ୍ୟାଦା ତଥା ପ୍ରତାପ ଦୃଷ୍ଟିରୁ ସମସ୍ତେ କାକୁସ୍ଥ ହୋଇ ମନ୍ତ୍ରୀଙ୍କର ବ୍ୟଭିଚାରୀ ପୁଅକୁ ଯୁବରାଜ ବୋଲି ଡାକିବାକୁ ବାଧ୍ୟ ହୋଇଥିଲେ । ଏବଂବିଧ ଅବଶ୍ୟ ସମ୍ବୋଧନ ପାଇଁ ଓ ସବଂଶ ସମୁଚିତ ସମ୍ମାନ ଜ୍ଞାପନ ନିମିତ୍ତ ମହାମନ୍ତ୍ରୀ ମଧ୍ୟ ନିଜର ଦପ୍ତର ମାଧ୍ୟମରେ ସମଗ୍ର ରାଜ୍ୟର ଥାଟରାଜାମାନଙ୍କ ପାଖକୁ ପରୋକ୍ଷ ଓ ପ୍ରକାଶ୍ୟ ନିର୍ଦ୍ଦେଶ ପଠାଇଥିଲେ । ଯୁବରାଜ ଉତ୍ତରାଧିକାରୀ ସୂତ୍ରରେ ଶିକ୍ଷାନବିସ ଭାବରେ ମନ୍ତ୍ରୀତ୍ୱ ଶିକ୍ଷା କରୁଥିଲେ । କର୍ଣ୍ଣେଇରାଜା କୁମରମଣିଙ୍କ ଅସାଧାରଣ ସେବା ଓ ଶାଳୀନତା ପାଇଁ ତାଙ୍କୁ 'ରାଜ୍ୟପ୍ରାଣ' ଉପାଧିରେ ମଣ୍ଡିତ କରି ନିଜକୁ ଧନ୍ୟ ମଣିଥିଲେ ।)

ସେତେବେଳେ ରାଜ୍ୟପ୍ରାଣ କୁମରମଣି ଓରଫ୍ ଯୁବରାଜ ହଜୁର ନିଜର ହାତବାଣି ହୟଗ୍ରୀବ ଦଳଙ୍କୁ ଧରି ନଗରୀ ମଙ୍ଗଳା ଯୋଜନାକୁ କାର୍ଯ୍ୟକାରୀ କରୁଥିଲେ । ରାଜରାସ୍ତାର କଡ଼ରେ କେଉଁ ଆଣ୍ଟମା ଅମଳରୁ ଏକ ଅସୁସ୍ଥ ଶ୍ରମିକବସ୍ତି ଥିଲା । ବସ୍ତିର ବିବର୍ଣ୍ଣ ଦୃଶ୍ୟ ରାଜନଗରୀର ସମ୍ମାନ ଓ ସୌଷ୍ଠବକୁ କଳଙ୍କିତ କରୁଥିଲା । ତେଣୁ ବସ୍ତିର ଦଦରା, ଦରମଲା ଝାଟିମାଟିର ଚାଳସଗୁଡ଼ାକ ଉପରେ ବୁଲି ବୁଲି ରଙ୍କୁ ପିଟିଲାପରି ରାଜ୍ୟପ୍ରାଣ କୁମରମଣିଙ୍କ କରିତ୍କର୍ମା କର୍ମୀ-ପୁଙ୍ଗବମାନେ ଶାବଳମାଡ଼ ଦେଇ ଆହ୍ଲାଦର ସ୍ୱାଦୁ ଖୁଣ୍ଟୁଥିଲେ । ଦେହରେ ବଯୁସର ମାଂସଥିବା ଅଳିଅଳ ହରିଣୀପଲ ପରି ବସ୍ତିର ବିଚରା ନିରୀହ ଝିଅ-ବୋହୂମାନଙ୍କ କାକୁତିମିନତି, ଆଉର ଚିତ୍କାରକୁ ଫାଙ୍କିଦେଇ ସେମାନଙ୍କର କୋମଳ ମାଂସସ୍ଥଳମାନଙ୍କୁ ଶିକାରୀ ବାଘପରି ନଖଦାନ୍ତରେ ଚିରିଚିରି ରାଜ୍ୟପ୍ରାଣ କୁମରମଣି ପ୍ରାଣର ସୋଦରମାନଙ୍କ ସହ ରକ୍ତମାଂସର ମଉଚ୍ଛବ କରୁଥିଲେ ।

Digitized by PPRACHIN, SOA

ହଁ, ଯୁଗପନ୍ଥୀ ଯୁବରାଜ ଚଟାଜ ପାଇ ମହାମନ୍ତ୍ରୀଙ୍କୁ ତତ୍‌କ୍ଷଣାତ୍ ସାକ୍ଷାତ କଲେ ଓ ଆବଶ୍ୟକୀୟ ନିର୍ଦ୍ଦେଶ ଧରି ସାରଦର୍ପରେ ପ୍ରସ୍ଥାନ କଲେ ।

ମହାମାନ୍ୟ ମହାମନ୍ତ୍ରୀ ଅଳ୍ପ କିଛି ଭାବିଲେ ଓ ସାମାନ୍ୟ ଟିକିଏ ହସିଲେ ।

ହଠାତ୍ ରାଜା ତାଙ୍କର ମାର୍ଜନାଘରେ ପଡ଼ିଯାଇ ସଂଜ୍ଞାହୀନ ହେଲେ ବୋଲି ଚାରିଆଡ଼େ ଖବର ପଡ଼ିଗଲା । ବ୍ୟଥା ଓ ବେଦନାରେ ମହାମନ୍ତ୍ରୀ ରୁଦ୍ଧଶ୍ୱାସ ହୋଇ ପଡ଼ିଲେ । ରାଜ୍ୟସାରା ରାଜଭକ୍ତ ପ୍ରଜାଏ ରାଜାଙ୍କର ବିପତ୍ତିରେ ହାହୁ ତାହୁ କଲେ । ମହାମନ୍ତ୍ରୀ ରାଜାଙ୍କ ଆଶୁ ଚିକିତ୍ସା ପାଇଁ ରାଜଧାନୀର ରାଜକବିରାଜଙ୍କୁ ଆପଣେ ଯାଇଁ ଡକାଇ ଆଣିଲେ । କବିରାଜଙ୍କ ପରାମର୍ଶ କ୍ରମେ ସେହି ସ୍ନାନଗୃହରେ ରାଜାଙ୍କ ଚିକିତ୍ସା ଆରମ୍ଭ ହେଲା । ଶ୍ରୀଶ୍ରୀମନ୍ଙ୍କ ଶ୍ରୀଅଙ୍ଗର ପୀଡ଼ା ଅତି ସାଂଘାତିକ । ସାମାନ୍ୟ ହଲଚଲ, ଗଣ୍ଡଗୋଳରେ ଶ୍ରୀହଜୁରଙ୍କ ପ୍ରାଣହାନି ଘଟିବାର ବହୁ ସମ୍ଭାବନା । ରାଜପ୍ରସାଦକୁ ଏକ ନିଷିଦ୍ଧ ଅଞ୍ଚଳରୂପେ ଘୋଷଣା କରାଗଲା ।

ରାଜା ମଲେ । ମହାମନ୍ତ୍ରୀ କାନ୍ଦିଲେ । ମନ୍ତ୍ରୀଙ୍କ ଯୁବରାଜ ମୁଣ୍ଡ ବାଡ଼େଇଲେ । ରାଜ୍ୟସାରା ସମସ୍ତେ ଲୁହ ଗଡ଼ାଇଲେ ।

ଠିକ୍ ଆଠଦିନ ପରେ ରାଜ କବିରାଜ ଏକ ଦୁର୍ଘଟଣାରେ ପଡ଼ି ପ୍ରାଣ ହରାଇଲେ । ତାଙ୍କର ଅସାବଧାନତା ଯୋଗୁଁ ତାଙ୍କ ଉପରେ ଏକ ଘୋଡ଼ାଗାଡ଼ି ଚଢ଼ି ଯାଇଥିଲା ।

ତା ଆର ସପ୍ତାହରେ ସେ ଘୋଡ଼ାଗାଡ଼ିବାଲା ଜ୍ଞାନଦେଈ ମାଲୁଣୀର ବାରି ପଛପଟ ହେଞ୍ଜାଳଗଛ ଡାଳରେ ଝୁଲିପଡ଼ି ...

ତା ଅଳ୍ପଦିନ ବାଦ ଦରବାରର ଏକ ସ୍ୱତନ୍ତ୍ର ଅଧିବେଶନରେ ଜ୍ଞାନଦେଈ ମାଲୁଣୀଙ୍କୁ ତାଙ୍କର ଅସାମାନ୍ୟ ପୁଷ୍ପସଜ୍ଜା ଓ ଅନବଦ୍ୟ କଳାକୃତି ପାଇଁ 'ନଗର-ରମ୍ୟା' ଉପାଧିରେ ଭୂଷିତ କରାଗଲା ଏବଂ ରାଜକୋଷରୁ ଏକ ମୁକ୍ତାହାର ପ୍ରୀତିଉପହାର ରୂପେ ଅର୍ପିତ ହେଲା ।

ତାର ପ୍ରାୟ ପାଞ୍ଚଦିନ ପରେ ନଗରରମ୍ୟା ଜ୍ଞାନଦେଈଙ୍କ ମସ୍ତିଷ୍କ ବିକୃତି ଘଟିଛି ବୋଲି ଦୁଃଖ ପ୍ରକାଶ କରି ମହାମାନ୍ୟ ମହାମନ୍ତ୍ରୀ ଏକ ଶ୍ୱେତପତ୍ର ପ୍ରକାଶ କଲେ ଯେ ରାଜ୍ୟର ଏକ ମହାମାନ୍ୟା ନାରୀଙ୍କର ମହାର୍ଘ ଜୀବନରକ୍ଷା ନିମିତ୍ତ ରାଜ୍ୟ

Digitized by PPRACHIN, SOA

ତରଫରୁ ନଗରର ପାଗଳା ଚିକିତ୍ସାଳୟରେ ନଗରରମ୍ୟାଙ୍କୁ ବ୍ୟବସ୍ଥିତ କରାଗଲା; କିନ୍ତୁ ପରିତାପର ବିଷୟ, ଜ୍ଞାନଦେବୀଙ୍କର ଉକ୍ତ ମାନସିକ ବ୍ୟାଧିର ଉପଶମ ଆସିଲା ନାହିଁ । କିଛିମାସ ପରେ ନଗରରମ୍ୟାଙ୍କ ଆତ୍ମୀୟମାନେ ତାଙ୍କର ନିଜର ବାସଭବନକୁ ଫେରାଇ ଆଣିଲେ । ତା'ପରଠୁ ଜ୍ଞାନଦେବୀ କେବେ ଆଉ କଥା କହିନାହାନ୍ତି । ସେ ତାଙ୍କର କଥା କହିବାର ଶକ୍ତି ସମ୍ପୂର୍ଣ୍ଣ ରୂପେ ସବୁଦିନ ପାଇଁ ହରାଇ ବସିଥିଲେ ।

ଜ୍ଞାନଦେବୀଙ୍କ ପାଗଳା ଚିକିତ୍ସାଳୟ ଛାଡ଼ିବା ଛଅଦିନ ପରେ ଏ ରାଜ୍ୟର ପାଗଳା ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକଙ୍କୁ ସେ ରାଜ୍ୟର ରାଜାଙ୍କ ଅଭିଷେକ ଉତ୍ସବରେ ବିଶିଷ୍ଟ ଅତିଥିରୂପେ ଯୋଗଦେବାକୁ ପଡ଼ୋଶୀ ରାଜ୍ୟର ରାଜା ରାଜସନ୍ଦେଶ ପଠାଇଲେ । ଏହା ଏକ ଦୁଃଖର ସମ୍ବାଦ ଯେ ଅଭିଷେକ ଉତ୍ସବରେ ସଭାମଞ୍ଚ ହଠାତ୍ ଭୁଷୁଡ଼ି ପଡ଼ିବାରୁ ମୁଖ୍ୟ ଚିକିତ୍ସକ ତଥା ମାନନୀୟ ଅତିଥି ଚିକିତ୍ସା ପାଇଁ ସୁବିଧା ନପାଇ ହଠାତ୍ ସେଇଠି ଟଳିପଡ଼ିଲେ ।

ଏ ରାଜ୍ୟ ଓ ସେ ରାଜ୍ୟ, ଦୁଇ ପଡ଼ୋଶୀ ରାଜ୍ୟ ସବୁଦିନ ପାଇଁ ବନ୍ଧୁତା ସୂତ୍ରରେ ବାନ୍ଧିହୋଇ ରହିବାପାଇଁ ଉଭୟ ରାଜ୍ୟ ଏକ ଚୁକ୍ତିନାମା ସ୍ୱାକ୍ଷର କଲେ । ଏ ରାଜ୍ୟର ମହାମନ୍ତ୍ରୀ ପ୍ରୀତିର ସ୍ମାରକୀରୂପେ ସେ ରାଜ୍ୟର ରାଜାଙ୍କ ପାଖକୁ 'ରାଜ୍ୟକୁମାରୀ' ପଦବୀପ୍ରାପ୍ତା ରାଜ୍ୟର ଶ୍ରେଷ୍ଠ ସୁନ୍ଦରୀଙ୍କୁ ନାନାଦି ମହାର୍ଘ ଆଭରଣରେ ମଣ୍ଡିତା କରି ଏକ ବହୁମୂଲ୍ୟ ପାନପାତ୍ର ସହ ସେ ରାଜ୍ୟକୁ ପ୍ରେରଣ କଲେ । ନାରୀ ଓ ପାନପାତ୍ର ପ୍ରୀତି ଓ ପ୍ରଶସ୍ତିର ପ୍ରତୀକ ରୂପେ ପ୍ରେରିତ ହୋଇଥିଲା ।

ଏଣିକି ଯୁବରାଜ ପ୍ରାୟ ପ୍ରତିଦିନ ମହାମନ୍ତ୍ରୀଙ୍କୁ ଭେଟୁଥିଲେ ଓ ଯଥାଯଥ ନିର୍ଦ୍ଦେଶ ନେଉଥିଲେ । ମହାମନ୍ତ୍ରୀ ଆଙ୍ଗୁଳି ଦେଖାଇଲେ ଯୁବରାଜ ବାହା ଗିଳି ଦେଇ ମୁଣ୍ଡ ଗିଳିବାକୁ ଆଁ କରୁଥିଲେ ।

ରାଜ୍ୟର ପ୍ରତି ଛକରେ ମହାମନ୍ତ୍ରୀଙ୍କର ବିଶାଳ ତୈଳଚିତ୍ରମାନ ଓହଳାଇ ଦିଆଗଲା । ରାଜ୍ୟର ଚିତ୍ରଶିଳ୍ପୀମାନଙ୍କୁ ଦିନରାତି ବସି ମହାମନ୍ତ୍ରୀଙ୍କର ପ୍ରତିକୃତି ଆଙ୍କିବାକୁ ବାଧ୍ୟ କରାଗଲା ଏବଂ ଅବାଧ୍ୟ ଶିଳ୍ପୀଙ୍କୁ ବହୁବିଧ ଅଙ୍କୁଶ ମାଡ଼ ଦେଇ ସାଧ୍ୟ କରାଗଲା । ରାଜ୍ୟର କବିମାନେ ନିରୁପାୟ ହୋଇ କାବ୍ୟକବିତା ଛନ୍ଦରେ ମହାମନ୍ତ୍ରୀଙ୍କ ସ୍ତବଗାନ କଲେ । ନଚେତ୍ ରାଜଦ୍ରୋହ ଅପରାଧରେ ସେମାନଙ୍କ

Digitized by PPRACHIN, SOA

ସମ୍ପତ୍ତି ବାଜ୍ୟାପ୍ତ କରାଗଲା । ପ୍ରତ୍ୟେକ ଶ୍ରେଣୀ ପ୍ରତ୍ୟେକ ମନ୍ଦିରରେ ତାଙ୍କର ଯଜମାନଙ୍କୁ ଧରି ମହାମନ୍ତ୍ରୀଙ୍କ ଦୀର୍ଘଜୀବନ କାମନା କରି ସମବେତ ପ୍ରାର୍ଥନା କଲେ । (ପ୍ରାର୍ଥନା ପରେ ମନ୍ଦିର ତରଫରୁ ପ୍ରସାଦ ବଣ୍ଟନର ବ୍ୟବସ୍ଥା ଯୁବରାଜଙ୍କ ତରଫରୁ ଗୋପନୀୟ ଭାବରେ କରାଯାଉଥିଲା ।) ଗ୍ରାମଣ ଦଳ ବୁଲିବୁଲି ମହାମନ୍ତ୍ରୀଙ୍କ ଗୁଣଗାନ କରିବାକୁ ଲାଗିଲେ । ରାଜଦୂତମାନେ ଅନ୍ୟ ରାଜ୍ୟମାନଙ୍କୁ ଯାଇ ମହାମନ୍ତ୍ରୀଙ୍କ କାର୍ଯ୍ୟାବଳୀର ଉଚ୍ଛ୍ୱସିତ ପ୍ରଶଂସା କଲେ । ଆଞ୍ଚଳିକ ରାଜାମାନେ ମହାମନ୍ତ୍ରୀଙ୍କ କର୍ମପନ୍ଥାର ସ୍ତବଗାନ କରି ସେମାନଙ୍କର ଆନୁଗତ୍ୟ ପ୍ରକାଶ କଲେ । ରାଜକର୍ମଚାରୀମାନେ ଯୁବରାଜଙ୍କ ହୁକୁମକୁ ମୁହଁ ବନ୍ଦକରି ତାମିଲ କରିବାକୁ ଲାଗିଲେ । ରାଜ୍ୟର ବିଦ୍ୱାନ୍‌ମାନେ "ରାଜ୍ୟଙ୍କ ମହାମନ୍ତ୍ରୀ" ବୋଲି ତାତ୍ପର୍ଯ୍ୟପୂର୍ଣ୍ଣ ତଥ୍ୟମାନ ଗାଇ ବୁଲିଲେ । ପଣ୍ଡିତମଣ୍ଡଳୀ ମହାମନ୍ତ୍ରୀଙ୍କୁ ସ୍ୱୟଂ ଜଗନ୍ନାଥଙ୍କର ଅବତାର ବୋଲି ସ୍ତୁତିଗାନ କଲେ ।

ଅବଶ୍ୟ ବହୁ ଖ୍ୟାତିସମ୍ପନ୍ନ ଜ୍ଞାନୀ, ମାନୀ, ମନସ୍ୱୀ, ଦେଶସେବୀ, ପଣ୍ଡିତ, ପ୍ରତିଷ୍ଠିତ ଓ କବି କଳାକାର ନାରୀଧର୍ଷଣ, ଦେଶଦ୍ରୋହ, ଚୌର୍ଯ୍ୟବୃତ୍ତି, ଦୁର୍ନୀତି, ଦୁଷ୍ଟବୃତ୍ତି ପ୍ରଭୃତି ଗୁରୁତର ଅଭିଯୋଗରେ ଅଭିଯୁକ୍ତ ହୋଇ ବନ୍ଦୀଗୃହର ଅନ୍ଧକାର ଗର୍ଭରେ ନିକ୍ଷିପ୍ତ ହେଲେ । କେତେକ ରାଜକର୍ମଚାରୀ ମଧ୍ୟ ସେମାନଙ୍କ ଆଚରଣ ବିଧି ଖିଲାପ କରି ଚାକିରିରୁ ନିଲମ୍ବିତ ହେଲେ ଅଥବା ବନ୍ଦିଶାଳାର ଅନ୍ତେବାସୀ ହୋଇ ପଡ଼ି ରହିଲେ । ଅନେକ ପ୍ରତିଭାବାନ୍ ଯୁବକ ସେମାନଙ୍କର ଅତିରିକ୍ତ ଉଚ୍ଛୃଙ୍ଖଳତା ଓ ଅନ୍ତର୍ଘାତୀ କାର୍ଯ୍ୟକଳାପ ପାଇଁ ଦଣ୍ଡଗୃହରେ ଦଣ୍ଡିତ ହୋଇ ଜୀବନ ଦେଲେ ବୋଲି ଘରେ ବାହାରେ କଥା କେହିକେହି ଫୁସୁରୁ ଫାସର ହେଲେ । (ରାଜଦପ୍ତର ଏ ପ୍ରକାର ଗୁଜବକୁ ଅସ୍ୱୀକାର କରି ସେମାନଙ୍କ ମୃତ୍ୟୁକୁ ସ୍ୱାଭାବିକ ମୃତ୍ୟୁ ବୋଲି ଘୋଷଣା କରିଥିଲା ଏବଂ ଗୁଜବ୍ ରଟନାକାରୀଙ୍କୁ ବହୁତ ଶାସ୍ତି ଦିଆ ହୋଇଥିଲା ।)

"ମେଣ୍ଢାକୁଆ ପାଣି ଗୋଳାଇବା" ଆଳରେ ସବୁ ଭିନ୍ନମତବାଦୀମାନଙ୍କୁ ମନ୍ତ୍ରୀମହାବଳ ଲୁକୁଳାଇ ଦେଇ ସୃଷ୍ଟିର ହାକୁଡ଼ ମାଇଲେ । ରାଜ୍ୟର ସମସ୍ତଙ୍କୁ ନିଶ୍ଚେତନ ଶୁଙ୍ଘାଇ ମହାମନ୍ତ୍ରୀ ସେମାନଙ୍କର ଚେତନାକୁ ହରଣ କରିଥିଲେ । ସମସ୍ତଙ୍କ ସ୍ୱକୀୟ ମୁଣ୍ଡକୁ ଛିଣ୍ଡାଇ ଦେଇ ସେଠି କଣ୍ଢେଇର ମୂଷାହଳି ମୁଣ୍ଡ ଖଞ୍ଜି ଦେଇ ମହାମନ୍ତ୍ରୀ ନିଜକୁ ଉଲ୍ଲାସ କରି ନେଇଥିଲେ ।

Digitized by PPRACHIN, SOA

କଣ୍ଢେଇ ରାଜ୍ୟ । କଣ୍ଢେଇ ରାଜା । କଣ୍ଢେଇ ପ୍ରଜା । କଣ୍ଢେଇର ହରାଟ ବାରୁଆଳୀକୁ ହାତରେ ଡୋର ହଲାଇ ନଚ୍ଚଉ ନଚ୍ଚଉ ମହାମନ୍ତ୍ରୀ ଅଗ୍ନନକ ଜାହିଁକ ଘୁଏଁ ଘୁଏଁ ଚମକ ଉଠିଲେ । ମନୁଷ୍ୟ ଧୂଳ ଘୁଟି ସେ ମଣିଷଗୁଡ଼ାଙ୍କୁ କଣ୍ଢେଇ କରିଛନ୍ତି । ଏ ମଣିଷ କଣ୍ଢେଇମାନେ କଣ୍ଢେଇର ଅଭିନୟ କରୁନାହାନ୍ତି ତ ? ତାଙ୍କର ଗାରୁଡ଼ ପଦ ହାଗ ନହୁଡ଼ ଠିକ୍ ଠିକ୍ କାଟୁ କରୁଛି ତ ? ସେଦିନ ମହାମନ୍ତ୍ରୀ ବେଶି ସମୟ ପର୍ଯ୍ୟନ୍ତ ବହୁତ କିଛି ଭାବିଥିଲେ । (ଅଳ୍ପ ଟିକିଏ ଡରି ଯାଇଥିଲେ ବୋଧହୁଏ ।) କିନ୍ତୁ ଖୁବ୍ ବେଶି ହସିଥିଲେ । ତା'ପରେ କିଛି ମୂଲ୍ୟବାନ୍ ପାନୀୟ ପିଇ ଶୋଇ ପଡ଼ିଥିଲେ । ଶୋଇବା ତାଙ୍କର ଦରକାର ବୋଲି ସେ ଅନୁଭବ କରୁଥିଲେ ।

ରାତିର ଶେଷ ପହରରେ ସେ ସ୍ୱପ୍ନ ଦେଖୁଥିଲେ । ତାଙ୍କ ଅସୁର ଗୁମ୍ଫାରେ ସେ ସମସ୍ତଙ୍କୁ କଳା ଫୁଲ ଶୁଙ୍ଘାଇ ପଥର କରି ଦେଇଛନ୍ତି । କେଉଁ ରଜାପୁଅ ଆସି ବାଡ଼ହାଣ ଖଣ୍ଡାରେ ତାଙ୍କ ବେକକୁ ଚ୍ଛେଟେ ପକାଇଲା । ତାଙ୍କ ରକ୍ତଛିଟିକା ପଡ଼ି ପଥରଗୁଡ଼ାକ ସବୁ ମଣିଷ ହେଇଗଲେ ।

ମହାମନ୍ତ୍ରୀ ଚମକ ପଡ଼ି ଉଠି ବସିଲେ । ପ୍ରାସାଦର ସିଂହଦ୍ୱାରରେ ବହୁ ଜନଗଣନା, ଅନେକ ଉତ୍ତାପ, ଅଜସ୍ର ଉତ୍ପାତ ଚାଲିଛି । ଉପର ମହଲ ଅଳନ୍ଦରୁ ମହାମନ୍ତ୍ରୀ ଦେଖିଲେ ରାଜ୍ୟସାରା ସମସ୍ତେ କଣ୍ଢେଇ ମୁଣ୍ଡକୁ ଉତାରି ଦେଇ ମଣିଷ ହେଇ ଠିଆ ହେଇଛନ୍ତି ।

ଆଜି ତାଙ୍କର ପଶୁ ଗଣ୍ଡିରୁ ମଣିଷର ନକଲି ମୁଣ୍ଡକୁ ଛିଣ୍ଡାଇ ଦେବାଲାଗି ଖଣ୍ଡା ହଲାଉଛନ୍ତି ।

●

Digitized by PPRACHIN, SOA

ଆର୍ଶି

ସାଧୁ ମହାରାଜ ଆସି ନଅରଠୁଁ ଟିକିଏ ଦୂରରେ ମହାଦେବଙ୍କ ମନ୍ଦିର ଆଗରେ ଥିବା ଚଉରା ନିମଗଛ ମୂଳ ପିଣ୍ଡି ଉପରେ ଆପଣା ଆସ୍ଥାନ ଜମାଇ ଦେଲେ । ସନ୍ନ୍ୟାସୀଙ୍କ ସେବାପୂଜା ପାଇଁ ଚେଲାମାନେ ସବୁ ସରଞ୍ଜାମ ଚଟପଟ ଯୋଗାଡ଼ ଦେଲେ । ସାଧୁବାବା ତାଙ୍କ ପୂଜାପାଠକୁ ଲମ୍ବେଇ ଲମ୍ବେଇ ସାରିଦେଲା ପରେ ଧ୍ୟାନରେ ବସିଗଲେ । ଚେଲା କେତେଜଣ ରାଜାଙ୍କ ଉଆସ ପାଟଆଖିକୁ ଭିକ୍ଷା କରିବା ଲାଗି ଭିକ୍ଷାମୁଣି ଗଳାଇ ସଜହୋଇ ଚଢ଼ିଲେ ।

ଆସ୍ତେ ଆସ୍ତେ ସହରଆଡ଼େ ଉଆକା ହୋଇଗଲା ଯେ ରାଜନଗରକୁ ଜଣେ ଅଦ୍ଭୁତ ସାଧକ ଆସିଛନ୍ତି, ସେ ଅସାଧ୍ୟ ସାଧନ କରିପାରନ୍ତି । ଅଧିକନ୍ତୁ ଜଣେ ଚେଲାଙ୍କଠୁଁ ଅତି ବିଶ୍ୱାସରେ କଥା ନେଇ ଖବରଟା ବାହାରକୁ ପ୍ରଘଟ ହୋଇ ପଡ଼ିଲା ଯେ ସେ ମହାପୁରୁଷଙ୍କ ପାଖରେ ଗୋଟିଏ ମନ୍ତ୍ରକରା ଅଜବ୍ ଆର୍ଶି ଅଛି ।

ସହରଆଡ଼ୁ ଲୋକ ଆସି ସାଧୁବାବାଙ୍କ ପାଖରେ ଗଦା ହେଲେ । ସମସ୍ତଙ୍କର ଆଶା—ସେ ମନ୍ତ୍ରକରା ଆର୍ଶି କଥା ଟିକିଏ ଜାଣିବେ । ସମସ୍ତେ ଗୋଟି ଗୋଟି ହୋଇ ସାଧୁଙ୍କ ଆଗରେ ପହଞ୍ଚିଲାକ୍ଷଣି ବାବାଜୀ ମହାରାଜ ସେମାନଙ୍କୁ ଟିକିଏ ଚାହାନ୍ତି ଏବଂ ଅଳ୍ପ ହସନ୍ତି । ସେ ହସରେ କି କମିଆ ଥାଏ କେଜାଣି, ସମସ୍ତଙ୍କ ଦେହ ଥରଉଠେ ଓ ଆପେ ଆପେ ମୁହଁ ବନ୍ଦ ହୋଇଯାଏ । ସେମାନେ କିଛି ନ ପଚାରି ଚୁପ୍‌ଚାପ୍ ଫେରିଆସନ୍ତି ।

କଥାଟା ଏକାନ ସେକାନ ହୋଇ ରାଜାଙ୍କ କାନକୁ ଗଲା । ରାଜାସାହେବ ସାଧୁମହାରାଜଙ୍କୁ ଉଆସକୁ ଆସିବାପାଇଁ ଡକରା ପଠାଇଲେ । ସନ୍ନ୍ୟାସୀ ସେତେବେଳେ ରାଜାଙ୍କ ରାଜ୍ୟର ଜଣେ ବାସିନ୍ଦା ଥିଲେ । ଜଣେ ରାଜଭକ୍ତ ପ୍ରଜା ହିସାବରେ ସେ ରାଜାଙ୍କ ନଅରକୁ ଗଲେ ।

Digitized by PPRACHIN, SOA

ଶ୍ରୀରାମ୍ ସନ୍ନ୍ୟାସୀଙ୍କୁ ତାଙ୍କର ଆର୍ଶି ସମ୍ପର୍କରେ ପୃଚ୍ଛା କରିବା ହେଲେ । ସାଧୁ ମହାରାଜ ଜଣାଇଲେ ଯେ ତାଙ୍କ ପାଖରେ ସତରେ ଗୋଟିଏ ଆର୍ଶି ଅଛି । ସେ ଆର୍ଶିର ବ୍ୟବହାର ପାଇଁ ଟିକିଏ ସ୍ୱତନ୍ତ୍ର ବ୍ୟବସ୍ଥା ଦରକାର । ସାଧୁଙ୍କ ନିର୍ଦ୍ଦେଶ ଅନୁସାରେ ମନ୍ଦିର ପାଖ ନିମ୍ବଗଛ ମୂଳରେ ଦୁଇଟି କୁଡ଼ିଆ ଲଗାଲଗି ହୋଇ ତିଆରି କରାହେଲା । ପ୍ରଥମ କୁଡ଼ିଆରୁ ଦ୍ୱିତୀୟ କୁଡ଼ିଆକୁ ଗୋଟିଏ ଦର୍ଜା ରହିଲା । ଦ୍ୱିତୀୟ କୁଡ଼ିଆରୁ ବାହାରକୁ ବାହାରି ଯିବାପାଇଁ ଆଉ ଗୋଟିଏ ବାଟ ବି ରହିଲା । ସାଧୁ ମହାରାଜ ପ୍ରଥମ କୁଡ଼ିଆରେ ବସିଲେ । ଦ୍ୱିତୀୟ କୁଡ଼ିଆର ଗୋଟିଏ କଣକୁ ଆର୍ଶିଟି ରଖାଗଲା ।

ସାଧୁଙ୍କ କହିବା ମୁତାବକ ରାଜାସାହେବ ପ୍ରଥମେ ମହାମନ୍ତ୍ରୀଙ୍କୁ ସାଧୁଙ୍କୁ ଭେଟିବାକୁ ହୁକୁମ ଦେଲେ । ମନ୍ତ୍ରୀ ମହାଶୟ ସାଧୁଙ୍କ ସମ୍ମୁଖରେ ହାଜର ହେଲେ । ସାଧୁ ମହାରାଜ ମନ୍ତ୍ରୀଙ୍କୁ ନିକଟକୁ ଡାକି ଧୀରେ ଧୀରେ ତାଙ୍କ କଥା କହିଲେ । ଆର ଘରେ ଆର୍ଶି ଆଗରେ ଠିଆ ହେଲେ ମହାମନ୍ତ୍ରୀ ତାଙ୍କ ନିଜର ଭିତରର ସ୍ୱରୂପ ଦେଖିପାରିବେ । ଯଦି ମହାମନ୍ତ୍ରୀ ଆର୍ଶି ଦେଖିସାରି ସନ୍ନ୍ୟାସୀଙ୍କ ବାଟଦେଇ ଫେରିବେ, ତେବେ ସେ ମନ୍ତ୍ରୀଙ୍କ ଦେଖିଥିବା ରୂପକୁ ଦେଖିପାରିବେ ଏବଂ ମନ୍ତ୍ରୀଙ୍କୁ ତାଙ୍କ ପାଖରେ କିଛି କୈଫିୟତ ଦେବାକୁ ପଡ଼ିବ । ଯଦି ମନ୍ତ୍ରୀ ତାହା ନ ଚାହାନ୍ତି, ଆର୍ଶିଘରେ ଥିବା ଅନ୍ୟ ବାଟଦେଇ ସେ ଯାଇପାରନ୍ତି । ଆର୍ଶିର ଦୃଶ୍ୟ ସମ୍ପର୍କରେ ମିଛ ସତ ଯାହା ଇଚ୍ଛା ସେ ବାହାରେ ବର୍ଣ୍ଣନା କରିପାରନ୍ତି । କାହାରି ସମ୍ପର୍କରେ କାହାକୁ କିଛି ନ କହିବା ହେଉଛି ତାଙ୍କ ଗୁରୁଙ୍କର ନିର୍ଦ୍ଦେଶ ଓ ଆଦେଶ ।

ମହାମନ୍ତ୍ରୀ ଆର୍ଶି ଆଗରେ ଠିଆ ହେଲେ । ସେ ଦେଖିଲେ ନିଘୋଡ଼ ଅନ୍ଧାର ରାତିରେ ଆପଣା ବେଶ ବଦଳାଇ ଲୁଚି ଲୁଚି, ଜଙ୍ଗଲେ ଜଙ୍ଗଲେ ସେ ଯାଇଁ ପଡ଼ୋଶୀ ରାଜ୍ୟରେ ପହଞ୍ଚିଲେ । ପଡ଼ୋଶୀ ରାଜାଙ୍କୁ ନିଜ ଗଡ଼ର ସବୁ ଭେଦ ବତାଇ ନଅରକୁ ଦଖଲ କରି ରାଜାଙ୍କୁ ବନ୍ଦୀ କରିବାର ଯୋଜନାକୁ ପକ୍କା କରି ଫେରି ଆସୁଛନ୍ତି । ତାଙ୍କ ମୁଣ୍ଡରେ ଶିରପା ବନ୍ଧା ହେବା ସୁଖକୁ ମସଗୁଲ ହୋଇ ଭାବି ଭାବି ଘରେ ଆସି ପହଞ୍ଚିଗଲେ । ମନ୍ତ୍ରୀ ଟିକିଏ ଚମକି ପଡ଼ିଲେ । ତାଙ୍କ ଭିତରର ଚେହେରା ଅବିକଳ ଆର୍ଶି ଉପରେ ଉକୁଟି ଉଠୁଛି । ସେ ଦୋ ଦୋପାଞ୍ଚ ହୋଇ ଶେଷରେ ପଛ ଦରଜା ବାଟଦେଇ ଚୁପଚାପ୍ ଖସି ପଳାଇଗଲେ ।

Digitized by PPRACHIN, SOA

ରାଜା ମନ୍ତ୍ରୀଙ୍କୁ ଡକାଇଲେ ଓ ସାଧୁଙ୍କ ଆର୍ଶି ବିଷୟରେ ପଚାରିଖି କଲେ । ମନ୍ତ୍ରୀ ନିଜକୁ ସମ୍ଭାଳିନେଇ ଉପରେ ଉପରେ ହର୍ଷ ଗଦ୍ ଗଦ୍ ହେବାର ଅଭିନୟ କରି କହିଲେ ଯେ, ସେ ଆର୍ଶିରେ ଦେଖିବାଲ ଶ୍ରୀରାମ୍ ସିଂହାସନ ଉପରେ ବସି ଆହା କି ସୁନ୍ଦର ଦିଶୁଛନ୍ତି । ତାଙ୍କର ଶ୍ରୀଅଙ୍ଗ ରାମଚନ୍ଦ୍ରଙ୍କ ରୂପଭଳି ଉଜ୍ଜ୍ୱଳ ହୋଇ ଉଠୁଛି । ରାଜ୍ୟରେ ଯେଉଁଠି ଦେଖ ଖାଲି ହସ ଆଉ ଖୁସି । ଆଉ ସେ ନିଜେ ହନୁମାନ ହୋଇ ଶ୍ରୀରାମଙ୍କ ଆଗରେ କରଯୋଡ଼ ଆଣ୍ଠେଇ ରହିଛି । ରାଜା ମନେ ମନେ ଅନେକଟା ଆନନ୍ଦ ପାଇଲେ ।

ତାପରେ ସନ୍ନ୍ୟାସୀଙ୍କ ପାଖକୁ ଯିବାକୁ ସେନାପତିଙ୍କ ପାଳି ପଡ଼ିଲା । ସନ୍ନ୍ୟାସୀ ମନ୍ତ୍ରୀଙ୍କୁ ଯାହା କହିଥିଲେ, ସେନାପତିଙ୍କୁ ବି ଜଣାଇଲେ । ସେନାପତି ଆର୍ଶି ଆଗକୁ ପଇଁ ଅନାଇଲେ । ସେ ଦେଖିଲେ ଯେ ସହକାରୀ ସେନାପତି ଓ ସୈନ୍ୟସାମନ୍ତଙ୍କୁ ରାଜାଙ୍କ ବିରୁଦ୍ଧରେ ଏଣୁ ତେଣୁ ଡାହା ମିଛକଥା କହି ସମସ୍ତଙ୍କୁ ଚଗାଉଛନ୍ତି । ନିଜେ ସିଂହାସନ ପାଇଲେ ସେମାନଙ୍କର ବହୁ ସୁବିଧା ସୁଯୋଗ ନିଶ୍ଚୟ କରିବେ, ତାଛଡ଼ା ରାଜ୍ୟକୁ ରାମରାଜ୍ୟ ନ କରି ସେ ଛାଡ଼ିବେ ନାହିଁ ।

ସେନାପତି ମହୋଦୟ ପଛବାଟ ଦେଇ ବିଦାୟ ନେଲେ ଏବଂ ଉତ୍ତର ପାଇ ରାଜାଙ୍କ ସାମ୍ନାରେ ହାଜର ହେଲେ । ଆର୍ଶିରେ ଦୃଶ୍ୟକୁ ବର୍ଣ୍ଣନା କରିବାକୁ ଯାଇଁ ସେ କହିଲେ ଯେ, ରାମଙ୍କ ଶାସନରେ ସେ ଯୁଦ୍ଧକୁ ଯାଇଛି । ମଦମତ୍ତ ହାତୀ ପଦ୍ମବନକୁ ମନ୍ଥିଲା ଭଳି ଶ୍ରୀହଜୁର ଶତ୍ରୁପକ୍ଷକୁ ଧ୍ୱସ୍ତବିଧ୍ୱସ୍ତ କରି ଚାଲିଥାନ୍ତି । ହଠାତ୍ ଗୋଟାଏ ଶର ଶ୍ରୀରାମଙ୍କ ଛାତି ଲକ୍ଷ୍ୟ କରି ଛୁଟି ଆସିଲା । ଶ୍ରୀଅଙ୍ଗରେ ଶର ବାଜିବା ପୂର୍ବରୁ ସେ ଆଗକୁ ଛୁଟିଗଲା ଓ ଶରବିଦ୍ଧ ହୋଇ ଶ୍ରୀପାଦ ତଳେ ଢଳି ପଡ଼ିଲା । ରାଜାସାହେବଙ୍କ ଖୁସିର ସୀମା ରହିଲା ନାହିଁ ।

ତାପରେ ମହାରାଣୀ ଯାଇ ଆର୍ଶି ଆଗରେ ଠିଆ ହେଲେ । ସେ ଦେଖିଲେ ନିଜର ଜଣେ ସେବାକାରୀ ସବାରୀ ବାହକ ସାଙ୍ଗରେ ରାଣୀହଂସପୁରର ରାଜ୍ୟାକୁଞ୍ଜ ଭିତରେ ଏକାନ୍ତରେ ରତିକ୍ରୀଡ଼ା କରୁଛନ୍ତି । ସେ ଚମକପଡ଼ି ପଛବାଟେ ପଳାଇଗଲେ ଓ ରାଜାଙ୍କ ଆଗରେ କାନ୍ଦି କାନ୍ଦି ବୟାନ କଲେ ଯେ, ସେ ଏକ ଅଶୁଭ ଦୃଶ୍ୟ ଦେଖିଛନ୍ତି । ମହାରାଜାଙ୍କ କାଳ ହୋଇ ଯାଇଛି । ଦେଶରେ ଅଶ୍ରୁର ବନ୍ୟା ଛୁଟିଛି । ସେ ଅଷ୍ଟଅଳଙ୍କାରରେ ନିଜକୁ ସଜାଇ ମହାରାଜାଙ୍କ ଦେହକୁ କୋଳରେ ଧରି ସ୍ୱାମୀଙ୍କ ସହ ନିଜକୁ ଅଗ୍ନିରେ ବିସର୍ଜନ ଦେବାକୁ ହସ ହସ ମୁହଁରେ ଚିତାରେ ବସି ରହିଛନ୍ତି । ମହାରାଜା ଖୁବ୍ ହସିଲେ ।

Digitized by PPRACHIN, SOA

ତାପରେ ମହାରଜା ସ୍ୱୟଂ ଆର୍ଶି ଆଗରେ ଠିଆ ହେଲେ । ସେ ଦେଖିଲେ ମନ୍ତ୍ରୀଙ୍କୁ ତଡ଼ିବା ଲାଗି ସେ ଜଣେ ବିଶ୍ୱାସୀ ଅନୁଚର ସଙ୍ଗରେ କଥାବାର୍ତ୍ତା କରି ତାଙ୍କୁ ମନ୍ତ୍ରିପଦ ନିକଟରେ ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ପୁଣି ଦେଖିଲେ ସେନାପତିଙ୍କୁ ଆପ୍ୟାୟିତ କରିବା ପାଇଁ ସେ ସୁନ୍ଦରୀ ରାଜନର୍ତ୍ତକୀଙ୍କୁ ବହୁମୂଲ୍ୟ ମୁକ୍ତାହାର ଉପହାର ଦେଉଛନ୍ତି । ସେ ଆହୁରି ଦେଖିଲେ ତାଙ୍କ ଅନ୍ୟେ ମହାରାଣୀଙ୍କ ପୁଅକୁ ସିଂହାସନ ବର୍ଜିତ କରି ତାଙ୍କର ପ୍ରିୟତମା ଦାସୀପୁତ୍ରକୁ ରାଜ୍ୟ ଦେବାପାଇଁ ଲୋକମତ ସୃଷ୍ଟି କରିବାକୁ ବିଭିନ୍ନ ଯୋଜନାରେ ବ୍ୟସ୍ତ ଅଛନ୍ତି ।

ରାଜା ସାହେବ ବି ପଛ ଦରଜା ବାଟେ ବାହାରକୁ ବାହାରି ଆସିଲେ । ତାପରେ ମନ୍ତ୍ରୀ, ସେନାପତି, ରାଣୀଙ୍କୁ କହିଲେ ଯେ ସେମାନେ ଆର୍ଶିରେ ଯେଉଁସବୁ ଚିତ୍ର ଦେଖିଥିଲେ ସେ ନିଜେ ସେହି ସେହି ଦୃଶ୍ୟଗୁଡ଼ିକୁ ଅବିକଳ ଆଉଥରେ ଦେଖିଥିଲେ ।

ନିର୍ଜନ ମଜୁମଦାର୍ ହଠାତ୍ ବିଛଣାରୁ ଉଠି ବସିଲେ । ସାଧୁ, ଆର୍ଶି, ରାଜା ରାଣୀ, ମନ୍ତ୍ରୀ, ସେନାପତିଙ୍କ ଉପରେ ଆଧାରିତ ଦେଖିଥିବା ସ୍ୱପ୍ନ କାହାଣୀକୁ ସେ ମନେ ମନେ ଦୋହରାଇ ନେଲେ । ତାପରେ କଣ ଭାବି ସେ ବିଛଣାରୁ ଓହ୍ଲାଇ ପଡ଼ି ବେଡ୍ ରୁମ୍‌ର ବିରାଟ ଡ୍ରେସିଂ ଟେବୁଲ ଆଇନା ଆଗରେ ଛିଡାହେଇ ପଡ଼ିଲେ । ହଁ, ସେ ଜଣେ ଉଚ୍ଚପଦସ୍ଥ ଆସ୍ଥାବାନ୍ ଦାୟିତ୍ୱସମ୍ପନ୍ନ ସୁଯୋଗ୍ୟ ସରକାରୀ ଅଫିସର । ସେ ଆର୍ଶିକୁ ଗୁହିଁଲେ । ବାତ୍ୟା ବନ୍ୟାର ରିଲିଫ୍ ସାମଗ୍ରୀକୁ ରେଳିବା ବେପାରୀଙ୍କ ଏଜେଣ୍ଟମାନଙ୍କୁ ଦେବାର ବିଧିବଦ୍ଧ ଯୋଜନାର ଅନେକ ଚିତ୍ର ସେ ଦେଖିଲେ । ରାଜଧାନୀରେ ତାଙ୍କ ଦ୍ୱିତଳ ପ୍ରାସାଦର ନିର୍ମାଣ ନେପଥ୍ୟରେ ବହୁ ଖାଉନ୍ତ୍ର ଦୃଶ୍ୟ ଆର୍ଶି ଆଗରେ ଜକୁଟି ଉଠିଲା । ତାଙ୍କ ପିଅନ ତା ଘରଡ଼ିହ ବିକି କରି ତାଙ୍କ ମିସେସ୍‌ଙ୍କୁ ଦେଇଥିବା ସୁନାହାରଟା ଆର୍ଶି ଉପରେ ଝଲସି ଉଠି ଉଭେଇଗଲା । ଇସ୍, ସେ ଆଖି ବୁଜିଲେ ।

ନା, ସେ ତାଙ୍କ ସ୍ତ୍ରୀଙ୍କର ସ୍ୱାମୀ । ତାଙ୍କ ପତ୍ନୀଙ୍କର ପତି ଦେବତା । ସେ ଆଖି ଖୋଲିଲେ । ନିଜର ପି· ଏ ଉର୍ବଶୀ ମିଶ୍ରର ଲଳନା ଦେହକୁ ସେ ମଣିଷଖିଆ ଜଙ୍ଗଲର ବାଘଭଳି କେଉଁ ନିଭୃତ ଡାକ ବଙ୍ଗଳାରେ ଶୋଷିବେଇ ଗୁଳିଛନ୍ତି । ଆଖି ତାଙ୍କର ବନ୍ଦ ହୋଇଗଲା ।

Digitized by PPRACHIN, SOA

ଅବଶ୍ୟ ସେ ତାଙ୍କ ସନ୍ତାନର ଜନକ । ସେ ଆର୍ଶିକୁ ଗୁହିଁଲେ । ପୁଣି ଏକ ଚିତ୍ର ଉଙ୍କିମାରି ଉଠିଲା । ତାଙ୍କ ଆଗକାର ଟାଇପିଷ୍ଟ ମନୀଷା ଯୋଷୀର ତାଙ୍କର ବ୍ୟଭିଚାରଲବ୍ଧ ପ୍ରସୂତ ନବଜାତ ଶିଶୁର ଫୁଲପରି କଅଁଳ ଗଳାକୁ ତାଙ୍କର ଶକ୍ତ ଆଙ୍ଗୁଳି ଘେରିଯାଇ ଦାନ୍ତ କାମୁଡ଼ି ମାଡ଼ି ମାଡ଼ି ଦେଉଛନ୍ତି । ମନୀଷା କାନ୍ଦି ଚାଲି ଗଡ଼ୁଛି । ଆଜି ସେ ଶିକଟାଳ ହସର ଲହଡ଼ି ଛୁଟାଇ କେତେଖଣ୍ଡ ନମ୍ବରୀ ନୋଟ୍ ମନୀଷା ଉପରକୁ ଗୁଟି ପକାଇଛନ୍ତି ।

ନା, ନା, ନା, ନିର୍ଜନ ମଜୁମଦାର ଚିତ୍କାର କରି ଉଠିଲେ । କବାଟରେ ମଡ଼ା ହୋଇଥିବା କାଠର କଲିଣିଟାକୁ ଟାଣି ଆଣି ସେ ଡ୍ରେସିଂ ଟେବୁଲର ଆର୍ଶି ଉପରେ ବାଡ଼େଇ ଚାଲିଲେ ।

ଶ୍ରୀମତୀ ମଜୁମଦାର ଉଠିପଡ଼ି ମଜୁମଦାରଙ୍କ ବିଶ୍ବରୂପ ଦେଖି ଥର ଥର ହୋଇ ଗୁହିଁ ରହିଲେ ।

ନିର୍ଜନ ମଜୁମଦାର ସେହିପରି ଚିତ୍କାର କରୁଥାନ୍ତି—ନା, ନା, ନା, ସେ ସରକାରଙ୍କ ଅତି ଦକ୍ଷ ଅତିପଦସ୍ଥ ଅଫିସର । ହଁ, ହଁ, ସେ ତାଙ୍କ ସ୍ତ୍ରୀଙ୍କର ଅତି ଅନୁଗତ ସ୍ୱାମୀ ଓ ପ୍ରେମିକ । ନିଶ୍ଚୟ ତାଙ୍କ ସନ୍ତାନର ଅତିବତ୍ସଳ ଜନ୍ମଦାତା । ରାଜା, ରାଣୀ, ମନ୍ତ୍ରୀ, ସେନାପତି ସମସ୍ତେ ଅତିମାନବେ ମଣିଷ । ମଣିଷର ସଂଜ୍ଞା ନେଇ ସେ ବି ଜଣେ ଅତି ମଣିଷ । ସାଧୁ, ଆର୍ଶିର ତଥାକଥିତ ସତ୍ୟ ଭୃକ୍ଷପ୍ରତିବିମ୍ବକୁ ଧକ୍କା ଦେଇ ଦେଇ ଜବତ୍ କରିବାକୁ ପଡ଼ିବ ।

ନିର୍ଜନ ମଜୁମଦାର ଚିତ୍କାର କରୁଥାନ୍ତି ଓ ଝଣଝଣ ହୋଇ ଖସିପଡ଼ୁଥିବା ଆର୍ଶିଖଣ୍ଡ ଉପରେ ପାହାର ପରେ ପାହାର ଚଢ଼ାଉଥାନ୍ତି ।

●

Digitized by PPRACHIN, SOA

ଶ୍ୱେତମାତଙ୍ଗ ଓ ମାଙ୍କଡ଼ସା ଉପାଖ୍ୟାନ

(ଏକ)

ଘଟଣାଟାର ଫ୍ଲାସ୍‌ବେକ୍ ବା ପୂର୍ବକଥା ହେଉଛି—

ଏକଦା ଏକ ଜଙ୍ଗଲ ରାଜ୍ୟରୁ ଦୁର୍ଗନ୍ଧ ପାପିଷ୍ଠ ସିଂହର ସ୍ୱାର୍ଥାନ୍ଧ ଶାସନର ଆଶୁ ଅବସାନ ପାଇଁ ବଣ ଗହଳରେ ଫୁସ୍‌ଫାସ୍, ଫୁଟ୍‌ଫାଟ୍, ଝୁପ୍‌ଝାପ୍ ହୋଇ ଏକ ହାଇମର୍ କାଁ ଭାଁ ଗୁଞ୍ଜରଣ ପଶୁ-ସମାଜ ଭିତରେ ଗୁମ୍ରେଇ ଗୁମୁରେଇ ଗଜା ମାରିଲା । ପାଣି ପିଇସାରି ପାଟକଡ଼ ଘାସବାଡ଼ ଭିତରେ ହାକୁଟି ମାରୁଁ ମାରୁଁ, ହପହପିଆ ଝରାଧାସରୁ ହାଡକୁ ଉଶ୍ୱାସ କରିବାକୁ ଲଟାଗୁମୁଣ୍ଡିଆ ଛଳେ ଆମକତ ମେଣ୍ଟେଇବାକୁ ଗଡ଼ଚଡ଼ ହେଉଁ ହେଉଁ, ଗଛ ଗଣ୍ଡିର ଖାବୁଖାବୁଡ଼ିଆ ବକଳ ଉପରେ ହାତ ଘଷି ଘଷି ପିଠି କୁଣ୍ଡେଇଲାବେଳେ, ପଥର ଚଟାଣ ଉପରେ ଖୁରାମାଳଖାଇ ଦୁଃଖସୁଖ ହେଉଁ ହେଉଁ, ଜଣେ କହିଲେ ଆଉ ଜଣେ ଦୁଆ ଦେଉଁ ଦେଉଁ, ସମସ୍ତଙ୍କ ଭିତରେ ମିଂଜ ମିଂଜ ହେଉଥିବା ବହ୍ଲବର ସ୍ୱରଟା ଏକାନ ସେକାନ ହୋଇ ସବୁ କାନ ହୋଇଗଲା । ଭିତରର କୁହୁଳିଆ ଶୀତଳ ଯୁଦ୍ଧର ଧୂଆଁ ଶେଷରେ ଖୋଲା ମଇଦାନର ଜଳିଲା । ନିଆଁ ହୋଇ ଏ ବୁଦାରୁ ସେ ବୁଦାକୁ ଡେଇଁ ଡେଇଁ ଲାଗୁଁ ଲାଗୁଁ ଜଙ୍ଗଲ ସାରା ଶେଷରେ ଦାଉ ଦାଉ ହୋଇ ଫଣା ଟେକିବାରୁ ପରିସ୍ଥିତି ଅସମ୍ଭାଳ ହୋଇଗଲା ଏବଂ ପ୍ରବଳ ପରାକ୍ରମୀ ସିଂହ ସମ୍ରାଟ ଶୋଚନୀୟଭାବରେ ପ୍ରଜାବର୍ଜିତ ହୋଇ ଅନୁଶୋଚନାରେ ସିଂହାସନରୁ ଆପେ ଆପେ ଓହ୍ଲାଇ ଆସିଲେ । ଅମକେଇ ସିଂହାବ୍ଦ, ତମକେଇ ମାସର ସମକେଇ ଦିନ ବିସ୍ତୀର୍ଣ୍ଣ ବନାଞ୍ଚଳରେ ଜଘନ୍ୟ ଜଣ ରାଜତ୍ୱ ବଦଳରେ ପୁଣ୍ୟ ଗଣରାଜ୍ୟର ସ୍ଥାପନା କରାଗଲା । ଏହି ଐତିହାସିକ ଘୋଷଣାକୁ ବଣର ଶୁଭେଚ୍ଛୀମାନେ ନଈନାଳ, ବଣବୁଦା, ପାହାଡ଼ପର୍ବତ, ଅନ୍ଧକନ୍ଦ, ଏଠି ସେଠି ସବୁଠି ପାରୁପର୍ଯ୍ୟନ୍ତ ଅତି ଶୀଘ୍ର

Digitized by PPRACHIN, SOA

ଚହଲାଇ ଦେଇ ସମସ୍ତଙ୍କ ପ୍ରାଣରେ ଫଣ ଫଣ ହେଉଥିବା ଅଶାନ୍ତର ଅପରଚ୍ଛନ୍ନ ଅବଶେଷକୁ ଘୁଞ୍ଚାଇ ଦେଲେ । ରାଜତନ୍ତ୍ରର ମଲାଗଲା ପରି ଅମଳ ଉପରେ ଛେପ ପକାଇ ଜଙ୍ଗଲର ସମସ୍ତ ଅନ୍ତେବାସୀ ଜନ୍ମିତ ପ୍ରଜାତନ୍ତ୍ର ଜମାନାର କୋଷ୍ଠୀ ବିଚାର ପାଇଁ ଏକାଠି ହେଲେ । ଅନେକ ଅନେକ ଆଲୋଚନା, ଚକ୍ରପର୍ଯ୍ୟାଲୋଚନା, ପର୍ଯ୍ୟାଲୋଚନା ସମାଲୋଚନାର ଧୂମ୍ ଉଡ଼ଲା ପରେ ମାଙ୍କଡ଼ ପ୍ରତିନିଧି, ରାବଣକୁ ରାମଚନ୍ଦ୍ର ସଂହାର କରି ସୁଦ୍ଧା ତାଠୁଁ ରାଜନୀତି ଶିକ୍ଷା କରିଥିଲେ ବୋଲି ହନୁ ପୁରାଣରୁ ପ୍ରାମାଣିକ ଦୃଷ୍ଟାନ୍ତ ଦେଇ ସିଂହାସନ ପଦ୍ଧତିକୁ ଚାଲୁ ରଖିବାକୁ ପ୍ରସ୍ତାବ ଆଗତ କରିବା ହେଲେ ଏବଂ ତାହା ବହୁ ବିଚାର ପରେ ବହୁମତରେ ବିପୁଳ ହର୍ଷଧ୍ୱନି ମଧ୍ୟରେ ଗୃହୀତ ହେଲା ।

ଶାସନକ୍ଷେତ୍ରରେ ସିଂହାନୁଧାବନ ଅର୍ଥାତ୍ ସିଂହଶାସନଧାରା ପୂର୍ବପରି ବିନା ବ୍ୟତିକ୍ରମରେ ବ୍ୟବସ୍ଥିତ ହେଲା । ସିଂହପ୍ରବର୍ତ୍ତିତ ଶ୍ୱେତମାତଙ୍ଗ ପଦ୍ଧତିର ଅନୁସରଣରେ ସବୁ ବିଭାଗର ମୁଖ୍ୟରୂପେ ଶ୍ୱେତମାତଙ୍ଗ ଶ୍ରେଣୀ ସଂସ୍ଥାପିତ ହେଲେ । ଅବଶ୍ୟ ପୂର୍ବବିଧିକୁ ପୂର୍ବବତ୍ ପାଳି ସେମାନେ ବନବିଜ୍ଞାନ ଓ କାନନକଳାର ସ୍ୱତନ୍ତ୍ର ପରୀକ୍ଷାରେ କୃତିତ୍ୱ ହାସଲ କରି ଶ୍ୱେତମାତଙ୍ଗର ମୋହର ଗ୍ରହଣ କରିବାକୁ ବାଧ୍ୟ ରହିବେ । ସେ ସମ୍ପ୍ରଦାୟର ପାରମ୍ପରିକ ଆଚରଣ ବିଧି ପୂର୍ବପରି ଅନୁସୃତ ହେବ । ଯଥା—ସେମାନଙ୍କର ନାରୀମାନଙ୍କର ସରକାରୀ ଆସର ତଥା ଅନ୍ୟାନ୍ୟ ମର୍ଯ୍ୟାଦାବନ୍ତ ଅବସର ବିନୋଦନ ମଧୁଚକ୍ରମାନଙ୍କରେ ମଧୁ ଆଦାନ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିବ; ସେମାନେ ସନ୍ତାନମାନଙ୍କୁ ସ୍ତନ୍ୟଦାନ ବା ସେମାନଙ୍କର ପାଳନ ପାଇଁ ଗତାନୁଗତିକ ନାରୀ ଧର୍ମ ମାନିବାକୁ ବାଧ୍ୟ ରହିବେ ନାହିଁ; ଅନ୍ୟତ୍ର ଅନ୍ୟ ଓ ନିଜର ଆବଶ୍ୟକ ମୁତାବକ ସେମାନେ ବିନା ବାଧାରେ ରାତ୍ରି ଯାପନ କରିପାରିବେ, ଇତ୍ୟାଦି ଇତ୍ୟାଦି ଯେଉଁ ମୌରସୀ ଆଦବ୍‌କାଇଦା ଆଗରୁ ଚାଲି ଆସୁଥିଲା, ଏବେ ଅବିକଳ ସେଇମିତି ଠିକ୍ ଠିକ୍ ଚାଲୁ ରହିବ । ତେବେ ଗଣତନ୍ତ୍ରର ଆତ୍ମାପ୍ରକୃତିର ସଂରକ୍ଷଣ ତଥା ସମ୍ମାନ ଜ୍ଞାପନ ନିମିତ୍ତ ଶ୍ୱେତମାତଙ୍ଗମାନଙ୍କ ନିଯୁକ୍ତି କ୍ଷେତ୍ରରେ ନିମ୍ନଶ୍ରେଣୀସ୍ଥ ପଶୁ ସମାଜର ପ୍ରାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଓ ବିଶେଷ ରିହାତିର ବ୍ୟବସ୍ଥା କରାଗଲା ଏବଂ ଏବଂବିଧ ସାମ୍ବିଧାନିକ ଗଣସ୍ୱାର୍ଥୀ ନୀତି ନିର୍ଦ୍ଧାରଣରେ ତଳସ୍ତରର ପଶୁ ସମାଜ ଅତିମାତ୍ରାରେ ଆପ୍ୟାୟିତ ହେଲେ ।

Digitized by PPRACHIN, SOA

(ଦୁଇ)

ଜଙ୍ଗଲର ଅଭ୍ୟନ୍ତର । ମଧ୍ୟାହ୍ନର ସମୟ ଓହ୍ଲେଇ ଆସିଛି । ପ୍ରକାଣ୍ଡ ଶାଳଗଛର ଗୋଟାଏ କେନାରୁ ଅନ୍ୟ ଗୋଟାଏ ଡାଳକୁ ଯେଉଁ ଖୁବ୍ ବଡ଼ ମାଙ୍କଡ଼ସା ଜାଲଟା ତଳକୁ ଓହ୍ଲାଇ ପଡ଼ୁଛି । ସେ ଜାଲ ଭିତରେ ବୁଢ଼ା ମାଙ୍କଡ଼ସାଟିଏ ତଳ ଉପର ହୋଇ ତା ପାଟି ନାଳର ସରୁ ସରୁ ତାରକୁ ଛନ୍ଦି ଛନ୍ଦି ତା ବସାକୁ ବେଶି ବେଶି ଚଉଡ଼ା କରିବାକୁ ସକାଳ ପହରୁ ଲାଗି ପଡ଼ିଛି । ଥକି ଯିବାରୁ ସେ ତା ବସା ମନ୍ଦିର ଜାଲ-ଭଉଁରୀ ଭିତରେ ବସି ନିଜର ଅସାମାନ୍ୟ ଶିଳ୍ପକୃତିକୁ ଅନେଇ ଅନେଇ ଆସକତ ମେଣ୍ଟାଉଛି ।

ହଠାତ୍ ଶିଳ୍ପ ମହକୁମାର ମୁଖ୍ୟ ଶ୍ରୀ ମୂଷିକ ଶ୍ୱେତମାତଙ୍ଗ (ଅବଶ୍ୟ ସଂରକ୍ଷିତ କୋଟାର ପ୍ରାର୍ଥୀରୂପେ ଏ ପଦବୀରେ ତାଙ୍କର ଗାଦିନସିନ୍ ହୋଇଥିଲା) ତାଙ୍କ ଦପ୍ତରର ଅଧସ୍ତନମାନଙ୍କର ଗହଣରେ କାର୍ଯ୍ୟ ନିରୀକ୍ଷଣ ଉପଲକ୍ଷ୍ୟ ନେଇ ସେଠାରେ ପହଞ୍ଚିବା ହେଲେ । ଅତିରିକ୍ତ କର୍ମକ୍ଳାନ୍ତିଯୋଗୁଁ ସେତେବେଳକୁ ବୁଢ଼ାମାଙ୍କଡ଼ସାର ଆଖି ଟିକିଏ ଲାଗି ଲାଗି ଆସୁଥିଲା । ତେଣୁ ଉପରସ୍ଥ ହାକିମଙ୍କ ଉପସ୍ଥିତିକୁ ସେ ଜାଣିପାରିବା ଅବସ୍ଥାରେ ନ ଥିଲା । ଶ୍ରୀ ମୂଷିକ ଶ୍ୱେତମାତଙ୍ଗ ମାଙ୍କଡ଼ସାର ଏତାଦୃଶ କର୍ମଶିଥିଳ ତଥା ଅକ୍ଷମଣୀୟ ଅଶିଷ୍ଟାଚରରେ ଉତ୍କ୍ଷିପ୍ତ ହୋଇ ତାଙ୍କର ହିଦଲଗା ଗୃହସେବାକାଂକ୍ଷୀ ଚତୁର୍ଥଶ୍ରେଣୀ କର୍ମଚାରୀ ଛୁଚୁନ୍ଦ୍ରା ଦାସକୁ ନିର୍ଦ୍ଦେଶ ଦେବା ଦୃଷ୍ଟିରେ, ଗ୍ରୀବାବ ହେଲେ । ଛୁଚୁନ୍ଦ୍ରା ତା ଦେହର ଗନ୍ଧ ଶୁଙ୍ଘ ତା ସ୍ୱାଭାବିକ 'ଚିଂ ଘଣ୍ଟି' ବଜାଇ ଦେବାରୁ ମାଙ୍କଡ଼ସା ଉଠିପଡ଼ି ସମ୍ମୁଖରେ ସ୍ୱୟଂ ଶ୍ୱେତମାତଙ୍ଗଙ୍କୁ ଦେଖି ଟିକିଏ ଖବଡ଼େଇ ଗଲା ଭଙ୍ଗୀରେ ସମ୍ମାନ ଜ୍ଞାପନ ସହ ହାକିମଙ୍କ ହୁକୁମକୁ ଅପେକ୍ଷା କରି ରହିଲା । ଶ୍ୱେତମାତଙ୍ଗଙ୍କର ନିୟତ ପଛଗାମୀ ନିଜ ଗୁମାସ୍ତା ଦର୍ଦ୍ଦୁର ଲିପିକାର ମୁଖ୍ୟଙ୍କ ଶ୍ରୀମୁଖର ସଦୈବ ବ୍ୟାକରଣ ଶୂନ୍ୟ ଆଦେଶକୁ ଭାଷା ମାଧ୍ୟମରେ ଲିପିବଦ୍ଧ କରିବାକୁ ଲକ୍ଷ୍ୟ ରଖି ନିଜକୁ ସଜାଗ କରି ପଥ ଫଳକ ପାଖରେ କାଳି କଲମର ପ୍ରସ୍ତୁତି ନେଇ ନିଜକୁ ଟିକିଏ ପ୍ରଶସ୍ତ କରିନେଲା । ବାଦବିସମ୍ବାଦର ପ୍ରଶ୍ନ ନ ରହି ଦପ୍ତରର କାମ ସବୁ ସୁରୁଖୁରୁରେ ହେବ ବୋଲି ମୁଖ୍ୟ ଶ୍ରୀ ମୂଷିକ ନିଜ ସାଇପଡ଼ିଶାଙ୍କୁ ତାଙ୍କ ମହକୁମାରେ ନିଯୁକ୍ତି ଦେଇଛନ୍ତି ବୋଲି ଉପରସ୍ଥ ସମସ୍ତଙ୍କୁ ବୁଝାଇ ଦେଇଥିଲେ ମଧ୍ୟ, କାଳେ ଅନ୍ୟ କିଛି ବୁଝିଥିବେ ବୋଲି, ଏବେ ସୁଦ୍ଧା ସବୁବେଳେ ସୁବିଧା ପାଇଲେ ବୁଝାଇ ଆସୁଛନ୍ତି ।

Digitized by PPRACHIN, SOA

ହଁ, ଏତିକିବେଳେ ଗୋଟାଏ ବେଖିଆଲ କୁଆ ତନ୍ତୁ ଫାପୁଲା ମୁଷାଟାକୁ ଝାମ୍ପିନେବାକୁ ଆସି ତା ବେଗରେ ଶ୍ୱେତମାତଙ୍ଗର ସନ୍ତକ ଦେଖି ବିସ୍ମିତ ଆହାର ହଜାଇ ହାଇପିସାପି ହେଇ ଫେରିଗଲାବେଳେ ତା ଡେଣାବାଜି ମାଙ୍କଡ଼ସା ଜାଲର କିଛି ଅଂଶ ଛିଣ୍ଡିଗଲା । ଅବଶ୍ୟ ଶ୍ରୀ ମୂଷିକ ଶ୍ୱେତମାତଙ୍ଗଙ୍କ ଅଗୋଚରରେ ଏପରି ଘଟଣାଟା ଘଟି ଯାଇଥିଲା । ପରେ ଛିଣ୍ଡାଜାଲ ଉପରେ ନଜର ପଡ଼ିବାରୁ ମୁଖ୍ୟ ଶ୍ରୀମୂଷିକ ସୁବିଧା ପାଇ ତାଙ୍କର ତଦାରଖ ଆରମ୍ଭ କରିଦେଲେ । ବଣରାଜ୍ୟର ଶିଳ୍ପୀମାନେ ଦୁର୍ନୀତିଗ୍ରସ୍ତ ହୋଇ ଶସ୍ତାମାଲ ଉତ୍ପାଦନ କରୁଥିବାରୁ ରାଜ୍ୟରେ ଶିଳ୍ପର ମାନ ଶୋଚନୀୟ ଭାବରେ ନ୍ୟୂନ ହୋଇଯାଉଛି । ଶ୍ରୀମୁଖ୍ୟ ମାଙ୍କଡ଼ସାର ଠକୋଠକ କାରବାର ଉପରେ ଟାଣୁଆ ଟିପ୍ପଣୀ ଦେଇ ନୋଟ କରିନେବାକୁ ଦପ୍ତରର ଲିପିକାରଙ୍କୁ ସଙ୍କେତ ଦେଲେ । ତା'ପରେ ମାଙ୍କଡ଼ସା ବୈଷୟିକ ଜ୍ଞାନ ଉପରେ କିଛି ଉପାଧି ହାସଲ କରିଛି କି ନାହିଁ, ଜାଣିବାକୁ ଚାହିଁଲେ । ଜାଲର ଭୂଗୋଳ, ଲାଳର ବିଜ୍ଞାନ, ପାଗର ଇତିହାସ, ବୁଣାରକଳା, ଜାଲର ସାହିତ୍ୟ, ରୂଳର ସଙ୍ଗୀତ ଉପରେ ଯଥେଷ୍ଟ ଅନୁଧ୍ୟାନ ନ ଥିବାରୁ ମାଙ୍କଡ଼ସା ଭଳି ମଫସଲି କଞ୍ଚା କର୍ମକାରମାନେ ଦେଶକୁ ଶିଳ୍ପ ସମୃଦ୍ଧ କରିବାକୁ ଏକାନ୍ତ ଅକ୍ଷମ ହୋଇ ପଡ଼ୁଛନ୍ତି ।

ମାଙ୍କଡ଼ସା ବିନୀତ ଭାବରେ କୈଫିୟତ୍ ଦେଲା ଯେ ସେ ସାହିତ୍ୟ, ସଙ୍ଗୀତ, ଭୂଗୋଳ, ଇତିହାସ, କଳା, ବିଜ୍ଞାନ କିଛି ପଢ଼ିନି ସତ; କିନ୍ତୁ ଏଇମିତି ଜାଲ ତା ହେତୁହେଲା ଦିନରୁ ବୁଣି ଆସୁଛି । ସେଥିପାଇଁ ତା ବାପ ପାଖରୁ ବହୁତ କହୁଣି ବି ଖାଇଛି । ତା ବାପ, ଗୋସାପ, ଅଣଗୋସାପ, ପଣଗୋସାପ ସମସ୍ତେ ଜାଲ ବୁଣିଛନ୍ତି । ସେ ବୁଣୁଛି । ହଜୁରଙ୍କ ଖିଆଲ ନାହିଁ ବୋଧହୁଏ କୁଆଟେ ତା ଡେଣା ପିଟିଦେଇ ଜାଲଟାକୁ ଫଟାଇ ଦେଲା । ପ୍ରାକୃତିକ ବିପଦକୁ ବୁର କଣ ଅଛି ?

ଶ୍ରୀମୂଷିକ ଶ୍ୱେତମାତଙ୍ଗ କୁଆର ପ୍ରବେଶ ବାର୍ତ୍ତାରେ ଟିକିଏ ଇତସ୍ତତଃ ହୋଇ ପଡ଼ିଲେ ମଧ୍ୟ ଉପରର ନଜରକୁ ସଜାଡ଼ି ନେଇ ଅତି ଆଡ଼ମ୍ବରରେ ଗଡ଼ ଗଡ଼ ହୋଇ କହିଲେ ଯେ ଏସବୁ ଅବାନ୍ତର କାରଣ ଗ୍ରହଣ କରିବାକୁ ସେ ମୋଟେ ପ୍ରସ୍ତୁତ ନୁହନ୍ତି । ତାପରେ ସେ ଆସିଲାବେଳେ ମାଙ୍କଡ଼ସା ଶୋଇ ପଡ଼ିଥିଲା । ଆଳସ୍ୟ ଏ ଜାତିର ମଜ୍ଜାଗତ କଳଙ୍କ । ଏଥିପାଇଁ ଏ ଜଙ୍ଗଲ ରାଜ୍ୟ ବିଦେଶୀ ଜଙ୍ଗଲ ଦେଶମାନଙ୍କର ବିଦ୍ରୂପର ପାତ୍ର ହେଉଛି । ମୋଟ ଉପରେ ବୁଢ଼ା ମାଙ୍କଡ଼ସା ଜାଲଶିଳ୍ପ ପାଇଁ ଏକାନ୍ତ ଅନୁପଯୁକ୍ତ । ତାପରେ ପ୍ରାକୃତିକ ବିପଦ

Digitized by PPRACHIN, SOA

ଘଟିଛି ବୋଲି ତାଙ୍କର ଅତ୍ୟନ୍ତ ଉପସ୍ଥିତିରେ ସୁଦ୍ଧା ମାଙ୍କଡ଼ସା ମିଥ୍ୟାର ଆଶ୍ରୟ ନେଉଛି । ବନାଞ୍ଚଳରେ କୌଣସି ବର୍ଷା, ତୋଫାନ ଆଦି ବିପଦ କିମ୍ବା ଅନ୍ତର୍ଘାତୀ କାର୍ଯ୍ୟକଳାପ ଘଟୁଛି ବୋଲି ରାଜନୈତିକ କର୍ମୀମାନେ ସ୍ୱର ଉତ୍ତୋଳନ କରି ନାହାନ୍ତି । ମାଙ୍କଡ଼ସା ପରି ଆଳସ୍ୟପରାୟଣ ଅଣତାଲିମପ୍ରାପ୍ତ ଶିଳ୍ପୀମାନେ ରାଜ୍ୟର ପ୍ରଗତିକୁ ବ୍ୟାହତ କରୁଛନ୍ତି ।

ବୁଢ଼ା ମାଙ୍କଡ଼ସା ମୂଷାର ହୁମାପେଲି ହାକମିଗିରି ଓ ତମ୍ପା ଫୁଟାଣି ଦେଖି ତାକୁ ଟିକିଏ ଶିକ୍ଷା ଦେବାକୁ ଇଚ୍ଛାକଲା । କାମ ଧାର ଧାରୁ ନଥିବା ଅପଗଣ୍ଡମାନେ କାମ କରୁଥିବାଲୋକଙ୍କ ମୁଣ୍ଡରେ ଚଢ଼ିବାକୁ ସେ ବରଦାସ୍ତ କରି ପାରିଲାନି । ସେ ସାମାନ୍ୟ ଛକେଇ ଛକେଇ ଜବାବ ଦେଲା ସେ ମହାମାନ୍ୟମାନେ ତ ଶ୍ୱେତମାନଙ୍କ ଶୀଘ୍ର ହାତରେ କୁଟି ସବୁ କଥାର ସବ୍‌ଜାନ୍‌ତା ମଣିଷ ହୋଇ ରାଜ୍ୟର ମାଲିକ ସାଜିଛନ୍ତି । ଜାଲଟା କେମିତି ବୁଣାହେବ, ସେ ଥରେ ଦେଖେଇ ଶିଖେଇ ଦିଅନ୍ତୁ । ନ ହେଲେ ସେ ନିଜେ ଜାଲ ତାଙ୍କ ଆଗରେ ବୁଣୁଛି ଶ୍ରୀହଜୁର ଦେଖିବା ହେଉନ୍ତୁ ଏବଂ ଶିଳ୍ପ ପାଇଁ ସେ ଯୋଗ୍ୟ କି ଅଯୋଗ୍ୟ ପରୀକ୍ଷା କରନ୍ତୁ । ତାପରେ ବୁଢ଼ା ମାଙ୍କଡ଼ସା ପାଟିରୁ ଲାଳ ଓକାଳି ଜାଲ ବୁଣିବାକୁ ଲାଗିଲା । ଶ୍ରୀମୂଷିକ ବୁଣିବାର କୌଶଳକୁ ଦେଖି ସୁଦ୍ଧା ଦେଖି ପାରୁନଥିଲେ । ସେତେବେଳକୁ ଶ୍ୱେତମାନଙ୍କ ଧୈର୍ଯ୍ୟର ଧମନୀ ଭିତରୁ ସ୍ୱାଭାବିକ ରକ୍ତ ଯାହା ଟିକିକ ଥିଲା ସେତକ ଗାଳି ଦେଇ ହାକମଗିରିର ଝକଝକ ଫୁଟିଲା ଲୋହୁ ମୁଣ୍ଡରୁ ଗୋଡ଼ଯାଏଁ ଚଢ଼ିଁଯାଉ ଥିଲେ । ଅବଶ୍ୟ ଶ୍ୱେତମାନଙ୍କ ମୋହର ତାଙ୍କ ଦେହରେ ବସିଲା ଦିନଠୁ ସେ ତାଙ୍କ ଦେହରୁ ଅଧିକାଂଶ ସ୍ୱାଭାବିକ ରକ୍ତକୁ ନିକାଳି ଦେଇ ସାରିଥିଲେ । ବୁଢ଼ା ମାଙ୍କଡ଼ସାର ଏତାଦୃଶ ଅବାଧ୍ୟତା ଓ ଅନଧିସ୍ଥନତା ଯୋଗୁଁ ବିହିତ ଶାସ୍ତିବିଧାନ ଲାଗି ସେ ବିଢପରିକର ହୋଇ ଯାଇଥିଲେ ।

ଏ ଘଟଣାର ଅଳ୍ପ କିଛିଦିନ ପରେ ସରକାରଙ୍କ ଦପ୍ତରରୁ ଜଣେ କଳମୀ ବାବୁ ବୁଢ଼ା ମାଙ୍କଡ଼ସା ହାତରେ ପରବାନା ଧରାଇ ଦେଇ ଜଣାଇ ଦେଲା ଯେ ସରକାର ବାହାଦୁର ଆନନ୍ଦିତ ହୋଇ ତାକୁ ଶିଳ୍ପକର୍ମରୁ ବାଧ୍ୟତାମୂଳକ ଅବସର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବୁଢ଼ା ମାଙ୍କଡ଼ସା ହସିବ କି କାନ୍ଦିବ କିଛି ବୁଝି ନ ପାରି ତା ଜାଲ ଭିତରେ ଲଟକି କଥାର କୂଳ କିନାରା ପାଉ ନଥିଲା । ପାଖ ଡାଳରୁ ଗୋଟେ ବୁଢ଼ା

Digitized by PPRACHIN, SOA

ଝିଣ୍ଟିକା ମାଙ୍କଡ଼ସା ଏମିତ ଝିମୋଉଥିବା ଦେଖି, ଘଟଣାଟା ଜାଣିବାକୁ ତା ପାଖକୁ ଆସିଲା । ବୁଢ଼ା ମାଙ୍କଡ଼ସା ଦୁଃଖରେ ସବୁକଥା କହିଦେଇ ଅଫ୍‌ସୋଷ କଲା ଯେ ସେ ଜାଲ ବୁଣିଥିଲା ଦେଖିଲେ, ସେ ଜାଲ ବୁଣିକି ବି ଦେଖାଇଲା; କିନ୍ତୁ ସେ ବୁଣାଳୀ ନୁହେଁ ବୋଲି ତାକୁ ବରଖାସ୍ତ କରାଗଲା ।

ତାପରେ ବୁଢ଼ା ମାଙ୍କଡ଼ସା ବୁଢ଼ା ଝିଣ୍ଟିକାକୁ ଶୁଣିଥିବା ଗୋଟାଏ ଗପ କହିଲା । ଦିନେ ଜଙ୍ଗଲକୁ ମଣିଷ ରାଜ୍ୟର କେତେକ ପଢ଼ୁଆ ଲୋକ ମଉଜ୍ଜକ କରିବାକୁ ଆସିଥିଲେ । ତାଙ୍କ ଭିତରୁ ଜଣେ ଗପଟା କହିଥିଲା । ଗପଟା ହେଉଛି—ଥରେ ଜଣେ ମଣିଷକୁ ଆଉ ଜଣେ ମଣିଷ କହିଲା ଯେ ଜିରାଫର ବେକଟା ଗଛର ଗଣ୍ଡି ଭଳି ଖୁବ୍ ଲମ୍ବା । ଶୁଣିବା ଲୋକ କହିଲା ଯେ ସେ ଏକଥା ବିଶ୍ୱାସ କରୁନାହିଁ । କହିବା ଲୋକ ତାକୁ ଚିଡ଼ିଆଖାନାକୁ ନେଇ ଜିରାଫ ଦେଖାଇ ଦେଲା । ଦେଖି ସାରିଲା ପରେ ମଧ୍ୟ ଦେଖିବା ଲୋକ କହିଲା ଯେ ସେ ଜିରାଫ ଦେଖିଛି ବୋଲି ବି ସେ ବିଶ୍ୱାସ କରି ପାରୁନି ।

Digitized by PPRACHIN, SOA

ମନ୍ଦିର

"ଏଣେ ଧରଣୀଙ୍କ ଘୂର୍ଣ୍ଣି ଘୋର ହୋଇ ହୋଇ ଅଚଳ ହେବାକୁ ବସିଲାଣି । କବାଟ ଅଟକି ଗଲେ ଘର ଭିତରେ ବୁଲାକୁକୁର ନାଟ ଲଗେଇବେ । ତାପରେ ତୋ ସାହିତ୍ୟ, ତୋ ସଂସ୍କୃତି, ତୋ ସଭାସମିତି ସବୁ କଳୁଆ ଗୋଳର ଘୋଅରିଆ ଭିତରେ ଉଭେଇ ଯିବ । ଲୋକଟା ବର୍ଷ ବର୍ଷ ହେଲା ସଫର୍ କରୁଛି । ରୋଗ ଯନ୍ତ୍ରଣା ଆସ୍ତେ ଆସ୍ତେ କାବୁ କରି ତାକୁ କୁଆଡ଼କୁ ଟିକି ଟିକି ନେଉଛି, ଟିକିଏ ଖିଆଲ ରଖିଛୁ ? ତମଭଳି ପଣ୍ଡିତପ୍ରବରମାନେ କହନ୍ତି 'ଗୃହିଣୀ, ଗୃହମୁଚ୍ୟତେ' । ହଁ, କାଲି ସାହିତ୍ୟ ସଭାରେ ନାରୀ ପୁରୁଷର ସମ୍ପର୍କକୁ ବିଶ୍ଳେଷଣ କରୁ କରୁ ଭୁତ କହୁଥିଲୁ—ପୁରୁଷର ଖାଦ୍ୟ ନାରୀର ଦେହ, ନାରୀର ଖୋରାକ ପୁରୁଷର ମନ । ଠିକ୍ କଥା । ତୋ ନାରୀର ଦେହଟି ଆଉ ସଜ ଗଜର ଦୁଧ ହୋଇ ରହିନାହିଁ । ରୋଗର ବେକଟିରିଆ ତାକୁ ଝୁଣି ଝୁଣି ନଗ୍ନ ଦଗ୍ଧ ବନେଇ ସାରିଲାଣି । ମନଟା ତୋର ଆପେ ଆପେ ଆମ୍ବିଳା ହୋଇଯିବା କଥା ।"

ଦିନେଶ ମତେ ଆକ୍ଷେପ କଲା । ତା କଥାର ଖୋଳପା ଉପରେ ପର୍ଯ୍ୟାପ୍ତ ବିଦ୍ରୂପର କାନ୍ତି ସିଏଁ ହୋଇଥିଲେ ବି ଏଇ ଆକ୍ଷେପର ନେପଥ୍ୟରେ ଯଥେଷ୍ଟ ସମ୍ବେଦନର ସ୍ୱର ମୁଁ ଅନୁଭବ କରୁଥିଲି । ଦିନେଶ ମୋର ବନ୍ଧୁ । ଅତି ଅନ୍ତରଙ୍ଗ । ତା କଥାର ଉପର ଆଉ ଭିତର, ଉଭୟ ମର୍ମର ମୁଁ ଶିକାର ହୋଇ ଯାଇଥିଲି । ମନର ଅସୀମ ଅନୁଭବକୁ ଭାଷାର ସୀମା ଭିତରକୁ ଆଣିବାକୁ ଏକାବାରେକେ ନାଚାର ହୋଇ ପଡ଼ୁଥିଲି । ମୋ ଭିତରେ ଆତ୍ମଧିକ୍କାରର ଗୁବୁକ୍ ମାଡ଼ କୁଢ଼େଇ ହୋଇ ପଡ଼ୁଥିଲା । ମୋ ସ୍ୱାମିତ୍ୱର ଆତ୍ମାପୁରୁଷ ଗ୍ଲାନି ଆଉ ଗଞ୍ଜଣାର ହୁଙ୍କାର ଶୁଣିଶୁଣି ଅତି ଅସହାୟ ଭାବରେ କାତର ଯାଇଥିଲା ।

Digitized by PPRACHIN, SOA

ବନଶ୍ରୀ ଲଢ଼େଇ କରୁଛି । ମରିବା ସାଙ୍ଗରେ ବଞ୍ଚିବାର ଯୁଦ୍ଧ । ଶିରା ଉପଶିରା ଭିତରେ ଝଟଣା ଓଟରି । ଶତ୍ରୁପକ୍ଷର ସେନାପତି ରୋଗ ଯନ୍ତ୍ରଣାର ଖଣ୍ଡା ଚୋଟରେ ତା ଦେହ ବନର ଶ୍ରୀ ଚେକା ଚେକା ହୋଇ ଖସି ପଡୁଛି । ତାପରେ ତେଲ, ଲୁଣ, ଘିଅ, ଲୁଗା ଇତ୍ୟାଦି ସୈନ୍ୟସାମନ୍ତଙ୍କର କ୍ରମାଗତ ଅସ୍ତ୍ର ସନ୍ଧାନ ଜୀବନର ଅତି ପ୍ରତ୍ୟନ୍ତରୁ ସ୍ୱଭିମତ ଆରମ୍ଭ ହୋଇ ସାରିଛି । ମଝିରେ ମଝିରେ ମାଆ ହେବାର ଗଉଳି ଆକ୍ରମଣ । ସେବା ତ୍ୟାଗର ଢାଲ୍ ଆଡୁଆଳରେ ବସ୍ତୁଗ୍ରସ୍ତ ଲାଗିପଡ଼ ମନଟାକୁ ଯିନା ରକ୍ଷା କରିଛି, ଏଣେ ଦେହ ଦୁର୍ଗର ପାଚିରି ଦୁଆ ଦୁଆ ଭୁଷୁଡ଼ି ପଡୁଛି ଚୌହଦୀ ତାର ପଦା ହେବାକୁ ବସିଲାଣି ।

ବନଶ୍ରୀ ମୋର ମାନସୀ ଥିଲା, ପ୍ରେୟସୀ ହେଲା । ପତ୍ନୀ ହେଉଛି । ବନଶ୍ରୀର ରୂପରେ କେବଳ ଦୀପ୍ତି ନଥିଲା, ଦାହ ବି ଥିଲା । ସେ ଦହନରେ ଦଗ୍ଧ ହୋଇ ତାଠୁଁ ମୁଁ ସବୁ ପର୍ଯ୍ୟାପ୍ତର ପ୍ରାପ୍ୟ ଲେଖି ଲୁବ୍‌ଧକ ଭଳି ଲୁଟି ନେଇଛି; କିନ୍ତୁ ଦେଇଛି କଣ ? ତା ଦେହ ମନକୁ ସମାଧି କରି ମୋତେ ତା ପରେ ଚଢ଼ାଇ ସେ ମଜେ ଢେଙ୍ଗା କରିଛି । ମୁଁ ଲେଖକ ହେଇଛି । ବାହାବାହା ନେଇଛି । ମୋ ଲେଖକର ମନ, ମୋ ପୁରୁଷର ଉତ୍ତାପ, ମୋ ସ୍ୱାମିତ୍ୱର ଅହମିକା, ସବୁ ମୁଁ ତାଠାରେ ସାର୍ଥକ କରିଛି । ଆଉ ତା ଦାମ୍ ବାବଦକୁ ଆଜି ତାକୁ ମୃତ୍ୟୁ ଦେବାକୁ ଯାଉଛି । ମୋ ଭିତରର ହତ୍ୟାକାରୀ ଉପରେ ମୁଁ ରାଗ ଆଉ ଘୃଣାରେ ଅଭିଶାପ ବର୍ଷିବାକୁ ଲାଗିଲି ।

ମୁଁ ରାସ୍ତାରେ ଚାଲୁଥିଲି । ଡାକ୍ତର କହିଲେ—ମୁଁ ବନଶ୍ରୀ ପ୍ରତି ଅବିଚାର କରିଛି । ହଁ, ହଁ, ମୁଁ ତା' ଉପରେ ଅବିଚାର, ଅନାଚାର, ଅପଚାର, ଅତ୍ୟାଚାର, ସବୁ କରିଛି । ଡାକ୍ତର ବାବୁ ଏଥର ସାଫ୍ ସାଫ୍ କହିଦେଲେ ଏମିତି ଔଷଧ ଦେଇ ଆଉ ପେର୍‌ଓ୍ୟାର୍କ କରି ଫାଇଦା ନାହିଁ । ଅପରେସନ୍ ଦରକାର । ତୁଏତ ଅବସ୍ଥା ସୁଧୁରି ଯାଇପାରେ । ଅପେକ୍ଷା ବା ବିଳମ୍ବ କଲେ ସୁଧୁରିବାର ପରିଧି ପାର ହୋଇ ଅବସ୍ଥାଟା ଆର ପାରିକୁ ଆଗେଇ ଯାଇଥିବ । ସେତେବେଳେ କେବଳ ଅନୁଶୋଚନା ବିନା ଶଳପ୍ରାର ପ୍ରଶ୍ନ ନଥିବ ।

ମୁଁ ରାସ୍ତାରେ ଆଗକୁ ଗୋଡ଼ ବଢ଼ାଉଥିଲି । ମୋର ଗୋଟିଏ ମୁଠାରେ ଗୋଟିଏ ପ୍ରଶ୍ନ—ବନଶ୍ରୀକୁ ମୁଁ ନିଶ୍ଚୟ ବଞ୍ଚିବାକୁ ଦେବ । ଆର ଉତ୍ତର ମୁଠାଟା ଖାଲି । କେମିତି ବଞ୍ଚେଇବ ବୋଲି ଏମିତି ଏମିତି ବଦ୍ଧ ଯୋଜନାକୁ ମୁଠାଇବାକୁ ଆଙ୍ଗୁଳି କୁଞ୍ଚାଉଥିଲି । କିନ୍ତୁ ଗୋଟାଏ ନିଷ୍ପତ୍ତିକୁ ମୁଠାଇ ପାରୁ ନଥିଲି ।

Digitized by PPRACHIN, SOA

ବନଶ୍ରୀ ମରଣର ବିକଟାଳ ଆଁ ଭିତରକୁ ଗଳି ଗଳି ପଡ଼ୁଛି । ତାକୁ ସେଠୁ ଟାଣିଆଣିବାକୁ ପର୍ଯ୍ୟାପ୍ତ ପୁଞ୍ଜିର ଲମ୍ବା ଷଣ୍ଢ଼ ଆସୀ ଦରକାର । ମହାନୁଭବ ସଦାଶୟ ଜନସେବା ବ୍ୟବସାୟୀ ଡାକ୍ତର ସାହେବ ମୋର ଆର୍ଥିକ ଦୁଃସ୍ଥିତିକୁ ବହୁ ଦରଦୀର ସହିତ ବିଚାର ବିବେଚନା କରି ଯାହା ହିସାବ ଦେଲେ, ଅତି କମ୍‌ରେ ଅପରେସନ୍ ପାଇଁ ଅନ୍ତତଃ ପାଞ୍ଚ ହଜାର ଟଙ୍କା ନିତାନ୍ତ ଆବଶ୍ୟକ । ମାସ ଶେଷରେ ସରକାର ବାହାଦୂର୍‌ଙ୍କ ଦପ୍ତରରେ ଗୋଲାମି ବାବଦ ମତେ ମଜୁରି ମିଳୁଛି ମାତ୍ର ପାଞ୍ଚଶହ । ପହିଲାରେ ଘରଭଡ଼ାବାଲା, ଦୋକାନବାଲା, କପଡ଼ା-ବାଲା ଘରବାଲୀ, ମୁଡ଼ିବାଲୀ, ଦୁଧବାଲୀ ଇତ୍ୟାଦି ଇତ୍ୟାଦି ବାଲାବାଲୀମାନଙ୍କ କାବୁଲି ଠେଙ୍ଗା କଚଡ଼ାକୁ ସମାନ୍ତୁ ସମାନ୍ତୁ ମୋ ହାଡ଼ଗୋଡ଼ ଗୁଣ୍ଡ ହେଇଯାଉଛି । ଏ ଦେଶରେ ମୋ ଭଳି ଏଷ୍ଟାବ୍ଲିଶ୍‌ମେଣ୍ଟର ଅର୍ଜିତ ଗୋଲାମମାନଙ୍କର ବ୍ୟାଧି ଲାଗି ଔଷଧ ବିଧାନ ଏକ ପରମ୍ପରା ବିରୁଦ୍ଧ ଧନ୍ଦା । ରବିଠାକୁରଙ୍କ ଜଗନ୍ନାଥ କୁଣ୍ଡୁର ସୂକ୍ତି ନେଇ ଆମକୁ ଭାବିବାକୁ ବାଧ କରାହେଉଛି ଯେ ଔଷଧ ଖାଇଲେ ଯଦି ରୋଗ ଭଲହୁଏ, ତେବେ ରାଜା ମହାରାଜାମାନେ ମରୁଛନ୍ତି କାହିଁକି ? ଆମ ପାଇଁ ଆଖଣ୍ଡଳମଣିଙ୍କ ପାଦୁକ, ଜଗନ୍ନାଥଙ୍କ ନିର୍ମାଲ୍ୟ, ଗଙ୍ଗାକାଳୀଙ୍କ ବେଲପତ୍ରର ପ୍ରେସ୍‌କ୍ରିପ୍‌ସନ୍ ଦେବାକୁ ଧୂର୍ତ୍ତ ଏଷ୍ଟାବ୍ଲିଶ୍‌ମେଣ୍ଟର ଅଇଁଠାଚଟା ଭାଟମାନେ ସବୁ ଯୁଗରେ କର୍ମତତ୍ପର ଥିଲେ ଏବଂ ସବୁକାଳ ପାଇଁ କାମ କରି ଚାଲିବେ । ବର୍ଣ୍ଣାଡଶଙ୍କ ଡକ୍ଟରସ୍ ଡିଲେମା ପଢ଼ିଛି । କେହି କେହି ଡାକ୍ତର ବି ପଢ଼ିଥିବେ । କିଛି ଲେଖାହୁଏ ଲେଖିବା ପାଇଁ । ପୁଣି କିଛି ପଢ଼ାହୁଏ ପଢ଼ିବା ପାଇଁ । ଡାକ୍ତର ବାବୁ କହିଲେ ଅନ୍ତତଃ ପାଞ୍ଚ ହଜାର ନହେଲେ ବନଶ୍ରୀକୁ ମରିବାକୁ ପଡ଼ିବ । ମୁଁ କେମିତି ଭାବୁ ଭାବୁ ଭାବି ପକାଇଲି, ଡକାୟତମାନେ ମୁଣ୍ଡ ଜାମିନ ରଖି ଟଙ୍କା ଆଦାୟ କରନ୍ତି । ଅବଶ୍ୟ ପରେ ପରେ ମୋର ଉତ୍ତେଜନା ପ୍ରସୂତ ଚିନ୍ତାଉପରେ ମୁଁ ନାଲିଚକ ପକାଇ ଦେଇଥିଲି । ସେମାନେ ସବୁ ସୁସ୍ଥ ସମାଜର ଅତି ସୁସ୍ଥ ବ୍ୟକ୍ତିବିଶେଷ । ଆଜିର ପଇସାସର୍ବସ୍ୱ ସଭ୍ୟତା ଭିତରେ । ପଇସା ନ ହେଲେ ଜନ୍ମନେଇ ପାରିବନି, ବଞ୍ଚି ପାରିବନି, ମରି ବି ପାରିବନି । ଅପରେସନ୍ ପାଇଁ ଅର୍ଥର ଆବଶ୍ୟକତା ଯୁଗଧର୍ମର ବିରୁଦ୍ଧାଚରଣ କରୁନି ।

କିଛିଦିନର ଦୁଇଟି ବାହୁ ଟଣାହୋଇ ଯାଉଛି । ଏକ ବନଶ୍ରୀର ବଞ୍ଚିବା ଏବଂ ଦୁଇ ହେଉଛି ଅପରେସନ୍ । ତୃଷ୍ଣାର ଟଙ୍କାର ବାହୁଟିକୁ ଟାଣିବାପାଇଁ ମୁଁ ଅତି ଆକୁଳରେ ହେଲ୍‌ଟାଏ ଅଣ୍ଡାଳୁଥିଲି । ଘରଚଳି ଖଣ୍ଡକ ବନ୍ଧା ଦେଇ ହୁଅନ୍ତା :

Digitized by PPRACHIN, SOA

ଗତସନ ଝିଅ ବାହାଘରବେଳେ ମୋଭଳି ଜଣେ କନ୍ୟାଦାୟଗ୍ରସ୍ତ ବିକଳ ବାପକୁ ଉଦ୍ଧାର କରିବାପାଇଁ ଭିଟାମାଟି ଖଣ୍ଡିକ ଆଗରୁ ଅନ୍ୟଠି ବାନ୍ଧହୋଇ ପଡ଼ିଛି । ଫୁଟା ବେଲୁନ୍‌କୁ ଫୁଙ୍କିଲେ ପାଟିରୁ ଗଲୁ ମରେ ମିନା, ବେଲୁନ୍ ଉପରକୁ ଉଠେନି । ମୋ ଟଙ୍କା ଯୋଗାଡ଼ର ଯୋଜନାଗୁଡ଼ାକୁ ମୁଁ ଟାଣି ଭିଡ଼ି ଆଣୁଥିଲି ସତ, ସେମାନେ ମୋ ଫଟା ପରିସ୍ଥିତିର ଫାଙ୍କଦେଇ ସାଙ୍ଗେ ସାଙ୍ଗେ ଖସର ଯାଉଥିଲେ ।

ମୁଁ ଯାଉଁ ଯାଉଁ ଦିନେଶ୍ ଘରେ ପହଞ୍ଚି ଯାଇଥିଲି । ବନଶ୍ରୀର ଅପରେସନ୍, ଅପରେସନ୍ ପାଇଁ ଟଙ୍କା, ଟଙ୍କାରୁ ଟଙ୍କା ଆମଦାନି ପାଇଁ ପାନଦୋକାନଠାରୁ ଆରମ୍ଭ କରି ମନ୍ତ୍ରିଙ୍କ ବାଟେ ବେଙ୍କ ଲୁଟ୍ ପର୍ଯ୍ୟନ୍ତ ବିଭିନ୍ନ କୌଶଳ ଉପରେ ଦମେ ଆଲୋଚନା ଚଳିଲା । କିନ୍ତୁ ସମସ୍ତ ପାଇଁ ଅନ୍ତତଃ ମୋ ଭିତରେ ବନଶ୍ରୀ ପାଇଁ ଉତ୍ପନ୍ନ ହେଉଥିବା ଅବଶୋଷଗୁଡ଼ାକ ଟିକିଏ ଥମି ଯାଇଥିଲେ । ଯନ୍ତ୍ରଣାର ଉପଶମପାଇଁ ମୋର ଏକ ସ୍ୱତନ୍ତ୍ର ଚିକିତ୍ସା ରହିଛି । ହୁଏତ ସେଟା ମୋର ଆତ୍ମଦୋଷ ହୋଇପାରେ । ମୁଁ କୌଣସି ଆଲୋଚନାରେ ନିଜକୁ ନିଯୁକ୍ତ କରିପାରିଲେ ମୋ ଭିତରର ଉନ୍ମତ୍ତ ବେଦନାମାନେ ଆପେ ଆପେ ଟିକିଏ ଘୁମେଇ ପଡ଼ନ୍ତି ।

ଦିନେଶ ସଜେସନ୍ ଦେଲା ମୋ ପ୍ରୋଭିଡେଣ୍ଟ୍ ଫଣ୍ଡ୍‌ରୁ ପ୍ରଥମେ କିଛି ଟଙ୍କା ଉଠାଯାଉ । ସେଇଟା ହେବ ମୂଳ ପୁଞ୍ଜି । ତା'ପରେ ଡାଳ ବିସ୍ତାର ପାଇଁ ଯୋଜନାକୁ ଜନ୍ମ କରିବାକୁ ପଡ଼ିବ; କିନ୍ତୁ ମୋ ଚାକିରି ଜୀବନରେ ମୋ ପ୍ରୋଭିଡେଣ୍ଟ୍ ଫଣ୍ଡ୍ କେବେ ଧାରମୁକ୍ତ ହୋଇ ନିରଙ୍କୁଶ ଅବସ୍ଥାରେ ରହିପାରିନି । ଅଭାବବନ୍ଦୀ ମୋର ସ୍ୱାଭାବିକ ଅବସ୍ଥା । ତେଣୁ ପ୍ରୋଭିଡେଣ୍ଟ୍ ଫଣ୍ଡ୍‌ରୁ ମୋର ସବୁବେଳେ ଧାର୍ ପରେ ଧାର୍ । ଜୀବନଟା ମୋର ସବୁବେଳେ ବର୍ଷାଋତୁ । ପ୍ରୋଭିଡେଣ୍ଟ୍ ଫଣ୍ଡ୍‌ର ଭଙ୍ଗା ଛତା ତଳେ ଯେତେବେଳେ ସୁବିଧା ମିଳୁଛି ମୁଣ୍ଡ ଗୁଞ୍ଜୁଛି । ଅସୁବିଧାଟା ହେଲା ଦିଶ୍ୱଥିଲ୍ ପାଇଁ ଟଙ୍କା ସେକ୍‌ସନ୍ କାମଟା ରହିଛି ହେଡ୍ ଅଫିସ୍ ଡିପାର୍ଟମେଣ୍ଟ୍ ପାଖରେ । ଭୁବନେଶ୍ୱର ଦୌଡ଼ିବାକୁ ପଡ଼ିବ । ସେଥିପାଇଁ ଆନୁଷଙ୍ଗିକ ଖର୍ଚ୍ଚଟା ଦିନେଶ ମତେ ସାଙ୍ଗେ ସାଙ୍ଗେ ଦେଇଦେଲା ।

Digitized by PPRACHIN, SOA

ମୁଁ ଭୁବନେଶ୍ୱରରେ ମୋ ସର୍ବୋଚ୍ଚ ସରକାରୀ ଦପ୍ତରରେ ପହଞ୍ଚିଗଲି । ଠାକୁରମାନଙ୍କ ପାଖକୁ ଗୁହାରି କରିବାକୁ ଗଲେ ଅବଶ୍ୟ କିଛି ନା କିଛି ଗୁହାରି କରି ଦେବାକୁ ନ୍ୟାୟତଃ ବାଧ୍ୟ ବୋଲି ବ୍ରହ୍ମାଣ୍ଡନାଥ ମହାପ୍ରଭୁମାନେ ଆବହମାନ କାଳରୁ ସେମାନଙ୍କ ମିରସ୍ତାତ ଗୁମାସ୍ତାମାନଙ୍କ ମୁହଁରେ ଶ୍ୱେତପତ୍ର ପ୍ରକାଶ କରି ଆସୁଛନ୍ତି ଏବଂ ଅନାଦାୟେ ବନ୍ୟା, ବାତ୍ୟା, ମଡ଼କ, ଚଡ଼କ, ମହାମାରୀ, ମହାବଜ୍ରପାତର ଧମକ ଦେଇ ନିରୀହ ମଣିଷଙ୍କୁ ଶୋଷଣ କରିବାକୁ ଏକ ନିଃସଙ୍କୋଚ ମନ୍ଦିଧାନ ସୃଷ୍ଟି କରିଛନ୍ତି । ତାଙ୍କ ଦପ୍ତରର ପିଆଦାମାନେ ମନ୍ଦିର ମସ୍‌ଜିଦ୍, ଚର୍ଚ୍ଚମାନଙ୍କରେ ପଣ୍ଡା, ମୌଲବୀ, ପ୍ରିଷ୍ଟର ହୋଦା ପକାଇ ଏ ଗୁହାରି କରି ଆଦାୟ କରିବାକୁ ଜୁଲମ କରିଛନ୍ତି, କରୁଛନ୍ତି ଏବଂ କରିବେ ବୋଲି ନିଶ୍ଚିନ୍ତ ଅଛନ୍ତି । ସ୍ୱର୍ଗର ଦେବତାବର୍ଗଙ୍କ ତଳକୁ ମର୍ତ୍ତ୍ୟର ଦେବଅଂଶୀ ମଣିଷ ଶ୍ରେଣୀ ସେ ପ୍ରକାର କରି ନେବାକୁ ନ୍ୟାୟତଃ ହକଦାର ।

ହଁ, ମୁଁ ଆମ ହେଡ୍‌ଅଫ୍ ଦି ଡିପାର୍ଟମେଣ୍ଟରେ ମୋ ଗୁହାରିକୁ ଉପସ୍ଥାପିତ କରିବା ପାଇଁ କରସ୍ୱରୂପ ସୁନା ଆଖି, ରୂପା ମୁକୁଟ, ହୀରା ମଥାମଣି ଶ୍ରେଣୀର ସାମଗ୍ରୀ ପାଇଁ ମୋର ସମ୍ବଳ ନଥିଲେ ମଧ୍ୟ ଫୁଲ ବେଲପତ୍ର ପକେଟରେ ପୂରାଇ ଯେ ଯାଇନଥିଲି ତାହା ନୁହେଁ । ହିନେଶ କେତେଥର ଅଫିସ ଆରାଧନା କରି କିଛି କିଛି ଅଭିଜ୍ଞତା ହାସଲ କରିଛି । ସେ ଗୋଟାଏ ମୋଟାମୋଟି ଆନୁମାନିକ ବଜେଟ କରି ଦେଇଥିଲା । ଉପର ଦପ୍ତରରେ ଆବେଦନ ଜନ୍ମ ଓ ତତ୍ସମ୍ପର୍କୀୟ ଜାତ କର୍ମ ପାଇଁ ପାଉଣା ଏତେ, ତଳ ଅଫିସରେ ଆଦେଶ ଖଲାସ ପାଇଁ ଫାଇଲ ଗଣ୍ଠି ଫିଟା ମାମୁଲି ଏତିକ, ତାପରେ ଆଦେଶ କାଗଜର ଘଟ ପରିବର୍ତ୍ତନ କରି ଟଙ୍କା କରିବାକୁ ଟ୍ରେଜେରୀ ଭୋଗ ଏଇଆ । ଏମିତି ସବୁ ମିଶିକି ଶତକଡ଼ା ପଚିଶ ପରିବହନ ଖର୍ଚ୍ଚ ଗଲେ ବି ଟଙ୍କା ଦେଢ଼ହଜାର ପାଇଁ ହାତକୁ ଆସିଯିବ । ମୁଁ ମୋ ଆଣିଥିବା ଫୁଲ ବେଲପତ୍ରରେ ଯଥା କଥା ବାହନ ପାଖରୁ ଆରମ୍ଭ କରି ପାର୍ଶ୍ୱ ଦେବତାମାନଙ୍କୁ ପୂଜୁ ପୂଜୁ ଗୁଙ୍ଗୁଡ଼ା ଖାଲି । ଏ ସିଟ୍‌ରୁ ସେ ସିଟ୍, ଏ ବାବୁଙ୍କ ଠୁଁ ସେ ସବୁ ହେଇ ହେଇ ମୋ ମୁଣ୍ଡ ଭିତରେ ଭୁଆଁ ବୁଲାଇଲା । ଏ ଯନ୍ତ୍ରର ମନ୍ତ୍ରର ଘର ଭିତରେ ଘୂରି ଘୂରି ସେଉଁଠୁ ଯାଉଥିଲି ସେଇଠି ଆସି ହାବୁଡ଼ି ଯାଉଥିଲି । ଅଫିସ ତୀର୍ଥରେ ଯୋଗାସ୍ନାନ ପାଇଁ ଭକ୍ତ-ମାନଙ୍କର ପ୍ରବଳ ଭିଡ଼ । ସମସ୍ତେ ସ୍ନାନ ସମାପନ କରି ମୁକ୍ତି ପାଇବାକୁ ଠେଲା ପେଲା ଲଗେଇଛନ୍ତି ।

Digitized by PPRACHIN, SOA

ଦକ୍ଷିଣାର ପରିମାଣ ଦେଖି ଘାଟକୁ ବାଟ ଛଡ଼ା ଯାଉଛି । ପଇସାର ଫେରନ୍ତ୍ ଚାଲିଛି । ମୋର ଅକ୍ଷମତା ପାଇଁ ମୁଁ ହତମାନ୍ୟ ହୋଇ ପଡ଼ିଲି । ମୋ ଆଖି ସରନ୍ତ ଉଠିଲା । ଜହ୍ନୁ ଋଷିଙ୍କ ଅଭିଶାପରେ ବନଶ୍ରୀ ଜଳ ଯାଉଛି । ଭଗୀରଥର ତପସ୍ୟା ମୋର ନିଷ୍ଫଳ ହେବ । ହିମାଳୟର ବରଫ ଗଦା ତଳେ ଗଙ୍ଗା ମୋର ଜମାଟ ବାନ୍ଧି ଯାଉଛନ୍ତି । ତାଙ୍କୁ ତରଳାଇବା ପାଇଁ ମୋ ପାଖରେ ଯଥେଷ୍ଟ ଉତ୍ତାପ ନାହିଁ । ଶେଷରେ ପିଠିର କୁଜ ଚଣ୍ଡା ଷ୍ଟୁଲ୍‌ସିଟ୍‌ଧାରୀ ଜଣେ ପିଅନ ପାଖରେ ଯାଇଁ ଏକ ଗୋଡ଼ଆ ଟେକାଇଲି । ଗୋଡ଼ ଯୋକେଇ ପଡ଼ୁଥାଏ । ଗୋଟେ ଗୋଡ଼ ଟେକ ସେଟାକୁ ଟିକିଏ ଫୁରସତ୍ ଦେଇ ଆରଗୋଡ଼ ବଦଳାଇବା ହେଉଛି ଦପ୍ତରମାନଙ୍କରେ ଗୋଡ଼ବନ୍ଧା ରୋଗର ଏକମାତ୍ର ଦବେଇ । ଅଫିସ୍ ଇଜଲାସରେ ବସିବା କେବଳ ଅସୌଜନ୍ୟ ନୁହେଁ, ବସିବାକୁ ତୁମକୁ କେହି କହିବା ମଧ୍ୟ ସୌଜନ୍ୟ ହାନିର ନମୁନା । ପିଅନ ବାବୁ ମତେ ଚାହିଁଲେ । ମୁଁ ଲୁହ ଲୁଚାଇବାକୁ ତାଙ୍କୁ ନ ଚାହିଁ ଏକା ଦମରେ ମୋ କାହାଣୀ ତାଙ୍କୁ କହିଗଲି । ସେ ସବୁ ଶୁଣି ମତେ ଏକାଟିଆ ପାଇ ପାଖକୁ ଡାକିନେଇ ବୁଝାଇବାକୁ ଲାଗିଲେ ।

ମୋ ଦରଖାସ୍ତ ଡାକଘରୁ ଅଫିସରଙ୍କ ଅଫିସରୁ ସେକସନ୍, ସେକ୍‌ସନ୍‌ରୁ ଟାଇପ୍, ଟାଇପ୍‌ରୁ ସେକ୍‌ସନ୍, ସେକ୍‌ସନ୍‌ରୁ ଅଫିସର, ଅଫିସରରୁ ସେକ୍‌ସନ୍, ସେକ୍‌ସନରୁ ଇସୁ, ଏମିତି ଦୌଡ଼୍ ଦୌଡ଼ୁ ଛୁଣ୍ଡିମିଣ୍ଡି ହୁଏତ ପାନ ମୋଡ଼ା କି କଲମ ପୋଛା କାମରେ ଲାଗିଯାଇପାରେ । ଭାଗ୍ୟଟେକ ଓ ଯୋଗ ନନ୍ଦୁକ ପାଇ ଯଦି ତୁମ ଡଙ୍କରେ ମାଇଫଲ ଥିବ, ତୁମ ପାଖରେ ସେ ଫଳ ପହଞ୍ଚିବାକୁ ଅନ୍ତତଃପକ୍ଷେ ଚାରି ପାଞ୍ଚ ପକ୍ଷ ଦରକାର । ସର୍ଟ୍‌କଟ୍ ଗଳିବାଟରେ ହାନ ଦଶଟାରେ ବ ଶଠି ଯାଇଁ ପୋଷ୍ଟଅଫିସ୍‌ରେ ହାଜର ହୋଇ ଯାଇପାରେ । ଅସଲ କଥା ହେଲା, ଦରଖାସ୍ତ ବରଖାସ୍ତ ବଳଦକୁ ହୁରୁଡ଼େଇବା ପାଇଁ ଜଣେ ପାଞ୍ଚଣିଆ ଦରକାର । ଆପଣଙ୍କ ସ୍ତ୍ରୀ ଦେହ ଅସୁଖ । ଗୋଟାଏ ଧର୍ମକାର୍ଯ୍ୟ କରି ଦିଅନ୍ତୁ । ଆପଣଙ୍କ କାମ ତ ହୋଇଯିବ । ଠାକୁର ବି ଖୁସି ହେବେ । କଥାଟା କଣ କି, ମୋ ବାପା ଖଣ୍ଡିଏ ମନ୍ଦର ଆରମ୍ଭ କରିଥିଲେ । ସେତ ଚାଲିଗଲେ । ଶାସ୍ତ୍ରରେ ଅଛି-ଅକୃତାନ୍ତ ପୂର୍ବେଃ କୃତାନ୍ତ ପୂର୍ବେଃ । ବାପା ଯାହାକୁ ଖଣ୍ଡିଆ କରିଛି, ପୁଅ ତାର ମୁଣ୍ଡି ମାରିବ । ଆପଣ ଧର୍ମକାର୍ଯ୍ୟ ପାଇଁ ବସ୍ତେ ସିମେଣ୍ଟ ଦିଅନ୍ତୁ । ଖୋଲା ବଜାରରେ ସିମେଣ୍ଟର ବର୍ତ୍ତମାନ ଅବକାଶ ମାଲ । ଲୁଗ୍ କାରବାରରେ ଅଣୀଟଙ୍କା ଘାଏଁ ପଡ଼ୁଛି । ଧର୍ମକାମ, ପଛନ୍ତୁ ନାହିଁ । ଆପଣଙ୍କ ସ୍ତ୍ରୀ ଭଲ ହୋଇଯିବେ ।

Digitized by PPRACHIN, SOA

ମୁଁ ମୋ ପକେଟ୍ ଅଣ୍ଡାଳିଲି । ବସ୍ ଭଡ଼ାପାଇଁ କିଛିତ ବଞ୍ଚାଇଥିଲି । ଝିଅ ଦ'ଟା ଛିଣ୍ଡା ଫ୍ରକ୍ ପିନ୍ଧି ସ୍କୁଲ୍ ଯାଉଛନ୍ତି ବୋଲି ବନଶ୍ରୀ କେଉଁଠୁ ବନ୍ଧାଛନ୍ଦା କରି କପଡ଼ା ପାଇଁ କିଛି ଟଙ୍କା ଦେଇଥିଲା । ସବୁ ମିଶାଇ ମୋର ସମ୍ବଳ ଚଉଶଟି ଟଙ୍କାକୁ ପିଅନବାବୁଙ୍କ ହାତରେ ଧରାଇ ଦେଲି ।

ଅଫିସ୍‌ର ଅସୁର ଗୁହାରୁ ବାହାରକୁ ଖସି ଆସି ନିଜକୁ ଉଶ୍ୱାସ କରିବାକୁ ଦ'ଗୋଟା ଲମ୍ବା ନିଃଶ୍ୱାସ ମାରିଲି, ଭୋକରେ ହଂସା ଉଡ଼ିଗଲାଣି । ଘରକୁ ଫେରିବା ବ୍ୟବସ୍ଥାତ ପରେ, ଆଗେ ଖାଇବାକୁ ଦେବ । ମୋ ମାମୁଁ ପୁଅ ଭାଇ ଭୁବନେଶ୍ୱରରେ ଚାକିରି କରନ୍ତି । ତାଙ୍କ ଘରକୁ ଯିବାପାଇଁ ପ୍ରସ୍ତୁତ ନହୋଇ ଆସିନଥିଲେ ବି ତାଙ୍କ ବସାଆଡ଼େ, ବାଧ୍ୟହୋଇ ଗୋଡ଼ ବଢ଼ାଇଲି । ଅଫିସ୍‌ଠାରୁ ତାଙ୍କ କ୍ୱାଟର ପକ୍କା ଚାରିମାଇଲ । ମୋର ସବୁ ସମ୍ବଳ ମନ୍ଦିର ତୋଳାରେ ଖର୍ଚ୍ଚ ହୋଇ ସାରିଥିଲା । ରିକ୍ସା ଭଡ଼ା ଆସିବ କୁଆଡ଼ୁ ?

ପେଟରେ ଭୋକର ବାଧା, ମୁଣ୍ଡ ଉପରେ ଖରାର ଚାପଡ଼, ଗୋଡ଼ରେ ବାଟଚଲାର ଗୋଇଠାକୁ ସମାଳି ସମାଳି ପ୍ରାଣାନ୍ତକ ଅବସ୍ଥାରେ ଭାଇଙ୍କ ବସାରେ ପହଞ୍ଚିଗଲି । ମୋର ଅପ୍ରତ୍ୟାଶିତ ଆବିର୍ଭାବରେ ଭାଉଜଙ୍କ ଉପୁଜିଥିବା କୌତୂହଳର ଉତ୍ତରକୁ 'ସବୁପରେ'ରେ ସମାପ୍ତ କରି ଅତିଶୀଘ୍ର ଗଣ୍ଡେ ପଖାଳ ବାଢ଼ିବାକୁ ପ୍ରାୟ ହୁକୁମ ଦେଇ ପିଢ଼ା ଖଣ୍ଡିକ ଟାଣିଆଣି ଆପେ ବସିପଡ଼ିଲି ।

ଭୋକ ଆତୁରରେ ତରବର ହୋଇ ଭାତ ଗିଳୁଗିଳୁ ଆଜି ମନ୍ଦିର ତୋଳାର କୌଣସି, କାରଣରେ କଥା ଭାଳୁ ଭାଳୁ ଭାଉଜଙ୍କ ଦେଇଥିବା କଞ୍ଚା ଲଙ୍କାକୁ ଜୋର୍‌ରେ ଚୋବାଇ ପକାଇଲି । ପ୍ରଥମରେ ବନଶ୍ରୀର ଜୀବନପାଇଁ ଜାଳୁଥିବା ଜହରଲଙ୍କାର ଝାଳ, ପାଟିରେ ଭାଉଜଙ୍କ ସୂର୍ଯ୍ୟମୁଖୀ ଲଙ୍କାର ଜଳପାତ ମତେ ଅସ୍ତବ୍ୟସ୍ତ କରି ପକାଇଲା । ଚୋରଦଳ ସମସ୍ତେ ମନ୍ଦିର ତୋଳୁଛନ୍ତି । ମନ୍ତ୍ରୀ, ଏମ୍. ଏଲ୍. ଏ. ନାମକ ମହାମାନ୍ୟ ସମ୍ରାଟ ସାମନ୍ତମାନେ ସେମାନଙ୍କ ସିଂହାସନ ଅଧିକାରର ପ୍ରଥମ ବର୍ଷରେ ମଧ୍ୟ ସେମାନଙ୍କ ମନ୍ଦିରର ଦଧିନଉତି ଉପରେ ତ୍ରିଶୂଳର ତ୍ରିଶାଖା ପୋତି ସାରିଲେଣି । ସେମାନଙ୍କ ନିରଙ୍କୁଶ ରାଜତ୍ୱରେ ଶଙ୍କାହୀନ ସଚିବ, ସେନାପତିମାନେ ନିଜନିଜର ନବନିର୍ମିତ ମନ୍ଦିର ପ୍ରତିଷ୍ଠା ପାଇଁ ବାରିଆନି, ବଟଲର ହିସାବ ଫର୍ଦରେ ଅଙ୍କ କଷୁଛନ୍ତି ।

Digitized by PPRACHIN, SOA

ସମ୍ରାଟ ସାମନ୍ତମାନଙ୍କ ଅଙ୍ଗଲଗା ସେବାସୂତ୍ର, ଡଗର, କଟୁଆଳ, କରଚ୍ଚକର୍ମୀଦଳ ଉପରର ମହାପ୍ରଭୁମାନଙ୍କ ମନ୍ଦିରର ନକ୍‌ସା ଅଙ୍କାଯିବା ଯଥେଷ୍ଟ ଆଗରୁ ଆପଣା ଆପଣା ମନ୍ଦିର ଚୂଡ଼ାରେ ବାନା ଉଡ଼େଇଦେଇ ଅଡ଼ୁଆ ମେଣ୍ଟାଇ ସାରିଛନ୍ତି । କାରଣ ଅତିଶୀଘ୍ର ପ୍ରଭୁମାନଙ୍କର ମନ୍ଦିର ସ୍ଥାପନ ପାଇଁ ଇଟା, ସିମେଣ୍ଟ, ମେଟାଲ୍, ମିସ୍ତ୍ରୀ ସବୁ ଝିଂଝଟ ସେମାନଙ୍କ ମୁଣ୍ଡ ଉପରେ । ସମ୍ରାଟ, ସାମନ୍ତ ଓ ସେମାନଙ୍କର ଭାଇ ବିରାଦରମାନଙ୍କ ଚୌକିପାଖକୁ ସେମାନଙ୍କ ମନ୍ଦିର ତିଆରିପାଇଁ ଲମ୍ବା ଲମ୍ବା ଅନେକ ହାତ ଆପେ ଆପେ ଲମ୍ବି ଆସୁଛି । ଆଜି ବିଚରା ପିଅନବାପୁଡ଼ା ସ୍କୁଲରୁ ଉଠି ତା ବାପା ଅମଳର ଦରଖଣ୍ଡିଆ ମନ୍ଦିର ଖଣ୍ଡକରେ କାନ୍ଥ ଦୁଏ ଦେବାକୁ ସିମେଣ୍ଟ ବସ୍ତାଏ ପାଇଁ ତା ଅଭାବ ପୋଲିଓଗ୍ରସ୍ତ କେମ୍ପା କୁଜା ହାତକୁ ପାଇଛ ପାଖରେ ଲୁଚି ଲୁଚି ପଢେଇ ଦେଇଛି । ସେ ତା ମନ୍ଦିର ମୂର୍ତ୍ତି ମାରିଦେଉ । ବନଶ୍ରୀ ଭଲ ହେଇଯିବ ।

●

ଘାଆ

ଦେହରେ ଘାଆ ହେବ । ଗୋଟଳା ବାନ୍ଧିବ । ଉପରକୁ ଫୁଲିବ । ଲାଲ ପଡ଼ିବ, ପାଚିବ, ଘାଆ ଖଟା ହେବ । ରୋଗୀ ଚିତ୍କାର କରିବ । ଘୁଞ୍ଚିପିଞ୍ଚି ହେବ । ପୂଜ ବାହାରିବ । ରକ୍ତ ବୋହିବ । ଲସି ସରିଥିବ । ଝଙ୍କାଛୁଟିକା ହେବ । ଲୋକେ ରୁଣ୍ଡ ହେବେ । ଆହା ଆହା କରିବେ । ଦରଦ ଦେବେ । ଔଷଧ ମୂଳିକା ବତେଇବେ । ଦେହରେ ଘାଆ ହେଇଛି । ରୋଗୀ ଜାଣିବ । କୁଟୁମ୍ବ-ବାନ୍ଧବ ଜାଣିବେ । ସାଇପଡ଼ିଶା ଜାଣିବେ । ଶରୀରର ଘାଆ ହେଇଛି । ବଡ଼ କଷ୍ଟ ପାଉଛି ।

ସବଶେଷେ ସାମନ୍ତରାୟ ତାଙ୍କ ଅନୁଭବକୁ ଓଲଟପାଲଟ କରୁଥିଲେ । ଦେହଟା ଘାଆରେ ଛୁଡ଼ ପଡ଼ୁଥିବ । ସବୁବେଳେ ହୁହୁ ପୋଡ଼ୁଥିବ । ଝଙ୍କା-ଛୁଟିକାରେ ଦେହ ଫାଟି ପଡ଼ୁଥିବ । ଉପରେ ପୋଷାକ ଚଢ଼େଇ ଦେହରେ କିଛି ହେବନି ବୋଲି ଭଲେଇ ହେବା କେତେ ଯେ କଷ୍ଟ ତାଙ୍କ ଛଡ଼ା କେହି ବୁଝିପାରୁ ନଥିଲେ । କାମୋଫ୍ଲେଜ୍‌ର ଡାଳପତ୍ର ଢାଙ୍କି ହେଇ କିଛି ସମୟ ପାଇଁ ମଣିଷ ବଣବୁଦାର ଅଭିନୟ କରିପାରେ । ଜୀବନଟାଯାକ ନିଜକୁ ଗଛପତ୍ର କରି ସଜାଇଲେ ଭିତରର ମଣିଷ କେଉଁଠି ଅସହାୟ ହେଇପଡ଼େ ସତେ ! ଯାହା ନିଜେ ନୁହେଁ, ସେଇଟା ଆପଣାର ସ୍ୱରୂପ ବୋଲି ଦେଖେଇ ହେବା ପଛରେ ଅସହ୍ୟ ହାହାକାର ରହିଛି । ନକଲି ଦାଡ଼ିମିଶର ନେପଥ୍ୟରେ ସ୍ପିରିଟ୍‌ଗମ୍‌ର ଚଡ଼୍‌ଚଡ଼୍ ପୋଡ଼ିବା ରହିଛି ।

ସବଶେଷେ ସାମନ୍ତରାୟ କବାଟ କିଳି ନିଜକୁ ଲଙ୍ଗଳାକରି ଦେଖୁଥିଲେ । ଦେହଯାକ ଆଘାତର ଦାଗ । କଥା କଥାକେ ସମସ୍ତେ ହତିଆରରେ ହାଣିବାକୁ ଛିଆର; କିନ୍ତୁ ସେ କାନ୍ଦି ପାରିବେ ନାହିଁ । ନିଜର ଲୁହଗଣ୍ଠିକୁ ଖଲସକରି

Digitized by PPRACHIN, SOA

ନିଜକୁ ହାଲକା କରିବାକୁ ମଧ୍ୟ ନିଜକୁ ଅଧିକାର ଦେଇ ପାରିନାହାନ୍ତି । ସବିଶେଷ ସାମନ୍ତବାବୁଙ୍କ ଶିକ୍ଷା ଅଛି, ସଂସ୍କୃତି ରହିଛି । ସମ୍ମାନ ଅଛି । ପରମ୍ପରାର କଣମାନଙ୍କରୁ ଅଳନ୍ଧୁକୁ ଝାଡ଼ିଝୁଡ଼ି ଆପଣାର ପରିସର ଉପରେ ଚୂନ ପୋଛି ଦେଇ ଧଳା କରିଛନ୍ତି । ସେଠି ନିଜେ ପୁଣି କାଳି ଗୁଟି କଳଙ୍କର ଦାଗ ଆଙ୍କିବେ ? ପାଞ୍ଚଲୋକ ନାକ ଟେକିବେ ? ଠିଙ୍ଗିକାଶ ମାରିବେ ? ଅତି ସାଧାରଣକୁ ଓହ୍ଲାଇ ଆସି ରାମା, ଦାମା, ଶାମାର ଦସ୍ତୁମସ୍ତୁ ବାସ୍ତବତା ଭିତରେ ନିଜକୁ ସାମିଲ କରିଦେବେ ? ନା, ଭିତରର ଯେତେ ଅତ୍ୟାଚାର ଆସୁ, ସେ ସବୁ ସହିନେବେ । ବାହାରର ସ୍ୱଚ୍ଛତା ଉପରେ ଆଞ୍ଚ ଆସିବ, ସେ ବରଦାସ୍ତ କରିପାରିବେନି ।

ବଡ଼ ନାତି ଆସି ଖବର ଦେଲା । ଦାଣ୍ଡଦୁଆରେ କିଏ ଦୁଇ ଜଣ ଠିଆ ହୋଇ ତାଙ୍କୁ ଖୋଜୁଛନ୍ତି । ସାମନ୍ତବାବୁ ବାସ୍ତା ପଞ୍ଜାବୀ ଖଣ୍ଡିକ ହ୍ୟାଙ୍ଗରରୁ ଦେହରେ ଗଳାଇବାକୁ ଆରମ୍ଭ କଲେ । ରିଟାୟାର୍‌ମେଣ୍ଟର ଠିକ୍ ପୂର୍ବରୁ ସେ ଖଣ୍ଡିକ ତିଆରି ହୋଇଥିଲା । ପାଞ୍ଚବର୍ଷ ହୋଇଗଲା । କନାର ଆୟୁଷ ସରିଯାଇଛି । ଜାଗାଜାଗା ପକେଟ କଡ଼ ସିଲେଇରୁ ଫାଟି ଉଠିଲାଣି । ନିଜେ କେବଳ ସାବୁନ ମାରି ଆସ୍ତେ ଆସ୍ତେ ଧୁଅନ୍ତି । ନିଜେ ଖରାରେ ଓଲଟ ପାଲଟ କରି ଶୁଖାନ୍ତି । ଭାଙ୍ଗି ଭାଙ୍ଗି ତକିଆତଳେ ରଖିଦେଇ ଇସ୍ତିରି କରନ୍ତି । ପରଙ୍କୁ କରିବାକୁ ଦେଲେ ହୁଏତ ପୁରୁଣା ପୁରୁଣା ହୋଇ ବିଚରା ପଞ୍ଜାବୀ ଖଣ୍ଡିକ ପାର ପାଇଯିବ । ତା'ପରେ ସେମାନଙ୍କ ଫୁରସତ ଉପରେ ସବୁ ସମୟ ତ ନିର୍ଭର କରୁନାହିଁ । ସମ୍ମାନିତ ଅତିଥିରୂପେ ନିଜକୁ ସଜାଇବା ପାଇଁ ସେ ଖଣ୍ଡିକ ତାଙ୍କର ଏକମାତ୍ର ମେକ୍ ଅପ୍‌ର ସାମଗ୍ରୀ ।

ଦାଣ୍ଡ ଦୁଆରେ କିଏ ଖୋଜୁଛନ୍ତି । ମନେ ପଡ଼ିଲା ଯୁଗଜ୍ୟୋତି ସ୍କୁଲରେ ସାଂସ୍କୃତିକ ଉତ୍ସବ ହେଉଛି । ତାଙ୍କୁ ଯିବାଲାଗି କହିଥିଲେ । ଆଜିକାଲି ସେ ପ୍ରାୟ ସବୁକଥା ଭୁଲି ଯାଉଛନ୍ତି । ସବୁଦିନେ ସେ ଭୁଲିଯିବା ପ୍ରକୃତିର ଲୋକ । ଆଜିକାଲି ସେ ବ୍ୟାଧିର ଉପସର୍ଗଗୁଡ଼ାକ ଅତି ଦସ୍ତୁମସ୍ତୁ ଭାବରେ ତାଙ୍କୁ ଅପଦସ୍ତ କରୁଛି । କାହାକୁ କ'ଣ କିଏ କହିଦେବାକୁ କହିଛି ତ, ସେ କହି ପାରନ୍ତିନି । କିଏ ଚିଠି ଖଣ୍ଡେ ପକାଇବାକୁ ଦେଲାତ, ସେଟା ପକେଟରେ ଅନେକ ଦିନ ରହିଯାଉଛି । ସେ ଯେ ଇଚ୍ଛା କରି ଏସବୁ କରନ୍ତି, ତାହା ନୁହେଁ; କିନ୍ତୁ ସେମିତି ହୋଇଯାଉଛି । ସେମିତି ହେବା ଫଳରେ ବେଳେବେଳେ ଏମିତି ଶୋଧଣା ଶୁଣନ୍ତି

Digitized by PPRACHIN, SOA

ଯେ ତାଙ୍କୁ ଖୁବ୍ ବାଧିଯାଏ । ସାଇ ପଡ଼ଶାଙ୍କ କାମର ଖିଲାଫ ଯୋଗୁ ସେମାନେ ପଛରେ ଶୁଣାଇ ଶୁଣାଇ କହନ୍ତି; କିନ୍ତୁ ଘରକାମର ଭୂଲ ପାଇଁ ତାଙ୍କ ଉପରେ ଆଗରୁ ପଛରୁ ଆକ୍ରମଣ ଚାଲେ । ଆଜିକାଲି ସମ୍ମୁଖ ସମର ପାଇଁ ଘରଣୀ ସବୁବେଳେ କମର୍ ଭିଡ଼ ଛିଡ଼ା ହୁଅନ୍ତି । ଦି'ଦିନତଳେ ତାଙ୍କୁ ବରାଦ ହୋଇ ଥିଲା, ମାର୍କେଟରୁ କଲରା ଆଣିବା ପାଇଁ । ମାର୍କେଟରେ ପହଞ୍ଚି କଅଣ ଆଣିବେ ବୋଲି ମନେ ପକେଇ ପକେଇ କାଙ୍କଡ଼ ନେଇ ଆସିଲେ । ତାଲି ଆଣିବାକୁ ପଇସା ଅଣ୍ଟିଲା ନାହିଁ । କମ୍ ପଇସା ଦେଇ ଏତେ ସଉଦା ଆଣିବାକୁ ବରାଦ୍ କରିଛନ୍ତି ବୋଲି ସଫେଇ ଦେବା ଆଗରୁ ଘରଣୀ ଗାଳି ଦେବାକୁ ଗଳା ସଫା କରି ସାରିଥିଲେ । ସାନ ବୋହୂ ଶ୍ରୋଷେଇଘର ପିଣ୍ଡାରୁ ପାଟିରେ ଗୁଣ୍ଡା ପୂରେଇ ବଡ଼ବଡ଼ ହେଲପରି ବଗିଡ଼ି ଉଠିଥିଲା—ପର ଗାଳରେ ପିଠା ଖାଇବା ସଉକ ଆଉ କେତେଦିନ ଚଳିବ ? ସେ ଲୁଗା ନ ପାଲଟି କି ବେଗଟା ଧରି ଦାଣ୍ଡକୁ ବାହାରି ପଡ଼ିଥିଲେ । ହୁଏତ ମାର୍କେଟକୁ ଫେରିଯାଇ କାଙ୍କଡ଼ ଫେରାଇ ଦେଇ କଲରା କିଣି ଆଣିବେ । ଦାଣ୍ଡ ପିଣ୍ଡାରୁ ଗୋଡ଼ ତଳକୁ ଉଠିଲାନି । ମାର୍କେଟ ଘରଠୁଁ ପକ୍‌କା ଦୁଇ ମାଇଲ । ରୁ୍ୟମେଟିକ୍ ପେସେଣ୍ଟ । ଗୋଡ଼ ଆଙ୍ଗୁଳିର ଗଣ୍ଠି ଭକ୍ ଭକ୍ କରୁଛି । ସେ ଘରକୁ ମୁହଁ ଫେରାଇଲେ । ତାଙ୍କର ମନେ ପଡ଼ିଗଲା । ମାଇଁ ବଡ଼ ଟ୍ରେକ୍, ନଟ୍ ଆଇ । ସେ ଅନେକ ଦିନ ବେଲାଡ଼ ଅଫ୍ ଫାଦେର ଗିଲାଗନ୍, କବିତାଟି ପିଲାଙ୍କୁ ପଢ଼ାଇଛନ୍ତି । ବିଚରା କ୍ଲାନ୍ତ ପ୍ରିଷ୍ଟଟି ଦେହର ଅକ୍ଷମତା ପାଇଁ କର୍ତ୍ତବ୍ୟ କରି ନ ପାରି ଭଗବାନଙ୍କ ପାଖରେ ଶରଣ ପଶିଥିଲା । ସ୍ୱୟଂ ଈଶ୍ୱର ପ୍ରିଷ୍ଟଙ୍କ ଛଦ୍ମ ବେଶରେ ଯାଇ ତାଙ୍କ କାମ କରି ଦେଇ ଆସିଲେ । ତାଙ୍କ ପାଇଁ ତ ଭଗବାନ୍ ବଜାରକୁ ଯାଇ କାଙ୍କଡ଼ ବଦଳରେ କଲରା ଆଣି ଦେବେ ନାହିଁ । ପୁରୋହିତ ଭଗବାନଙ୍କ ଏଜେଣ୍ଟ । ତାଙ୍କ ପାଇଁ ଭଗବାନ ବ୍ୟତିବ୍ୟସ୍ତ ହୋଇ ଦୟା ଦେଖାଇଲେ । ବଡ଼ଲୋକଙ୍କ ଏଜେଣ୍ଟ ନହେଲେ କୁହାବୋଲାରେ କିଛି କାମ କେବେ ହେଉଛି ? ମନ୍ତ୍ରୀ ପଦ କାହାର ଗୁହାରି ଶୁଣିବେ, କେବଳ ତାଙ୍କ ଇଲେକସନ୍ ଏଜେଣ୍ଟଙ୍କର ଶୁଣିବେ । ଆଜିକାଲି ସେ ବିତୃଷ୍ଣାରେ ଭଗବାନଙ୍କଠାରୁ ନିଜକୁ ଦୂରେଇ ଦୂରେଇ ନେଉଛନ୍ତି । ଘରଣୀ କେତେଥର ଚେତାବନୀ ଦେଲେଣି— ଦିଅଁ ଦେବତା ମାନୁନି । ବୁଢ଼ାଟା ପ୍ରକୃତ ଛଡ଼ା ହେଲାଣି ।

ସେ ଦାଣ୍ଡ ଦୁଆରକୁ ଯାଇ ସ୍କୁଲବାଲାକୁ କହିଦେଲେ ଯେ ସେ ଗୁଳାଗୁଳି ବି. ଡ଼. ଓଙ୍କ ବସାଯାଏ ଚାଲିଯିବେ । କଥା ଥିଲା ବି. ଡ଼. ଓଙ୍କ ଜିପ୍‌ରେ ସେ

Digitized by PPRACHIN, SOA

ଯିବେ । ବି. ଡ଼ି. ଓ ନିଜେ ଯାଉଛନ୍ତି । ତାଙ୍କ ଡ୍ରାଇଭର ତାଙ୍କୁ ଆସି ଏଠୁ ନେଇଯିବ । ସାମନ୍ତରାୟ ମନା କଲେ । କେତେ ବା ବାଟ । ସେ ଗୋଟିଏ ଗୋଟିଏ ବି. ଡ଼ି. ଓଙ୍କ ଘର ପର୍ଯ୍ୟନ୍ତ ଚାଲିଯିବେ । ପିଲାଏ ଚାଲିଗଲେ । ବି. ଡ଼ି. ଓଙ୍କ ବସାଯାଏ ଗଲେ ରାତିସାରା ତାଙ୍କୁ ସଫର କରିବାକୁ ପଡ଼ିବ । ଆଜିକାଲି ଜଏଣ୍ଟ ପେନ୍ ତାଙ୍କର ଖୁବ୍ ବଢ଼ି ବଢ଼ି ଯାଇଛି । ତେବେ ଡ୍ରାଇଭରଟା ଘରକୁ ଆସିବ । ଅନ୍ତତଃ ଗ୍ଲ’ କପେ ତ ସମ୍ମାନ ଦୃଷ୍ଟିରୁ ଦେବା ଦରକାର । ସେତକ ଘରେ ଯେ ମିଳିଯିବ, ସେ ଭରସା ତାଙ୍କର ନ ଥିଲା । କେବଳ ଗ୍ଲ’ କପେ ତିଆରି ଯେ କରିପାରିବେ ନାହିଁ, ସେତିକିରେ କଥାଟା ତୁଟିଗଲେ ବିଶେଷ କିଛି ଅସୁବିଧା ନଥିଲା । ଗ୍ଲ କପେ ପାଇଁ ସେ ଚୂପ୍‌ଚାପ୍ ଅନୁରୋଧ କଲେ, ନାସ୍ତିବାଣୀର ଉତ୍ତ୍ୟକ୍ତ ପ୍ରତ୍ୟୁତ୍ତର କେବଳ ସିଧାସଳଖ ନାଁରେ ଶେଷ ହୁଏନାହିଁ । ବାସନରେ ବାସନ ବାଜେଇ ହେଲାପରି ଘରଣୀ, ବୋହୂ, ନାତୁଣୀ ସମସ୍ତେ କମ୍ପି ଉଠନ୍ତି । ଭାଷାରେ ଅସୁବିଧା, ଅକ୍ଷମତାର ବର୍ଣ୍ଣନା ନ ଥାଏ । ତାଙ୍କର ଅଯୌକ୍ତିକ ଦାବି ପାଇଁ ଅନେକଟା ବିଦ୍ରୂପ ଓ ଅବଶିଷ୍ଟଟା ସିଧାସଳଖ ଅପମାନ ଥାଏ । ସାମନ୍ତରାୟ ସବୁ ପରିସ୍ଥିତିକୁ ନିଜ ଭିତରେ ଚୂପ୍‌ଚାପ୍ ରଖିପକାନ୍ତି । ନିଜେ ହାଲ୍‌ଚାଲ୍ ହେଲେ ଉପରଟା ଫାଟିଯିବ ।

ସେ ଆଜିକାଲି ସଭା ସମିତିକୁ ଯିବାକୁ ମନା କରି ଦିଅନ୍ତି । ଅତି ବାଧ-ବାଧକତାରେ ନପଡ଼ିଲେ ବାହାରକୁ ପ୍ରାୟ ଗୋଡ଼ କାଢ଼ନ୍ତି ନାହିଁ । ପଢ଼ାପଢ଼ିତ କିଛି ହେଉନାହିଁ । ଖବର କାଗଜ ଖଣ୍ଡେ କିଣିବାକୁ ତାଙ୍କତ ନାହିଁ । ପେନ୍‌ସନ୍ କେତେଟା ଟଙ୍କାରେ ତାଙ୍କର ଖାଇବା ଖର୍ଚ୍ଚ ଉଠୁନି ବୋଲି ସବୁବେଳେ ଘରୁ ଅଭିଯୋଗର ସ୍ୱର ଉଠୁଛି । ମେଗାଜିନ୍ ଖଣ୍ଡେ ଅଧେ ଯାହା ଆଖିରେ ପଡ଼ୁଛି ସେଥିରେ ରେଖା, ଶିନ ରାୟର ଲଙ୍ଗଳା ଛବି ବା ବଚନ, ଗାଭାସ୍କରର ପ୍ରେମ ଓ କ୍ରିକେଟ ସ୍କୋରର ଇତିବୃତ୍ତି ରହୁଛି । ବୋହୂ, ନାତି, ନାତୁଣୀଙ୍କ ଆଲୋଚନାରୁ ଅବଶ୍ୟ ଏମାନଙ୍କ ସହ ତାଙ୍କର ପରିଚୟ ହୋଇଛି । ସଂସ୍କୃତିର ସଂଜ୍ଞା ବଦଳି ଯାଇଛି । ଥରେ ବସ୍‌ରେ ଯାଉଁ ଯାଉଁ ଜଣେ ଆମେରିକା ଫେରନ୍ତା ବୟସ୍କ ଲୋକ ତାଙ୍କ ନାତିର ହୋନେହାର୍‌ପଣିଆ କଥା କହି ଖୁବ୍ ଗର୍ବ ଅନୁଭବ କରୁଥିଲେ । ଭଦ୍ରଲୋକ ସସ୍ତ୍ରୀକ ଆମେରିକା ଯାଇଥିଲେ । ସେଠି ପୁଅ ବୋହୂ, ନାତି ଥାଆନ୍ତି । ଚାରିବର୍ଷର ନାତି ତା’ର ଜେଜେମାଙ୍କୁ କହିଲା ଯେ ଘରେ ସମସ୍ତଙ୍କର ଓ୍ୱାଇଫ୍ ଅଛନ୍ତି, ତା’ର ନାହିଁ । ତେଣୁ ସେ ତା’ର ଓ୍ୱାଇଫ୍ ହେବ ।

Digitized by PPRACHIN, SOA

ସେ ତାଙ୍କୁ ପିକ୍ଚରରେ ଦେଖାଇ ନେବ । ସେଠି ରୋମାନ୍ସ କେମିତି ହେଉଛି, ତାଙ୍କୁ ଦେଖାଇବ, ଆଉ ଶିଖାଇବ । କଣ୍ଟ୍ରୋଲ୍‌ବେଳେ ଭଦ୍ରଲୋକ ତାଙ୍କର ନାତିର ପାଣିବାପଣିଆ ବଖାଣି ଭାରି ଆରାମ ପାଉଥିଲେ । ତାଙ୍କ ଘରେ ବି ତାଙ୍କର ସାନ ନାତିଟା ସନ୍ଧ୍ୟାବେଳେ ରାଗିଣୀ ଗାଉଛି—'ଗୁଲ୍ ଗୋଳା ଫଳାଇ ଯିବା ସହର' । ଘରେ ରେଡ଼ିଓଟା ତ ସବୁବେଳେ ବାଜୁଛି । 'ବିବିଧ ଭାରତୀ' 'ସିଲୋନ୍‌'ର ଗୀତଛଡ଼ା ରେଡ଼ିଓରେ ଆଉ କିଛି ବାଜିବାର ତାଙ୍କ କାନରେ ପଡ଼ୁନାହିଁ । ଥରେ ରେଡ଼ିଓରୁ ସେ ଗୋଟିଏ ଆଲୋଚନା ଶୁଣିବାକୁ ଭାରି ଇଚ୍ଛା କରିଥିଲେ । ଖବରକାଗଜରେ ପ୍ରୋଗ୍ରାମର ସମସ୍ତ ବାହାରିଥିଲା । ସେତ ଖବର କାଗଜ କିଣି ପାରୁନାହାନ୍ତି । କେବେକେବେ ଗାଁରେ କଣ୍ଟ୍ରୋଲ୍ ଦୋକାନକୁ ଯାଇ ଖବର କାଗଜ ଉପରେ ଟିକେ ଆଖି ପକାନ୍ତି । ସେ ନିର୍ଦ୍ଦିଷ୍ଟ ସମୟରେ ଆଲୋଚନାଟି ଶୁଣିବାକୁ ଇଚ୍ଛା ଓ ଅନୁରୋଧ ଜଣାଇଲେ ବି ନାତୁଣୀ ବିରକ୍ତ ହୋଇ ଉଠିଥିଲା । ସେତେବେଳେ ବିବିଧ ଭାରତୀରେ ପ୍ରେମସମ୍ବଳିତ ଦ୍ୱୈତ ସଙ୍ଗୀତର ଲଗାତର ରାଗିଣୀ ଛୁଟି ଆସୁଥିଲା ।

ସାମନ୍ତରାୟ ଗ୍ଳେଟେଇ ଗ୍ଳେଟେଇ ବି. ଡ଼ି ଓଙ୍କ କ୍ୱାର୍ଟରରେ ପହଁଞ୍ଚିଲେ । ଗୋଡ଼ ଆଙ୍ଗୁଳିର ଜଖମ୍ ଗଣ୍ଠିଗୁଡ଼ାକ ଧକ୍ ଧକ୍ ହେଉଥାଏ । ଚୁଣ୍ଡା ଚପଲର ଗୁଡ଼ିକୁ ଫୁଟେଇ ଉଠିଥିବା କଣ୍ଟା କେଲଟା ଫଟାଫଟା ଚଳପାରେ ଖୋଞ୍ଚି ଖୋଞ୍ଚି ହୋଇ କମ୍ ଯନ୍ତ୍ରଣା ଦେଉ ନଥିଲା । ବି. ଡ଼ି. ଓ.ଙ୍କ ଦୁଆରରେ ତାଙ୍କୁ ଘଣ୍ଟାଏ ଠିଆ ହେବାକୁ ପଡ଼ିଲା । ଭିତର କହିଗଲା ବାବୁ ବାହାରୁଛନ୍ତି । ବାବୁ ବାହାରିଲେ ସାଙ୍ଗରେ ଦ୍ୱାଦଶବର୍ଷର ପୁଅ । ବାବୁ କହିଲେ ଯେ ପୁଅ ଭାରି ଜିଦ୍‌ଖୋର । ଆସିବାକୁ ଅଡ଼ୁଏଟ ଲଗାଇଲା । ନ ଆଣି ରହି ପାରିଲେ ନାହିଁ । ବାବୁଙ୍କ ପହଞ୍ଚିବା ଏତେ ଡେରି ହେବା କାରଣଟା ସାମନ୍ତରାୟ ବୁଝିନେଲେ । ପୁଅକୁ ଦେଖି ମନେ ହେଲା ତାକୁ ମେକଅପ୍ କରିବାରେ ସମୟ ଅନେକ ଲାଗିଛି ।

ଆଗ ସିଟରେ ବାବୁ ବସିଲେ । ପୁଅ ବସିଲା । ସାମନ୍ତରାୟଙ୍କୁ ଜପ୍ ଷ୍ଟିଅରିଂକୁ ଲଗାଇ ଅତି ଅଳ୍ପ ଜାଗା ଭିତରେ ବସିବାର ସମ୍ମାନ ଦିଆଗଲା । ପଛପଟ ସିଟ୍‌ଗୁଡ଼ାକ ଭରପୂର । ବାବୁଙ୍କ ଷ୍ଟାଫ୍ ଯାଉଛନ୍ତି । ସେ ପାଖରୁ ବାବୁଙ୍କ ପୁଅ ଠେଲା ମାରୁଛି । ଏ ପାଖରୁ ଗିଅର ଚେଞ୍ଜବେଳେ ଡ୍ରାଇଭର ଠେଲି ଦେଉଛି । ସାମନ୍ତରାୟ ଆଗ ସିଟ୍‌ରେ ବସିଛନ୍ତି । ସମ୍ମାନ ପାଇଛନ୍ତି । ସେ ନିଜକୁ

Digitized by PPRACHIN, SOA

ସମ୍ଭାଳ ନେଲେ । ସବୁ ସମ୍ଭାନର ବ୍ୟଥା ରହିଛି । ଉପର ପାଇଁ ଭିତରକୁ ସହିବାକୁ ସେ ଅଭ୍ୟାସ କରିଛନ୍ତି । ଜୋତା ଭିତରେ କଣ୍ଟା, ପଞ୍ଜାବୀ ତଳେ ଘୁରପୋକ, ଘରେ ସମ୍ଭାନମୟ ବାପା ଓ ମୂରବୀ ହେବାର ଆବରଣତଳେ ଅବହେଳା ଓ ଅସ୍ୱୀକୃତ, ଆଉ ଉପରେ ସମ୍ଭାନିତ ଅତିଥିଙ୍କ ପଦ କିଛି ଠେଲା ପେଲା ଖାଇଲା, କ୍ଷତି କ'ଣ ? ବାବୁଙ୍କ ପୁଅ ସାମନ୍ତରାୟଙ୍କୁ ଲାଗି କ ରହିଥାନ୍ତି । ଆସ୍ତେ ଆସ୍ତେ ତାଙ୍କ ଯୋତା ପିନ୍ଧା ଗୋଡ଼କୁ ସାମନ୍ତରାୟଙ୍କୁ ଧରି ରଖିବାକୁ ପଡ଼ିଲା । ବାବୁ ଟିକେ ଦେଖିନେଲେ ଏବଂ ମୁହଁ ବୁଲାଇଲେ । ସାମନ୍ତରାୟ ତାଙ୍କ ପୁଅର ଯୋତା ଓ ଗୋଡ଼କୁ ସୁରକ୍ଷିତ ରଖି ତାଙ୍କ ଉପରେ ଲଦା ଯାଇଥିବା ଦାୟିତ୍ୱକୁ ତୁଲାଇ ପାରିଛନ୍ତି କି ନାହିଁ, ତଦାରଖ କରିନେଲେ ବୋଧହୁଏ ।

ସ୍କୁଲରେ ପହଞ୍ଚିଲା । ପ୍ରଧାନ ଶିକ୍ଷକ, ଅନୁଷ୍ଠାନରେ ଅନ୍ୟ ଅପ୍ରଧାନଙ୍କ ଗହଣରେ ବାବୁଙ୍କୁ ଅଫିସ୍ ରୁମ୍‌କୁ ପଛୋଟି ନେଇ ଚେୟାରରେ ବସାଇଲେ । ପାଖରେ ପଡ଼ିଥିବା ଆଉ ଚେୟାରଟିରେ ବାବୁଙ୍କ ପୁଅକୁ କାଖେଇ ନେଇ ବସାଇ ଦିଆଗଲା । ସାମନ୍ତରାୟ ଠିଆ ହେବାର ସାମର୍ଥ୍ୟକୁ ସମ୍ପୂର୍ଣ୍ଣ ହରାଇ ବସିଥିଲେ । ଉଞ୍ଚ ଖାଲ ମଫସଲ ରାସ୍ତା ଉପରେ ଜିପ୍‌ର ଉଦ୍ଦଣ୍ଡ ଉତ୍ପାତ, ସାମନ୍ତରାୟଙ୍କ ଡାହାଣ ପିଠି ଉପରେ ଗିଅର୍ ଅଗ ଗୋବାର ଚେସ ଓ ଡ୍ରାଇଭର କହୁଣି ଉହ, ଏଣେ ବାଆଁ ପାଖ ଜଙ୍ଘ ଉପରେ ବାବୁଙ୍କ ପୁଅଙ୍କ ଜୋତା ଚଡ଼ାଉ ସାମନ୍ତରାୟଙ୍କୁ ପ୍ରାଣାନ୍ତ କରି ପକାଇଥିଲା । ତାଙ୍କ ପ୍ରତି ଗଣ୍ଠି ଭିତରେ ପିଙ୍କି ମାରୁ ଟିଙ୍ଗ୍ ଟିଙ୍ଗ୍ କରି ବାନ୍ଧ ଦେଉଥିଲା । ସେ କାହାକୁ ଅପେକ୍ଷା ନକରି ଆଗରେ ପଡ଼ିଥିବା ଗୋଡ଼ ହଲ ହଲ ବେଞ୍ଚ ଖଣ୍ଡ ଉପରେ ଆଉଜିରେ ବସି ପଡ଼ିଲେ । ବାବୁଙ୍କୁ ପଚରାଗଲା ଥଣ୍ଡା ନା ଗରମ । ପିଲାଏ ଶୋଷେଇ ଯାଉଛି । ପାଣି ଦରକାର । ସାଙ୍ଗେ ସାଙ୍ଗେ ଦହି ସରବତର ଗ୍ଲାସ ପହଞ୍ଚିଗଲା । ସାମନ୍ତରାୟ କପେ ଚା' ପାଇଁ ବ୍ୟାକୁଳ ହୋଇ ପଡ଼ିଥିଲେ । ମୁହଁ ଖୋଲି କି କହିଲେ । ଉତ୍ସବମୁଖର ସ୍କୁଲର କର୍ମକର୍ତ୍ତାମାନେ ତାଙ୍କର କହିବାକୁ ଭୁଲି ଯିବାରେ କିଛି ଅସ୍ୱାଭାବିକତା ନଥିଲା ।

ସଭା ଆରମ୍ଭ ହେଲା । ଅତିଥିଙ୍କ ପରିଚୟରେ ବ. ଡ଼. ଓ.ଙ୍କୁ ଜ୍ଞାନୀ, ମାନୀ, ଜନସେବୀ, କର୍ମୀ, କଳାକାର, କୋମଳ ମନର ବିଶେଷଣ ଦେଇ ପ୍ରଧାନ ଶିକ୍ଷକ ଅଭିଭୂତ ହୋଇ ପଡ଼ିଲେ । ସଭାପତିତ୍ୱ କରୁଥିଲେ ଖଦଡ଼-ମୁଣ୍ଡିଆ ଗାନ୍ଧିମାର୍କା ବହୁଜନ ପରିଚିତ ଜନସେବକ ବାବୁଜଣକ । ପ୍ରଧାନଶିକ୍ଷକଙ୍କ ସେତିକି

Digitized by PPRACHIN, SOA

ପରିଚୟରେ ସେ ସନ୍ତୁଷ୍ଟ ହୋଇ ପାରିଲେ ନାହିଁ । ପରିଚିତି ପ୍ରଦାନର ମଝିରେ ଉଠିପଡ଼ି ସେ ମହାଶୟ ନିଜର ସୂଚନା ଦେବାକୁ ଭାଷଣ ଆରମ୍ଭ କରିଦେଲେ । ସେ କେମିତି 'ବାନର ସେନା ହୋଇ ଦାଣ୍ଡି ଅଭିଯାନରେ ବଙ୍କି ଶିଆଳ ଦେଇ ପୁଲିସବାଲଙ୍କୁ ଚଟକାଟି ଲୁଣ ନେଇ ଆସିଥିଲେ' । ଗାନ୍ଧିଜୀ କେମିତି ତାଙ୍କ ପିଠିରେ ହାତ ଥାପୁଡ଼ାଇ ଦେଲେ । ପୋଲିସ ଏସ୍. ପି. କେମିତି ତାଙ୍କର କୃତିତ୍ୱ ପାଇଁ ତାଜୁବ୍ ହୋଇଗଲେ । ଇତ୍ୟାଦି ଇତ୍ୟାଦି । ସାମନ୍ତରାୟଙ୍କ ପରିଚୟ ବେକକୁ ସମପୃକ୍ତ ନ ଥିଲା । ଯାହାହେଉ, ଯେତେବେଳେ ଡାକିଛନ୍ତି, କିଛି ତ କହି ତାଙ୍କୁ ଚଳେଇବାକୁ ହେବ । ଧାଡ଼ିକରେ କୁହାଗଲା ସେ ଅନେକ ଦିନ ଅବଧାନଗିରି କରିଛନ୍ତି ଏବଂ ଶୁଣାଯାଏ ସେ କାଳେ ଲେଖାଲେଖି କରନ୍ତି ।

ସଭାରେ ବ. ଡ଼. ଓ. ବନ୍ଧୁ ଗମ୍ଭୀର ସ୍ୱରରେ ଅଭୟ ଦେଲେ ଯେ ସେ ସ୍କୁଲରେ କୂଅ ଓ ପାଇଖାନା କରିଦେବେ । ତାଳି ଉପରେ ତାଳି କୁଢ଼େଇ ପଡ଼ିଲା । କୂଅ, ପାଇଖାନା ପାଇଁ କୃତଜ୍ଞତା-ଜନିତ ତାଳିମାଡ଼ର ଗୋଳମାଳ ଭିତରେ ସାମନ୍ତରାୟଙ୍କୁ ବିଧାଡ଼ ଶୀଘ୍ର କହିଦେବାକୁ ପ୍ରଧାନ ଶିକ୍ଷକ ଫୁସ୍‌ଫୁସ୍ କରି ତାଙ୍କ କାନରେ କହିଗଲେ । ସାମନ୍ତରାୟ ଗ୍ରାମ-ଜୀବନର ସଙ୍ଗଠନ ପାଇଁ ପିତା, ଶିକ୍ଷକ, ସମାଜର ଦାୟିତ୍ୱ, ଶିଷ୍ୟ ପରମ୍ପରାରେ "ମାତୃଦେବୋ ପିତୃଦେବୋ, ଆଚାର୍ଯ୍ୟଦେବୋ ଭବ"ର ଆବଶ୍ୟକତା, 'ସା ବିଦ୍ୟା ଯା ବିମୁକ୍ତୟେ'ର ମୂଳ ଉପରେ ଆଧୁନିକ ଶିକ୍ଷାର ଅବକ୍ଷୟ ବିଷୟରେ ଯାହା ଯାହା ବାଟରେ ଭାବିଥିଲେ ସବୁ ଭୁଲିଗଲେ । ତାଙ୍କର କିଛି କହିବାକୁ ନଥିଲା । ସମସ୍ତେ ଖାଲି ତାଳିମାଡ଼ ଶୁଣୁଥିଲେ । ରାତି ବହୁତ ହୋଇ ଯାଇଥିଲା । ପୁଣି ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ଗାଁର ଝିଅ ବୋହୂଏ ଘରକାମ ସାରି ନାଟ ଦେଖିବାକୁ ଆସି ଗଲେଣି । ବ. ଡ଼. ଓଙ୍କ ପୁଅକୁ ଭୋକ ଲାଗିଲାଣି । ସେ ବ୍ୟସ୍ତ ହୋଇ ପଡ଼ିଲେ । ସଭାରୁ ସେ ଅଂପସରି ଆସିଲେ । ସାମନ୍ତରାୟ ଖାଲି ପାଇଗଲେ । ବାବୁଙ୍କ ପୁଅଙ୍କ ଯୋଗୁଁ ବୋହି ବୋହି ଆସିବାକୁ ଏଥର ସେ କୁଣ୍ଠିତ ନଥିଲେ । ବାବୁଙ୍କ ପୁଅ ଅନ୍ତତଃ ତାଙ୍କୁ ପରମ୍ପରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ୍ରେସ୍ ଡ୍ରେନ୍ସ ଦେଖିବାରୁ ମୁକ୍ତ ଦେଇଛନ୍ତି ।

●

Digitized by PPRACHIN, SOA

ମୁର୍ଦାର

ଶୁକୁର ନେନା ଜେଲ୍‌ଖାନାର ଠିଆ ଠିଆ ଲୁହାଛଡ଼କୁ ଝୁଙ୍କେଇ ଝୁଙ୍କେଇ ତା ମନର ଘୋଡ଼ଣିକୁ ଉଠପଡ଼ କରୁଥିବା ଗରମ ବାମ୍ଫକୁ ମେଞ୍ଚା ମେଞ୍ଚା କରି ଖଲାସ କରୁଥିଲା ।

ହଁ, ତା ଝିଅକୁ ସେ ଖାଇଅନ୍ତା ନଈ ମଝିକୁ ଘୁଞ୍ଚି ଦେଇଛି ! ସେଥିରେ ସରକାରୀ ଲୋକଙ୍କ ବେପାର କଣ ଗଲା ? ତା ଝିଅ, ସେ ତାକୁ ଜନମ ଦେଇଛି । ସେ ତାକୁ ଏ ପୃଥିବୀକୁ ଆଣିଥିଲା । ଏଇ ମାଟି ମାଆ କାଳେ ଛପନକୋଟି ଜୀବଙ୍କୁ ଦାନା ଦେଇଛି । ତା ଶୁକୁଟିକୁ ପଢ଼ ଦେବ ବୋଲି ହ୍ୱଂସକୁଣ୍ଡୀ ବୁଢ଼ୀ ନାସ୍ତି କରିଦେଲା । ସେ ତାକୁ ନିଜେ ଏ ବଡ଼ସାନ, ବାଛବଷ୍ଟରର ଦୁନିଆରୁ ବିଦା କରିଦେଲା । ତା ଝିଅ । ତା ଉପରେ ତାର ଆଧି ଅଛି । ସେ ତାକୁ ରଖିଲେ ରଖିବ, ମାରିଲେ ମାରିବ । ହେଲା, ସେ ତା ଶୁକୁଟିକୁ ନଈ ପେଟରେ ବୁଡ଼ ବୁଡ଼ ଆକଣ୍ଠ ହୋଇ ମରିବାକୁ ଦେଇଛି । ମାନେ, ତା ଝିଅକୁ ସେ ମାରି ଦେଇଛି । ଏଥିରେ ସରକାରର ଲୋକଙ୍କ ମୁଣ୍ଡ ବଥାଉଛି କାହିଁକି ? ତାକୁ ଲୁହା ପିଞ୍ଜରା ଭିତରେ ଭର୍ତ୍ତିକରି ତା ଉପରେ ଇମିତି ଧୁମ୍‌ଧଡ଼ାକ୍ କରିବାକୁ ସେମାନେ କିଏ ? ସେଦିନ ସନାତନବାବୁ ଭୋଟ ନେଲାବେଳେ ଲୋକଙ୍କୁ ଜମେଇ ଜମେଇ ଭାରତ ବକ୍ତୃତା ପେଲୁଥିଲା । ତା ଭଳିଆ ଯେତେ ଲୋକ ଏ ଦେଶରେ ଅଛନ୍ତି, ସମସ୍ତେ କାଳେ ଏ ଦେଶର ମାଲିକ । ସେମାନେ ମନକଲେ ସରକାରଙ୍କୁ ଚୌକିରେ ବସାଇବେ । ନ ପୋଷେଇଲେ ଧକ୍‌କା ଦେଇ ନିକାଲି ଦେବେ । ସରକାର କଣ୍ଢେଇ ଗଢ଼ିବାକୁ ସେମାନେ ଘୁଞ୍ଚ ଧରି ବସିଛନ୍ତି । ତାଙ୍କ ମର୍ଜିରେ ସରକାର ଚାଲିବ । ଆଜି ସେ ତା ଝିଅକୁ ମାରିଛି ବୋଲି ସରକାର ଘରର ନୌକାରମାନେ ତା ଉପରେ କାହିଁକି ଏମିତି ଉତ୍ପାତ କରିବେ ? ହେଇ, ତାଙ୍କ ଗାଁର ସଇତାନ ଶିବରାମ କାନତରିଟି । ତା ଗୋଡ଼ାଣିଆ ଗଞ୍ଜାଡ଼ ଦଳକୁ ଧରି କଞ୍ଚା ବଅସର

Digitized by PPRACHIN, SOA

କୋହ୍ଳ ଟୋକାଟାର ଇଜ୍ଜତ ନେଲାତ ନେଲା, ଶେଷକୁ ଝିଅଟାକୁ ଖତମ କରି ଗାୟବ କରିଦେଲା, ସେତ ନିଜ ଆଖିରେ ଦେଖିଛୁ । ସରକାର ଘରର ଲୋକମାନେ କାନତରିଟି କୋଠାରେ ଶାଗୁଆଣ୍ଡ ଝୋଳ ଗୃଣ୍ଟିଦେଇ ହାକୁଟି ମାରି ମାରି ପକେଟ ଉଞ୍ଚ କରି ବେଶ୍ ଦାନ୍ତ ନେଫେଡ଼ି ନେଫେଡ଼ି ଫେରିଗଲେ । ଆଜି ସେ ତା ଝିଅକୁ ମାରିଛି ବୋଲି ସରକାରୀ ଲୋକଙ୍କ ଝୋଳ ବୋହିଯାଉଛି କାହିଁକି ?

ଶୁକୁରି ନେଜନା ତମ ତମ ହୋଇ ତା ଆଗର ଲୁହା ବାଡ଼ା ଉପରେ ଜବର୍ ଦି ବାଧା ଚଟେଇ ଦେଲା । ତା ଚେମଡ଼ା ହାତର ନୋଗୁ ମୋଗୁ ଚମଡ଼ କଡ଼ ଜାଗେ ଦିଜାଗା ଫାଟିଯାଇ ହୁ ହୁ ପୋଡ଼ି ଉଠିଲା । ସେ ତଳେ ଲମ୍ବଝାଲ ହୋଇ ଶୋଇଯାଇ ତା ଫଟା ହାତକୁ ଫୁଙ୍କିବାକୁ ଲଗିଲା । ତା ହାତ କଷ୍ଟଠୁଁ ତା ମନଟା ଖସରି ଯାଇଁ ତା ଭିତରେ ହୁତୁ ହୁତୁ ହୋଇ ଜଳୁଥିବା ଅଗିରି ଆଉକୁ ଆପେ ଆପେ ଧୁଙ୍ଗି ଧୁଙ୍ଗି ଗଲା । ତା ଝିଅ ଶୁକୁଟିର ଖୋଦ୍ ବୋଉ, ତାର ହକ୍ ଭରିଲା ସୁବନୀ ତାକୁ ଗୁଡ଼ିକ ପକାଇଲା । ତା ଜନମକଲା ଝିଅ ଶୁକୁଟି ମୁହଁକୁ ଟିକିଏ ବି ଅନେଇଲା ନାହିଁ । ତାରି ହାତରେ ଧୁଅ ମୁତ କରି ଶୁକୁଟିଟାକୁ ଏଡ଼େଟୁ ଏଡ଼େଟାଏ କଲା । ତା ମୁହଁ ମୁହାଁସକୁ ସବୁ ପୋଛିପାଛି ଦେଇ କେମିତି ସତେ ସୁବନୀଟା ନିଦା ବସ୍ତୁ, ଓଦାକାନ୍ଥ ପାଲଟି ଗଲା ? ସତୁରି ସରକାର ଘରର ପିଅନ ହୋଇଛି ସତ, ହେଲେ ସେଟା ତାର କେଉଁ ପାସଙ୍ଗରେ ପଡ଼ିବ ? ଯେତେବେଳେ ସୁବନୀ ପୁଆଣି ହୋଇ ତା ଘରକୁ ଆସିଥିଲା, ସେତେବେଳେ ସୁବନୀ ମନକୁ ପାଇଲା ଭଳି ତା ଦେହ ମନରେ କ'ଣ କିଛି ଅଭାବ ଥିଲା ? ତା କୁନ୍ଦଲା ବାହାମୂଳର ମାଂସଥୋଳା କଥା କହିଲେ ନାଚ ଯାଉଥିଲା । ତା' ପଟାସାର ପରି ଚଉଡ଼ା ଛାତିରେ ଗୁଡ଼ିଏ ବାଳ । ତା ବହଲଆ ନିଶର ବଙ୍କେଇଲା ଅଗ ଛତରି ଗାଲ ମୁଛକୁ ଠେସ ମାରୁଥିଲା । ତା ବାହାହଲା ଦେଖିଲେ ଛୁଆଏ ହଡ଼ବଡ଼େଇ ଯାଇଁ ରାସ୍ତା କଡ଼ରେ କଗୃଡ଼ି ପଡ଼ୁଥିଲେ ।

ଜହ୍ନ ରାତିରେ ଖଇଁଚ, ଅନ୍ଧୁଲି ବୁଣିଲାବେଳେ ସୁବନୀ ଆଉକୁ ମୁହଁ ଝୁଙ୍କେଇ ସେବ ଛୁନ୍ଦ, ଚୌପଦୀ ଦି' ଗୃରିଧାଡ଼ି ଶୁଣି ଶୁଣି ଯାହା ମନେ ରଖିଥିଲା ବହୁତ ଥର ସ୍ୱରରେ ଭଙ୍ଗୀ ପକାଇ ସୁବନୀକୁ ଶୁଣାଇଥିଲା । ଆଉ ସୁବନୀ ବି ହସିଥିଲା । ତା ଉପରେ ନଲିଟି ପଡ଼ିଥିଲା । ଆଜି ଭେକ ଓପାସରେ ତା ଶିରୀ

Digitized by PPRACHIN, SOA

ଛୁଟିଗଲା ବୋଲି ସୁବର୍ଣ୍ଣ କାଣ୍ଡିବର ଚେତେଇବାର ଡାନ୍ତୁଡ଼ା ସନ୍ତୁରି ସାଙ୍ଗରେ ତାକୁ ଧୋକା ଦେଇ ପଳାଇଲା ! ହଉ, ଗଲା ତ ଯାଉ । ସେ ବା କେଉଁ ମେଟକଷ୍ଟ ସବୁ ତାଠାରେ ପଡ଼ିଥାନ୍ତା । ପେଟକୁ ବାଧିଲା । ସନ୍ତୁରି ତାଠାରେ ପୁଣି ମାଲପୁଆର ସ୍ୱାଦ ଲଗେଇ ଦେଲା । ପାଟିରେ ମିଠା ବାଜିଲା । ସେ ଗୁଡ଼ାନ୍ତା କାହିଁକି ? ଯାହା ହେଉ ସୁବର୍ଣ୍ଣ ସନ୍ତୁରି ପାଟରେ ଭଲ ଭଲ ଦରବ ଖାଉଥିବ । ତା ଚେହେରା ବାଗେଇ ଯିବଣି । ସ୍ୱେକ ଓପାସରେ ଖୋଲି ହୋଇଗଲା ଗାଲ ହଟା ତାର ଉପରକୁ ପୂଚକି ଆସୁଥିବା ବାଆଁପାଖ ଗାଲ ତଳକୁ ତା' ଲମ୍ୱାଳିଆ କଳା ଜାଇମଦାଣ୍ଠା ଏଣିକି ସ୍ୱାଦ ତୋଫା ଦିଶୁଥିବ । ଆଜ ଚମ ଗ୍ୟେର ସନ୍ତୁରୀ ସେ କଳାଜାଇ ଉପରକୁ ସୁବର୍ଣ୍ଣର ବଡ଼ାଣିଆ ଗାଲ ମଝିରେ ତା ଦାନ୍ତୁଡ଼ା ଓଠ ମାଡ଼ିଥିବ । ହାରାମଜାଦା ! ତା' ଭିତରର ଉହ୍ମେଇ ନିଆଁରେ ଶୁକୁରି ଜେନା ତାତିଯାଇ ହଠାତ୍ ଉଠି ପଡ଼ିଲା । ଅଣ ଓସାରିଆ ସେଲ୍ ଭିତରେ ଲମ୍ୱା ପାହୁଣ୍ଡ ପକାଇ ଆଗକୁ ଛୁଟି ଯାଉଁ ଯାଉଁ ତା ମୁଣ୍ଡରେ କାନ୍ଥ ପିଟି ହୋଇଗଲା ।

ସୁବର୍ଣ୍ଣ ତା ସାଙ୍ଗରେ ଛଅ ଛଅ ବରଷ ଏକା ହେମନ୍ତରେ ଦେହରେ ଦେହ ମିଶାଇ ଶୋଇ ଶୋଇ ତାର ଦେହ ରକ୍ଷିଥିଲାତ । ସେ ତାଠୁଁ ଖସିଗଲା କାହିଁକି ? ନଈ ବଢ଼ିରେ ତା ଚଲାଖଣ୍ଡକ ଭୁଷୁଡ଼ି ପଡ଼ିଲା । ସୁଠୁଁ ତାଠୁଁ ସ୍ୱାଗବଟର କରି ହଗୁଣ୍ଡ ତକ୍ଷିଥିଲା ଯେ, ପାଣି ଅସୁରର ପାଟିରେ ଗଲା । ସେତେବେଳେଠୁ ସେ ସରକାରୀ ଲୋକଙ୍କ କାରସାଦ ଦେଖିଛି । ବର୍ଷା ବକତରେ ସରକାର ଘର ଲୋକ ତାଙ୍କ ଦୁଃଖ ଶୁଣିବାକୁ ଆସୁଛନ୍ତି ବୋଲି ଖବର ହେଲା । ସରକାର ଘର ଲୋକେ ଆସିଲେ । ବେଦମ୍ ଡଙ୍ଗାଖେଳ ଖେଳିଲେ । ସରପଞ୍ଚ ବାବୁଙ୍କ କୋଠା ଉପରେ ଗୁମ୍ମୁଣ୍ଡିଆ ବନ୍ଧାଗଲା । ଗାଁସାରା କୁକୁଡ଼ା ସରପଞ୍ଚଙ୍କ ବାଡ଼ିଘରେ ଖେଦା ହୋଇଥିଲା । ପାଣି ପଶିବା ଆଗରୁ ସମସ୍ତେ ଇମିତି ତାଙ୍କ ହଚ ବାଡ଼ିଘରେ ଜବ-ଜନ୍ତୁଙ୍କୁ ପୂରେଇ ଦେଇ ଆସନ୍ତି । ସହରରୁ ବୋହି ଆଣିଥିବା ମାଲ ମସଲା ନେଇ ସେମାନେ ପାଣିଭୋଜି କଲେ । ଖଇଦନେ ଗତସନ ସରପଞ୍ଚ ସରକାରୀ ଲୋକଙ୍କୁ ଆଣି ନଈ ମଝି ଚଡ଼ାର ପତରି ବଣରେ ବଣଭୋଜି କରିଥିଲା । ଏବେ ତାଙ୍କ ଘର ଉପରେ ପାଣିଭୋଜି ହେଲା । ହ୍ୟାତ, ଭୋଜଗିଳା ସରକାରଙ୍କ ସାଉ ଦେଖ । ସଇ ହାବୁଡ଼ରେ ପଡ଼ନ୍ତେ ନା ସୁବର୍ଣ୍ଣ, ତା ଦୁଖସୁ ଗେରସ୍ତ ସମସ୍ତଙ୍କୁ ସାବାଡ଼ କରେଇ ଦିଅନ୍ତା । ତାକୁ ହଗଡ଼ କରି ସରକାରୀ ମାମଲତକାରଙ୍କ ମୁହଁ ଉପରକୁ ଛାଟି ଦିଅନ୍ତା । ଶୁକୁଟିକୁ ମାରିଛି ବୋଲି ସେ ତ ମରିବ । ସେ ଦୁଇଟାକୁ ମାରି ଭଲା ମରନ୍ତା । ଥରେ ତ ମରିବ ।

Digitized by PPRACHIN, SOA

ଯାହା ଯେତେ ସବୁ ହୋଇଗଲେ ସବୁ ପାଣିର ଫେର । ପାଣିର ବୋପା ଇନ୍ଦ୍ରରଜାର କାରସାଦି । ସରଗର ରଜା ଇନ୍ଦ୍ର ମହାପ୍ରଭୁ । ଆଜ ଆମର ରଜା ସରକାର ବାହାଦୁର । ରଜା-ରଜାଙ୍କ ଭିତରେ ସଲ୍ଲସୁତର ହେଇ ଆମ ଗରିବ ଗୁରୁବାଙ୍କୁ କଲବଲ କରି ମାରିଲେ । ଆମ ଦୁଖରେ ଉପରେ ଉପରେ ଆଖିନାକ ପୋଛି ଆମକୁ ହେଙ୍ଗ୍ ଖୁଙ୍ଗେଇ ଦେଇ ରାତାରାତି ମାଲମାଲ ହେଇଗଲେ । ସରକାର ଘର ସଭିଏ ପିଅନଠାରୁ ତା ଉପର ତା ଉପର ହେଇ ସଭା ଉପରଯାଏଁ ଯେତେ ଅଛନ୍ତି ସମସ୍ତେ ଏକା ଖାଉର ପାଣ । ସମସ୍ତଙ୍କର ଲୁହମୁଣି ଅଛି । ଯେଉଁଠି ଯାହା ପାଇଲେ ଚାଉଚାଉ ଗିଳିଦେଇ କହନ୍ତି ଖାଇ ନାହାନ୍ତି ବୋଲି ଥଣ୍ଟ ବୁଲଉଛନ୍ତି । ତାଙ୍କ ଅନ୍ତବୁଜୁଳା ଫାଡ଼ ଦେଇ ସମସ୍ତଙ୍କ ତାଙ୍କ ଭିତରର ଚେହେରାକୁ କିଏ ଦେଖେଇବ ? ତାଙ୍କ ହାତରେ ବାଡ଼ି, ପରଓ୍ୱାନା, ଜେଲ, ଜୋରିମାନା ସବୁ ରହିଛି । ତାଙ୍କ ଚୌହଦି ଭିତରକୁ ଭୁକିବାକୁ ଗରିବ ଗୁରୁବା ମଳ ମୁଣ୍ଡି ଆଙ୍କର କଣ ଯୁ ଅଛି ? ହେଜ ଉପାସର କାଉଁରିହାଡ଼ ବୁଲଇ ଆମ ଭିତରୁ ସେମାନେ ସବୁ ତାକତକୁ ଉଡ଼ନଚୁ କରି ଦେଇଛନ୍ତି । ଶାସ୍ତ୍ର ପୁରାଣ, ଆଇନକାନୁନର ଭେଳକି ଲଗାଇ ଆମକୁ ଭକୁଆ ବନେଇଛନ୍ତି । ଆମ ଆଗକୁ ଶୁଖିଲା ରୁଟି କେତେବେଳେ କେମିତି ଖଣ୍ଡେ ଅଧେ ଲୁଟି ଦେଇ ଆମ ତୁଣ୍ଡରେ ତୁଣ୍ଡି ବାନ୍ଧି ଦେଉଛନ୍ତି । ଆମେ ଭୁକିଂ ପାରୁନାହୁଁ । ଆମ ମୁହଁର ଭାତକୁ ମାଛ ମାଂସରେ ବଦଳାଇ ତାଙ୍କ ମାଇକିନା, ପୁଅପାଛି, ଶଳା ଶୋଦରଙ୍କୁ ଗିଳାଉଛନ୍ତି । ସେମାନେ ହାକୁଟି ଖସାଇ ହେଣି ମାଡୁଛନ୍ତି । ଅଇଁଠା ରୁଟି ନଇଁଯୋଡ଼କୁ ଫିଙ୍ଗି ଦେଇ ଆମକୁ ଭୁଲଉଛନ୍ତି । ଆଜ ଆମେ କେମିତି ଆପଣା ଆପଣା ଭିତରେ କାମୁଡ଼ା କାମୁଡ଼ି ହେଉଛୁ । ଦେଖି ଦେଖି ମଜା ଲୁଟୁଛନ୍ତି ।

ପାଠୁଆ ଭଦ୍ରଲୋକଙ୍କ ଦେଶ-ସେବା ତାମସା ଆମେବି ଦେଖିଛୁ । ଅନେକ ବି ଶୁଣିଛୁ । ଏଇ ଏବେକାର ଆର ଗାଁର କଥା । ଗାଁ ଭିତରେ ଅକାଳ କାଳ ବଡ଼ି ପାଣି ଫଣା ଖେଳେଉଛି । ଗ୍ରାମ ଉପରେ ବାପ ଝିଅ ହେଜ ଉପାସରେ ଛୁଅ ବାଉଁଶକୁ ଜାବୁଡ଼ି ଧରି ବସିଛନ୍ତି । ଡଙ୍ଗାରେ ଭଦ୍ରଲୋକ କେତେଜଣ ଆସିଲେ । ବାପ ହୁରି ପକାଇଲା । ବାବୁମାନେ କହିଲେ ଡଙ୍ଗାରେ ଜାଗା ନାହିଁ । ଜଣକୁ ନେଇ ଛାଡ଼ିଦେଇ ଆସି ଆର ଜଣକୁ ନେବେ । ଝିଅ କାନ୍ଦିଲା, ବୁଢ଼ାବାପ ଆଗେ ଯାଉ । ବାପ ଗୁହାରି କଲା, ଝିଅଟା ଯାଇ

Digitized by PPRACHIN, SOA

ଅନ୍ତତଃ ବଞ୍ଚିଯାଉ । ତାର ହେଲେ ହେଲା, ନହେଲେ ନାହିଁ । ତା ଦିନ କାଳତ ସରିଗଲାଣି । ସ୍ୱକ ଆଉ ସମ୍ଭାଳିବ ନାହିଁ । ବାବୁମାନେ ଝିଅକୁ ନେଇ ଡ଼ଙ୍ଗାରେ ବସାଇଲେ । ତା ପର ଦିନ ବୁଡ଼ା କୌଣସିମତେ ଉଦ୍ଧାର ପାଇ ଝିଅକୁ ଖୋଜିଲା । ଝିଅକୁ ପାଇଲା ଯେ ଜାଅନ୍ତା ଝିଅକୁ ନୁହେଁ ତା ମଡ଼ାକୁ ତା ଶାଢ଼ୀ ଖଣ୍ଡକ ଫଡ଼ାଫଡ଼ାହୋଇ ରକ୍ତ ସୁଡ଼୍ ବୁଡ଼ୁ ହେଇଥିଲା । ଗାଲ, ଗୁଣ୍ଠରେ ଗୁଡ଼ାଏ ଆଞ୍ଚୁଡ଼ା, କାମୁଡ଼ା ଦାଗ । ରକ୍ତ ଚହଟି ଆସିଛି । କଥାଟା ସାଫ ସାଫ ଜଣା ପଡ଼ିଗଲା । କାହିଁ, ସରକାରବାଲାତ ତାଙ୍କର ଗୋଟାଏ ଚଡ଼େଇ ପକେଇଲେ ନାହିଁ ? ତା ସୁବମୀର କଅଁଳିଆ ଦେହକୁ ଝୁଣିଝୁଣି ଦଗାତ ଖାଇଲେ । ଶେଷକୁ ସନ୍ତୁବ ପିଅନକୁ ତାକୁ ଫିଙ୍ଗିଦେଲେ । ତା ଭାଗ୍ୟ ଭାଙ୍ଗିଗଲା । ସେ କଥା ବୁଝିଲେ ନାହିଁ । ତା ଝିଅ ମରିଗଲା ଯେ ମହାଭାରତ ଅଶୁଦ୍ଧ ହେଇଗଲା । ତାକୁ ଧରି, ବାନ୍ଧି କାଡ଼ଆପଣ ଦେଖାଇ ହେଉଛନ୍ତି, ଶୁକୁଟି ଯେମିତି ସରକାରଙ୍କର ଜନ୍ମ-କାଳ ଝିଅ ଥିଲା କି କଣ ?

ଶୁକୁଟି ତନ୍ଦ୍ରାର ନିଆଁ ଧାସ ବାଜି ଶୁକୁବିର ଆଖି ଫାଙ୍ଗେଇ ଉଠିଲା । ଶୁକୁଟିଟା ସବୁବେଳେ ହାଡ଼ ଦିଖଣ୍ଡ ଧରି ମିଲିଁ ମିଇଁ ହେଉଥାଏ ବୋଲି ତାକୁ ଶୁକୁଟି ବୋଲି ଡାକୁଥିଲେ । ସୁବମୀ ତ ପେଟ ପାଇଁ ଶୁକୁଟିକୁ ତା ପାଖରେ ଫୋପାଡ଼ ଦେଇ ଦୁଖିପୂ ହୋଇଗଲେ । ସେ ଦି'ଦିନ ଗୁମ୍ ହୋଇ ବସି ରହିଲା । ସୁବମୀର ଧୋକାଦେବା କଥାଟାକୁ ସେ ହଜମ କରି ପାରୁନଥିଲା । ଶୁକୁଟିଟା ତା ବୋଉ କଣକ ଯିବ, ତା ବୋଉ ତାକୁ ଖାଇବାକୁ ଦେବ ବୋଲି ନିଠେଇ ନିଠେଇ ସହା ଧରିଲା । ମୁଢ଼ି ଦି'ଟା ଯୋଗାଡ଼ କରି ସେ ଟୋକାଟା ପାଖରେ ଥୋଇଲା । ମୁଢ଼ିଡାଲିକୁ ଗୋଇଠା ମାରି ଟୋକାଟା ବୋଉ ବୋଉ ବୋଲି ଖୁବ୍ କୁହାଟିଲା । ତାକୁ ଯେତେ ବୋଧ-ସୋଧ ଦେଲେ ବି ମାଙ୍କଡ଼ଛୁଆଟା ବେଶି ବେଶି ଜିଦ୍ ଧରିଲା । ତା ମନରେ ତ ନିଆଁ ଲାଗି ଯାଇଥାଏ । ତା ବୁଦ୍ଧିକୁ ବାଧିଲା । ସେ ବୋଉ ପାଖକୁ ନେଇଯାଉଛି ବୋଲି ଟେକି ଟେକି ନେଇ ନଈ ଭିତରକୁ ଛାଟିଦେଲା ।

ଶୁକୁଟି ଆଖି ସରଡ଼େଇ ଭାବୁଥିଲା । ପାଣି ଭିତରେ ଶୁକୁଟି ବୁଡ଼ ବୁଡ଼ ଆକଣ୍ଠ ହେଇ ପଡ଼ିଥିବ, ଆଉ ସଂକର ତା ଜୀବନ ଗୁଡ଼ ପାଇଥିବ । କେଉଁ ବାଉଁଶବୁଦା କି, ଗଛ କେନାରେ ତା ମୁର୍ଦ୍ଦାର ଲାଗିଥିବ । ପୋକ, ଜୋକ,

Digitized by PPRACHIN, SOA

ମାତ୍ର, କଇଁଚ ତାକୁ ଛୁଣ୍ଡେଇ ଛୁଣ୍ଡେଇ ଖାଉଥିବେ । ଶୁକୁଳି ଅନୁଭବ କଲି ସେ ଯେମିତି ପାଣି ଭିତରେ ବୁଡ଼ି ବୁଡ଼ି ଅଣନିଶ୍ୱାସୀ ହୋଇ ପଡ଼ୁଛି । ସେ ଲଗ ଲଗ ନିଶ୍ୱାସ ନେଇ ତା ଅଟ୍‌ଟିଆ ମନକୁ ଝୁଲେଇ ଝୁଲେଇ ବୁଝେଇବାକୁ ଲାଗିଲି । ସୁବର୍ଣ୍ଣ ପେଟ ପାଇଁ ଝିଅ ଗେରସ୍ତଙ୍କୁ ଛାଡ଼ିଦେଲା । ସେ ତା ପେଟ ପାଇଁ ତା ଝିଅକୁ ଫୋପାଡ଼ି ଦେଲି । ସୁବର୍ଣ୍ଣର ସତ୍ତୁରି ଥିଲା । ସେ ତା ପାଖରେ ନିଜକୁ ଜମା ଦେଇଦେଲା । ଶୁକୁଟିର କେହି ଜମାଦାର ନ ଥିଲେ । ସେ ତାକୁ ନଈକୁ ଜମା କରିଦେଲା ।

ଶୁକୁଳିର ଆଖି ଆଗରେ କେତେ ପୁରୁଣା ନୂଆ କଥା ନାଚି ନାଚି ଗଲା । ସୁବର୍ଣ୍ଣକୁ ସେ କେତେ ଭଲ ପାଉନଥିଲା ? ସୁବର୍ଣ୍ଣଟା ତା ଉପରେ ଖାମ ଖାମ ଟେଟ ଟେଟ ହୁଏ ସିନା ତାକୁତ କମ୍ ଶରଧା କରୁନଥିଲା ? ତାଙ୍କ ଗାଁକୁ ମୁଡ଼ି, ଚୁଡ଼ା, ଗୁଡ଼ଜିଲ, ଲୁଗାପଟା ବାଣ୍ଟିବାକୁ ସରକାରୀ ବାବୁମାନେ ଆସିଲେ । ସରପଞ୍ଚଙ୍କ ଗୋଦାମ ଘରେ ମାଲ୍‌ସବୁ ରହି ଗଲା ପଡ଼ିଲା । ବାବୁମାନଙ୍କ ଖିଆପିଆର ଧୂମ୍ ଉଡ଼ିଲା । ସତ୍ତୁରି ସୁବର୍ଣ୍ଣକୁ ଫୁସୁଲେଇ ସେଠି ଟହଲ ଟକର କରିବାକୁ ପଟେଇନେଲା । ପ୍ରଥମଦିନ ରାତିରେ ସୁବର୍ଣ୍ଣ ଟିକିଏ ଡେରିରେ ଫେରିଲା । ଡେକ୍‌ଚିରେ ନିଜେ ନଖାଇ ସବୁ ମାଗି ଆଣିଥିଲା । ଭାତ, ଡାଲି, ଶାଗୁଆଳୁ କଣ୍ଟା କେତେଖଣ୍ଡ ଏବଂ ଝୋଳ ଥିଲା । ତାକୁ ବାଢିଦେଲା, ଶୁକୁଟିକୁ ସାଙ୍ଗରେ ବସେଇ ବଳେଇ ବଳେଇ କେତେ ଗେହ୍ଲା କରି ଖୋଇଲା । ଆଃ, ସେଦିନ ରାତିଟାରେ ବାନ୍ଧ ଉପରେ ମାରିଥିବା ପଲି ଖଣ୍ଡିକରେ ଛିଣ୍ଡା ଅଖା ଖଣ୍ଡିକ ପକାଇ ସୁବର୍ଣ୍ଣକୁ ଜାବୁଡ଼ି ଧରି କି ଶୁଆ ସେ ଶୋଇଥିଲା । ତା ପରଦିନ ସୁବର୍ଣ୍ଣ ରାତିରେ ଫେରିଲା ନାହିଁ । ଶୁକୁଟି, ସେ ତାକୁ ଗୁହିଁ ଗୁହିଁ ଓପାସରେ ଶୋଇଲେ । ସକାଳୁ ସକାଳୁ ସୁବର୍ଣ୍ଣ ବାସୀ ଅଇଁଠା କଣ୍ଟା କିଛି ଧରି ଫେରିଲା । ରାତିରେ ଖାଇବା ପିଇବା ସରିବାକୁ ଖୁବ୍ ଡେରି ହେଲା । ତାକୁ ଏକୁଟିଆ ଆସିବାକୁ ଡରମାଡ଼ିଲା ବୋଲି ସେ ସଫେଇ ଦେଲା । ସୁବର୍ଣ୍ଣ କଥା କହିଲା ବେଳକୁ ଆନ୍ଦୁ ଆନ୍ଦୁ ହେଉଥାଏ । ଟେଳପ ଡ଼ୋକୁ ଥାଏ । ତା ଆଖି ପଶି ଯାଇଥିଲା । ସେ ମୁହଁ ଟେକି ଗୁହିଁ ପାରୁ ନ ଥିଲା । ତା ମନରେ ବି ପାପ ଛୁଇଁଲା । ହେଲେ କିଛି କହିଲା ନାହିଁ । ସେଦିନ ସପନ ଗଲା ସେ ଆଉ ଫେରିଲା ନାହିଁ । ରାତି ପାହିଲା । ଦିନ ଗଡ଼ି ଗଡ଼ି ବାରଘଡ଼ି ବି ଟପିଲା । ସୁବର୍ଣ୍ଣର ଦେଖା ନାହିଁ । ସେ ଶୁକୁଟିକୁ ଧରି ସରପଞ୍ଚଙ୍କ

Digitized by PPRACHIN, SOA

ଘରକୁ ଗଲା । ବାବୁଭୟାମାନେ ସେଦିନ ରମାନା ହୋଇ ଯାଇଛନ୍ତି । ସପନେ ସଭୁରି ସାଙ୍ଗରେ ପଳେଇଛନ୍ତି । ବାରଲୋକଙ୍କ ଚୂପ୍‌ଚାପ୍ କଥା ତା କାନରେ ବାଜିଲା । ବାବୁମାନେ ସପନର କଞ୍ଚା ମାଂସକୁ ହଦ୍ଦନ ଝୁଣି ଝୁଣି ଖାଇଲେ । ଶେଷକୁ ପୁରୁଣା ଲୁଗାପଟା ଗୁଡ଼ିକରକୁ ଦେଇପରି ସଭୁରି ପିଅନକୁ ସୁବର୍ଣ୍ଣାକୁ ମେଣ୍ଟେଇ ଦେଲେ । ସଭୁରିର ପ୍ରିୟା ମରି ଯାଇଥିଲା । ସେ ସୁବର୍ଣ୍ଣାକୁ ଆଦରି ନେଲା ।

ଶୁକୁର ଜେନା ଗର୍ଜି ଉଠିଲା । ଏ ସରକାର ଗୁରୁଆଡ଼େ ମୂର୍ଦାର କଳ ପକାଇ ମୂର୍ଦାର ଆମଦାନି କରୁଛନ୍ତି । ତା ସପନ ତା କଥା, ଶୁକୁଟି କଥା, ଛଅବର୍ଷର କେତେ ଦୁଃଖ ସୁଖର କଥା ମନେପକାଇ ମୂର୍ଦାର ଫରି ସଭୁରି ଖଟ ଉପରେ ପଡ଼ିଥିବ । ତା ଶୁକୁଟିର ମୂର୍ଦାର ପାଣିରେ ଭାସୁଥିବ କି କେଉଁ କଣ୍ଟା ଝଁଟାରେ ଅଟକେ ଲଟକିଥିବ । ଆଜି ତାକୁ ଫାଶିଖୁଣ୍ଟରେ ଝୁଲାଇ ମୂର୍ଦାର କରିବେ ।

ଶୁକୁରର ମନେ ପଡ଼ିଲା । ତାଙ୍କ ଗାଁ ମିଶ୍ରଗୋସାଇଁ ଦିନେ ଅଜବ ଅଜବ କଥା କହୁଥିଲେ । କେତେ ଡାଆଣୀ, ଶଙ୍କୁଣୀ, ଭୂତପ୍ରେତଙ୍କ କଥା । ସେ କହୁଁ କହୁଁ କହୁଥିଲେ ଯେ ଜଣେ ଲୋକକୁ ଆଉଜଣେ ମାରିଦେଲା । ତା ମୂର୍ଦାରକୁ ନେଇ ବଣ ଭିତରେ ଲୁଚେଇ ପୋତି ପକାଇଲା । ସେ ମୂର୍ଦାର କେମିତି ରାତିରେ ଗାତରୁ ବାହାରି ତାକୁ ଯିଏ ମାରିଥିଲା ତା ତଣ୍ଟିକୁ ଚିପିଦେଲା । ରାତି ଅଧରେ ଭୂତପ୍ରେତଙ୍କ ଚଳପ୍ରଚଳ ହୁଏ ।

ଶୁକୁର ଦାନ୍ତ କାମୁଡ଼ି କରି ଘାବ ଘାବ ମୁଣ୍ଡକୁ ହଲଉଥିଲା । ଠିକଏ ଘୁଡ଼ି ଜଣେ ଜେଲଓ୍ୱାର୍ଡ଼ର ଆସି ଶୁକୁରର ସେଲ୍ ଖୋଲିଲା । ଶୁକୁର ହାତରେ କଡ଼ି ପଡ଼ିଥିଲେ ବି ସେ ଗୋଟା ହୁପା ମାରିଦେଇ ଓ୍ୱାର୍ଡ଼ରର ବେକକୁ କାମୁଡ଼ି ଧରିଲା । ତା ପରେ ଦାନ୍ତ ଦବେଇ ଦବେଇ ଚଅଁ ଚଅଁ କରି ରକ୍ତ ପିଇବାକୁ ଲାଗିଲା ।

ରକ୍ତ ପିଉଁ ପିଉଁ ତା ଦେହ ହାତ ଥକାମି ହୋଇ ପଡ଼ୁଥିଲା । ସେ ଡ଼ୋଳେଇ ଡ଼ୋଳେଇ ଭାବୁଥିଲା ରାତି ପାହି ଯାଇଛି । ମୂଦାରଙ୍କ ଭ୍ରମଣିବେଳା ସରିଯାଇଛି । ସେ ମଲା ଗାତରୁ ଉଠି ତା ଶତ୍ରୁର ବେକଘଣ୍ଟିରୁ ରକ୍ତ ପିଉଛି ।

ଶୁକୁର ଜେନା ମୂର୍ଦାର ହୋଇ ତଳକୁ ଖସି ପଡ଼ିଲା ।

●

Digitized by PPRACHIN, SOA

ଅସୁର

ଆଈମା କାହାଣୀରେ ମୁଁ ଶୁଣିଥିଲି, ଅଗନା ଅଗନ ବନସ୍ତର କେଉଁ ଭିତିର ମୂଲକରେ ମଣିଷମାନଙ୍କଠୁ କେତେନା କେତେ ଦୂରରେ ଥିବା ଅନ୍ଧାରିଆ ଗୁମ୍ଫାରାଜ୍ୟ ହେଉଛି ଅସୁରମାନଙ୍କର ଚରାଭୂଇଁ । ନରଗନ୍ଧ ନାକରେ ବାରି ବାରି ଅସୁରମାନେ ରାଜା ପୁଅ, ମନ୍ତ୍ରୀ ପୁଅ, ସାଧବ ପୁଅ, କୋଟୁଆଳ ପୁଅ, ତାଙ୍କ ଘୋଡ଼ା, ତାଙ୍କ ସୈନ୍ୟ ସାମନ୍ତ ସମସ୍ତଙ୍କୁ ସେମାନଙ୍କ ଗୋଜିଆ ଗୋଜିଆ ପଜାଇଲା ଥୁମ୍ବ ଦାନ୍ତରେ ଝୁଣି ଝୁଣି ଟାଣି ଟାଣି ମାରି ଖାଆନ୍ତି । ଏମିତି ଏମିତି ଅସୁର ଗପ ମୁଁ ଅନେକ ଦିନରୁ ଅନେକ ଥର ଶୁଣିଥିଲି । ସେଦିନ ହଠାତ୍ କଟକ ସହରର ବଡ଼ ଦାଣ୍ଡ ଉପରେ ମୁଁ ଗୋଟିଏ ଅଦ୍ଭୁତ ରକ୍ତପିଆ ଅସୁରକୁ ହାବୁଡ଼ି ଗଲି । ସେ ମୋ'ଠି ନଖମାରି ମାରି ମୋ ମନ ତମାମ ଘାଆ କରିଦେଲା । ମୋ ଭାବନାର ଧୂଳିମଳି ପଡ଼ି ସେ ଘାଆ ବିଷିରିପି ଗଲା । ଆଜି ବି ସେ ଅଶୁଖା ବ୍ୟାଧି ମୋ ଭିତରେ ଅତଡ଼ା ଖାଇ ଖାଇ ଚାଲିଛି ।

ସେ ଦିନ କଟକ ସହରରେ ନିଆଁ ବୃଷ୍ଟି ହେଉଥିଲା । ଖରାରେ ସିଝି ସିଝି ଦେହ ତାତି ଯାଇଥିଲା । ହେବା କାମଟା ନ ହେବାରୁ ମନଟା ବି ଝାଇଁ ଝାଇଁ ମାରୁଥିଲା । ଦେହ ମନର ଜଳା ପୋଡ଼ାରୁ ଟିକିଏ ଶାନ୍ତି ପାଇବାକୁ ସହରର ଚକହ୍ରାକେନ୍ଦ୍ର ସିନେମା ମନ୍ଦିରକୁ ଯିବି କି ନାହିଁ ହେଉ ହେଉ ଶେଷକୁ ସେଠି ପହଞ୍ଚି ଗଲି । ଖବର ନେଲି, ଫେଲେଇ ଚାଲୁଛି ! ପିକ୍ଚର ଆରମ୍ଭ ହୋଇନି । ସର୍ବସାଧାରଣରେ ଝନା ଦ୍ୱିଧାରେ ବଣ୍ଟି ହେଉଥିବା ଖଣ୍ଡିଏ ଦେଢ଼ ଟଙ୍କିଆ ଟିକେଟକୁ ଚାରିଟଙ୍କା ପନ୍ଦର ପଇସା ଦେଇ କିଣିବାକୁ ମୁଁ ଟିକିଏ ଦୋ ଦୋ ପାଞ୍ଚ ହେଉଥିଲି । ସେଟା ଗୋଟେ ସାଧାରଣ ଘଟଣା ବୋଲି ପରେ ଖିଆଲ ପଶିଲାରୁ ଟିକଟ ଖଣ୍ଡିକ

Digitized by PPRACHIN, SOA

ହାତ ପଇଠ କରି ସିଧା ସିଧା ଭିତରକୁ ଢ଼ୁକିଗଲି । ଭିତରେ ସମସ୍ତେ ଲଙ୍ଗଳା ହେଉଛନ୍ତି । ମୁଁ ବି ମୋ ମଫସଲି ମନ ଉପରେ ଗୁଡ଼ା ହେଇଥିବା ମୋଟା ମୋଟା କୁରୁତା ଗେଞ୍ଜିକୁ ଉତାରି ଦେଇ ଉଶ୍ୱାସ ହୋଇ ପଡ଼ିଲି । ପାଞ୍ଚ ବରଷର ପିଲା, ଷୋଳ ବରଷର ଯୁବତୀ, ପଚିଶ ବରଷର ଯୁଆନ, ଷାଠିଏ ବରଷର ବୁଢ଼ା, ସମସ୍ତେ ସେଠି ନିଜକୁ ଖୋଲି ଖାଲି ଦେଇ ହାଲକା ହୋଇ ବସିଛନ୍ତି । ସ୍କ୍ରିନ ଉପରେ ଅକୁଣ୍ଠା ନାୟିକାକୁ କୁଣ୍ଠାହୀନ ନାୟକ ଲଙ୍ଗଳା କରି ଆକଣ୍ଠ ପାନ କରୁଛି । ବାପା, ମାଆ, ପୁଅ, ଝିଅ, ଅଜା, ନାତି, ସମସ୍ତେ ଏକା ପଙ୍ଗତରେ ବସି ମସଗୁଲ ହୋଇ ସେ ପାମାପୁ ଇନ୍ଦ୍ରବୃତ୍ତିକୁ ଚକା ଚକା ପିଇ ଯାଉଛନ୍ତି । ସାର୍ବଜନୀନ ଗାଧୁଆ ଘାଟରେ ସମସ୍ତେ ନିଜକୁ ଖୋଲିକରି ଦେହ ମନରୁ ଛାତି ଛଡ଼ାଉଛନ୍ତି । ମୁଁ ବି ସମସ୍ତଙ୍କ ସାଙ୍ଗରେ ସାମିଲ ହୋଇଗଲି ।

ସିନେମା ସରିଗଲା । ମୁଁ ମନେ ଭଙ୍ଗେଇକି ଯେଉଁ ଭାଙ୍ଗ ପାଣି ପିଇଥିଲି ତା'ର କ୍ରିୟା ପ୍ରତିକ୍ରିୟାରେ ମତେ ଟିକିଏ ବାଉ ବାଉ ଲାଗୁଥିଲା । ନା, ଆଜି ଚାଲି ହେବନି । ମୁଁ ହାଲକା ହୋଇ ଭାରଶୂନ୍ୟ ହୋଇ ପଡ଼ିଥିଲି । ଆଗରେ ରିକ୍ସାବାଲାଟା ସିଟ୍ ଉପରେ ବସି ମୁଣ୍ଡକୁ ହେଣ୍ଡେଲ ଉପରେ ମାଡ଼ି ଦେଇଛି ।

କରେ ଯିବୁ ?

ହଁ ବାବୁ :

ମୁଁ ରିକ୍ସା ଉପରକୁ ଉଠିପଡ଼ି ନିଜକୁ ସହଜ କରି ଆଉଜି ପଡ଼ିଲି । କଟକ ସହରର ଫର୍ଦ୍ଦ । ଆଲୁଅ ଭିତରେ ରିକ୍ସା ଚାଲୁଥିଲା । ମୋ ଉପରେ ସବାର ହୋଇଥିବା ଭାଙ୍ଗ ନିଶାକୁ ମୁଁ ନିଜକୁ ହଲାଇ ହଲାଇ ଖଲାସ କରୁଥିଲି । ମୋ ମଫସଲି ମନରେ ଅସଭ୍ୟା କୁଳଭୂଆସୁଣୀକୁ ସହର କାନକୋଳି ବୁଢ଼ାର ସଭ୍ୟତା ଚରିଗୁଣୀ ମାଡ଼ି ବସିଥିଲା । ମୁଁ ନଟେଲ ମାଆ ଧୋବଣୀର କୋଟି କୋଟି ଆଜ୍ଞାକୁ ମୋ ଉପରେ ଘାଟି ଘାଟି ମୋତେ କାବୁ କରିଥିବା ଛୁଆଖିଆ ଚରଗୁଣୀକୁ ରିକ୍ସାରେ ବସି ବସି ହୁରୁଡ଼ାଉଥିଲି ।

ହଠାତ୍ ରିକ୍ସାବାଲାର ମୁଣ୍ଡଟା ହେଣ୍ଡଲରେ ପିଟି ହୋଇଗଲା । ମୁଁ ଆଗକୁ ଟିକିଏ ଢଳିକି ପଡ଼ିଲି । ପୁଣି ରିକ୍ସା ଚାଲିଲା । ଆଜିର ସିନେମା ଅବ୍ୟାପାରକୁ ଆଧାର କରି ମୋ ଭିତରେ ଜବାବ୍ ସୁଆଲ ଚାଲିଥିଲା ।

Digitized by PPRACHIN, SOA

ରିକ୍ସା ସେତେବେଳକୁ କାଠଯୋଡ଼ର କଡ଼େ କଡ଼େ ଯାଉଥିଲା । ପୁଣି ଥରେ ରିକ୍ସା ବାଲାର ମୁଣ୍ଡ ହେଣ୍ଡଲ ଦେହରେ ଠୁକର ଖାଇଲା ମୁଁ ତାକୁ ଧମକାଇ ଦେଇ ଅଟକିବାକୁ କହିଲି । ସେ ବି ଓହ୍ଲାଇ ପଡ଼ି ପାଖ ପଥର ଉପରେ ଟଳ ଟଳ ବସି ପଡ଼ିଲା ମଦ ପିଉଛୁ ?

ହଁ, ଏମିତି ଟିକିଏ ପିଏ ବାବୁ ।

ଏମିତି ପିଉ ଆଉ ଏମିତି ଯଦି ହେଉ, ମେଷା କରିବୁ କେମିତି ?

ପେଷା କରିବାକୁ କିଛି ଅସୁବିଧା ହୁଏନି ବାବୁ । ଲୁହାର ଗାଡ଼ିଟିକୁ ହାଡ଼ ଚମର ହାତ ଗୋଡ଼ରେ ଅକ୍ତିଆର କରିବାକୁ ଟିକିଏ ଉପୁରି ଜୋର ଦରକାର ବାବୁ । କିନ୍ତୁ ଆଜି ··

ଆଜି କଣ ହୋଇଛି ?

କିଛି ନା ବାବୁ । ଭାଲନ୍ତୁ ଯେମିତି ହେଉ ଆପଣଙ୍କ ଠିକଣାରେ ପହଞ୍ଚାଇ ଦେଇ ଘରକୁ ଫେରିବି । ଆଜି ଅଧିକା ଖଟି ପାରିବିନି ଆଜି ।

ସେତାର ଚାଳପକା ଢିଲା ହାପ୍‌ପେଣ୍ଟ ଉପରେ ଦରସିଆଁ ଗାମୁଛା ଖଣ୍ଡିକ ବାନ୍ଧିଦେଇ ମୁଣ୍ଡର ବାଳକୁ ଦି ତିନି ଥର ଟାଣିଦେଲା । ତାର ଢଙ୍ଗଢାଙ୍ଗ ଦେଖି ମୁଁ ଟିକିଏ ଘାବରାଇ ଗଲି । ଆଉ ତା ରିକ୍ସାରେ ଯିବାକୁ ସାହସ କରି ପାରିଲିନି । ମୁଁ କାଠଯୋଡ଼ି ବନ୍ଧ କଡ଼ର ପଥର ଉପରେ ଯାଇ ବସିଲି । ତାର ଆଜିର ବିଶେଷ ଘଟଣାକୁ ଜାଣିବାକୁ ମୁଁ ଅତି ମାତ୍ରାରେ କୌତୁହଳୀ ହୋଇ ପଡ଼ିଥିଲି । ପକେଟରୁ ଖଣ୍ଡେ ମିଠା ମସଲାଦିଆ ପାନ ତାକୁ ଦେଇ ଆରମ୍ଭ କଲି—

ହଁ ଆଜି ତୋର କଣ ହେଲା କହତ ।

ସେ ମତେ କିଛି ସମସ୍ତ କେବଳ ବଲ ବଲ କରି ଚାହିଁଲା । କିଛି ଅସୁବିଧା ଥିଲେ ମୁଁ ତାକୁ ସାହାଯ୍ୟ କରିବି ବୋଲି ଭରସା ଦେଲି । ସେ ମୋ ଭିତରେ କିଛିଟା ବିଶ୍ୱାସର ଗନ୍ଧ ବାରିଲା ବୋଧହୁଏ ।

ସେ ଆରମ୍ଭ କଲା—

ବାବୁ, ତୁମେ ସବୁ ଆମ ଉପରେ ଚଢ଼ିକି ଚାଲ । ବୋଝ କଣ ବୋହିଲା ବାଲାର ଦୁଃଖ କେବେ ବୁଝ ? ବାବୁ ଆପଣଙ୍କ ଟେବୁଲ୍, ଝରକା, ଦୁଆର

Digitized by PPRACHIN, SOA

ଦାମିକା ଦାମିକା ଲୁଗା ପିନ୍ଧନ୍ତି । ଆମ ବଡ ଲଙ୍ଗଳା ଗୁଡ଼ାଙ୍କୁ ଦେଖିବାକୁ ଭଗବାନ ଆପଣଙ୍କୁ ସେମିତିକା ଶ୍ରେଷ୍ଠ ଆଖି ଦେଇନାହାନ୍ତି । ରାସ୍ତା ଛକର ଛେମା, ପଥର କଥା, ରାସ୍ତା ଉପରେ ମଟରଭିତରେ ଥିବା ବାବୁମାନେ କଣ ମନେ ପକାନ୍ତି ? ଆଜକୁ ଆଠ ବର୍ଷ ହେଲା ମୁଁ ରିକ୍‌ସା ଟଣା ଧନ୍ଦା ଧରିଛି । ସମସ୍ତେ ଆସନ୍ତି ମୋ ଉପରେ ବସନ୍ତି । ମଜୁରି ଦେଲାବେଳକୁ ହକ୍ ମଜୁରିରୁ ମନଇଚ୍ଛା କାଟିଦେଇ ମାଗିଲାବେଳକୁ ଓଲଟି ଚଢ଼ିଯାଆନ୍ତି ଓ ବେଶି ଜଗର କଲେ ଗୁପଡ଼େ ହାଣ୍ଡୁପଡ଼ ହଅନ୍ତି । ତୁମେ ବାବୁ କେମିତି ଅଲଗା ଅଲଗା ଲାଗୁଛ ।

ମୁଁ ତା ପିଠି ଉପରେ ହାତ ପକାଇ ତାକୁ ଟିକିଏ ଆତ୍ମୀୟତାର ଉଷୁମ ଦେବାଲାଗି ମୋ ଆଡ଼କୁ ଜାକି ଆଣିଲି । ସେ କଥା କହୁ କହୁ ଅଟକିଗଲା । ଛେପ ଢୋକିଲା ବୋଧହୁଏ । ମୋ ହାତ ପାପୁଲି ଉପରକୁ ତା ଆଖିରୁ ଗରମ ଲୁହ ଦି’ ଟୋପା ଖସି ଆସିଲା । ମୁଁ କଥାରେ ଜୋର ଦେଇ ଶପଥ କଲାଭଳି ଭରସା ଦେଲି ଯେ ତା ପାଇଁ ଯାହା ସମ୍ଭବ ମୁଁ କରିବାକୁ ଚେଷ୍ଟା କରିବି । ତାପରେ ସେ କାନ୍ଦିଲା । ମେଘ ଦେହରେ ଥଣ୍ଡା ପବନ ଲାଗିଲେ ସେଥିରୁ ପାଣି ନିଗିଡ଼ି ଆସେ ।

ଟିକିକ ପରେ ସେ ଆଖି ପୋଛି ଆରମ୍ଭ କଲା—କଥାଟା କ’ଣ କି ବାବୁ, ବୋଉ ମୋର ରୋଗରେ ପଡ଼ିଛି । ଘରେ ଟିକିଏ ଦେଖାଶୁଣା କରିବାକୁ ଅଟକି ଗଲି । ମୋ ଛଡ଼ା ତାର ବା ଆଉ କିଏ ଅଛି ? ମୁଁ ବାହା ହୋଇନି ବାବୁ ! ବାହା ମୁଁ ହେଇ ପାରିଲିନି ! ପଇଁତିରିଶ ବରଷ ଉମର ହୋଇଗଲା ।

ସେ ଗୋଟାଏ ଓଜନିଆ ନିଃଶ୍ୱାସ ଛାଡ଼ିଲା । ତା ଭିତରେ ଉଦାସ ଓ କ୍ଳାନ୍ତିର ଅବସାଦ ଘୋଟି ଯାଉଥିଲା । ମୁଁ ବି ଚୁପ୍ ରହିଥିଲି ।

ସେ ଟିକିଏ ଛାଡ଼ି ପୁଣି ଆରମ୍ଭ କଲା । ଆର ଜନ୍ମରେ ଗୋହତ୍ୟା କି ବ୍ରହ୍ମହତ୍ୟା କରିଥିଲି କେଜାଣି, ଭଗବାନ ମୋତେ ହରିଜନ କୁଳରେ ଜନ୍ମ ଦେଲେ । ଗାନ୍ଧିବୁଢ଼ା ସିନା ମିଛରେ ଆମକୁ ହରିଙ୍କର ଜନ ବୋଲି ଚିହ୍ନଟ କରିଦେଲେ, ଭଗବାନଙ୍କର ଆମେ ହେଲୁ ପୋଇଲି ମାଇପ-ପୁଅ । ଆପଣମାନେ ଉଚ୍ଚ ଜାତିର ଲୋକ ହୋଇଛନ୍ତି ହରିଙ୍କର ଗେଲବସର ପିଲା । ପେଟ ପିଠିର ଦାଉ ସମ୍ବ ସମ୍ବ ଏତେ ହଲପଲ ହୋଇ ବଞ୍ଚିବା ନ ବଞ୍ଚିବା ସମାନ ବାବୁ ! ଛୁଆଦିନରୁ ମୁଁ ବାପ ଛେଉଣ୍ଡ । ବୋଉ ମୋର ଦୁଃଖ-ଧନ୍ଦା କରି ମୁ ତା ଗୁହାଳ

Digitized by PPRACHIN, SOA

ପୋଷୁ ମୋତେ ବଡ଼ କଷ୍ଟରେ ବଡ଼ାଇଥିଲ । ମୁଁ ଛୁଆଦିନରୁ ଘାସ କାଟି, ଗୋରୁ ଜଗି, କଙ୍କଡ଼ା କାଢ଼ି ବୋଉକୁ ଯେତିକ ପାରେ, ସାହାଯ୍ୟ କରୁଥିଲି । ମୁଁ ପାଠଶାଳରୁ ମୁଲପାଡ ଲଗି ବୋଉ ପାଖରେ ଦି’ ପଇସା ପକାଉଥିଲି । ଦଇବ ସେତକ ବି ସହି ପାରିଲାନି । ଘର-ଡିହ ବୋଲ ଅଧଗୁଣ୍ଠେ ଥିଲ । ବୋଉ ବାବା ଶୁଝିବେଳକୁ ଆମ ଗାଁ ଷେଣ୍ଢ ସାହୁ ପାଖରୁ କୋଡ଼ିଏ-ପାଞ୍ଚଟଙ୍କା କ’ଣ କାଗଜ କରିଦେଇ କରଜ ଆଣିଥିଲ । ଦେଢ଼ ବରଷ ତା’ ଘରେ ଅଇଁଠା ଚୋବାଣି ପିଇ ବେଠି ଖଟିଲି । ସେଥିରେ ଟଙ୍କା ଭରଣା ହେଲନି । ତା ଷେତ ବତରବାଦ କରୁଛି ବୋଲ ସ୍ୱରଆଡ଼େ ମୋ ବଦନାମ ଗାଇଲ । ଶେଷକୁ ମୋ ପଲ୍ ଖଣ୍ଡିକ ନେଇ ସେଠି ତା ଛେଳି ବାନ୍ଧିଲ । ଆମ ଗାଁ ସନଆ କଥାରେ ପଡ଼ି ମୁଁ ମୋ ଗାଁ ଛୁଡ଼ି ବୋଉକୁ ଧରି କଟକ ସହରକୁ ଆସିଲି । ମହରଗରୁ ଆସି କାନ୍ତାରରେ ପଡ଼ିଲି । ମୋ ବୋଉ ଆଖିରୁ ଲୁହ ଶୁଖିଲାନି ବାବୁ ! ବ୍ୟାଧିରେ ପଡ଼ି ପଡ଼ି ବୋଉ ମୋର ଯିବାକୁ ବାହାର ବାହାର ହେଲଣି ।

ସେ ଘଡ଼ିଏ ଦମ୍ ଖାଇ ତା କଥାରେ ଖିଅ ଧରିଲ । ବୋଉ ଏଣିକି ରହିଗଲଣି ବାବୁ । ତାକୁ ଛୁଡ଼ି ଘରୁ ଗୋଡ଼ କାଢ଼ି ପାରିଲନି । ଗାଡ଼ି ତ ପଡ଼ି ରହିଲ । ଦି’ ପଇସା ଆସିବ କୁଆଡ଼ୁ ? ଏଣେ ଔଷଧ ମୂଳକା ପଥ୍ୟ-ପାଞ୍ଚଣରେ କିଛି ତ ଖର୍ଚ୍ଚ ପଡ଼ିଲ । ମାଲିକକୁ ତା ରୋଜନା ପଇସା ଦେଇ ପାରିଲନି । ଆଜି ମାଲିକର ଗୁମାସ୍ତା ମତେ ଯାଚ୍ଛା ତା ବକିଲା ତ ବକିଲା, ମାଲିକ ଘରକୁ ସାଙ୍ଗେ ସାଙ୍ଗେ ଗାଡ଼ି ନେଇ ହାଜର ହେବାକୁ ତାଗିଦ୍ କରିଦେଇ ଗଲା । ମୁଁ ଆଜିଯାଏ ସୁଦ୍ଧା ସବୁ ପଇସା ମଜୁର୍ ଦେବି ବୋଲି କହି ତାକୁ ଜୁହାର ନେହୁରା ହେଇ ବିଦା କରିଛି । ଏକଦମ୍ ସକାଳୁ ତ ଗାଡ଼ିକାଢ଼ି ପାରିଲନି । ରୋଗିଣୀ ବୋଉଟା ଲାଗି କ’ଣ ଟିକିଏ କିଛି କରିଦେଇ ତ ବାହାରିବ । ମୁଁ ଆସିଲାବେଳକୁ ବୋଉ ମୋର ଧକେଇ ଧକେଇ କାନ୍ଦୁଥିଲା ବାବୁ !

ସେ ପୁଣି ଚୁପ୍ ହୋଇଗଲା, ମୁଁ ତା ଆମ୍ବଲପିର ଅମ୍ବହାଁ କୂଅ ଭିତରେ ମୋତେ ହଜାଇ ଦେଇ ତାକୁ ଓ ମୋତେ ଖୋଜି ବୁଲୁଥିଲି । ସେ ତା ଓଠକୁ ଅଳ୍ପ ମେଲା କରି ତା ଫାଙ୍କରେ ମେଞ୍ଚାଏ ଲମ୍ବା ପବନ ଛୁଡ଼ି ଟିକିଏ କାଶି ଉଠିଲା ଏବଂ କହିଲା—ଆଜି ବଡ଼ ବଦ୍‌ଯୋଗ ବାବୁ ! ଶିକ୍ ସାହା ଘର ଛୁଡ଼ିଛି କି ନାହିଁ ଲାଇଟ୍ ଖୁଣ୍ଟରେ ହାବୁଡ଼ି ଧକ୍କା ଖାଇଲା । ମୋ ମୁଣ୍ଡରେ ମାଡ଼ ହୋଇଗଲା । ଏତେବେଳଯାଏଁ ବି ସେଠି ଗୋଟେ ଟେବୁ ଓହଳି ପଡ଼ିଛି । ମୁଁ ଆସିଲାବେଳେ ବୋଉ କାନ୍ଦୁଥିଲା ବାବୁ !

Digitized by PPRACHIN, SOA

କିଛି ସମୟ ଗୁମ୍‌ଖାଇ ପୁଣି ସେ ଆରମ୍ଭ କଲା—ମୋତେ ଭବିଷ୍ୟ ମାଲୁମ ହୋଇଗଲା ବାବୁ ! ଆଜି ଗାଡ଼ି ମୋ ମହତ୍ତ୍ୱ ରଖି ପାରିବନି । ତାପରେ ବାବୁଆବୁ ପାଖକୁ ସିଧା ସଳଖ ବାଟ କାଟିଲି । ବାବୁଆବୁ ଆମ ପାଇଁ ମଝିରେ ମଝିରେ ଆସନ୍ତି । ଆମେ ରିକ୍‌ସାବାଲାମାନେ ତାଙ୍କ ଜରିଆରେ ରକ୍ତ ବିକୁ । ଲୋକ ଦେଖି ବାବୁଆବୁ ରକ୍ତ ବାବଦକୁ ପାଞ୍ଚ ଦଶ ଦିଅନ୍ତି । ମୁଁ ଟିକିଏ ଲଜ୍ଜା ପଛେ ବେଶିକି ଦେବ, ନ ହେଲେ ଆଜି ଥରେ ଆସି ରକ୍ତ ଦେଇ ସୁଝିଦେବ ବୋଲି ଗୁହାରି କରି ତାଙ୍କୁ ପନ୍ଦର ଟଙ୍କା ମାଗିଲି । ସେ ମୋତେ ଡ଼ାକ ନେଲେ । ଶୋଇ ଦେଇ ମୋ ମୁହଁ ଢାଙ୍କିଦେଇ ମୋଠୁଁ ରକ୍ତ ଟାଣି ନିଆଗଲା । ବାବୁ-ଆବୁଠୁଁ ପନ୍ଦର ଟଙ୍କା ଆଣି ଦି’ଟଙ୍କାର ମାଲ୍ ୯ ଟଙ୍କାକରି ବିକ୍ରି ଆଲୁଦମ୍ ଖାଇଦେଲି । ମାଲିକଙ୍କୁ କିଛି ଦେବି । ବୋଉ ଲାଗି ଦବେଇ କିଣିବି । ଭାବିଲି ଆଜି ଘଣ୍ଟେ କ ଦି’ଘଣ୍ଟା ଖଟିନିଏ । ଯାହା କିଛି ହେବ । ତା ବୋଉ ଦିହ ଦିନକୁ ଦିନ ବେଶି ବେଶି ଖରାପ ହେଉଛି । ହଁ, କାଲି ଦିନଟା କମେଇ ହେବାକୁ ପଡ଼ିବ ବାବୁ, ମୋ ମୁଣ୍ଡ ଖାଲି ଚକ୍‌କର ଖାଉଛି । ହେଉ, ଉଠନ୍ତୁ ବାବୁ ! ମୁଁ ତୁମକୁ ତୁମ ଠିକଣାରେ ପହଞ୍ଚାଇ ଦେଇ ଆସେ । ଆଜି ପାରିବନି, ତୁମ କାମ ପଡ଼ିଗଲେ ଘରକୁ ପଳାଇବି । ଦିନମାନ ମୁଁ ବୋଉକୁ ଦେଖିନି । ମୁଁ ଆସିଲାବେଳେ ବୋଉ କାନ୍ଦୁଥିଲା ବାବୁ !

କଥା ଶେଷ ହେଲାବେଳକୁ ସେ କାନ୍ଦିବାକୁ ଆରମ୍ଭ କରି ଦେଇଥିଲା । ତା କାନ୍ଦଣା କେବଳ ବଡ଼ ବଡ଼ ଟୋପା ଲୁହ ହୋଇ ବାହାରକୁ ଗଡ଼ି ଆସିଥିଲା ।

ଭଡ଼ା ବାବଦ ମୁଁ ତାକୁ ଦେଢ଼ଟଙ୍କା ଦେବି ବୋଲି କଥା ଛିଡ଼ିଥିଲି । ମୋ ପାଖରେ ଥିବା ସର୍ବମୋଟ ପାଞ୍ଚଟଙ୍କିଆ ନୋଟ ଖଣ୍ଡି ତା ହାତରେ ଗେଞ୍ଜି ଦେଲି । ସବୁ ଟଙ୍କାରେ ତା ବୋଉ ପାଇଁ ଔଷଧ କିଣିବାକୁ କହି ତାକୁ ଘରକୁ ଯିବାକୁ କହିଲି । ସେ ହାତରେ ସେଇମିତି ଟଙ୍କା ଧରି ମତେ ଚାହିଁ ରହିଥିଲା । ମୁଁ ତାକୁ ବାଧ୍ୟ କରି ତା ରିକ୍‌ସା ହେଣ୍ଡିଲରେ ତା ହାତକୁ ରଖି ଦେଲି । ସେ ମତେ ଖାଲି ଚାହିଁ ଥିଲା, କିଛି କହି ନ ଥିଲା । ଗଲାବେଳେ ନମସ୍କାରଟେ ବି ହେଲାନି, ତା ବୋଉର ଭାବନା ଭିଡ଼ ଭିତରେ ସାଧାରଣ ଶିଷ୍ଟାଚାର ସବୁ ହଜି ଯାଇଥିଲା ବୋଧହୁଏ ।

ରିକ୍‌ସାବାଲାର ରୂପୁକଟ ଜୀବନର ସିଲେଇ ହୁଡ଼କୁ ମୁଁ ଅଣ୍ଡାଳି ଅଣ୍ଡାଳି କାଠଯୋଡ଼ି କୂଳେ କୂଳେ ବୁଲୁଥିଲି । ଅନ୍ଧାର ଭିତରେ ଭୂତ ଦେଖାଯାଏ ।

Digitized by PPRACHIN, SOA

ରକ୍ତସାବାଳର ଜୀବନ ଶତ୍ରୁ ଗୋଟାଏ ମୋଟା ତୂଳୀ ଧର ମୋ ଭିତରେ ଅନ୍ଧାରର ପୋଛ ପରସ୍ତ ପରସ୍ତ କର ଲିପି ଯାଇଥିଲ ।

ମୁଁ ପଲ ପଲ ରକ୍ତସାବାଳଙ୍କ ଭୂତଙ୍କୁ ଦେଖିଲ । ସେମାନେ ଛିନ୍ନମସ୍ତା ଭଳି ନିଜର ବେକକୁ ହାଣି ନେଇ ନିଜ ରକ୍ତକୁ ଚଉଁ ଚଉଁ କର ପିଇ ଯାଉଛନ୍ତି । ମୁଁ ନିଜକୁ ମୋ ଆଖିରେ ମିଶେଇ ଦେଇ ଦେଖୁଥିଲି । ରକ୍ତସାବାଳ ଅସୁରମାନେ ତାଙ୍କ ଦେହରୁ ସବୁ ରକ୍ତକୁ ଗୁହିଦେଇ ଦାନ୍ତ ଦେଖାଇ, କଳକଳା ରଡ଼ ଛାଡ଼ ଦୌଡ଼ ଆସୁଛନ୍ତି । ତାଙ୍କ ଛଡ଼ା ଖାଳ ପେଣ୍ଡ ଉପରର କଣା କଣା ଝାଙ୍କୁଆ ରେଞ୍ଜି ଫାଙ୍କରୁ ତାଙ୍କର ଠିଆ ଠିଆ ପଞ୍ଜରା ହାଡ଼ର ଠେଙ୍ଗଗୁଡ଼ାକ ଆଗକୁ ଆଗକୁ ଲମ୍ବି ଆସୁଛି । ଅସୁରଙ୍କ ଆଗରେ ସୁନା ଜରିଦିଆ ମଟମଲ ଅଙ୍ଗ ବାସକୁ ଟେକ ଟାକ ସୁନା ଖଟୁଲିର ବସ୍ତ୍ରୁ ପ୍ରତିମା ରାଜକୁମରଗୋଷ୍ଠୀ ଅସମ୍ଭାଳ ହୋଇ ଉଠିପଡ଼ ଦୌଡ଼ୁଛନ୍ତି । ଭୈରବଲ ଅସୁରଗୁଡ଼ାଙ୍କୁ ରୋକିବା ଲାଗି ସେମାନେ ତାଙ୍କ ବେଙ୍କ, ଲକର ଚୂଣୀମାନଙ୍କରୁ ଧୂଆଁବାଣ ନିଆଁ ବାଣ ପଛକୁ ପ୍ରାଣମୂର୍ଚ୍ଛା ମାରୁଛନ୍ତି । ଅସୁରମାନେ ମୁଣ୍ଡା ମୁଣ୍ଡା ବିକଟାଳ ହସର ଛେପ-ଲଣ୍ଡା ଗୁଡ଼ି ଗୁଡ଼ି ଧୂଆଁ ନିଆଁକୁ ସବୁ କାବୁ କର ଦେଇ କୁଦ କୁଦ ଖେଦ ଆସୁଛନ୍ତି । ବଡ଼ବଡ଼ ରାଜ ପୁଅ ସମ୍ପ୍ରଦାୟ କାତରରେ ଆତୁର ହୋଇ ଚିତ୍କାର କରୁଛନ୍ତି— ଆମ୍ବଗଛ ସବୁ ଫାଟିଯାଉ, ଆଉ ସେମାନେ ସେଥିରେ ପଶିଯାନ୍ତୁ ।

ସେମାନେ ପ୍ରତି ଆମ୍ବ ଗଛ ପାଖକୁ ଧାଉଁଛନ୍ତି । ଗୋଟିଏ ବି ଆମ୍ବ ଗଛ ଫାଟିଯାଉନି । ଗଛସବୁ ଗଣ୍ଡିକୁ ନିବୁଜ କରଦେଇ ଠିଆ ହୋଇ ଟିଟିକାର ମାରୁଛନ୍ତି । ଅସୁରମାନେ ତାଙ୍କର ଲମ୍ବା ଲମ୍ବା ହାତର ଆଙ୍ଗୁଳି ଗୁଡ଼ାକୁ ରଜାପୁଅମାନଙ୍କ ବେକକଣ୍ଠ ଉପରକୁ ଖସାଇ ଆଣୁଛନ୍ତି ।

ମୁଁ ଦେଖୁଥିଲି ଫୁଲଶାଗୁଣାଙ୍କ ବେକର ଫୁଲ ଥୋକାକୁ ଛିଣ୍ଡାଇ ଖାଇବାରୁ ମଡ଼ମାନେ ସବୁ ଉଠି ପଡ଼ୁଛନ୍ତି ।

ମୁଁ ଦେଖୁଥିଲି—କୋଟି କୋଟି କ୍ଲାନ୍ତକ୍ଲାନ୍ତ ନିରାହଙ୍କ ଜୀବନ ଦ୍ରୌପଦୀ-ମାନେ କୁରୁସଭାତଳେ ଲଙ୍ଗଳା ହୋଇଛନ୍ତି । ଆଉ ମଧ ଦେଖୁଥିଲି ସୈରନ୍ଧ୍ରୀର ବେଣୀବନ୍ଧନ ପାଇଁ ପଲ ପଲ ଭୀମବଳ ଦୁର୍ମତି ଦୁଃଶାଦନଙ୍କ କଳୁଷିତ ବାହୁ-ମାନଙ୍କୁ ଉପାଡ଼ିବା ଲାଗି ବ'ହାସ୍ଫୋଟ ମାର ମାର ଛୁଟି ଆସୁଛନ୍ତି ।

ଆଉ ଶୁଣୁଥିଲି—ଏହି ରକ୍ତଶର୍ଥ କୁରୁକ୍ଷେତ୍ରର ପୃଷ୍ଠଭୂମି ଉପରେ ପାଞ୍ଚଜନ୍ୟର ବିଜୟ ନିନାଦ ଗର୍ଜି ଉଠୁଛି ।

Digitized by PPRACHIN, SOA

ବଧ

ସତୁରି ବର୍ଷର ପଞ୍ଚଶ ସାମନ୍ତରାୟ ଭାବନାର ଗଡ଼ାଣି ରାସ୍ତାରେ ନିଜକୁ ଗଡ଼ାଇ ଗଡ଼ାଇ ନେଉଥିଲେ । ହାତପାଆନ୍ତାର ଗଛ, ଡାଳ, ଲଟା, ଗୋଟାଏ କାହାକୁ ଧରି ଅଟକି ଯିବାକୁ ସେ ହାତ ବଢ଼ାଉଥିଲେ ସତ; କିନ୍ତୁ ଗୋଟାକୁ ବି ଧରିବାକୁ ମନ ତାଙ୍କର ମନା କରୁଥିଲା । ବୟସର ହାତୁଡ଼ି ମାଡ଼ରେ ହାତ-ଗୋଡ଼ର ଗଣ୍ଠି, କଙ୍କାଳର ହାଡ଼ ତାଙ୍କର ଚହଁଟି ଚହଁଟି ଯାଉଥିଲା, ଯେମିତି ସମସ୍ତଙ୍କର ହୁଏ; କିନ୍ତୁ ସେଇ ସମସ୍ତଙ୍କ ପରି ମସ୍ତିଷ୍କର ସ୍ନାୟୁଗୁଡ଼ାକ ତାଙ୍କର ଅଥର୍ବ ହୋଇ ପଡ଼ିନାହାନ୍ତି ବୋଲି ସେ ନିଜଦୃଷ୍ଟିରୁ ଅନ୍ତତଃ ଅନୁଭବ କରୁଥିଲେ, ଅବଶ୍ୟ ଯୁବଜନତାର ବହୁ ଭୋଟରେ ସେ ସର୍ବୋତଭାବେ ନପୁଂସକ, ଜରଦ୍‌ଗବ ଏବଂ ଏକ ବିଚାରବର୍ଜିତ ନିଷ୍ଫଳ ବ୍ୟକ୍ତିରୂପେ ପ୍ରତିପାଦିତ ହୋଇସାରିଥିଲେ । ପାଖଆଖର ଗଛଲଟାର ନିଉକଲ୍‌ଚର୍‌, ନୂତନ ସଂସ୍କୃତି, ନବୀନ ଅପରେସନ୍‌ର ଗୋଟିଏ ଗୋଟିଏ କଣ୍ଟାଗୁଡ଼ାକ ତାଙ୍କ ହାତକୁ ଫେରାଇ ଦେଉଥିଲା । ପଞ୍ଚଶ ସାମନ୍ତରାୟ ଭାବନାର ଆଖିରେ ଦେଖୁଥିଲେ ପ୍ରଗତିର ଟ୍ରେନ୍‌ ଚାଲିଛି । ଡବା ଭିତରେ ଅନେକ ଆଲୁଅ; କିନ୍ତୁ ଯେଉଁ ଗାଁ, ବିଲ, ପାଟ, ବଣ, ପାହାଡ଼ ଓ ନଈନାଳ ଉପରେ ଆଲୁଅ ନଚେଇ ନଚେଇ ଗାଡ଼ି ଚାଲିଛି, ସେଠି ସବୁଠି ଆଦିମ ଅନ୍ଧାରର କବନ୍ଧ କଳା କଳା ଆବର୍ଜନା ବାନ୍ତି କରି ଅନ୍ଧାର ଗଦେଇ ଗଦେଇ ଦେଉଛି । ଗାଡ଼ି ଆସିବା ଆଗରୁ ସେଠି ଅନ୍ଧାରର ରାଜୁତି ଚାଲିଥିଲା । ଗାଡ଼ି ଗଲା ପଛେ ପଛେ ସେଠି ଅନ୍ଧାର ତାର ମାଲିକାନା ଜାହିର କରିବ । ଆଲୁଅର ମୋଟମେନ୍‌ଟରେ ଅନ୍ଧାର ମରେନି । ସୂର୍ଯ୍ୟ ଆସିଲେ ଅନ୍ଧାର ଆପେ ଆପେ ଅପସରି ଯାଏ । ସାମନ୍ତରାୟ ଅବଶୋଷର ନିଃଶ୍ୱାସ ଛାଡ଼ିଲେ । ଏ ଦେଶ ଉପରେ ଅସୂୟାର ସନ୍ଧ୍ୟାନଶୀ ତମସା ଅଭିଶାପ ଭଳି ଉଠିଛି । ଷୀରବ୍ଧି କୂଳକୁ ଯିବାକୁ ଶକ୍ତିରେ ତାକତ୍ ନାହିଁ । ତା' ଛଡ଼ା, ଜଣେ କୃଷ୍ଣ କି ଜଣେ ରାମ ଗୋଟାଏ କଂସ କି ଗୋଟାଏ ରାବଣକୁ ଯିନା ଶେଷ କରିପାରିଥିଲେ, ଗୋଟାଏ ଜାଗାରେ ମଇଳା

Digitized by PPRACHIN, SOA

ଗଦା ହେଲେ ଯେତେ ଡେଉଁ ହେଲେ ବି ଦୋଷ ହେଇ ହେବ । ଆଜି ଗଣତନ୍ତ୍ରର ଯୁଗରେ ଦର୍ଦ୍ଧମାର ବିକେନ୍ଦ୍ରୀକରଣ ହୋଇପଡ଼ୁଛି । ଘରେ ଘରେ ଆଜି କଂସ ଓ ରାବଣର ବାହିନୀ ବାହାସ୍ଫୋଟ ମାରୁଛନ୍ତି । ନାରାୟଣ ଆଜି ଅସହାୟ । ନାରାୟଣୀସେନା ଆଜି ଚାଣୁର, ମୁଷ୍ଟିକ, ମାରୀଚ, କୁମ୍ଭକର୍ଣ୍ଣର ପଙ୍ଗତରେ କାମିନୀ କାଞ୍ଚନର ଶରବତ ଖାଇ ବେଅକ୍ତିଆର ହୋଇପଡ଼ୁଛନ୍ତି ।

ବୃଦ୍ଧ ସାମନ୍ତରାୟ କୂଳକିନାର ନ ପାଇ ହାତପାପୁଲି ଉପରେ ମୁଣ୍ଡ ଗଡ଼ାଉଥିଲେ । ହଁ, ଅନ୍ୟାୟ ଅତ୍ୟାଚାର ବୋଲି ପୂର୍ବପୁରୁଷମାନେ ଯାହାକୁ କହୁଥିଲେ, ସେସବୁ ସବୁଦିନେ ଥିଲା । ଅବଶ୍ୟ ଆଜିର ଦୁନିଆରେ ଅତୀତର ଖରାପ ଆଜି ଖରାପ ହୋଇ ଅଛି କି ନାହିଁ, ସେ ବିଷୟରେ ସାମନ୍ତରାୟ ସନ୍ଦିହାନ ଥିଲେ । ରସେଲଙ୍କ ଭାଷାରେ ପାପପୁଣ୍ୟର ସୀମାରେଖା ଏକ ଭୌଗୋଳିକ ରେଖା ମାତ୍ର । Sin is geographical ତା ପରେ ଅତୀତର ଯଦି ଖରାପ ନଥିଲା, ଖରାପ ବିରୁଦ୍ଧରେ କେତେ ଶ୍ରୁତି, ଶାସ୍ତ୍ର, ପୁରାଣ, କାହାଣୀ ଲୋକକଥା, କାହିଁକି ପୂର୍ବସୂରୀମାନେ କହି ଯାଇଛନ୍ତି ? ନଗରୀ ନାରୀର ନଗ୍ନତନୁ, ନିଃସ୍ୱ ମଣିଷର ଗଳାଦେଶ, ସବୁବେଳେ ବିତ୍ତ-ପ୍ରତିପତ୍ତିର ଶିକାର ସାମନ୍ତ ହୋଇ ଆସିଛି; କିନ୍ତୁ କଥାଟା କିଣ କି, କିଛି ମାଂସଲୋଲୁପ-ହାଙ୍ଗରମାନେ ରାଜା ମହାରାଜା ଜମିଦାରଙ୍କର ପ୍ରାସାଦ ସମୁଦ୍ରର ଅତଳ ଅନ୍ଧାର ଗର୍ଭରେ ଶିକାର କରୁଥିଲେ; କିନ୍ତୁ ଆଜି, ଦିନ ଦିପହରରେ ସହରର ବଡ଼ ରାସ୍ତା ଉପରେ ମଣିଷର ପେଶୀପୁଷ୍ଟ ଗୁଡ଼ିରେ ଛୁରୀ ବସୁଛି । ଧର୍ଷିତା ରୂପସୀର କୋମଳ ମାଂସଳ ସ୍ତନ କଟାହୋଇ ହରିଲୁଟ୍ ହେଉଛି ।

ସାମନ୍ତରାୟଙ୍କ ନଇଁ ପଡ଼ିଥିବା ମୁଣ୍ଡରୁ ଶବ୍ଦାର ଝାଳ ତାଙ୍କ ହାତ ପାପୁଲିକୁ ଓଦା କରି ଦେଉଥିଲା । ସେ ଉପରକୁ ମୁଣ୍ଡ ଟେକିଲେ । ତାଙ୍କର ପଡ଼ଳା ଟିକିଟିକି ଧଳା ଚୂଳଗୁଡ଼ାକ ଉତ୍ତେଜନାର ଉତ୍ତାପ ପାଇ ଠିଆ ହୋଇ ପଡ଼ିଲେ । ସେ କୋମଳ ହେବାକୁ ନିଜର ଉତ୍ତପ୍ତଗ୍ରସ୍ତ ସ୍ନାୟୁମାନଙ୍କୁ ହୁଗୁଳେଇବାକୁ ଚେଷ୍ଟା କରୁଥିଲେ । ହଁଅ, ସେ ପାଚି ଗଲେଣି । ମୁଣ୍ଡି ହୁଗୁଳି ଗଲାଣି । ବାଦୁଡ଼ି ଆସି ତାଙ୍କ ଦେହରେ ଦାନ୍ତ ମାରିଲେଣି; କିଣ ଯାଏ ଆସେ ? ସ୍ରୋତର ଅନୁକୂଳରେ ଭସିଯିବାକୁ ରୁଚି ନାହିଁ । ସ୍ରୋତର ବିରୁଦ୍ଧରେ ଠିଆ ହୋଇ ଛାତି ପତେଇବାକୁ ସାମର୍ଥ୍ୟ ଅଛି କି ନାହିଁ, ସେ ନିଜ ଭିତରେ

Digitized by PPRACHIN, SOA

ଅନେକ ଥର ଖୋଜିଛନ୍ତି; ଏବେ ବି ଖୋଜୁଛନ୍ତି । ଗେଣ୍ଡାଭଳି ନିଜର ସେଲ୍ ଭିତରେ କେତେଟା ଦିନ ରହିଗଲେ କ୍ଷତି କଣ ? ତେବେ ଏପରି ସବୁ କାହିଁକି ? ଏ କାହିଁକି ପ୍ରଶ୍ନର ନେପଥ୍ୟରେ କଣ ସବୁ ସେ କାହିଁକି ? ସେ ଏ କାହିଁକି ଉପରେ ଅନେକ ଚିନ୍ତା କରିଛନ୍ତି । ଗୋଡ଼ତ ପୂରା ଲାଗିନାହିଁ । ତେବେ କେତେବେଳେ କେମିତି ଗୋଡ଼ଟା ବୁଢ଼ା ଖସଡ଼ା ପଥର ଖଣ୍ଡେ ଅଧେ ଉପରେ ଥରେ ଅଧେ ବି ଠିକ ଯାଇଛି । ସେ ଅବଲମ୍ବନର ସ୍ୱଳ୍ପ ସାମୟିକ ସ୍ପର୍ଶରୁ ଯାହା ଠଉରେଇଛନ୍ତି, ଏ 'କାହିଁକି' ର ଅବ୍ୟାପାର ମୂଳରେ ଅଛି ନିର୍ଘାତ ଘୃଣା । ମଣିଷ ଆଜି ଆପଣାକୁ ଘୃଣା କରୁଛି, ଅନ୍ୟକୁ ଘୃଣା ଦେଉଛି । ଦିବ୍ୟଦ୍ରଷ୍ଟା କଲ୍‌କେଟରଙ୍କ ଲେଖା ତାଙ୍କର ମନେପଡ଼ିଲା—ଆମେ ଅନ୍ୟକୁ ଘୃଣା କରୁଛୁ, କାରଣ ଆମେ ତାକୁ ଜାଣୁନା; ପୁଣି ଆମେ ତାକୁ ଜାଣିବୁନି, କାରଣ ଆମେ ତାକୁ ଘୃଣା କରୁ ।

ସାମନ୍ତବସୁ ଗୋଡ଼ ହୁଗୁଳା ଧୋତଡ଼ା ପଟାଖଣ୍ଡିକ ଉପରେ ଥୋଇଥିବା ପଡ଼ଲା କନ୍ଥାର କୋଚ୍ଛମୋଚ୍ଛ ଗୁଣ୍ଡିରେ ଏପାଖ ସେପାଖ ହେଉଥିଲେ । ଶୋଇବାକୁ ଯାଉଛନ୍ତି କିନ୍ତୁ ସେ ପ୍ରତିଦିନ ରାତିରେ ବେଳସୁ ଘରେ ପଶି କବାଟ ଆଉଜାନ୍ତି । ଶୋଇବାକୁ ନୁହେଁ, ନିଜକୁ ଘରଚିନ୍ତାରୁ ଶୁଆଇ ପକାଇବାକୁ । ପାରିଲେ ପୁଅ ପାଖରୁ ପ୍ରାୟ ଫେରନ୍ତି ରାତି ବାରଟା ପରେ । ବୁଢ଼ୀ ବସୁଙ୍କ ଚୂଲି କୁଣ୍ଢେଇ ବସିଥାଏ । ମଝିରେ ମଝିରେ ବୋଉ ହୋଇଗଲେ ବୋଧହୁଏ ବିଷ୍ଣୁ ସହସ୍ରନାମ, ସିଲୋନ୍ ପ୍ରୋଗ୍ରାମ୍ ପରି କେତେବେଳେ ଉଚ୍ଚାଟ କଣ୍ଠରେ ବା କେତେବେଳେ ଗୁଣୁଗୁଣୁ ହୋଇ ନାକରେ ବୋଲେତ ନାହିଁ, ପ୍ରାୟ ବାନ୍ତି କରେ । ପୁଅ ଆସିବା ହୁଅନ୍ତି । କବାଟକୁ ଦି ତିନି ଜୋରରେ ମାରନ୍ତି । ମା'କୁ ଡାକି କବାଟ ଖୋଲିବାକୁ କହିବା ବା କଡ଼ା ଖଡ୍ ଖଡ୍ କରି ଦୁଆର ଖୋଲିବାକୁ ସଙ୍କେତ ଦେବା ପଦ୍ଧତିକୁ ସେ ଅନେକଦିନୁ ଛାଡ଼ି ସାରିଲେଣି । ବୁଢ଼ୀ କୁଜି ସଳଖି ଦୁଆର ଆଡ଼କୁ ଆଗାଏ । ହଁ, ବସୁଙ୍କର ଗଡ଼ିଗଲା ବୟସରେ ପ୍ରଥମ ଓ ଶେଷ ସନ୍ତାନ । ପୁଅ ଖାଉ ଖାଉ ପୌରୁଷର ଇତିହାସ ବେଳେ ବେଳେ ନିଶା ଝୁଙ୍କରେ ବଖାଣି ପକାନ୍ତି । କୋଉଠି ଜଳଖିଆ ଦୋକାନରେ ସହଗେ ସ୍ତ୍ରୀଙ୍କ ସହ ବନ୍ଧୁ ରସଗୋଲା ସତ୍କାର କରି ସାରିଲା ପରେ ଦୋକାନୀ ବଳେବ ପଇସା ମାଗିବାରୁ ତତ୍‌କ୍ଷଣାତ୍ ଅପରେସନ୍ ଷ୍ଟାର୍ଟ୍—ଦୋକାନୀ ଜଖମ୍, ଦୋକାନ ଲୁଟ୍ । ଅଥବା କେଉଁ ଝିଅର ପଛଆଡ଼ୁ ଶାଢ଼ୀରେ ପାନପିକ ପକାଇବା ଓ ତା ଅଭିଭାବକ ଅଭିଯୋଗ କରିବାରୁ ତା ସହିତ ଧସ୍ତାଧସ୍ତି ଏବଂ ତାକୁ ଶିକ୍ଷ । ଏମିତି ଇତ୍ୟାଦି ଇତ୍ୟାଦି । ଭଙ୍ଗା

Digitized by PPRACHIN, SOA

ଖଟଖଟାର ଖଟ୍ ଖଟ୍ ହେବା ସ୍ୱଭାବ ଥିବାରୁ ସାମନ୍ତରାୟ ଅତି ଆସ୍ତେ ଚିତ୍ ହୋଇ ଶୋଇ ମୁଣ୍ଡ ଉପରେ ହାତ ବୁଲାନ୍ତି—ସ୍ୱପ୍ନ ବନ୍ଧିଲେ ଧାନ ସବୁ ଅଗାଡ଼ ହୋଇଯାଏ ।

ସେଦିନ ରାତିରେ ବୁଢ଼ୀ ପୁଅକୁ କାନ୍ଦୁଣି ମାନ୍ଦୁଣି ହୋଇ କହୁଥିଲା, ମୋ ସୁନାଟା ପରା, କାଲି କଣ ବନ୍ଦ ପାଳନ ହେବ । ତୁ ମୋ' ମୁଣ୍ଡ ଖାଇବୁ, କାଲି ଦିନଟା ଘରୁ ବାହାରିବୁନି । ବନ୍ଦ୍ ମାନେ ଟେକାଫୋପଡ଼ା, ଦୋକାନ ଲୁଟ୍, ବସ୍ ପୋଡ଼, ଟିଅର୍ ଗ୍ୟାସ୍, ଲାଠିଚାର୍ଜ, ଗୁଳି ଫାୟାର୍' ଧାଁ ଧପଡ଼୍, ହୋ ହାଲ୍ଲା ଆହୁରି କେତେ, ଆହୁରି ଗୁଳି । ବୁଢ଼ୀ 'ବନ୍ଦ୍'ର ଆଭିଧାନିକ ଅର୍ଥ ଏଇଆ ବୋଲି ବୁଝିଥିଲା । ସାମନ୍ତରାୟ ବନ୍ଦ୍ ର ଅର୍ଥ ଏଇଆ ନୁହେଁ ବୋଲି ଭଲକରି ଜାଣିଥିଲେ ବି ବୁଢ଼ୀ ଭଳି ବୁଝିରଖିଥିଲେ ଯେ ବନ୍ଦ୍ ର କଲ୍ଲ ଏଗୁଡ଼ାକ ଅତି ଆବଶ୍ୟକୀୟ ଆନୁଷଙ୍ଗିକ ଉପସର୍ଗ । ଭଜାରେ ତେଲ ପଡ଼ିନାହିଁ ବୋଲି ପୁଅ ଭଜାଥାଳିଆ ଠେଲିଦେଇ ମୁହଁ ଆମ୍ବିଳା ଆମ୍ବିଳା କଲେ । କାଲିକା ବନ୍ଦ ର ପ୍ରସ୍ତୁତି ସୂତ୍ରରେ ସେ ନିଜକୁ ଅତି ମାତ୍ରାରେ ବୋତଲ ମାଧ୍ୟମରେ ରିଲକ୍ସ୍ଡ୍ କରି ନେଇଥିଲେ । ତେଣୁ ମୁଡ୍ ଥିଲା । ଅନ୍ୟଦିନ ହୋଇଥିଲେ ବୁଢ଼ୀ ଉପରକୁ ଥାଳିଆ ଫୋପାଡ଼ି ଥା'ନ୍ତେ । ବୁଢ଼ୀ ପୁଅର ସୁଧାରପଣିଆ ଦେଖି, ତାର ପୁରୁଣା ପୁରାଣ ଖୋଲିଲା । ତାର ସାରାଂଶ ହେଉଛି, ବାପାଙ୍କର ବା କେତେଟା ଟଙ୍କା ପେନ୍‌ସନ୍ । ତୁ ତ ଦେଖୁଛୁ ବଡ଼ ହଇରାଣ ହେଇ ଚଳିବାକୁ ପଡ଼ୁଛି । ତତେ ଫିବର୍ଷ ପରୀକ୍ଷା ଫିସ୍ ଦେବାକୁ ବାପାଙ୍କ ଅଜାଣତରେ କଂସାବାସନ ସବୁ ବିକି ସାରିଲିଣି । କାହିଁ ତୁ ତ ପରୀକ୍ଷା ଦଉନୁ ? ମତେ ଭୁଲେଇ ପଇସା ନେଇ ସବୁ କଣ କରୁଚୁ ? ତେଲ କିଲେ ଅଠର ଟଙ୍କା, ଆଜି ହାତରେ ଗୋଟିଏ ହେଲେ ବି ପଇସା ନଥିଲା, କଣ କରିଥାନ୍ତି ? ସେମିତି ବିନାତେଲରେ ଡିଙ୍ଗେଇ ଥୋଇଦେଲି । ପୁଅ ବୀର ଦର୍ପରେ ହୁଁକାର ଉଠିଲେ—ସେଇଥିପାଇଁତ ବନ୍ଦ୍ ପର୍ବରେ କାଲି ତେଲ ଗୋଦାମରେ ଆଗେ ନିଆଁ ଲଗାହେବ । ସାମନ୍ତରାୟ ଭାବୁଥିଲେ କଳ୍ପ ଚଳାଇବେ, ଇଞ୍ଜିନିଅର ମୁଣ୍ଡରେ ପାହାର ଦେଲେ ଇଞ୍ଜିନ୍ ଚଳାଇବା ଶିଖି ହୁଏନାହିଁ ।

ସାମନ୍ତରାୟ ଅର୍ଦ୍ଧଚେତନ ବୁଢ଼ୀକୁ ଆପଣା ଆଡ଼କୁ ଆଉଜେଇ ଆଣି ପ୍ରଥମ ବାସର ରାତିର କୋମଳତା ନେଇ ବୁଢ଼ୀର ପାକଳା କେଇକେରା ଖୋଷା ଭଳି ଚୁଳକୁ ଅତି ଆନ୍ତରିକତା ଦେଇ ସାଉଁଳୁଥିଲେ । ପଡ଼ୋଶୀ ଘରର ଟୁ' ଟୁଲ୍ଲାର

Digitized by PPRACHIN, SOA

ନିଆଁ ଉପରକୁ ଉଠି ଘର ଧରିଲା; ତା'ପରେ ତା'ପର ଖଞ୍ଜା, ତାପର ତାପର ଘର ଉପରକୁ ନିଆଁ ଜିଭ ଲମ୍ବେଇ ଲମ୍ବେଇ ଗୁଡ଼ି ଗୁଡ଼ି ଆଗେଇ ଚାଲିଲା। ଫାୟାର ବ୍ରିଗେଡ଼୍ ଆସୁଆସୁ ହଠାତ୍ ଜନରବ ହେଲା ଯେ ବନ୍ଦ୍ ପାଳନ ଅମାନ୍ୟ ହେତୁ ବ୍ଲକ୍ ଅଫିସ୍‌ରେ ଲଗିଥିବା ନିଆଁ ଲିଭାଇବାକୁ ଫାୟାର ବ୍ରିଗେଡ଼୍ ଅବଶ୍ୟ ଯାଉଛି। ତେଣୁ ଫାୟାର ବ୍ରିଗେଡ଼୍ ଉପରେ ଚଡ଼ାଉ କରିବା ଏବଂ ତାକୁ ଅଚଳ କରିବା ଅବଶ୍ୟ ଏକ ଅତ୍ୟାବଶ୍ୟକୀୟ ଆଶୁ କର୍ତ୍ତବ୍ୟ। ଫଳତଃ ଦମ୍‌କଳ ଅଚଳ ହେଲା। ତେଣୁ ଲାଠି ଏବଂ ଗୁଳି। ଏଣୁ ଗାଁ ପୋଡ଼ିଲା। ସାମନ୍ତରାୟଙ୍କ ଘର ଜଳସାର ପାଉଁଶ ହେବାକୁ ଅନେକବେଳୁ ଆରମ୍ଭ କଲାଣି।

ଗାଁର ମାଇକିଆ ମହନା ଗାଁ କମ୍ପେଇ କମ୍ପେଇ ଆସୁଛି—ଭଲ ବନ୍ଦ ପାଳି ନାଗିଲା ଲୋ ମାଆ, ଦମ୍‌କଳକୁ ଗାଁକୁ ଛାଡ଼ିଲେ ନାହିଁ, ଗାଁ ଜଳିଗଲା; ହଉ, ସରକାର ଗୁଳି ଚଳେଇଲେ। ତାପରେ ତା'ଠୁ କିଛିଏ କମ୍ ସ୍ୱରରେ, ଅବଶ୍ୟ ଶୁଣିଲା ଭଳି କହୁଛି—ହେଇଟି, ସାଆନ୍ତରାଙ୍କ ପୁଅ ହାତରେ ଗୁଳି ବାଜିଛି।

ବୁଢ଼ୀ ଚିତ୍କାରକରି ସାମନ୍ତରାୟଙ୍କ ଉପରେ ଲୋଟି ପଡ଼ିଲା। ବୁଢ଼ୀର ହୃତ୍‌ପିଣ୍ଡ ବନ୍ଦ ହୋଇଗଲା କି ଭାବି ସାମନ୍ତରାୟ ତାର ଛାତିରେ କାନ ଡେରିଲେ। ତାଙ୍କ ତୁଣ୍ଡ ବନ୍ଦ ଥିଲେ ବି ସେ ମନେମନେ ବେକନ୍‌ଙ୍କ ଅମୂଲ୍ୟ ଧାଡ଼ିଟି ବାରମ୍ବାର ଆଉଡ଼ାଉଥିଲେ ସ୍ଲିପ୍ ଏଣ୍ଡ ଡ୍ରମ୍‌ନିସନ୍ ଆର ଇଲ୍‌ଷ୍ଟ୍ରେଟେଡ୍ କମ୍ପାନିୟନ୍‌ସ୍।

●

ଫୁଲର ଫସିଲ

ଏକଦା ଏକ ରାଜ୍ୟରେ ଜଣେ ଯୁବକ ରାଜା ଗାଦିନସିନ୍ ହେଲେ । କହିବା ବାହୁଲ୍ୟ ଯେ ତାଙ୍କର ପ୍ରଜାପାଟକ, ସୈନ୍ୟସାମନ୍ତ, ନଅର, ନହବତ ପୋଇଲ ପରିବାର, ଘୋଡ଼ା ହାତୀ, ପାଟରାଣୀ, ପାଟ-ଛତ୍ର ଅଳ୍ପ ବହୁତେ ସବୁ କିଛି ଥିଲା । ରାଜାଙ୍କ ରକ୍ତ ଭିତରେ ସୁରା, ସାକୀ, ଶିକାରର ପରମ୍ପରା ହୁଏତ ଥିଲା; କିନ୍ତୁ ପ୍ରଜାମଙ୍ଗଳର ପ୍ରବଳ ଚିନ୍ତା ଚେତନା ରାଜାଙ୍କର ଅଧିକାଂଶ ସମୟକୁ ଦଖଲ କରି ନେଇଥିଲା । ତେଣୁ ବ୍ୟକ୍ତିଗତ ବିଳାସ ଭିତରକୁ ଖସି ଯିବାକୁ ରାଜାଙ୍କର ବିଶେଷ ଫୁରସତ ନଥିଲା । ତାଙ୍କର ପ୍ରଜାନୁରଞ୍ଜନ ବ୍ୟାଧିଗ୍ରସ୍ତ ମନର ସୁଯୋଗ ନେଇ ରାଜ୍ୟର ପ୍ରଜାମଣ୍ଡଳ ପ୍ରତିନିଧି ବାନାଧାରୀ ବେକାର ବୃଦ୍ଧପଣ୍ଡିତମାନେ ଅନେକ ସମୟରେ ଦରବାରରେ ଆସି ଆସର ଜମାଉଥିଲେ । ରାଜ୍ୟ ଉନ୍ନତି, ପ୍ରଜାମଙ୍ଗଳ, ଜନଜୀବନ ମାନବୃଦ୍ଧିର ଆଳ ନେଇ ସ୍ୱାଡୁସିସ୍ୱାଡୁ ଆଲୋଚନାର ସ୍ତର ଖେଳାଇ ପାନ ଜଳଖିଆର ଚୂନା ଚୂନା ମାନ ଧରୁଁ ଧରୁଁ ବେଳେବେଳେ ତାଳି ଗୁଡ଼ଙ୍କର ଶେଉଳ ବି ମାଡ଼ି ବସୁଥିଲେ । ନୂଆ ରାଜା, ରାଜାଙ୍କ ପାଖରେ ପ୍ରଜାର କିଛି କହିବାକୁ ପ୍ରଜାର ପବିତ୍ର ଅଧିକାର ବୋଲି ଭାବୁଥିଲେ । ତେଣୁ 'ମଣିମା ଶ୍ରୀମା ହେଉ ଗୁହାରି ଆମର' ପ୍ରଭୃତି ତଥାକଥିତ ପାରମ୍ପରିକ ଶାଳୀନତାସମ୍ମତ ସମ୍ଭ୍ରମସମ୍ବଳିତ ଭାଟଧର୍ମୀ ଭାଷାକୁ ସେ ହୀନମନ୍ୟତାର ଅଯୌକ୍ତିକ ଅଯଥା ବାଗାଡ଼ମ୍ବର ବୋଲି ଘୃଣା କରୁଥିଲେ । ଶ୍ରୀ ସ୍ତମ୍ଭ, ଶ୍ରୀହଜୁରର ଉଚ୍ଚ ଚୌହଦ୍ଦି ଉପରୁ ତଳକୁ ଓହ୍ଲାଇ ଆସି ପ୍ରଜାଙ୍କ ସାଙ୍ଗରେ ମିଶି ତାଙ୍କର ସହଯୋଗରେ ସମସ୍ତଙ୍କ ଭଲପାଇଁ ଯାହା କିଛି ସମ୍ଭବ କରିବାପାଇଁ ସେ ଇଚ୍ଛା କରିଥିଲେ । ଫଳରେ ଦାବିର ଟୋପା ଟୋପା ବିନ୍ଦୁ ପଡ଼ୁ ପଡ଼ୁ ଅସରା ଅସରା ଆବଶ୍ୟକତାର ଗଜକୁମ୍ଭ ଅଜାଡ଼ ହୋଇ ପଡ଼ିଲା । ପ୍ରତି ଗାଁରେ ରାସ୍ତାଘାଟ, ପାଠଶାଳା, ଜଳାଶୟ, ଚିକିତ୍ସାକେନ୍ଦ୍ର, ଚିତ୍ତବିନୋଦନ ବ୍ୟବସ୍ଥା ପ୍ରଭୃତି ଦାବି ମରଦଙ୍କ

Digitized by PPRACHIN, SOA

ଚାରିପଟରୁ ଗଢ଼ା ହେଲାପରେ ମାଇପି ମହଲରେ ମନ ମନ କଲେ ସେମାନେ ଯାଇଁ ରାଜାଙ୍କ ଦପ୍ତରରେ ତାଙ୍କ ଯୋଜନାର ବାର୍ତ୍ତାକୁ ବଢ଼ାଇ ଦେଇ ଆସିବେ । କଥାଟା ହେଉଛି, ଉଆସ ସରଘରୁ ସମସ୍ତଙ୍କୁ ସିଧା ଯୋଗାଇ ଦିଆଯାଉ, ଆଜ ନଅରର ରାନ୍ଧୁଣିଆମାନେ ପ୍ରଚ୍ଛନ୍ନ ଢଙ୍ଗରେ ଯାଇଁ ବ୍ରେଷେଇ କରିଦେଇ ଆସନ୍ତୁ ।

ସେ ଯାହାହେଉ, ପ୍ରଜାପ୍ରାଣ ମହାନୁଭବ ରାଜାସାହେବ ପ୍ରଜାମଣ୍ଡଳର ଦାବୀ ଗ୍ରହଣ କରି ରାଜ୍ୟର ଅନ୍ତ ଅଭ୍ୟନ୍ତରରେ ଥିବା ରାଜ୍ୟର ସବୁଠୁଁ ବଡ଼ ଗ୍ରାମରେ ଏକ ପ୍ରଶସ୍ତ ଜଳାଶୟ ଯୋଜନାକୁ ପରିସମାପ୍ତ କଲେ । ତାଙ୍କ ରାଜକୀୟ ମନର ଖିଆଲ ନେଇ ଅଧିକନ୍ତୁ ପୋଖରୀର ଚାରିପାଖରେ ଏକ ସୁସଜ୍ଜିତ ଫୁଲ ବଗିଚାର ଆଶୁ ବ୍ୟବସ୍ଥା ମଧ୍ୟ କରାଇନେଲେ । ଅନେକ କିସମର ଫୁଲ ଅନେକ ରଙ୍ଗ, ଅନେକ ଚେହେରା, ଅନେକ ବାସନା ନେଇ ଅନେକ ଜାଗାରେ ଅଜସ୍ର ସଂଖ୍ୟାରେ ଅଜାଡ଼ି ହୋଇ ପଡ଼ିଲେ ।

ଫୁଲ ଫସଲର ପ୍ରାରମ୍ଭ ପୂର୍ବରୁ ରାଜାସାହେବ ସେମିତିକା କାମ କରିବାକୁ ବୋଧହୁଏ ଏମିତିକା ଚିନ୍ତା କରିଥିଲେ । ଯୁକ୍ତିଟା ହେଉଛି—ଫୁଲର ମୁଖ୍ୟତଃ ବ୍ୟବହାର ଦୁଇ ପ୍ରକାରରେ । ଦେବପୂଜା ଅଥବା ଅଙ୍ଗସଜ୍ଜା । ନିଜ ଉଆସର ଗଡ଼ଦେବୀଙ୍କ ଗଳାରେ ଚଢ଼ଉଡ଼ା ମାଳ ହୋଇ ଫୁଲ ସବୁ ଲମ୍ବିଲେ ଯେତିକି ଆତ୍ମପ୍ରସାଦ ରାଜାସାହେବ ଅନୁଭବ କରୁଥିଲେ, ଅନ୍ୟ କେଉଁ କୁଡ଼ିଆର ଶାଳଗ୍ରାମ ଉପରେ ଫୁଲ ଯାଇଁ ଚଢ଼ୋହେଲେ ସେତିକି ବି ପରିତୃପ୍ତି ପାଉଥିଲେ । ରାଣୀ କିମ୍ବା ରାଜଜେମାଙ୍କ ଅନ୍ତଃପାଳିତ କେଶଗୁଚ୍ଛ ଓ କୁନ୍ତଳ ବଧୂ ବା ଶ୍ରମିକ କନ୍ୟାର ଅଯତ୍ନ ଅସଂଯତ ଚୂର୍ଣ୍ଣକୁନ୍ତଳ ଭିତରେ ସେ ତଫାତ୍ ଅନୁଭବ କରିପାରୁ ନଥିଲେ । ତେଣୁ ରାଜାଙ୍କର ଘୋଷଣା ଥିଲା ଯେ କୌଣସି ଲୋକ ଯେ କୌଣସି ଫୁଲ ଯେ କୌଣସି ପରିମାଣରେ ସରୋବର କାନନରୁ ନେଇ ଯାଇପାରେ । ରାଜାସାହେବ ପୋଖରୀ ଦ୍ବାରା ବଗିଚାକୁ 'ସରୋବର କାନନ' ନାମରେ ନାମିତ କରିଥିଲେ ।

କେତେ ମାସ ପରେ ସରୋବର କାନନର ଆଖପାଖ ଅଞ୍ଚଳରେ ବିଭିନ୍ନ ଅସନ୍ତୋଷର ସ୍ୱର ଉଠିଲା—କିଏ ଫୁଲ ଅଯଥା ତୋଳି ନେଉଛି; କିଏ ଅଣହୁସିଆରରେ ଫୁଲଗୁଡ଼ାକ ଛିଣ୍ଡାଇ ପକାଉଛି; କିଏ ବେପରୁଆପୂର୍ବକ

Digitized by PPRACHIN, SOA

ଡାଳଗୁଡ଼ାକ ଭାଙ୍ଗି ଦେଉଛନ୍ତି; କିଏ ଫୁଲ ସାଙ୍ଗରେ ଗଛର ଅଗଗୁଡ଼ାକୁ ଦୁହିଁ ଦେଉଛନ୍ତି; କାହାର ଅତି ପ୍ରୌଢ଼ା ଗୃହିଣୀ ମୂଣ୍ଡରୁ ସରୋବରର କାନନର ବଡ଼ ବଡ଼ ମଲ୍ଲୀକଢ଼ ହାର ପୋଖରୀ ହୁଡ଼ାରେ ଖସି ପଡ଼ୁଥିଲା; କିଏ ଜାଣୁ ଜାଣୁ କାହା ଫୁଲ ଭୃଙ୍ଗ ଉପରେ ଗୋଡ଼ ବଢ଼ାଇଦେଇ ମାରି କରିଦେଲା; ଏଇ ରକମର ଅନେକ ଇତ୍ୟାଦି ଇତ୍ୟାଦି । ଫୁଲ ଗଛରେ ପାଣିଦେବା ଓ ବେଢ଼ରକ୍ଷଣ କରିବା ଦାୟିତ୍ୱ ରାଜାସାହେବ ନିଜେ ନେଇଥିଲେ । ତେଣୁ କେହି ପାଣିମନ୍ଦେ ଦେଲେନି ଯେ ଗଛଗୁଡ଼ାକ ମରିଗଲା, ଏମିତିକା ଅଭିଯୋଗ ସମ୍ବନ୍ଧରେ ଆକ୍ଷେପ କେବେ ଉଠିବାର ପ୍ରଶ୍ନ ନଥିଲା ।

କିଛିଦିନ ଉତ୍ତାରେ । ଅନ୍ଧାରିଆ ବେଳରୁ ବେଳରୁ ଆସି ଫୁଲ ତୋଳିବାରେ ପ୍ରତିଯୋଗିତା ଆରମ୍ଭ ହେଲା । ଏଇ ବେଳରୁ ପ୍ରତିଯୋଗିତା ବେଳରୁରୁ ବେଳରୁକୁ ଉଠି ଉଠି ରାତିଅଧରେ ଫୁଲ ଛିଣ୍ଡାଇବାର ଛକାପଞ୍ଝାରେ ପହଞ୍ଚିବାକୁ ବିଳମ୍ବ ହେଲାନାହିଁ । ଯେଉଁମାନେ କେହି କୌଣସି ଫୁଲ ସଂଗ୍ରହ ଅଭିଯାନ ପାଇଁ ଅକ୍ଷମ ହୋଇ ପଡ଼ିଲେ, ସେମାନେ ସ୍ୱଭାବତଃ ଏକ ଅସନ୍ତୁଷ୍ଟ ଗୋଷ୍ଠୀର ଅନ୍ତର୍ଭୁକ୍ତ ହେଲେ ଏବଂ ତାଙ୍କ ପରାଜୟର ଗ୍ଲାନି ନିଷ୍କାସନ ପାଇଁ ସନ୍ଧ୍ୟାପରେ ବେଳକାଳ ଉଣ୍ଡି କଢ଼ ଫୁଲ ଥିବା ଡାଳଗୁଡ଼ାକୁ ଭାଙ୍ଗିଭୁଙ୍ଗି ଫୁଲ ସଫାର ଅପରେସନ୍ ଆରମ୍ଭ କରିଦେଲେ; କିନ୍ତୁ ଏଇ ଯେଉଁସବୁ ସରୋବର କାନନର ଫୁଲ ଦୁର୍ଘଟଣା ଘଟୁଥିଲା, ସେଥିଲାଗି ସମସ୍ତେ ସମସ୍ତଙ୍କୁ ଦାୟୀ କରି ସମସ୍ତଙ୍କ ଆଗରେ ନିନ୍ଦାବାଦ କରିବାକୁ ଭୁଲୁନଥିଲେ ।

ଦିନେ ସକାଳେ ଦେଖାଗଲା ସରୋବର କାନନଟି ସରୋବରକୁ ଏକୁଟିଆ ଛାଡ଼ିଦେଇ ନିଜେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେଇଯାଇଛି । ଗୃହିଆଡ଼େ ହୁରି ପଡ଼ିଗଲା ସରୋବର କାନନରେ ଗୋଟିଏ ବି ଫୁଲଗଛ ନାହିଁ । ସବୁ ହଣାହେଇ କୁଆଡ଼େ ଫୋପଡ଼ା ହେଇଛି ।

ରାଜାସହେବ ସବୁ ଶୁଣିସାରି କେମିତି ଏକ ଶାନ୍ତ ଚିତ୍ତରେ ଆସୁଥିବା ଅଧ୍ୟାୟ ପାଇଁ ଅପେକ୍ଷା କରି ରହିଲେ ବୋଧହୁଏ ।

ଆସ୍ତେ ଆସ୍ତେ ଖବର ଆସି ପହଞ୍ଚିଲା ଯେ ଫୁଲର ଜମାନା ପରେ ପୋଖରୀ ନିକଟରେ ଯେତେ ଫାଙ୍କା ଜାଗା ଥିଲା, ସେସବୁ ସାଧାରଣ ପାଇଖାନାରୂପେ ନିଜକୁ ସଜେଇ ନେଇଛି । ରାଜାସାହେବ ପରବର୍ତ୍ତୀ ପରିଣତିକୁ ଜଖମ ମନରେ ମନନ କରିବାକୁ ପ୍ରସ୍ତୁତ ହେଲେ ବୋଲି ଭାବି ନିଆଯାଇ ପାରେ ।

Digitized by PPRACHIN, SOA

ନୂତନ ଆକ୍ଷେପ ଓ ଅଭିଯୋଗର ଟୀକା ଟିପ୍ପଣି ପୁଣି ଆସ୍ତେ ଆସ୍ତେ ଗାଁ ଦାଣ୍ଡରେ ଜମିଉଠିଲା । ଘାଟ ପାଖରୁ ଟିକିଏ ଦୂରେଇ ଝାଡ଼ାବସିଲେ କ'ଣ ପ୍ରଣବ ଅଶୁଦ୍ଧ ହେଇଯାଉଛି ବୋଲି ଗାଁର କେଉଁ ଆଖିକୁ ଭଲ ନଦିଶୁଥିବା ବୁଢ଼ୀ ମଇକା ମାଡ଼ପକାଇ ରାସ୍ତାରେ ବକାବକି ଆରମ୍ଭ କରିଦେଲା । କାହା ଯୁବତୀ ସ୍ତ୍ରୀ ଆଗରେ କେଉଁ ବେହିଆ ଟୋକା ବସିପଡ଼ି ନଜର୍ ଖଲମ କଲା ବୋଲି ତା ମରଦ ଗାଁରେ ନଶାପ ବସାଇଲା । କେଉଁ କୁଷ୍ଠରୋଗୀ ବ୍ରାହ୍ମଣ ଘାଆ ପୂଜ ଧୋଇସାରି ପୁରୁଷସୂକ୍ତ ବୋବାଇ ବୋବାଇ ପାହାଚରୁ ଉଠୁ ଉଠୁ ଶୁଦ୍ଧ ସ୍ନାନ ପାଇଁ ଯାଉଥିବା କେଉଁ ମିଚଜାଣ୍ଡ ମାଇକିନାର ଲୁଗା କାନି ତାଙ୍କ ପାଣିଲୋଟାରେ ବାଜି ଯିବାରୁ ବାହ୍ମଣ ମହାପ୍ରଭୁ ହଠାତ୍ ସଂସ୍କୃତ ଶ୍ଳୋକରୁ ଆଇଁଶିଆ ଦେଶୀ ଶୋଧନାକୁ ଓହ୍ଲାଇ ଆସି ହମ୍ବ୍ ହମ୍ବ ହେବାବେଳକୁ ତା ମରଦ ମାରବାପଣିଆ ଦେଖାଇ ରୋଗା ବ୍ରାହ୍ମଣକୁ ପାଣିରେ ବୁଡ଼ାଇ ବୁଡ଼ାଇ ଆକଟ କରିଦେଲା ।

ଏଣିକି ପୋଖରୀରେ ଗାଧୋଇଲାବେଳେ ପାଣି ହାବୁକାରେ ଭସମାନ ସୁସ୍ପଷ୍ଟ ମଇଳାଦଳକୁ ଠେଲି ଠେଲି ଗାଧୋଇବାକୁ ପଡ଼ିଲା ।

ଦିନେ ସକାଳେ ଦେଖାଗଲା ପୋଖରୀ ପାହାଚର ପଥର ସବୁ ଚଡ଼ାହୋଇ ପାଣିକୁ ଫିଙ୍ଗା ହୋଇଛି ଓ ଠିକ୍ ଭୁଠ ଆଗରେ ପାଣିରେ ଗୋଟାଏ ପଚା ମଲା କୁକୁର ପେଟ ଟେକିକି ପଡ଼ିଛି ଓ ପେଟର ଘାଆ ଭିତରୁ ମେଞ୍ଚା ମେଞ୍ଚା ପୋକ ପାଣିକୁ ଗଡ଼ି ପଡ଼ୁଛନ୍ତି ।

ଏଥର ରାଜାସାହେବ ଶୁଣିଲେ ଏବଂ ହସିଲେ ।

●

Digitized by PPRACHIN, SOA

ଗୋ ପୃଥିବି ! ହେ ଆକାଶ

ଗୋ ପୃଥିବି ! ତୁମେ ଜୀବନର ଜନନୀ ।

ହେ ଆକାଶ, ତୁମେ ଆକାଙ୍କ୍ଷାର ଜନକ ।

ଦେବଦତ୍ତ ଏତକ ଲେଖିଦେଇ ତା ପର ପାଇଁ ଗପଟିର ଅବୟବ ସମ୍ପର୍କରେ ଅନୁଭବ ନେଇ ଭାବୁଥିଲା । ସେ ଲାଇଟ ଲିଭାଇ ଦେଲା । ଆଖିବୁଜି ଭାବିବାକୁ ତାକୁ ଭଲ ଲାଗୁଥିଲା । କଷ୍ଟଟାକୁ ବସି ବସି ଭାବିଲେ କଷ୍ଟ ହୁଏ । ଅନ୍ୟ କିଛିର ଗମ୍ଭୀରା ଭିତରେ ନିଜକୁ ଲୁଚେଇ ଦେଇ କଷ୍ଟକୁ ଫାଙ୍କି ଦେବା ଧନ୍ଦାଟା ମନ୍ଦ ନୁହେଁ; କିନ୍ତୁ କେବେକେବେ ଫୁରୁସତ୍ କାଢ଼ି ଆଖିବୁଜି କଷ୍ଟକୁ କଳାତ୍ମକ କରି କରି ଭାବି ଭାବି ପିଇବାକୁ ମିଠା ମିଠା ବି ଲାଗେ । ଦେବଦତ୍ତ କଷ୍ଟର ବାଲିଗରଡ଼ାକୁ ଗୋଲାପ ଜଳରେ ବୁଡ଼େଇ ବୁଡ଼େଇ ଭାବୁଥିଲା ଏବଂ ଏମିତି ଭାବିବାକୁ ତାକୁ ଭଲ ଲାଗୁଥିଲା ।

ଦ୍ରାଘିମା ଅସାମାନ୍ୟା ରୂପସୀ ଥିଲା । ବୟସକୁ ଫାଙ୍କି ଦେବାକୁ ଯତ୍ନ ନ କରି ବି ତାକୁ ଫାଙ୍କି ଦେଇଥିଲା । ବୟସ ହୋଇଥିଲେ ବି ବୟସ ବ୍ୟାଧିର ଦାଗ ଦ୍ରାଘିମାକୁ ବୟସ୍କା କରି ପାରି ନଥିଲା । ଦ୍ରାଘିମାର ରୂପ ଓ ବୟସର ଏ ଯେଉଁ ଅସାଧାରଣ ଅସହଯୋଗ, ସେଇଟାହିଁ ଦେବଦତ୍ତ ପାଇଁ ଏକ ଆଭିଜାତ୍ୟ ଥିଲା ।

ଦେବଦତ୍ତ କବି ଥିଲା । ତା ଦେହ ମନ ସବୁକୁ ତା କବିତାର ଆତ୍ମାପୁରୁଷ ଦଖଲ କରି ନେଇଥିଲା । ଦ୍ରାଘିମାର ପୃଥିବୀ ଭିତରେ ନିଜକୁ ହଜେଇ ଦେବାକୁ ଦେବଦତ୍ତ ଘୂରି ବୁଲୁଥିଲା । ସବୁଠି ଖାଲି କେମିକାଲ୍ ପ୍ରକ୍ରିୟାର ଗନ୍ଧ ଭିତରେ ସେ ଅତିଷ୍ଠ ହୋଇ ଉଠୁଥିଲା । ତା ଭିତରୁ ସେ ବାହାରି ପାରୁନଥିଲା କି ରହି ପାରୁ ନଥିଲା ।

Digitized by PPRACHIN, SOA

ସେ ଦ୍ରାଘିମାକୁ ତା ସଙ୍ଗରେ ପିକ୍‌ଚର ଯିବାକୁ ଅନେକ ଥର ଅନୁରୋଧ କରିଛି । ଏହି ଅନୁରୋଧର ନେପଥ୍ୟରେ ଦେବଦତ୍ତର କେତେ ନା କେତେ ଆତ୍ମ-ପ୍ରସାଦର ସ୍ୱରୂପ ଉଦ୍‌ବୁଦ୍ଧ ହେଉଥାଏ । ଦ୍ରାଘିମା ପାଖରେ ନଯାଇ ପାରିବା ପାଇଁ କୈଫିୟତ୍ ସବୁବେଳେ ମହଜୁଦ୍ ଥିଲା । କାଲି ବରି ପରା ଯିବ-ଆଜି ସକାଳେ ପୁଅଟା ବଡ଼ ଧିକସିକ୍‌ରେ ଖାଇଛି, ତା ପାଇଁ ସେ ନିଜେ ରାନ୍ଧିବ—ସାନ ଝିଅଟାର କାଲି ପରୀକ୍ଷା, ସେ ସିନେମା ଗଲେ ଝିଅଟା ନ ପଢ଼ି ଶୋଇ ପଡ଼ିବ—ବଡ଼ ଝିଅଟାର ମୁଣ୍ଡ ବାନ୍ଧିଦେବ, ତାକୁ ଦିନରେ ଫୁରସତ ହେବନି—ଇତ୍ୟାଦି, ଇତ୍ୟାଦି, ଏଇମିତି ଅନେକ କିଛି । ଏହି ସବୁ ଗୌଣକାରଣ ସହିତ ମୁଖ୍ୟ କାରଣଟା ନିଶ୍ଚୟ ଯୁକ୍ତ ହେଉଥିଲା ଯେ ତା ଦେହ ଭଲ ଲାଗୁନି; କିନ୍ତୁ ଦେବଦତ୍ତ ଖବର ନେଉଥିଲା ଯେ ଛୁଆଙ୍କୁ ଧରି ଦ୍ରାଘିମା ଏ ଭିତରେ ପିକ୍‌ଚର ସ୍ୱଚ୍ଛମତ ଦେଖିନେଉଛି ।

ଶାଢ଼ୀ କିଣିବାକୁ ଦେବଦତ୍ତ ଯେତେଥର ଡାକିଛି ଦ୍ରାଘିମା କେବେ ଯାଇନି । ଚିରଚରିତ ତା ଘରକରଣା ଦାହି ଦେଇ ସେ ଅପସରି ଯାଇଛି । ଦେବଦତ୍ତ କଳ୍ପନା ପରାଜୟ ଧରି ପଛେଇ ଯାଇଛି । ସେ ଭାବିଯାଏ, ଦ୍ରାଘିମା ତା ସଙ୍ଗରେ ଶାଢ଼ୀ ଦୋକାନକୁ ଯିବ । ଦ୍ରାଘିମାର ସୁନା କଳେଇକରି ଦେହ ଉପରେ ଶାଢ଼ୀର ସେଡ଼ଂ ଦେବାକୁ ଦୋକାନରେ ସେ ରଙ୍ଗର ସୌଦାଗର ବନିଯିବ । ଆଉ ଦ୍ରାଘିମା ଅଳ୍ପ ହସିବ । ତା ତ ହୁଏନି । ସବୁ ଦୋକାନରେ ଘଣ୍ଟା ଘଣ୍ଟା ଧରି ଶାଢ଼ୀ ଖେଳାଇ ଖେଳାଇ ଶାଢ଼ୀଖଣ୍ଡେ ଧରି ଘରକୁ ଆସେ ଆଉ ଆଗ୍ରହରେ ଶାଢ଼ୀ ଖଣ୍ଡିକୁ ବଢ଼େଇ ଦିଏ, ଦ୍ରାଘିମା ଦେଖିବାତ ଦୂରର କଥା, ଘରେ ରଖି ଦେବାକୁ ଅନୁରୋଧ ରୂପକ ନିର୍ଦ୍ଦେଶ ଦେଇ ଗାଁରୁ ଆସିଥିବା ମାଇକିନାମାନଙ୍କ ଆଗରେ ଶାଢ଼ୀ ଗହଣା ଉପରେ ଆଭିଜାତ୍ୟର ଫୁଟାଣି ବକିବାରେ ଲାଗିଯାଏ ।

ଦେବଦତ୍ତ ଓ ଦ୍ରାଘିମା । ଦୁଇଜଣଯାକ ଗୋଟିଏ ଯୁଆଳିରେ ବନ୍ଧା ହୋଇଥିଲେ । ଦେବଦତ୍ତ କାନ୍ଧ ଲଗାଇଥିଲା ସତ କିନ୍ତୁ କାନ୍ଧ ଲାଗିପାରୁ ନଥିଲା । ଦ୍ରାଘିମାର ଟଣା ଓଟରି ଭିତରେ ସେ ଝୁଣ୍ଟି ଝୁଣ୍ଟି ଖଣ୍ଡିଆ ଖାବୁରା ହୋଇ ପଡୁଥିଲା । ଦ୍ରାଘିମା ପୃଥିବୀର ମଣିଷ ଥିଲା ! ଦେବଦତ୍ତର ଆକାଙ୍କ୍ଷାରେ ଆକାଶର ସ୍ୱପ୍ନ ଦେଖୁଥିଲା । ସେ ଚନ୍ଦ୍ର, ତାରାଙ୍କୁ ଗୁନ୍ଥି ଗୁନ୍ଥି ଦାଘିମା ପାଇଁ ଆଭରଣ ପାଇତଥିଲା, ଆଟୋପ ସଜାଉଥିଲା; କିନ୍ତୁ ମାଟିର ଜଗିସ୍ଥୁରେ ଚନ୍ଦ୍ର

Digitized by PPRACHIN, SOA

ତାହାର ଆବଶ୍ୟକତା ନଥିଲା । ଶସ୍ୟର ପ୍ରସବ ପାଇଁ ସେଠି କେବଳ ପ୍ରସ୍ତୁତ ରହିଥିଲା ।

ପ୍ରାୟ ଯି କଥାରେ ଦେବଦତ୍ତର ମନ ଉପରେ ଠୁକର୍ ବାଜୁଥିଲା । ଦ୍ରାଘିମାର ବ୍ୟବହାର ଭିତରୁ ସେ ସବୁବେଳେ ଅବଜ୍ଞାର ସ୍ୱର ଶୁଣି ପାରୁଥିଲା । ଦ୍ରାଘିମା ତାର ବିବାହିତା ପତ୍ନୀ । ତା ସନ୍ତାନର ଜନନୀ । ତା ପରିବାରର ଶ୍ରେଷ୍ଠ କାର୍ଯ୍ୟକାରିଣୀ । ଦେବଦତ୍ତର ତା ପ୍ରତି ଯଥେଷ୍ଟ ସମ୍ମାନ ଥିଲା । 'ପତ୍ନୀର ମର୍ଯ୍ୟାଦା ଦେଇ ଦ୍ରାଘିମାକୁ ସେ ମହନୀୟା କରିଥିଲା; କିନ୍ତୁ ଦ୍ରାଘିମା ଭିତରେ ତା ପ୍ରିୟାକୁ ଖୋଜି ଖୋଜି ଦେବଦତ୍ତର ମନ ହାହାକାର କରି ଉଠୁଥିଲା ।

ଏଥର ଦେବଦତ୍ତର ଛତଟା ଅତି ମାତ୍ରାତ୍ମକ ଭାବରେ ତାକୁ ଶିକାର କରୁଥିଲା । ଦେବଦତ୍ତର ସାହିତ୍ୟିକ କୃତି ପାଇଁ ତାକୁ ଦେଶର ଶ୍ରେଷ୍ଠ ସମ୍ମାନ ଦେବାକୁ ଏକ ବିଶେଷ ଉତ୍ସବର ଆୟୋଜନ ହୋଇଥିଲା । ଉତ୍ସବରେ ଦ୍ରାଘିମାର ଉପସ୍ଥିତି ପାଇଁ ଦେବଦତ୍ତ ଆତୁର ହୋଇ ଉଠିଥିଲା ! ଦେବଦତ୍ତ ଅନୁନୟ କରିଥିଲା । ଅଳି କରିଥିଲା । ଦ୍ରାଘିମା ସାହଚର୍ଯ୍ୟୋତ୍ସବକୁ ଯିବାପାଇଁ ଏକ ପ୍ରକାର ନିଶ୍ଚିତ ପ୍ରତିଶ୍ରୁତି ଦେଇଥିଲା । ଦେବଦତ୍ତ ତା ମନ କଣରେ ଲଟକି ଥିବା ବର୍ଷ ବର୍ଷର ଅବଶୋଷର ଅଳନ୍ଧି ଜମାଟକୁ ଝାଡ଼ିଝୁଡ଼ି ଦେଇ ସେଦିନ ଦ୍ରାଘିମା ଦେହର ସୁନାଭି ସମୃଦ୍ଧି ଭିତରେ ନିଜକୁ ମିଳେଇ ଦେଇଥିଲା । ଉତ୍ସବ ହେଲା । ଦ୍ରାଘିମା ଗଲା ନାହିଁ । କାରଣ ଥିଲା ଦ୍ରାଘିମାର ସେଇମିତିକା ହେତୁରୁ ଗୋଟିଏ । ପୁଅ ପିକ୍‌ନିକ୍ ପାଇଁ ତା ସାଙ୍ଗମାନଙ୍କ ସାଙ୍ଗରେ ଦୂରକୁ ଯିବ । ଘରେ ଗୃହକରିଆଣୀଟାର ହାତଉଠା ପଣ ଅଛି । ଗ୍ଲେଟ ଚୁଆଗୁଡ଼ାକ ଉପରେ ଘରର ଦାୟିତ୍ୱ ଛାଡ଼ିଦେଇ ସେ ଯାଇ ପାରିବନି ।

ପ୍ରତିଶୋଧର ପ୍ରୟାସ ନେଇ ଦେବଦତ୍ତ ତା ଭିତରର ଫୁଲ କଆଁଶିକୁ ମାଡ଼ମକଚ ଗୁରଖାର କରି ଦେଉଥିଲା । ସେ ଦ୍ରାଘିମାର ଦ୍ରାଘିମା ଟପି ଅନ୍ୟ ପୃଥିବୀର କେଉଁ ଅକ୍ଷାଂଶ ଭିତରକୁ ପଳାଇ ଯିବ । ସେ ମଦ ପିଇବ, ଖୁବ ପିଇବ । ନିଜକୁ ନିଃଶେଷ କରି ପିଇବ । ସେ ବେଶ୍ୟାର ଆଶ୍ରୟ ନେବ । ଜୀବନ ଶେଷଯାଏଁ ନେବ । ସେ ଘରକୁ ଯିବନି । ଜମ୍ମା ଯିବନି । ସେ 'ଦେବଦାସ' ହେବ । ଦେବଦାସ ଶ୍ରେଣୀର ଯେତେ କଳଙ୍କିତ ନାୟକ, ତାଙ୍କଠୁଁ ଢେର ଅଧିକ, ଅଧିକ ହେବ ।

Digitized by PPRACHIN, SOA

ଦ୍ରାଘିମା ବିରୁଦ୍ଧରେ ଏମିତି ଭାବିବାକୁ ଦେବଦତ୍ତଙ୍କୁ ଭଲ ଲାଗୁନଥିଲା । ତା ବିରୁଦ୍ଧରେ ନ ଭାବିଲେ ବି ଶାନ୍ତି ମିଳୁନଥିଲା । ଦେବଦତ୍ତ ଉତ୍ସବରୁ ଫେରି ଘରକୁ ଆସିଲେ । ସେ ଅସମ୍ଭବ ଭାବରେ ଗମ୍ଭୀର ହେବାକୁ ଅଭ୍ୟାସ କରି ଆସିଥିଲେ, ସେ ପ୍ରସ୍ତୁତ ହୋଇ ଆସିଥିଲେ ଦ୍ରାଘିମାଠାରୁ ତା ମନକୁ ଅଲଗା ଅଲଗା କରିଦେବେ । ସେ ତା ସଂସାର ନେଇ ବଞ୍ଚିରହୁ । ତା ସାଙ୍ଗରେ କଥା କହିବେନି । ତା କଥା ଶୁଣିବେନି । ନିଜ ଆଗରେ କାନ୍ଥ ଉଠାଇ ଦ୍ରାଘିମାକୁ ଆଉ ପାଖରେ ପୁରାଇଦେବେ ।

ଦେବଦତ୍ତ ଘରେ ପହଞ୍ଚି କାହାକୁ ନ ଡାକି ଖଣ୍ଡେ ଇଜି ଚେୟାର ଉପରେ ଆଉଜି ପଡ଼ି ଆଖି ବୁଜିଲେ । ସାନ ଝିଅଟା ବାପା ଆସିଲେଣି ବୋଲି ପାଟି କମ୍ପାଇ ଦ୍ରାଘିମା ପାଖକୁ ଦୌଡ଼ିଗଲା । ଦେବଦତ୍ତ ଆଖି ଖୋଲିଲେ । ଦ୍ରାଘିମା ବୋଧହୁଏ ଅଭିନନ୍ଦନ ଦେବାକୁ ହସି ହସି ଆସୁଛି ।

ଦ୍ରାଘିମା ଆସିଲା । ହାତରେ ଚାର ବେଗ୍ ଓ ବୋତଲ । ଦେବଦତ୍ତ ଆଖିରେ ଆଶ୍ଚର୍ଯ୍ୟ ନେଇ ଦ୍ରାଘିମାକୁ ଚାହିଁ ରହିଲେ । ଦ୍ରାଘିମା ଦେବଦତ୍ତ ଆଡ଼କୁ ଚାହିଁ ନଚାହିଁବା ଭଳି କହି ଉଠିଲା—

ଗଲ ଶୀଘ୍ର, ଟିକିଏ ଦୋକାନକୁ ଗଲ । ସଉଦାଟା ନେଇ ଆସିବ । ହଁ, ମନେକରି ଆଣିବ—ପାନ, ପିଆଜ, ଚିନି, କାପିସିନ ।

ପ୍ରାଚୀର ପଣ

ସଦାଶିବ ବାବୁ ସଭା ମଞ୍ଚରୁ ସସମ୍ମାନରେ ନିଷ୍କୃତି ନେଇ ଘର ଆଡ଼କୁ ଏମିତି ସହଜ ସୁବିଧା ଢଙ୍ଗରେ ଗୋଡ଼ ବଢ଼ାଉ ନ ଥିଲେ । ସ୍ୱତମତ ଖଣ୍ଡି ଦୌଡ଼ା ଦେଉଥିଲେ । ସ୍ୱତ କେଲେଣ୍ଡରରେ ଆରଦିନର ତାରିଖ ହୋଇ ଗଲାଣି । ହଁ, ନିଶ୍ଚୟ ବାରଟା ପରେ ହେବ । କୋଲଡ୍ ୱେଭ୍‌ରେ ଓଡ଼ିଶାରେ କେହି ମରିଛନ୍ତି ବୋଲି ଖବର କାଗଜ-ବାଲା ହଲ୍ଲା କରି ନଥିଲେ ବି ପ୍ରାଣନେଲା ଭଳି ବାହାରେ ଥଣ୍ଡା କୁଡ଼ିଙ୍କି ହୋଇ ପଡ଼ିଥିଲା । ବାଟ ଆସ୍ତେ ଆସ୍ତେ ନିରୋଳା ହୋଇ ଆସୁଛି । ଘର ମାଇଲକ ସେପାଖରେ । ସଦାଶିବ ବାବୁ ଟିକିଏ ଆଗକୁ ପଛକୁ ଚାହିଁ ଚଉଡ଼ା ହୋଇ କଳାକାର ଠାଣିରେ ପଡ଼ିଥିବା ଚଦର ଖଣ୍ଡିକ ଖୋଲି ମୁଣ୍ଡ ଉପରେ ଦେଇ ବେଢ଼ାଇ ଆଣି ହାତ ଦୁଇଟାକୁ ଭିତରେ ଜାକିଜୁକି ଦେଲେ । କାନମୂଳ ଓ ଆଙ୍ଗୁଳି ଅଗଗୁଡ଼ାକ ଝିଣ ଝିଣ ହୋଇ ଯାଉଛି । ଚଦର ମଝିଟାରୁ ଦୁଇଇଞ୍ଚ ପୂରା ଛିଣ୍ଡି ଯାଇଛି । ସଭାସ୍ଥଳରେ ଏଣ୍ଡି ଚଦର ଖଣ୍ଡିକର ମହତ୍ତ୍ୱ ରଖିବା ତଥା ନିଜର ସମ୍ମାନକୁ ସମ୍ଭାଳି ନେବାକୁ ଚଦରଟିକୁ ଭାଙ୍ଗିକରି ବେକରେ ପକାଇବାକୁ ବାଧ ହୋଇଥିଲେ । ଚଦରର ଚିରା ଭିତର ଦେଇ ଦଲକା ଦଲକା ହେମାଳ ପବନ ବେକପଣ୍ଟା ମୂଳରେ ହାବୁକା ଦେଉଥିଲା । ସଦାଶିବବାବୁ ଭଜନ ପଲ୍ଲି, ଆଧୁନିକ, ଶାସ୍ତ୍ରୀୟ, ନୈଷଧ, ରଘୁବଂଶ •ଜଗଡ଼ମାଳ, ଯାହା ପାଟିରେ, ପଶିଲା ନିର୍ବିକାରରେ ଶୀତରୁ ତ୍ରାହି ପାଇବା ପାଇଁ ଗାଇ ଗାଇ ଚାଲିଥିଲେ ।

ସଦାଶିବ ଚୌଧୁରୀ ଲେଖକ ସମ୍ମିଳନୀରେ ମାନନୀୟ ପୁରୋଧା ହୋଇ ଏକ ଦମ୍ଭନୀୟ ଗର୍ବ ଭଳି ବାହୁଡ଼ାଯାତ୍ରା କରୁଥିଲେ । ଘରର ବାହାରେ ତାଙ୍କ ବାହାର ପରିଧି ଯେତିକି ଯେତିକି ଗୋଲେଇ ଯାଉଥିଲା, ଘର ଭିତରେ ତାଙ୍କର ଧିଲେଇ ସେତିକି ସେତିକି ମସିଆ ଧରି ଆସୁଥିଲା । ତାଙ୍କ ବାକ୍ସର ବାହାରେ ବାର୍ଣ୍ଣିସ୍ ଘଷା ହେଉଥିଲା, ବାକ୍ସ ଭିତରର କବ୍‌ଜା କଳଙ୍କି ଖାଇ ଖସି ପଡ଼ୁଥିଲା । ଘର ବାହାରର ଭକ୍ତଙ୍କର ତଫାତ୍ ଉପରେ ଗୋଡ଼ ଦେଇ ଠିଆହୋଇ ପାରୁନଥିଲେ ବି ସେ ଠିଆ ହେବାକୁ କସରତ୍ କରୁଥିଲେ । ତାଙ୍କ ବେକକୁ କୁଣ୍ଢାଇ ଧରିଥିବା ବାହାରର ଫୁଲମାଳ ଯେତିକି କଅଁଳେଇ କଅଁଳେଇ ସାଉଁଳାଉଥିଲା ଘରେ ତାଠୁଁ ବେଶି ବକାଲ୍ ବଲଲ ରସି ତାଙ୍କ ବେକକୁ କଷି କଟି ଦେଉଥିଲା । ଏଇ

Digitized by PPRACHIN, SOA

ସଦର ମଫସଲର ପାଗ୍ଡ଼ଣ୍ଡକସ ଭିତରେ ସେ ସତମିଛ ମିଛସତର ବଂଧିକ ମୁଠାଇ ଫେରେଷ୍ଟ କରୁଥିଲେ ।

ସାହିତ୍ୟ ବନର ବରେଣ୍ୟ ଶାର୍ଦ୍ଦୂଳ ସଦାଶିବ ଚୌଧୁରୀ ବାଉଁଶ ବୁଦାର ଉଦାସ ଶିଆଳ ପରି ଦାଣ୍ଡପିଣ୍ଡାକୁ ଉଠିଲେ । ଏପରି ଘଟଣାନ୍ତରର ଘଟଣା ଘରେ ତାଙ୍କର ଘନଘନ ଘଟିଥାଏ । ନାକରୁ ଥୋପି ପଡୁଥିବା ପାଣିଫୋପାଗୁଡ଼ାକୁ ଛିଣ୍ଡା ରୁମାଲ ଖଣ୍ଡକରେ ନିକାଶ କରିଦେଇ ଅତି ସନ୍ତର୍ପଣରେ ଡାକିବା ଆରମ୍ଭ କରି-ଦେଲେ । ସ୍ୱତନ୍ତ୍ର ଭାବରେ ପୁଅଙ୍କୁ, ଝିଅଙ୍କୁ ପୁଅଝିଅଙ୍କୁ ଏପାଖ ସେପାଖ କରି, ହୁରି ଗୁହାରିବାପରେ ସର୍ବଶେଷରେ ସର୍ବାନ୍ତଃକରଣରେ ପୁଅଝିଅଙ୍କ ମାଆ ମହାଶୟା 'ନମାଇ ହରିଚନ୍ଦନଙ୍କ' କର୍ଣ୍ଣ ନାଦରେ ନିବେଦନ କଲେ । ଯଥେଷ୍ଟ ଥଣ୍ଡା ମାତ୍ରାରେ ଅସମ୍ମାନ ହୋଇ ଯତ୍‌ପରନାସ୍ତି କବାଟକୁ ବାଡ଼େଇବା ପରେ ଭିତରୁ ଶିକୁଳି ମୁକୁଳିବାର ସଙ୍କେତ ମିଳିଲା । ସଦାଶିବ ବାବୁ କୃତକୃତ୍ୟ ହେବାକୁ ଆରାଧନା ନୃତ୍ୟ ପାଇଁ ମୁଦ୍ରାତୋଳିବା ଆଗରୁ ତାଙ୍କର ଧର୍ମକୋଷାଣୀ ବଦ୍ୟୁତ ଗତିରେ ବନଦେବୀ ଭଳି ଉଭେଇ ଯାଇଥିଲେ । ସଦାଶିବ ବାବୁ କବାଟଟାକୁ କିଳିଦେଇ ଦାଣ୍ଡଘର ଭିତରେ ଲଥ୍‌ କରି ବସିପଡ଼ି ଗୋଡ଼ର ଆଙ୍ଗୁଳି ଗୁଡ଼ାକ ଚିପି ଚିପି ଟିକଏ ଉଦ୍ଧମ କରିବାକୁ ଲାଗିଲେ । ସେ କଙ୍କାଳ ସଦୃଶ ଉଠ ଉଠ ହେଲେ । ଶିବିର ଭିତରେ ପଶିବା ଆଗରୁ ତାଙ୍କୁ ଆଉ କେତେଟା ଶୃଙ୍ଗ ଚଢ଼ିବାକୁ ପଡ଼ିବ । ପାଣି ଆଣିବେ, ଗୋଡ଼ ଧୋଇବେ, ସେଯ ବିଛେଇବେ । ତାପରେ ରାତିସାରା ଶୋଇବାକୁ କେବଳ ଆରମ୍ଭ କରିବେ । ଏଣିକି ରାତିଟାଯାକ ସେ କେବଳ ଶୋଇବାକୁ ଚେଷ୍ଟା କରନ୍ତି, ଶୋଇ ପାରନ୍ତିନି ।

ସଦାଶିବ ବାବୁ ବିଛଣାରେ ଜାକିଜୁକି ହୋଇ ବଡ଼ ବଡ଼ ନିଜ ଜୀବନକୁ ପାକୁଳି କରୁଥିଲେ । ତାଙ୍କର ଗିଳିଦେଇଥିବା ଚଉଷଠି ବର୍ଷର ଜୀବନ ଗୁଳାଗୁଡ଼ାକୁ ସେ ଗୁଳୁଗୁଳାଉ ଗୁଳୁଗୁଳାଉ ଦାନ୍ତ ତାଙ୍କର ଶର୍ଙ୍କି ଯାଉଥିଲା । ସେଥିରେ ନରମା ନରମା ଦୁବର ଅଗ ଥିଲା ଭଳି ଜଣା ପଡ଼ୁଥିଲେ ବି ମୂଳ୍ୟତଃ ଦାନ୍ତ ତାଙ୍କର ରଗଡ଼ା ରଗଡ଼ା ଗୋଡ଼ ସାଙ୍ଗରେ ମାଲ୍‌କୁସ୍ତି ଦେଉଥିଲା । ସାହିତ୍ୟିକ ସମ୍ଭାର ଚୁଲିମୁଣ୍ଡରୁ ହୋଇ ମାତ୍ର ଉଠି ଆସିଥିବାରୁ ତାଙ୍କ ଭିତରେ ସାହିତ୍ୟିକର ଉତ୍ତାପ ପୂରପୂର ହେମାଳ ଯାଇ ନଥିଲା । ଯଦିଓ ଘରର ହେମାଳ-ହାଉଆ ତାଙ୍କ ଉଷ୍ମ-ଅଞ୍ଚଳ ଉପରେ ହମଲା କରି ତାଙ୍କ ଜୀବନ ପାଚେରୀ ଦେହରୁ ଦୁଆ ଦୁଆ ଇଟା ପଥର ଖସାଇ ଚାଲିଥିଲା । ବଢ଼ି କୁଣ୍ଡାରେ କୂଅରୁ କାଢ଼ିଥିବା ପୁଟା ମାଠିଆର ଶେଷ ପାଣି ଚକାକ ଗଳିଯିବା ଆଗରୁ ସେତିକ

Digitized by PPRACHIN, SOA

ପ୍ରାପ୍ୟ ମଦ୍ୟ (ଏତେ ଶୀତରେ ବି) ଟିକଟିକ ପିଇ ଦେଇ ସେ ବିଛଣା ଧରିଥିଲେ । ମୋଗଲ ବାଦଶାହାଙ୍କ ଯୁଦ୍ଧ ମୌଜ ଭଳି (ଯଦିଓ ଶିବିର ଆକ୍ରମଣ ହେଲି ଯାଇଛି) ସେ ଭାବନାର ସୁରାସାକୀ ଗହଣରେ ନିଜକୁ ସଦେଇ ଚୌଧୁରୀର ଉଦ୍ଭଟ ଜୀବନ ଉପରେ କଳ୍ପିତ ଦର୍ଶନର ଥଣ୍ଡା ଛୁରିକା ମାରିବାକୁ ଭାବନାର ଫ୍ରେଇଂ ମେସିନ୍‌ରେ ପବନ ପୂରାଇଲେ ।

ସାହିତ୍ୟିକ ସଦାଶିବ ଚୌଧୁରୀ ସଦେଇ ଚୌଧୁରୀର ଜୀବନ କମ୍ପାଉଣ୍ଡକୁ ଡିସେକ୍‌ସନ୍ କରି ଅଲଗା ଅଲଗା ଟ୍ୟୁବ୍‌ରେ ଗଡ଼ାଇ ରଖୁଥିଲେ । ଦ୍ରଷ୍ଟା ସଦାଶିବ ଦେଖୁଥିଲେ ସଦେଇ ଚୌଧୁରୀ ମନ୍ଦିରର ଫଟୋ କାନ୍ଥ ହେଲିକି ଠିଆହୋଇଛି । ତାପରେ ଅଜନ୍ତାର ଫ୍ରେସ୍କୋ ଅଙ୍କା ହୋଇଛି । ସେଠି ଧଉଳିର ଶିଳାଲିପି ଖୋଳାହୋଇଛି । ସେ ସବୁ ତଥ୍ୟ-କଥିତ ଅଯଥା ଅତ୍ୟାଚାରକୁ ଡାକି ଦେଇ ତାଙ୍କ ପରିବାରର ପ୍ରାଚୀର ପରି ତାଙ୍କ ଦେହସାରା ମଡ଼ା ହୋଇଛି । ସେଥିରେ ଗଣ ଆନ୍ଦୋଳନ ଓ ଗଣ ଉତ୍ତେଜନାର ବାର୍ତ୍ତା ରହିଛି । ସେଠି ଘେରର ହେଉଛି ·ବଂ ଆହୁରି ହେବ ବୋଲି ଧମକ୍ ରହିଛି । ସେଠି ରକ୍ତ କେଉଁଠି ବୋହିଲାର ବର୍ଣ୍ଣନା ଅଛି ଏବଂ ତାଙ୍କଠୁଁ ବୋହିବ ବୋଲି ହୁସିଆର୍ କରା-ହୋଇଛି । ସେଠି ହାତବୋମା ଅନ୍ୟଠି ଫୁଟିଲାଣି ଏବଂ ଅବଶ୍ୟ ତାଙ୍କଠି ଫୁଟିବ ବୋଲି ସନ୍ଦେଶ ରହିଛି । ପ୍ରତ୍ୟେକ ଯାହା ଚାହୁଁଛି ସେଇଟା ତାର ନ୍ୟାଯ୍ୟ ଦାବି ଓ ସେ ପ୍ରାପ୍ୟ ପୂରଣ କରିବାକୁ ପ୍ରାଣପାତର ନୁହେଁ, ପ୍ରାଣ ନିପାତର ସମ୍ବିଧାନ ସେଠି ଲେଖାହୋଇଛି ।

ଦାର୍ଶନିକ ସଦାଶିବ ଚୌଧୁରୀ ସଦେଇ ଚୌଧୁରୀଙ୍କ ଘର ଅଧ୍ୟୟରୁ ଏଠୁ ସେଠୁ ପାଠୋଦ୍ଧାର କରୁଥିଲେ । ସ୍ତ୍ରୀ ପରିଣତ ବୟସରେ ବି ଅଭିମାନରେ ଅପରିଣାମଦର୍ଶୀ ଏବଂ ଏଥିପାଇଁ ଯେଉଁ ଦପ୍ମାୟୁ ଦୁର୍ଗନ୍ଧ ସବୁବେଳେ ଆସୁଛି, ତାକୁ ମୁଣ୍ଡେଇବାକୁ ସଦେଇ ଚୌଧୁରୀ ବାଧ୍ୟ । ସମସ୍ତେ ସ୍ୱଭାବରେ ରହିବେ କିନ୍ତୁ ଅଭାବର ଅବସ୍ଥା କେବଳ ସଦେଇଙ୍କ ଭାଗରେ ଲଦି ଦିଆଯାଇଛି । ପରିବାରରେ ଡିଭିଜନ୍ ଅଫ୍ ଲେବର୍ ନ ରହିଲେ ପରିବାର ପାର ଉଠିବନି । ସ୍ତ୍ରୀ ସିନେମା ଦେଖିବେ, କ୍ଲବକୁ ଯିବେ, ଦାମିକା ଶାଢ଼ୀ ପିନ୍ଧିବେ, ଆଉ ଯଥେଷ୍ଟ ମାତ୍ରାରେ ପିନ୍ଧିବେ ଏବଂ ଯଥାଶୀଘ୍ର ପରିତ୍ୟାଗ କରିବେ । ପ୍ରତିଦିନ ବନ୍ଧୁ ଆମଦାନୀ କରିବେ ଏବଂ ନିଶ୍ଚୟ ବନ୍ଧୁ ଶଙ୍କୁଳିବେ । ଏ ସବୁ ତାଙ୍କର ମୌଳିକ ଦାବି । ପୂରଣ କିପରି ହେବ, ପୂରଣ କରିବାବାଲାର ଏକାନ୍ତ ସମସ୍ୟା; କିନ୍ତୁ ସେ ତାଙ୍କର ପ୍ରାପ୍ୟ କାବୁଲି ମହାଜନପରି ଟେଙ୍ଗା କରିକଡ଼ ଆଦାୟ କରିବେ ।

Digitized by PPRACHIN, SOA

ସ୍ୱୀଙ୍କ ଦେହରୁ ବାହାରିଥିବା ଡାକ୍ତରମାନଙ୍କରୁ ବି ଅନୁରୂପ କ୍ଷୀର ବାହାରି ସଦେଇଙ୍କ ଡେଣାର ପର ଦେହରେ ଅଠା ମଡ଼େଇ ତାଙ୍କୁ ପଙ୍ଗୁ କରିଦେଇଛନ୍ତି । ପୁଅ ଆବହମାନ କାଳରୁ ସ୍ଥାଣୁ ହେଲେଣି ଓ ଅନାଦି କ ପାଇଁ ସ୍ଥାଣୁହୋଇ ରହିବେ । ସଦେଇଙ୍କ ପିତୃତ୍ୱ ପୁଅଙ୍କର ସ୍ଥାଣାବସ୍ଥାରେ ହିଁ ପ୍ରାୟ ଚହିଯିବାକୁ ବସିଲାଣି । ହୁଏତ ସବୁ ଗଲଥର ପରି ସବୁ ଆସନ୍ତାଥର ପରୀକ୍ଷା ପୂର୍ବରେ ହାରିଯାଇ ପାରନ୍ତି; କିନ୍ତୁ ବିଦ୍ୟାପୀଠରୁ ସେ ଓହରିଆସି ନାହାଁନ୍ତି । ସ୍ଥାଣର ସାମ୍ପ୍ରତିକ ନାରୀ-ସୁଲଭ ପରିଚ୍ଛଦ ବ୍ୟୟସାପେକ୍ଷ ହୋଇପାରେ; କିନ୍ତୁ ଖଣ୍ଡେ ପିନ୍ଧିବା ତ ନଃକତ ମୌଳିକ ଆବଶ୍ୟକତା । ତା ସାଙ୍ଗକୁ ସାମାନ୍ୟ ଶଲ୍‌କ୍‌ସେସନ ସୂଅରେ ଏଇ ସିନେମା, ଚିଲମ, ଗଞ୍ଜେଇ, ଏଲ୍‌.ଏସ୍‌.ଡ଼ି., ହାସିସ୍‌, ଗ୍ରାସ୍‌ ପ୍ରଭୃତି କେତେଟା ମାତ୍ର ବଞ୍ଚିବାର ଅନୁପୂରକ । ଏଇ ଅତି ସାମାନ୍ୟ ଦାନ ଦେବା ପାଇଁ ସଦା ଈଶ୍ୱରକୁ ସଦେଇ ବେଳେ ବେଳ ମନା କରି ଦେଇଛନ୍ତି; କିନ୍ତୁ ବାପାଙ୍କର ଷ୍ଟେଟଲେକିଙ୍କୁ ବାହାରକୁ ମୋଟେ ନପଠାଇ ପୁଅ ତାଙ୍କର ସଦେଇଙ୍କ ସମଗ୍ର ଜୀବନବ୍ୟାପି ସଂଗୃହୀତ ବେଲବାସନ, ଗହଣାଗାଣ୍ଠି ବିଖଣ୍ଡିର ବିନିମୟରେ ନିଜର ସ୍ପୃହା ମେଣ୍ଟାଇ ଛନ୍ତି ସତ, କିନ୍ତୁ ବସ୍ତୁତଃ ସାଙ୍ଗଟୋକାଙ୍କ ଆଗରେ ବାପାଙ୍କର ମର୍ଯ୍ୟାଦା ବଞ୍ଚେଇ ରଖିଛନ୍ତି । ଭାବପ୍ରବଣ ହୋଇ ଏଇ ଘଟଣାମାନଙ୍କୁ ଦୁର୍ଘଟଣ ବୋଲି କେଉଁଠି କେମିତି କହି ପକାଇ ଥିବାରୁ ସ୍ୱୀଙ୍କ ଦରବାରରେ ସେ ବର୍ଜିତ ହୋଇଛନ୍ତି ।

ଝିଅ ମଧ୍ୟ ତାଙ୍କ ସ୍ୱଚ୍ଛନ୍ଦ ଓ ସ୍ୱାଧୀନ ଜୀବନର ଦାବିକୁ ଉପସ୍ଥାପିତ କରିବାକୁ ଅବଧେୟ ଭାବନ୍ତି; କାରଣ ତାହା ବିଧିସମ୍ମତ ବୋଲି ସେ ନିପଟରେ ଗ୍ରହଣ କରି ନେଇଛନ୍ତି । ତାଙ୍କ ମାଆଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିବାରୁ ତାଙ୍କ ସମ୍ପର୍କରେ କିଛି ତତ୍ତ୍ୱ ଜାଣିବାକୁ ସଦେଇଙ୍କୁ ଅଧିକାର ଦିଆ ହୋଇନ । ଝିଅଙ୍କୁ ସଦେଇ କ୍ୱଚିତ୍ ଘରେ ଦେଖନ୍ତି ଓ ଯିବା ଆସିବାବେଳେ କେବଳ ତାଙ୍କଠୁଁ ଖସି ଆସୁଥିବା ପ୍ରକାର ପ୍ରକାର ଏସେନ୍‌ସର ବାସନା ଶୁଙ୍ଘନ୍ତି ।

ସଦାଶିବ ଗୈଧୂଳି ଉପରେ ମରି ହୋଇଥିବା ପ୍ରାଚୀର ପତ୍ରରୁ କିଛିକିଛି ପଢ଼ୁଥିଲେ । ସମ୍ବେଦନରେ ସଦାଶିବଙ୍କର ସଦେଇ ଉପରେ ଅନୁକମ୍ପା ଆସିଲା । ସେ ସଦେଇଙ୍କୁ ଥାପୁଡ଼େଇ ଦେଇ ଆଶ୍ୱାସନା ଶୁଣାଇଲେ—

ତୁ ବ୍ୟସ୍ତ ହୋନା । ତୋ ଦେହରେ ତୋ ସାଧନାର ଶିଳାଲେଖ ଖୋଦା ହୋଇଛି ଓ ସବୁଦିନେ ରହିବ । ତାକୁଇ ନେଇ ବଞ୍ଚିଯାଅ । ତୋ ଉପରର ଛପା ହୋଇଥିବା ଆଜେ ବାଜେ କାଗଜର ପ୍ରାଚୀର ପତ୍ର ଆପେ ଆପେ ପଚି ଶଡ଼ି ଖସିପଡ଼ିବ ।

●

Digitized by PPRACHIN, SOA

•

ଅନ୍ଧାର ପରେ

ଜୀବଧନ ବାବୁ ଅନ୍ଧାରର ଅଳନ୍ଧ୍ରୁ ଆ ଡ଼ଇ ନିଜକୁ ଅଣ୍ଡାଳୁଥିଲେ । ଭୂତ ମାଠିଆର ମୁହଁ ଖୋଲି ଯାଉଛି । ଗୋଷ୍ଠ ଗୋଷ୍ଠ ଧୂଆଁର ଧକ୍କା ଖାଇ ସେ ଚହଲି ପଡ଼ୁଥିଲେ । ଧୂଆଁର ଛନ୍ଦୁକୁ କେଉଁ କେଉଁ ଆଡ଼େଇ ଦୈତ୍ୟର ଦୁର୍ଦ୍ଦାନ୍ତ ଲୋମଶ ପଞ୍ଝା ତାଙ୍କ ଉପରକୁ ଝାମ୍ପି ଆସୁଥିଲା ।

ସେ ପାଟି କରି ଉଠିଲେ—ଏ ଦୁନିଆର ମୁର୍ଦ୍ଦାବାଦ ଆସୁ । ସର୍ବଭେଜାଲ ଜମାନାର ଗାନ୍ଧିଗ୍ର ବ୍ୟାଧି ସେନାର ଉତ୍କଟ ଟାପୁ ମାଡ଼ ତାଙ୍କ ଫୁଲର କିଆରୀକୁ ମାଡ଼ ମକଚି ଘାଗ୍‌ଡ଼ାର ଧୂଳି ଉଡ଼ାଇ ଚାଲିଥିଲା । ଦୁନିଆର ନର୍ଦ୍ଦମା ଭିତରେ ଭସି ଆସୁଥିବା ପ୍ରତ୍ୟେକଟି ପଚରକୁ ସେ ଜାବୁଡ଼ି ଧରି ଜୀବନର ସ୍ୱାଦୁ ଖୋଜି ଖୋଜି ଅବସନ୍ନ ହୋଇ ପଡ଼ୁଥିଲେ ।

ହଁ ସମସ୍ତେ ଅଭିନୟ କରୁଛନ୍ତି । କୃତ୍ରିମ ନିଶ କେଶର ନକଲି ରାଜାରାଣୀଙ୍କୁ ନେଇ ରଙ୍ଗମଞ୍ଚରେ ରାଜୁତି ଚାଲିପାରେ; କିନ୍ତୁ ସଦା ସେମାନେ ଦୁନିଆରେ ତାଙ୍କର କ୍ଷମତା ଜାହିର କରନ୍ତି ? ଚାରିଆଡ଼େ ମଣିଷର ଅଭିନୟ ଚାଲିଛି । ଅଭିନୟ ଧର୍ମୀ ମଣିଷ, ମଣିଷର ମୁଖାପିନ୍ଧା ମାନବିକତାର ବ୍ୟାଖ୍ୟା ଦେଉଛି । ଜୀବଧନ ବାବୁ ବାସ୍ତବରେ ବିକଳ ହୋଇ ପଡ଼ିଲେ । ପର୍ଯ୍ୟାପ୍ତ କୃତ୍ରିମତାର କୁକ୍ଷି ଭିତରେ ସେ ନବଜନ୍ମ ପାଇଁ ବିଦ୍ରୋହ କରୁଥିଲେ ।

ଭୂମିକାରେ ନାୟିକା, ଗୁହାଁଲେ ହସନ୍ତି । କହିଲେ ମୁହଁ ବୁଲାଇ ଛେପ ପକାନ୍ତି । ଜୀବଧନ ବାବୁଙ୍କର ମନେ ପଡ଼ିଗଲା । ମନ ଉପରେ କଥାଗୁଡ଼ାକ ଆପେ ଆପେ କଚ୍ଚଡ଼ ହୋଇ ପଡ଼ିଲେ । ଜୀବଧନ ବାବୁ ବିଛଣାରେ ପଡ଼ିଛନ୍ତି । ଏଇ ପଡ଼ିବା ଭିତରେ ବି ବାଡ଼ ଧରି ପରିବାରର ପଡ଼ ଯୋଗାଡ଼ କରନ୍ତି । ଘଡ଼ଘଡ଼ ମେଘକୁ ପିଞ୍ଜି ପିଞ୍ଜି ତା ଗୁଣ୍ଡରୁ ପାଣିକୁ ଶପୁଡ଼ି ଆଣେ । ପରିବାରକୁ ବଞ୍ଚାଇ ରଖିବା ପାଇଁ ସେ ଜୀବନକୁ ଭିଣି ଭିଣି ହାଲକା କରି ଉଡ଼େଇ ଦେବାକୁ ବସିଲେଣି । ତାଙ୍କ ମନ ଘାଟ ଭିତରେ ଏଇ ଆତ୍ମପ୍ରସାଦର ମିଞ୍ଜି ମିଞ୍ଜି ସଳିତା ଆଲୁଅ ଟିକକ ତାଙ୍କ ଭିତରର ଅନ୍ଧାର ଭିତରେ ମୁଠା ମୁଠା ଖରା

Digitized by PPRACHIN, SOA

ବାସ୍ତବରେ । ହଁ ସେ ବନ୍ଧଣାରେ ପଡ଼ିଥିଲେ । ତାଙ୍କ ଶୁଣିବାରେ ଜମା ଭୁଲ ହୋଇନ, କି ଜାଣିବାରେ ଚିକିଏ ବି ସନ୍ଦେହନାହିଁ । ଔଷଧର ବ୍ୟବସ୍ଥାକୁ ତାଙ୍କର ସହଧର୍ମିଣୀ ତଥା ସହକର୍ମିଣୀ ଏକାନ୍ତ ଭାବରେ, ନା, ଅତି ଅସନ୍ତୁଷ୍ଟ ଭାବରେ ଅନୁଭବ କରିଥିଲେ । ଜୀବଧନ ବାବୁଙ୍କ ଘଡ଼ିଟାକୁ ବନ୍ଧା ପକାଇ (ନିଜର ଗହଣା ନୁହେଁ) ଯେଉଁ ଟଙ୍କା ଆଣିଥିଲେ, ସେଥିରୁ ମୁଖ୍ୟ ଭାଗ ତାଙ୍କ ଶାଢ଼ୀ ଚୁଡ଼ି କିଣିବାକୁ ସେ ପ୍ରସ୍ତାବ ଦେଇଥିଲେ । ଜୀବଧନ ବାବୁ ବି ଏପରି ପ୍ରସ୍ତାବକୁ ସମର୍ଥନ କରିବାକୁ ବାଧ୍ୟ ହୋଇଥିଲେ । ଏପରି ବାଧ୍ୟତା ଉପରେ ତାଙ୍କ ପରିବାରର ରୁଚି ବଞ୍ଚି ରହିଥିଲା । ଶୁଶ୍ରୂଷାର ଅଭିନୟ ନେଇ ଯେତେବେଳେ ପାଣି ଗ୍ଲାସ ଧରି ତାଙ୍କର ସ୍ତ୍ରୀ ଆସୁଥିଲେ, ତାଙ୍କ କବରୀର (କାରଣ ସେ ମୁଣ୍ଡବାଳକୁ ସବୁବେଳେ କବରୀର ସମ୍ମାନ ଦିଅନ୍ତି) ଫୁଲ ପେନ୍ଥାରୁ ମହକ ଶୁଂଘିବାକୁ ଅସଙ୍ଗତ ବୋଲି ଭାବିଲେ ବି ତାଙ୍କୁ ଶୁଂଘାଇ ଦିଆଯାଉଥିଲା । ସେ ବି ଶୁଂଘୁଥିଲେ । ଜୀବଧନ ବାବୁ ହସି ଉଠିଲେ । ନିଜେ ସେମିତି ତରଳି ଯାଇ ହସ ହୋଇ ବୋହି ଯାଉଛନ୍ତି । ଏଇମିତି ଏକୁଟିଆ ହସି ନିଜକୁ ନିଜ ଆଗରେ ଲଙ୍ଗଳା କରି ଜୀବଧନ ବାବୁ ବେଳେ ବେଳେ ବଞ୍ଚିବାର ନିଃଶ୍ୱାସ ନିଅନ୍ତି । ନିଜକୁ ନିଜ ଭିତରେ ଜଳଶାୟୀ କରାଇ ନିଜର ଉତ୍ତାପ କମାନ୍ତି ।

ରଙ୍ଗମଞ୍ଚରେ କୁଶଳୀ ଅଭିନେତା ରାଜକୁମାର ସଲାମ । ଶିଷ୍ଟାଚାରର ଆଲ୍‌ଖାଲ୍ଲ ପିନ୍ଧି ମୁହଁରେ କଥା କହନ୍ତିନାହିଁ । କାମରେ କଥା ରଖନ୍ତିନାହିଁ । 'ପୁତ୍ରାଦିଚ୍ଛେତ୍ ପରାଜୟମ୍'—ପୁଅଠାରୁ ପରାଜୟ ପାଇଲେ ବାପର ବାପଧର୍ମ ସଫଳହୁଏ । ତେଣୁ ପୁଅଙ୍କଠାରୁ ପରାଜୟକୁ ପ୍ରାପ୍ୟ ବୋଲି ଧରି ନେଇ ଜୀବଧନ ବାବୁ ନିଜକୁ ସ୍ତୁତିର ଅଜସ୍ରବାଣୀ ଶୁଣାଇଲେ ବି ଅସୁସ୍ଥ ମନ ତାଙ୍କର ନିଜକୁ ନିଜେ କାମୁଡ଼ି ପକାଏ । ବସ୍କଷ୍କ ପୁଅ ତାଙ୍କର । ସେ ବୟସରେ ସେ ନିଜେ ବାପା ହୋଇ ସାରିଥିଲେ । ପେଟରେ କଲେଜର ହାବୁକା, ମୁଣ୍ଡ ଉପରେ ଖବର ନିଆଁ ଜଳୁଛି । ହାଟରୁ ସଉଦା ବେଗ୍ ମୁଣ୍ଡାଇ ଆସୁ ଆସୁ ପଡ଼ିଗଲେ । ବାଟଗଲା ଲୋକେ ଆହା ଆହା କଲେ । ପୁଅ ବି ହଠାତ୍ ସେ ବାଟରେ ଯାଉଥିଲେ, ଆଉ ଅଟକିଗଲେ । ସାଇକେଲରେ ପମ୍ପ କମ୍ ଅଛି ବୋଲି ଟିପ୍ପଣୀ ଦେଇ ସେ ଏକୁଟିଆ କେବଳ ସାଇକେଲରେ ଯିବାକୁ ହକ୍‌ଦାର ବୋଲି ଭଦ୍ରତାର ଉଦ୍‌ବନ୍ତ ଜାଳି ଯେଉଁ ନିବେଦନ ଜଣାଇଲେ, ଜୀବଧନ ବାବୁ ସୂକ୍ଷ୍ମ ଦୃଷ୍ଟିରୁ ତାକୁ ଗ୍ରହଣ ନ କରି ରହି ପାରିଲେ ନାହିଁ ।

ଜୀବଧନ ବାବୁ ଜୀବନର ଗୋଲେଇ ଛକ ମଝିରେ ଠିଆ ହୋଇଥିଲେ । ଚାରିଆଡ଼େ ଦୌଡ଼ିଲା ଗାଡ଼ିର ଭିଡ଼ । ସେ ସହରୀ ହେବାର ଆବଶ୍ୟକତା ନେଇ

Digitized by PPRACHIN, SOA

ଦୌଡ଼ିବାକୁ ଗୋଡ଼ ଟେକ ଛୁଡ଼ା ହୋଇଛନ୍ତି, ଯାଇ ପାରୁନାହାନ୍ତି । ସେ ଯିବା ପାଇଁ ଇଚ୍ଛାଅନିଚ୍ଛାଳ କରି ନାହାନ୍ତି । ପ୍ରାଣର ଭୟଁର ତାଙ୍କର ଜୀବନ ଫରୁଆ ଭିତରେ ବାହ୍ନିକ ଉଠିଲା-ଭୂଇଁ ଭୁ ଫାଟିଯା, ମୁଁ ପଶିଯାଏଁ ।

ଲାଲ ଫ୍ଲୁଷ୍ଟର ଲଗର ସୂଅ ଆସୁଛି । ନିଜର ଉତ୍ତାପ ବଢ଼ାଇ, ନିଜର ମଣିଷ ପରମ୍ପରାକୁ ବାମ୍ଫ କରି ଉଡ଼ାଇଦେଇ ସ୍ତ୍ରୀ, ପୁଅ, ବନ୍ଧୁ, ସମସ୍ତ ବାହା ଖୋଲି ମହିଁରିବାକୁ ଆରମ୍ଭ କଲେଣି । ସେ ବ ଡେଇଁବେ । ସେ ହାଲୁଡ଼ ବାଡ଼େଇ ନିଜକୁ ନିକଏ ଭଲକରି ନିଦା କରିନେଲେ । ନିଜ ଦେହରୁ ମଣିଷର କାନ୍ତି ଲୁଗାଇବାକୁ ହାତରେ କୋରି କୋରି ସେ କାନ୍ତିର ମୁଣ୍ଡ ଖୋଜୁଥିଲେ ।

ସେ ମଧ୍ୟ ଅଭିନୟ କରିବେ । ସ୍ୱାମୀ, ପିତା, ବନ୍ଧୁ, କର୍ମଗୁରୁ, ପଲଡ଼ାଣୀ, ସବୁଥିରେ ମଣିଷର ଅଭିନୟ । ସବୁଥିରେ ସେ ମଣିଷ ହୋଇ ହାର ମାନିଛନ୍ତି । କୁହିମତାର ରଙ୍ଗ ଲିପି ସେ ନିଜର ମେକଅପ ନେଇ ମଞ୍ଚ ପାଇଁ ତିଆରି ହେବେ ।

ଫ୍ଲୁଷ୍ଟର ଉତ୍ତାପ ନେଇ ଜୀବଧନ ବାବୁ ଆଉ ଘରକୁ ହଠାତ୍ ପଶିଗଲେ ।

ସ୍ତ୍ରୀ ଶୋଇଛନ୍ତି । ଦେହରେ ସଞ୍ଜର ପାତଳ ସୂର୍ଯ୍ୟର ଖସ... ଆଲୁଅ । ମଣିଷର ଅଭିନୟ ପରେ ଅବସାଦ ନେଇ ମଣିଷର ଦେହ ମଣିଷ ଅଙ୍ଗର ଦେ...ଧରି ମଡ଼ ରହିଛି । କୁଞ୍ଚ ପଡ଼ିଥିବା ଓଠର ସିଆର ଦେଇ ଅଳ୍ପ ଅଳ୍ପ ହସ ସରବ ଆସୁଛି । ସେ ହସ ମଣିଷର ହସ । ସେଠି ଅଗ୍ନି ଲହରୀ ନାହିଁ, ଆଲୁଅ ଅଛି । ମସ୍ଣଟା ପକାଇବାକୁ ଭୁଲି ଯାଇଛନ୍ତି ବୋଧହୁଏ । ଗାଲ ଉପରେ ରକ୍ତର ସ୍ରାବରେ ଅଥବ ହୋଇ ମଶାଟା ଲଟକି ରହିଛି । ଅସମ୍ଭବ ଦରଦରେ ଜୀବଧନ ବାବୁଙ୍କ ମନ ଶୀତଳ ଉଠିଲା । ଅତି ଆସ୍ତେ ମଶାଟିକୁ ଟେକି ଆଣି ତଳେ ଚିପି ଦେଲେ । ଆଃ କେତେ ଆପଣାର ଏ ସ୍ତ୍ରୀ ।

ପାଖ ଘରର ପୁଅର ମୁଣ୍ଡ ତକିଆରୁ ଖସି ଆସିଛି । ଓଠର ଫାଙ୍କରେ ଅଳ୍ପ ଅଳ୍ପ ଦଶିଲା ଦାନ୍ତମାନଙ୍କର ଧାଡ଼ ପାଖେ ପାଖେ ଚିପି ଚିପି ହସ ଜକାଇ ଆସୁଛି । ଜୀବଧନ ବାବୁ ଆଖି ଦେଇ ସେ ହସର ଗ୍ଲେଟ ଗ୍ଲେଟ ଟୋପା ଗୁଡ଼ାକୁ ଗୁଣ୍ଠି ନେଉଥିଲେ । ଆଃ କେଡ଼େ ମିଠା । ମଣିଷର ସ୍ୱାଦ୍ୱରେ ତଣ୍ଟି ତାଙ୍କର ବାନ୍ଧି ହୋଇ ଆସୁଥିଲା । ପୁଅର ମୁଣ୍ଡକୁ ଆସ୍ତେ ଟେକି ତକିଆ ଉପରେ ରଖିଦେଲେ ।

ମଣିଷ ମନର ମିଠା ମିଠା ଧୂପକାଠିର ବାସନାରେ ଦଙ୍ଗାଖୋର ଦୁର୍ବାସନାମାନେ ଆସ୍ତେ ଆସ୍ତେ ଝିମେଇ ଝିମେଇ ଶୋଇ ପଡ଼ୁଥିଲେ । ଅଭିନୟର ସାଜ ସାଞ୍ଜୁର ଓଜନକୁ ଫିଙ୍ଗି ଦେଇ ହାଲକା ଛନ୍ଦମାନଙ୍କ ପେଟରେ ଜୀବଧନ ବାବୁ ମଣିଷ ରକ୍ତର ସ୍ୱଚ୍ଛନ୍ଦ ଟାପୁ ଶବ୍ଦ ଶୁଣୁଥିଲେ ।

●

Digitized by PPRACHIN, SOA

କଥା ଓ ପରକଥା

କଥା—

ଏକଦା ଏକ ରାଜ୍ୟରେ ମାଛର ଦୁର୍ଭିକ୍ଷ ପଡ଼ିଲା ।

କାହିଁ ମାଛ ?

ହଅ ମାଛ ।

ହାୟ ମାଛ ।

ରାଜ୍ୟ ତମାମ ଆତଙ୍କ ପଡ଼ିଗଲା ।

ପ୍ରତିଦିନ ହଜାର ହଜାର ପ୍ରଜାପାଳକ ମହାରାଜାଙ୍କ ଶ୍ରୀମୁଖରେ ନେତ୍ରର ହୋଇ ମାଛ, ମାଛ ବୋଲି ଗୁହାରି କଲେ । ମାଛର ଲାଳକାଗ୍ର ଝୋଳ ବନ୍ଧନରେ ଶ୍ରୀ ମୁଖ ମଧ୍ୟ ଶ୍ରୀମଣୋଦ୍ଭବେ ଶ୍ରୀମନରେ ଶ୍ରୀପୀଡ଼ା ଅନୁଭବ କରିବା ହେଲେ । ମହାରାଜା ପାତ୍ର, ମନ୍ତ୍ରୀ, ପରିଷ୍ଠ, ପରିଷଦ ସମସ୍ତଙ୍କୁ ଡକାଇ ମାଛ ଦୁର୍ଭିକ୍ଷ ଉପରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କଲେ । ଶେଷରେ ସାବ୍ୟସ୍ତ ହେଲା ଯେ, ରାଜ୍ୟର ଗଣ୍ୟମାନ୍ୟ ପଣ୍ଡିତମାନେ ବସି ମାଛର ଏ ଆକସ୍ମିକ ଅଭାବର ହେତୁ ଉପରେ ଅନୁଧ୍ୟାନ କରିବେ । ତତ୍‌କ୍ଷଣାତ୍ ଶ୍ରୀ ହଜୁରଙ୍କ ଶ୍ରୀବାର୍ତ୍ତା ଧରି ରାଜ ଡଗରମାନେ ରାଜ୍ୟର କୋଣ ଅନୁକୋଣରୁ ପୂରୁଣା ପଣ୍ଡିତମାନଙ୍କ ତଳପାଡ଼ୀମାନଙ୍କୁ ରମାନା ହେଲେ ।

ପଣ୍ଡିତ-ମଣ୍ଡଳୀ ରାଜ ଦରବାରରେ ବଜେ ହୁଅନ୍ତେ ସ୍ୱୟଂ ମହାରାଜା ଅତି ଭାରାକ୍ରାନ୍ତ ଚିତ୍ତରେ ସେମାନଙ୍କୁ ରାଜ୍ୟର ମାରାତ୍ମକ ମାଛ ବିପତ୍ତି ବିଷୟରେ ଅବଗତ କରାଇଲେ । ପରିଚର୍ଯ୍ୟା ପର୍ଯ୍ୟାୟରେ ପାଟସଥା ଓ ସ୍ୱର୍ଣ୍ଣ କୁଣ୍ଡଳାଦି ରାଜକୀୟ ସମ୍ମାନ ବିଧିବଦ୍ଧଭାବେ ପଣ୍ଡିତମାନଙ୍କୁ ଅର୍ପଣାନ୍ତେ ଖୋଦ୍ ଉଆସରୁ ସେମାନଙ୍କ ପାଇଁ ଘୃତାନ୍ନାଦି ଦ୍ରବ୍ୟଭୋଜନ ନିମିତ୍ତ ବହୁତ ଫଗ୍ଗର ବ୍ୟବସ୍ଥା କରାଗଲା । ତାମ୍ବୁଳ ସେବନ ସହ ବ୍ୟାଘ୍ରାସନ, କୁଶାସନ ଉପରେ ଶାସ୍ତ୍ର

Digitized by PPRACHIN, SOA

ପୁରାଣର ପୋଥିଗଦା ଖୋଳାଇ ପଣ୍ଡିତମଣ୍ଡଳୀ ଗଭୀର ଗବେଷଣାରେ ମଗ୍ନ ରହିଲେ । ମତ୍ସ୍ୟପୁରାଣଠାରୁ ମନୁ, ପରାଶର ଦେଇ ପାକପ୍ରଣାଳୀ ପର୍ଯ୍ୟନ୍ତ ଘଣ୍ଟାଚକଟା ପରେ ମାଛତତ୍ତ୍ୱ ଉପରେ ଶବ୍ଦ ଓ ଚେତନା ସେମାନେ ବାନ୍ଧିକଲେ । ସତ; କିନ୍ତୁ ନିରଙ୍କୁଶ ମାଛମାନଙ୍କର ଔଦ୍ଧତ୍ୟର ହେତୁ ଉପରେ କିଛିଟା ସିଦ୍ଧାନ୍ତ ପାଇପାରିଲେ ନାହିଁ । ତାପରେ ଶାସ୍ତ୍ରପୁରାଣାଦିର ଧନ୍ଦା ବଢ଼ାଇ ଦେଇ ପ୍ରତାପୀ ରାଜାଙ୍କ ପ୍ରକୋପରୁ ନିସ୍ତାର ପାଇବାପାଇଁ ଗାଈଆଳ ଟୋକାଙ୍କ ବସ୍ତୁରପନ୍ଥା ଧରି ଆମ୍ବ, କେମ୍ବୁ, କମଳା ବଗିଚାରୁ ଓହ୍ଲେଇ ଆସି ରାସ୍ତାଘାଟ କଡ଼ମାନଙ୍କରୁ ଅନାବନା ଶାଗ ଛୁଣ୍ଡାଇବାକୁ ଆରମ୍ଭ କରିଦେଲେ । ସୌଭାଗ୍ୟବଶତଃ ପଣ୍ଡିତ-ମାନଙ୍କ ହେଳଆ ନାପିତପୁତ୍ର ବଚସ୍ପତ୍ୟଙ୍କ ସିଂହାସନ ଉପର ହୁଙ୍କା ଆଗକୁ ଦୁପା ମାରି ହଠାତ୍ ଜଣାଇଦେଲା ଯେ ଅଳ୍ପଦିନତଳେ ରାଜ୍ୟରେ ବାଡ଼ପଡ଼ି ଅନେକ ଲୋକ ନଷ୍ଟ ହୋଇ ଯାଇଛନ୍ତି ।

ଏହି ଦୈବୀବାଣୀର ଗୁଣ ଉପରେ ବୁଦ୍ଧି ବିସ୍ତାର ଫିଟାଇ କାଦୁଅ ଘାଣ୍ଟ୍ ଘାଣ୍ଟ୍ ପଣ୍ଡିତମଣ୍ଡଳୀ ଶେଷରେ ଏକ ସିଦ୍ଧାନ୍ତର ମୂର୍ତ୍ତି ପାଇଯାଇ ଅପୂର୍ବ ଉଲ୍ଲାସରେ କୃତ୍ୟକୃତ୍ୟ ହୋଇ ହେଳଆ ନାପିତ-ପୁତ୍ର ଉପରେ ଆଶୀର୍ବାଦ ବର୍ଷା କରିବାକୁ ଲାଗିଲେ ।

ଶ୍ରୀଗୁମ୍ଫଙ୍କ-ଶ୍ରୀଆଜ୍ଞାମତେ ପଣ୍ଡିତ-ମଣ୍ଡଳୀ ଢେଣ୍ଡିମାରି ଗୁରୁଗମ୍ଭୀର ନାଦରେ ବ୍ୟସ୍ତ ବିବ୍ରତ ଲୋକ ସମୂହ ସମକ୍ଷରେ ଉଦ୍‌ଘୋଷଣା କଲେ ଯେ ରାଜ୍ୟରେ ମାଛଜନିତ ଅନର୍ଥର ମୁଖ୍ୟତଃ ଦୁଇଟି କାରଣ ଯୋଗୁଁ ଘଟି ଯାଇଛି । ଯଥା:—ପ୍ରଥମତଃ ମାଛମାନଙ୍କର ଅଧିକ ହେବାକୁ ବୁଦ୍ଧିର ମାନ ଅସ୍ୱାଭାବିକ ଭାବେ ଅତ୍ୟଧିକ ବଢ଼ିଯାଇଛି ଓ ଦ୍ୱିତୀୟରେ ମାଛ ଧରାଳୀମାନଙ୍କ ମାଛମାନଙ୍କୁ ବନ୍ଦୀ କରିବାର କୌଶଳଗତ ଜ୍ଞାନ ଅହେତୁକ ଭାବେ ଛୁଡ଼ିଯାଇଛି । ତେଣୁ ବୁଦ୍ଧିହୀନ ମାନ୍ଦ ଧରାଳୀମାନେ ବୁଦ୍ଧିମାନ ମାଛମାନଙ୍କୁ ଆୟତ୍ତ କରିବାକୁ ଅକ୍ଷମ ହୋଇ ପଡ଼ିଛନ୍ତି ।

ମହାମହିମ ମହାରାଜା ମହାପଣ୍ଡିତମାନଙ୍କର ମହା ମୂଲ୍ୟବାନ ମହାମତକୁ ମହାମାନ୍ୟ ମହକାରେ ଗ୍ରହଣ କରିବା ଦେଲେ । ଅତଃପର ଶ୍ରୀଗୁମ୍ଫ ଏତାଦୃଶ ମାଛମାନଙ୍କର ବୁଦ୍ଧି ବିକାଶ ଓ ମତ୍ସ୍ୟଜୀବୀମାନଙ୍କର ବୁଦ୍ଧି ଭ୍ରଂଶର ସବିଶେଷ କାରଣ ପ୍ରକରଣ କରିବାକୁ ପଣ୍ଡିତମାନଙ୍କୁ ଶ୍ରୀଆଜ୍ଞା ଜଣାଇଲେ ।

Digitized by PPRACHIN, SOA

ଅଣାସ୍ଥ, ଅପ୍ରସ୍ତ୍ୱ, ଅକଥା ଅଘଟଣରେ କଣା ପୁଟାଇ ନାପିତ-ପୁତ୍ର ସ୍ୱାସ୍ଥ୍ୟ ପାଇବାର ଗଳାବାଟ ଆଗରୁ ଫିଟାଇ ରଖିଥିଲା । ପଣ୍ଡିତ-ମଣ୍ଡଳୀ ତା ଭିତରେ ଗଳି ଗଳି ଯାହାହେଉ ଗଳି-ମୁଣ୍ଡରେ ହାବୁଡ଼ଗଲେ । ତାପରେ ସୁସ୍ଥିର ନିଃଶ୍ୱାସ ମାରି ନିଜକୁ ଉଶ୍ୱାସ କରି ବହୁ ଆୟାସ-ପ୍ରସୂତ ଶେଷ ତଥ୍ୟ ପ୍ରକାଶ କଲେ ଯେ—ଅଲ୍ପଧାନ ତଳେ ରାଜ୍ୟରେ ବ୍ୟାପିଥିବା ମହାମାରୀ ହେତୁ ବହୁ ମଣ୍ଡା ନଦୀ ପୋଖରୀରେ ପଡ଼ିଯିବାରୁ ତଥା ମଣ୍ଡାମାନଙ୍କ ସଢ଼ାମାଂସ ପର୍ଯ୍ୟାପ୍ତ ପରିମାଣରେ ମହୋତ୍ସବ ସହ ମତ୍ସ୍ୟମାନେ ଭକ୍ଷଣ କରିଥିବାରୁ ସେମାନଙ୍କ ସ୍ଥୂଳ ବୁଦ୍ଧି ଅତ୍ୟଧିକ ତୀକ୍ଷ୍ଣ ହୋଇ ପଡ଼ୁଛି । ଅନ୍ୟ ପକ୍ଷରେ ମତ୍ସ୍ୟଜୀବୀଗଣ ସେମାନଙ୍କ କଙ୍କଡ଼ା ଜାତୀୟ ଉତ୍କଟ ଆମିଷ ଶ୍ରେଣୀଭୁକ୍ତ ସ୍ୱାଭାବିକ ଖାଦ୍ୟ ବର୍ଜନ କରି ଅଯଥା ଦୁର୍ଗନ୍ଧ ଦ୍ରବ୍ୟ ଗ୍ରହଣ କରିବାରୁ ମତ୍ସ୍ୟ ଶିକାର ପ୍ରତି ସେମାନଙ୍କର ଆସକ୍ତି ଓ ଆକାଂକ୍ଷା ସ୍ୱତଃ ହ୍ରାସ ପାଇଛି ।

ପଣ୍ଡିତମାନଙ୍କ ବିଦ୍‌ବତ୍ତାରେ ଆପ୍ୟାୟିତ ହୋଇ ଗୁଣଗ୍ରାହୀ ନୃପଶ୍ରେଷ୍ଠ ସେମାନଙ୍କ ପାଇଁ ନିଷ୍କର ବହୁ ବୃତ୍ତିର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ପୁଣି ଗବେଷଣାରତ କରାଇ ତଥ୍ୟ ସଂଗ୍ରହ କରିବାହେଲେ ଯେ—ମତ୍ସ୍ୟମାନେ ଯେଉଁ ଦୁର୍ଲଭ ଖାଦ୍ୟ ଖାଇ ଏପରି ଅସାଧାରଣ ଧୀମତ୍ତାର ଅଧିକାରୀ ହୋଇଛନ୍ତି, ସେହି ଖାଦ୍ୟ ମତ୍ସ୍ୟଜୀବୀମାନଙ୍କୁ ଖାଇବାକୁ ଦିଆଯିବା ବିଧେୟ ଏବଂ ମତ୍ସ୍ୟଜୀବୀ-ମାନଙ୍କ ଅସ୍ୱାଭାବିକ ଖାଦ୍ୟ ମତ୍ସ୍ୟମାନଙ୍କ ମଧ୍ୟରେ ପ୍ରଚୁର ପରିମାଣରେ ବିତରଣ କରାଯିବା ଆବଶ୍ୟକ । ଫଳତଃ ମତ୍ସ୍ୟମାନଙ୍କର ବୁଦ୍ଧିର ହ୍ରାସ ଘଟିବ ଏବଂ ମତ୍ସ୍ୟ ଧରାଳୀମାନଙ୍କ ବୁଦ୍ଧିର ବିକାଶ ହେବ । ଅତଏବ; ନୂତନ ମୂର୍ଚ୍ଛାପ୍ରାପ୍ତ ମତ୍ସ୍ୟ ସମ୍ପ୍ରଦାୟ ସ୍ୱତଃ ଧୃତ ହେବେ, ତଥା ବସ୍ତୁତଃ ନବଉନ୍ମେଷଶାଳୀ ମତ୍ସ୍ୟଧରାଳୀ-ଗୋଷ୍ଠୀ ସେମାନଙ୍କୁ ଅନାୟାସରେ ଧରି ପାରିବେ । ପଣ୍ଡିତ ସଭା ଏପରି କାର୍ଯ୍ୟପନ୍ଥା ଉପରେ ସତର୍କ କରାଇ ସୂଚନା ଦେଇଥିଲେ କି ମତ୍ସ୍ୟମାନଙ୍କ ଖାଦ୍ୟକୁ ମତ୍ସ୍ୟଜୀବୀମାନେ ମତ୍ସ୍ୟମାନଙ୍କ ପରି ମହୋତ୍ସବ ସହ ମହାନନ୍ଦରେ ଭକ୍ଷଣ କରିବେ ।

ମାଛ ବିପତ୍ତିର ନିରାକରଣ ନିମିତ୍ତ ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ପାଇଁ ମହାଚିନ୍ତାଗ୍ରସ୍ତ ମହାରାଜା ମହା ଅଚିନ୍ତାରେ ମହା ଆନନ୍ଦ ଅନୁଭବ କରିବା ହେଲେ । ସଙ୍ଗେ ସଙ୍ଗେ ରାଜ୍ୟରେ ଢିଣ୍ଡୋରା ଦିଆଗଲା ଯେ ରାଜ୍ୟର ସମସ୍ତ ମାଛଧରାଳୀ ରାଜଦରବାରରେ ଅବିଳମ୍ବେ ହାଜର ହେବେ ଏବଂ ସେମାନଙ୍କୁ ଯେଉଁ ଖାଦ୍ୟ

Digitized by PPRACHIN, SOA

ଶୀଉଆସରୁ ସ୍ତ୍ରୀ ଅର୍ପଣ କରିବେ ତାକୁ ସେମାନେ ମହୋତ୍ସବ ସହ ମହା ଆନନ୍ଦରେ ଖାଇବାକୁ ବାଧ୍ୟ ହେବେ । ଖାଇବା ସମୟରେ ସେମାନେ ସାମାନ୍ୟ କୁଣ୍ଠା ପ୍ରକାଶ କଲେ ଦାରୁଣ ଭାବରେ ଅବଶ୍ୟ ଦଣ୍ଡିତ ହେବେ । ଆଜି ମଧ୍ୟ ରାଜ୍ୟର ସମସ୍ତ ବାସିନ୍ଦା ବିନା ଦ୍ୱିଧାରେ ସମସ୍ତ ଦୁଗ୍ଧକୁ ନଦୀ, ପୋଖରୀ, ଜୋର, ନାଳ, ଗଡ଼ିଆ, କୂଅ, ଝୋଲ, ଶ୍ରେଷ୍ଠ ବଡ଼ ସମସ୍ତ ଜଳାଶୟରେ ନିର୍ବିକାରରେ ନିକ୍ଷେପ କରିବେ । ଆଜିଠାରୁ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ମନୁଷ୍ୟ ଖାଦ୍ୟରୂପେ ନିଷିଦ୍ଧ ଓ ଅସିଦ୍ଧ ବୋଲି ଘୋଷଣା କରାଗଲା । ରାଜ୍ୟର ଶ୍ରେଷ୍ଠ ବଡ଼ ସମସ୍ତ କର୍ମଚାରୀ ପଦନିର୍ବିଶେଷରେ ଅନ୍ୟ କାମ ପ୍ରତି ଦରକାରସ୍ଥଳେ ଅବହେଳା ପ୍ରଦର୍ଶନ କରି ନିର୍ଭୁଲ ଭାବରେ ଏହି ମହାନ ଜାତୀୟ କାର୍ଯ୍ୟକ୍ରମକୁ ବ୍ୟକ୍ତିଗତଭାବେ ତଥା ସାମୂହିକ ସ୍ତରରେ କାର୍ଯ୍ୟକାରୀ କରିବାକୁ ବାଧ୍ୟ ରହିବେ ।

ଜଣାଶୁଣା ମାଛ ଧରାଳୀମାନେ ସଢ଼ା ମାଂସ ଖାଇବାକୁ ଅମଙ୍ଗ ହୋଇ ଜେଲରେ ଭର୍ତ୍ତି ହୋଇଗଲେ । ନୂଆ ମହ୍ୟଙ୍ଗୀ ହେବାକୁ କେହି କେବେ ଆଉ ଚିନ୍ତା କଲନାହିଁ । ରାଜ୍ୟର ବହୁ ମୂଲ୍ୟ ଦୁଗ୍ଧ ସମ୍ପଦ ନିର୍ବିଘ୍ନରେ ପାଣିକୁ ଫୋପଡ଼ା ହେଲା ।

କିନ୍ତୁ ରାଜ୍ୟ ପୂର୍ବପରି ମହ୍ୟଶୂନ୍ୟ ରହିଲା ।

ପରକଥା—ରାଜାଙ୍କ ଗୁପ୍ତଚରମାନେ ରାଜ୍ୟସାରା ପଣ୍ଡିତମାନଙ୍କ ନିବାସ ସ୍ଥଳୀମାନଙ୍କରେ ଘୂରି ବୁଲିଲେ ।

ରାଜ୍ୟରେ ଜଣେ ମାତ୍ର ବି କେହି ପଣ୍ଡିତ ନ ଥିଲେ ।

Digitized by PPRACHIN, SOA

ଅନ୍ଧାର ପୁଅ ଓ ଆଲୋକ କନ୍ୟା

ପୃଥିବୀ ଅନ୍ଧାର ରାଜାର କୈଦୀ ହୋଇଥିଲା । ଅନ୍ଧାର ସମୁଦ୍ରର ଅକାଟ କାଟ ନିର୍ଦ୍ଧମା ସନ୍ଧରେ ପୃଥିବୀ କଳାର କଫିନ୍ ଭିତରେ ବନ୍ଧାହୋଇ ଜିଅନ୍ତା କବର ନେଇଥିଲା । ଅନ୍ଧାର ଆବର୍ଜନାର ପଚୁସଡ଼ା ଦୁର୍ଗମ ନର୍କରୁ ଭୟଙ୍କର ରାକ୍ଷସ ପୋକର ପଦାତିକମାନେ ସେମାନଙ୍କର ବିଷଶୁଣ୍ଢର ବର୍ଚ୍ଛା ଖେଞ୍ଚି ସାମର୍ଥ୍ୟ-ହୀନ ପୃଥିବୀର ନିଶାହ ଦେହ ଉପରୁ ପୂଳା ପୂଳା ମାଂସ ଚୁଞ୍ଚି ଖାଇ ଚାଲିଥିଲେ । କଫିନ୍ ଭିତରେ ପୃଥିବୀକୁ ମାଡ଼ିବସି ତା ଉପରେ ଚୌକିପକାଇ ଅନ୍ଧାର ସମ୍ରାଟ ରାଜୁତି ଚଳାଉଥିଲା । ରାକ୍ଷସ ରାଜାଧିରାଜ ତାର ନଖ, ଦାନ୍ତ ଫଣା, ଫୁତ୍କାରର ଫନ୍ଦିଧ୍ୟାନ ଧରି କଂସର ଶାସନ ପୃଥିବୀ ଉପରେ ଜାହିର କରିଥିଲା । ପୃଥିବୀ ଶିରସ୍ତାର ଜମାଖର୍ଚ୍ଚ ଖାତାରେ କଳାର ବାଲାନ୍ସ ହୁ ହୁ ବଢ଼ି ଚାଲିଥିଲା ।

ଥରେ ସୂର୍ଯ୍ୟର ରାଜ୍ୟରୁ ଜଣେ ଆଲୋକ ଜେମାମଣି ଆଲୁଅର ଦୋଳିରେ ଆଗପଛକୁ ଝୁଲି ଝୁଲି ଚହଟେଇ ହେଉଥିଲା । ଆଲୁଅର ଅବହାଉଆରେ ବିମୁର୍ଚ୍ଛିଆ ହୋଇ ନିଜର କୌତୂହଳ ପାଇଁ ସେ ପୃଥିବୀ ଉପରକୁ ଗୋଡ଼ ଖସାଇ ଦେଲା । ପୃଥିବୀର ଅନ୍ଧାର ପଡ଼ିଆ ଉପରେ ଆଲୁଅର ହସ ବିଞ୍ଚି ବିଞ୍ଚି ସେ ନାଚିବାକୁ ଲାଗିଲା । ତା'ଦେହର ନୂଆ ରୂପ ଦେଖି, ତାଦେହରେ ନୂଆ ଗନ୍ଧ ଶୁଙ୍ଘି ଈର୍ଷାରେ ଅନ୍ଧାର ପୁଅମାନେ ତାକୁ ଧର୍ଷଣ କଲେ । ସେ ଗର୍ଭବତୀ ହେଲା ଏବଂ ଏକ ଶିଶୁକୁ ପ୍ରସବକଲା । ସେ ଶିଶୁ ହେଲା ଆଲୁଅ ଅନ୍ଧାରର ଏକ ନୂତନ ପ୍ରଶସ୍ତ-ଏକ ମଣିଷର ଶାବକ । ମାଆ ତାର ଜନ୍ମପରେ ନିଜର ଆଭିଜାତ୍ୟ ଓ ଅଭିମାନ ଧରି ନିଜ ରାଜ୍ୟକୁ ଫେରିଯାଇଥିଲା ।

ମଣିଷର ଶିଶୁ ଅନ୍ଧାର ଆଲୁଅର ଅପୂର୍ବ ସମ୍ମିଶ୍ରଣରେ ଦେବତା ଦାନବର ଅଦ୍ଭୁତ ସମାହାର ହୋଇ ପୃଥିବୀ ଉପରେ ଅନ୍ଧାର ଆଲୁଅର ପାଦ ପକାଇଲା । ଅନ୍ଧାର ଆଲୁଅର ଜନ୍ ଧରି ସେ ଅନ୍ଧାରରେ ପହଁରିଲା, ପୁଣି ବିଶ୍ରାମପାଇ ଆଲୁଅର ତଡ଼ା ଖୋଜିଲା । ଅନ୍ଧାରର କଳା କଳା ନଖମାରି ସେ ରକ୍ତ କାଢ଼ିଲା, ପୁଣି ସେ

Digitized by PPRACHIN, SOA

କ୍ଷତ ଉପରେ ଧଳା ଧଳା ଆଖିପାଣିର ମଲମ ଲିପି ଦେବାପାଇଁ ବ୍ୟାକୁଳ ହୋଇ ପଡ଼ିଲା । ସେ ଅତ୍ୟାଗ୍ରହର କଲା ଓ ଅନୁତାପ କଲା । ତାର ଏହିଣ୍ଟଧ ସମ୍ପ୍ରସାରଣ ଓ ସଙ୍କୋଚନ ତାକୁ ଏକ ଅସ୍ୱସ୍ତିର ଅନୁଭବ ଦେଲା । ଅନ୍ଧାର ସାଗରମାନେ ତାକୁ ଅଣବାଞ୍ଛିତ କରି ସବୁବେଳେ ଚମ୍ପୁଟିବାକୁ ଲାଗିଲେ । ଏକୁଟିଆ ବେଳେ ସେ ମାଆର କଳ୍ପନା ଆଗରେ ନଜର ଆଡୁର ଧ୍ୱଂସଚୋରି ଗାଇ ଆଖିରୁ ଅଶ୍ରୁ ଗଡ଼ାଉଥିଲା ।

ତା ମାଆ ଥରେ ଗୋପନରେ ଆସି ତାକୁ ଆଶ୍ୱାସନା ଦେଲା ଓ ଆଲୋକ ରାଜ୍ୟରୁ କେତେ ସିଇବା ମାଟି ତା ପାଖରେ ଥୋଇ ଦେଇଗଲା । ବାଲ୍ମୁତ ପୁଅ ସେ ମାଟିକୁ ନେଇ ଅନ୍ଧାର ସମୁଦ୍ର କଡ଼ରେ ଏକ ବନ୍ଧ ପକାଇଲା । ବନ୍ଧରେ କାନ୍ଧ ଲଗାଇ ସମୁଦ୍ରକୁ ଘୁଞ୍ଚାଇ ଆଲୁଅର ଫସଲପାଇଁ ସେ କିଛି ଜମି ଦରକାର କରୁଥିଲା ।

ଅନ୍ଧାର ଲହଡ଼ି ସାଙ୍ଗରେ ଯୁଝି ଯୁଝି ତା କାନ୍ଧରେ ଥିବା ଜନ୍ମମାନେ ଝିମେଇ ପଡ଼ିଲେ । ଅନ୍ଧାରର ଶିଖିମନାଇ ଭୂତାଣୁମାନେ ତା କାନ୍ଧର ତନ୍ତୁକୁ ଛିଣ୍ଡାଇଦେଇ ତାକୁ ଅଥର୍ବ କରିଦେଲେ । ଅନ୍ଧାରର ଢେଉରେ ବନ୍ଧ ଭାଙ୍ଗିଗଲା । ଯୁଦ୍ଧଶ୍ରାନ୍ତ ପୁଅ ଝିବବତ ହାଣ୍ଡି ପରି ଢେଉର ଧକ୍କା ଖାଇ ଗଡ଼ିବାକୁ ଆରମ୍ଭ କଲା ।

ଉପରେ ସୂର୍ଯ୍ୟକନ୍ୟା ପୁଅର ପରାଜୟପାଇଁ ବଣର କପୋଣା ପରି ସୁଉଁ ସୁଉଁ କାନ୍ଦୁଥିଲା ।

ତଳେ ନଜର ବିଜୟପାଇଁ ଅନ୍ଧାର ସୈନ୍ୟମାନେ ବାହାସ୍ଫୋଟ ମାରି ଯଦାର ଶକୁନ ହସ ହସୁଥିଲେ ।

କର୍ଦ୍ଦମା ସମୁଦ୍ରର ଅଷ୍ଟପଦୀ ଆଗରେ ନଜର କ୍ଳାନ୍ତ ବାହାର କ୍ଳୀବ ଆତ୍ମା ହଳାଇ ଅସହାୟ ମଣିଷ ତନୟ ସମୁଦ୍ରର ଆବର୍ଜନା ଭିତରେ ପ୍ରାଣମୂର୍ଚ୍ଛା ପଡ଼ିଁଥିଲା ।

●

Digitized by PPRACHIN, SOA

ମଣିଷ ବେପାର

ମୋ ଦେହର ବାହନରେ ମତେ ଅର୍ଥାତ୍ ମୋ ସତ୍ତାକୁ ଲଦି ମୁଁ ବେପାରରେ ବାହାରିଥିଲି ।

ପ୍ରଥମେ ମୁଁ ମୋର ସବୁଠୁଁ ଅନ୍ତ ପାଖରେ ଜଣା-ଶୁଣା ଖାଉଟିଙ୍କ ପାଇଁକି କବାଟ କଡ଼ା ଖଡ଼୍‌ଖଡ଼୍ କଲି । ଗ୍ରାହକ ଆସିଲେ । ତାଙ୍କ ପରିଚୟରେ ସେ ପୁଲିସ ଅଫିସର ଲୋକ । ମୁଁ ତାଙ୍କୁ ଗୁହାରିଲି । (ତାଙ୍କୁ ଗୁହାରିବାକୁ ମୁଁ ଲାଇସେନସ୍ ପାଇଥିଲି । ସରଳାର୍ଥରେ ସେ ମୋର ସ୍ତ୍ରୀ ଅଟନ୍ତି ।) ସୁନା କଲେଇକରା ମୁହଁରେ ଲାଲ କାଚର ଓଠ । ମୁଁ ପସରା ଖୋଲିବା ଆଗରୁ ସେ ସିଧା ସିଧା ମନା କରିଦେଲେ, ସେ କାନିସିଶ ଶାଗ କିଣିବେନି । ବର୍ତ୍ତମାନଟା କୋବି, ଟମାଟୋର ସିଜନ୍ ବୋଲି ଅନ୍ତତଃ ମୋର ଜାଣିବା ଉଚିତ ।

ଦ୍ୱିତୀୟ ଗରାଖଙ୍କ ଦ୍ୱାରସ୍ଥ ହେଲି । ତାଙ୍କ ସମ୍ପର୍କରେ ମୁଁ ଏତିକି ଜାଣେ ଯେ ତାଙ୍କର ଗହଳି ଭିତରେ ମୋ ଜୀବନର ଧ୍ରୁବତାରା ଅଟନ୍ତି । ମୁଁ ଏବଂ ଅନ୍ୟମାନେ ତାଙ୍କୁ ମୋର ଆତ୍ମଜ ବୋଲି ଦାବି କରୁଁ । ସେ ସଫା ସଫା କହିଦେଲେ ଚଳିତ ଶତାବ୍ଦୀରେ ଚନ୍ଦ୍ର-ଉଦ୍ଧାର ଗବେଷଣୀ ମଧ୍ୟରେ ସେ ଭିଅଦାପ ଖର୍ଦ୍ଦିକର ମାଦଳା ପାଞ୍ଜିର ଜରଦ୍‌ଗବ ଅଧ୍ୟାୟରେ ପଦ ଯୋଡ଼ିବାକୁ ବାଧ୍ୟ ହୁଅନ୍ତି ।

ତୃତୀୟ ନେତାଙ୍କ ସିଂହଦ୍ୱାରରେ ଅପେକ୍ଷା କଲି । ଘୁମୁଘୁଣ୍ଡର କୁହାଟ ପରେ ପରିଷଦ-ବର୍ଗଙ୍କ ଗହଣରେ ଶ୍ରୀ ହଜୁର ବିଜେ ହେଲେ । ମହାମାନ୍ୟ ରାଜସିକ ରାଜମାନ୍ତ-ଶ୍ରେଣୀ ଅଟନ୍ତି ।

ମୋ ଓ ତାଙ୍କ ଭିତରେ କଥାବାର୍ତ୍ତାର ସଂଳାପ ହେଉଛି—

'କିଣିବେ ?'

'କଣ ?'

Digitized by PPRACHIN, SOA

'ମଣିଷ ।'

'ଦାମ୍ ?'

'ଅତି ଶସ୍ତା । ମୁଁ ମୋର ଉତ୍ପାଦନ ଖର୍ଚ୍ଚ ବି ନେଉନି । ପଇଁଚାଳିଶ ବର୍ଷର ଶ୍ରମ ଖଟାଇ ମୁଁ ଫସଲ କାଟିଛି । (ସ୍ୱଗତ-ମୋର ବର୍ତ୍ତମାନ ପଇଁଚାଳିଶ ବର୍ଷ) ମଧ୍ୟ ରାତିରେ ମୋ ମାଟିର ପ୍ରେତାତ୍ମା ବିଳାପ ଶୁଣି ମୁଁ ଜାଣିଛି ମୋର ବାପ ଏବଂ ମାଆ ତାଙ୍କର ପର୍ଯ୍ୟାପ୍ତ ସକାଳ, ଦିପହର, ସଞ୍ଜ ଏବଂ ରାତିକୁ ଖର୍ଚ୍ଚ କରି ମୋ ମାଟିକୁ ପାଗ କରିବାକୁ ଅକ୍ଲାନ୍ତ ହେଲଟପାଲଟ କରିଥିଲେ । ଅବଶ୍ୟ ମୋ ଫସଲକୁ ଜନ୍ମଦେବା ପରେ ମୋ ମାଟିର ଜରାୟୁର ମୃତ୍ୟୁ ଆସିଛି । ସାରାଂଶରେ ମୁଁ କହେ 'ମୋ ଫସଲ ଗୋଟିଏ ଶତାବ୍ଦୀ ଶ୍ରମର ବିଳମ୍ବିତ ସନ୍ତାନ' । "ଲମ୍ବା ଉପକ୍ରମକୁ ବାଦ ଦେଇ ଦାମଟାକୁ ସଂଖ୍ୟାରେ କହ ।" 'ମୁଁ ବାର୍ତ୍ତାର ପ୍ରଥାରେ ମୋ ମଣିଷକୁ ବିକଦେବାକୁ ରାଜି । ମୁଠାଏ ସାଧାରଣ ଭାତ ଏବଂ ଟିକିଏ ଅତି ସାଧାରଣ ତରକାରି ହିଁ ମୋର ସର୍ବାଧିକ ପ୍ରାପ୍ୟ ।' 'ତୁମ ଜିନିଷର ଯୋଗ୍ୟତା ସମ୍ପର୍କରେ କିଛି କହିବାର ଅଛି ।'

'ମୋ ମଣିଷ ଆପଣଙ୍କ ସମସ୍ତ କର୍ମକୁ ସଚ୍ଚୋଟ ଭାବରେ ସୁସମ୍ପନ୍ନ କରିପାରିବ । ଆପଣଙ୍କ ଶିଳ୍ପ ଗୃହଗୁଡ଼ିକୁ ଲୋକଙ୍କ ଲୋକର ହାଣ୍ଡିକୁ ପଠାଇ ଦେବ । ଆମଣଙ୍କ ଇଞ୍ଜିନିଅରଙ୍କ ସଙ୍ଗରେ ହଜାରେ ଟଙ୍କାରେ ମାଟି ରାସ୍ତାରେ ପକାଇ ପାରିବ ।' 'ଥାଉ, ସେମିତିକା ମଣିଷ ଆଜିର ସିରସ୍ତା ଜମ୍ମା ଦରକାର କରୁନି ।'

ମୋର ଚତୁର୍ଥ ଦ୍ୱାର ଜଣେ ଦୋକାନୀର ଥିଲା ।

ମୁଁ ପଚାରିଲି—ଅତି ସୁଲଭ ମୂଲ୍ୟରେ ମଣିଷ କିଣିବେ କି ?

ସେ ଦମ୍ଭାକରି ଉତ୍ତର ଦେଲେ—କେମିତିକା ମଣିଷ ?

ମୁଁ କହିଲି—ମୋ ମଣିଷ ଆପଣଙ୍କ ଦଣ୍ଡିର କଣ୍ଟାକୁ ସରଳରେଖା ଉପରେ ଲମ୍ବ ଟାଣିଲା ପରି ସବୁବେଳେ ସମକୋଣ ଆଙ୍କି ଠିଆ କରି ରଖିବ । ସେ ବୁଲିବାକୁ ଆରମ୍ଭ କଲେ ଏବଂ କହିଲେ—ତୁମେ ଯାହା କହିଲ ସେ କଥା ନିଶ୍ଚିତ ଭାବରେ ମୋ ଦୋକାନର ମୁଖପଟ ପାଇଁ ଏକ ତାତ୍ତ୍ୱିକ ବ୍ୟବସାୟୀ ଦର୍ଶନ; କିନ୍ତୁ ମୋ ଦୋକାନଗିରିର ଏଜେଣ୍ଡାରେ ମୋ ଦୋକାନ ଆରମ୍ଭ

Digitized by PPRACHIN, SOA

ହେଲା ଦିନରୁ ମୋ ଦୋକାନ ଶେଷହେବା ପର୍ଯ୍ୟନ୍ତ ଏପରି ପ୍ରସ୍ତାବ ନଥିଲା କି ନଥିବ ମଧ୍ୟ ।

ପଞ୍ଚମରେ ଜଣେ ସମ୍ମାନିତ ଶ୍ୱେତ ହସ୍ତୀ ତଥା ଉଚ୍ଚତମ କର୍ମକର୍ତ୍ତାଙ୍କ ଦରବାର ଆଗରେ ଠିଆ ହେଲି । ମୋ ମଣିଷକୁ କିଣିନେବାକୁ ତାଙ୍କ ଦପ୍ତରରେ ଦରଖାସ୍ତ ପେସ୍ କଲି । ଦରଖାସ୍ତରେ ମୁଁ ମୋ ମଣିଷର ଗୁଣଗରିମା ବିଷୟ ଦେଇଥିଲି । ସଦର ଦରଜା ଦେଇ ଦରବାର ପ୍ରବେଶ କାର୍ଯ୍ୟତଃ ନିଷିଦ୍ଧ ଏବଂ ପ୍ରେଣ୍ଟ ବାଟରେ ଗଲେ ଦରବାରର ମେହେନ୍ତର ପାଖରେ ପହଞ୍ଚି ହେବ ବୋଲି ମୋତେ ଗୋପନୀୟ ପରାମର୍ଶ ଦେଇ ଦ୍ୱାରପାଳ ମୋ ଦରଖାସ୍ତ ଫେରାଇ ଦେଲା । ମୋ ମଣିଷ ନିଜକୁ କୁଜା କରି ନର୍ଦ୍ଦମାର ମୁହାଁଣ ଦେଇ ଗୁରୁଣ୍ଡି ଗୁରୁଣ୍ଡି ଗଳିବାକୁ ଅଭ୍ୟସ୍ତ ନଥିଲା । ମୁଁ ଫେରି ଆସିଲି ।

ମୁଁ ମୋର ବଜାର ବର୍ଜିତ ବୋଝ ମୁଣ୍ଡାଇ ଓ୍ୟାପସ୍ ଆସିଲି । ଜମାନାର କୁମ୍ଭାରଚକରେ ଅଯଥା ଘୂରି ଘୂରି ଚକ କଡ଼ରୁ ଅଳେଡ଼ା କାଦୁଅ ଭଳି ମୁଁ ଚାଳକୁ ଝେଲା ଝେଲା ହୋଇ ଖସି ପଡ଼ୁଥିଲି । ଜଣେ ଦରଘା ଫେରିବାଲା ମତେ କହୁଥିଲା—ମୁଁ କାଳେ କଳଙ୍କିଖିଆ ମିଟରର ତାଜୁଆରେ ମୋ ମଣିଷକୁ ନୁଖୁରା ଭଜା ଭଜା ପୋଡ଼ପାଡ଼ ପିଠା ପାଉଁଶ କରି ଦେଇଛୁ ।

ମୁଁ ଫେରୁ ଫେରୁ ଭାବୁଥିଲି—ପଚିଶ୍ଲକ୍ଷ ବର୍ଷର ପ୍ରସ୍ତୁତି ପରେ ମୁଁ କେବଳ ପ୍ରାଗ୍ ଐତିହାସିକ ସରୀସୃପର କଙ୍କାଳରୂପେ ଯାଦୁଘରର ସାମଗ୍ରୀ ହେବାକୁ ନିଜକୁ ପ୍ରସ୍ତୁତ କରିଛୁ ।

ମୋ ରକ୍ତ ଭିତରେ ମୋ ମାଆ, ବାପା ମତେ ଥାପୁଡ଼େଇ ଥାପୁଡ଼େଇ ତାଙ୍କର ସବୁଦିନିଆ ନାନାବାଇଆ ଗୀତ ଗାଉଥିଲେ—"ସମ୍ଭବାମି ଯୁଗେ ଯୁଗେ ।"

ମୋ ମନର ସବୁଜ ଅରଣ୍ୟ ମଧ୍ୟରୁ ମହାବଳ ହେଣ୍ଟାଳି ଉଠିଲା ।

କଂସ ଏବଂ କୁରୁବଂଶ ଶତାବ୍ଦୀର ମଣିଷ ଶ୍ରୀକୃଷ୍ଣଙ୍କ ଗୀତା ଲେଖିଥିଲା । ଯେଉଁ ଗୀତାରେ ଶ୍ରୀକୃଷ୍ଣ ପ୍ରତିକ୍ଷାର ପ୍ରତିଶ୍ରୁତି ଦେଇ କହିଥିଲେ—ମୁଁ ଦୁଷ୍ଟ ଦଳନ କରେ, ତୁମେ ସହିଯାଅ, ସମୟ ଆସିଲେ ମୁଁ ଯିବି ।

ଆଜିର ଗଣତନ୍ତ୍ର ସାମ୍ରାଜ୍ୟରେ ବିକେନ୍ଦ୍ରୀଭୂତ ବହୁ ଦୁର୍ଯୋଧନର ପୃଷ୍ଠଭୂମି ଉପରେ ଆଜିର ମଣିଷ ପୁଣି ଏକ ମହାପ୍ରଳୟର ମହାଗୀତା ପାଇଁ କଲମ ଧରିବ । ଯେଉଁ ଗୀତାରେ କୌଣସି ନାମଧାରୀ ଶ୍ରୀକୃଷ୍ଣ ପର୍ଯ୍ୟାପ୍ତର କେହି ଜଣେ କହିବ—ତୁମେ ଦୁଷ୍ଟ ଦମନ କରିଯାଅ, ମୁଁ ତୁମ ଦେହରେ ଆସି ସାରିଛି ।

●

Digitized by PPRACHIN, SOA

ଗ୍ଲଉଜଲରୁ ଚନ୍ଦ୍ର ପର୍ଯ୍ୟନ୍ତ

ଘଡି ଆଠଟା, ଆଉ ପ୍ରାୟ ··ନା, ଠିକ ପଚାଶ । (ମୁଁ ଘରେ ଘଡ଼ି ଦେଖିବାକୁ କଷ୍ଟ ବୁଝି ନେଇଥିଲି) ।

ଘରେ ଗ୍ଲଉଜଲ ନଥିଲା ।

ମୁଁ ବାହାରେ ବସିଥିଲି । ଗ୍ଲଉଜଲ ମୋ ଭିତରେ ଦୋଳି ଖେଳୁଥିଲା— କେନ୍ଦ୍ରରୁ ପରିସର, ପରିସରରୁ କେନ୍ଦ୍ର ।

ହେତ୍ ।

(ଗ୍ଲଉଜଲ, ଗ୍ଲୁକଖ୍, ଦରମା, ଦରଦାମ ଇତ୍ୟାଦି ଇତ୍ୟାଦି ଉପରେ ବହୁ ବିଷ ବର୍ଷଣ ପରେ (ସବୁ ଅବଶ୍ୟ ସ୍ୱଗତ ଏବଂ ଶୀଘ୍ର) ମନ ଭିତରେ ଗୁଡ଼ାଏ କୋଇଲା ଜଳିବାରୁ)

···ଆଃ ।

ଆକାଶ ସମୁଦ୍ରରେ ଜହ୍ନ ପହଁରୁଥିଲା । ରୂପକଥାର ମତ୍ସ୍ୟକନ୍ୟା ପାଣି ଉପରକୁ ମୁହଁକୁ ଉଠେଇ ପୃଥିବୀର କେଉଁ ରଜାପୁଅକୁ ଅନ୍ୱେଷା କରିଯାଉଥିଲା । ଓଠ ବୁଡ଼େଇ ବୋହି ଆସୁଥିଲା କଳସୀ କଳସୀ ଜ୍ୟୋତ୍ସ୍ନାର ଜକ୍ ଜକ୍ ହସ ।

ମୋ କୋଡ଼ରେ ଚନ୍ଦ୍ରା ବସିଥିଲା । (ଚନ୍ଦ୍ରା ମୋ ଝିଅ—ବୟସ ନିଶ୍ଚିତ ରୂପେ ଏକ ଟପି ଯାଇଛି, ଦୁଇ ଶେଷ ହୋଇନି ।)

ଚନ୍ଦ୍ରାକୁ ମୁଁ ଚନ୍ଦ୍ର ଦେଖାଇଲି । (ଚନ୍ଦ୍ର ବୋଲି ନୁହେଁ, ଛୁଆଙ୍କ ପାଇଁ ଚନ୍ଦ୍ରର ଖୋଳ ସମ୍ବରଣ ଜହ୍ନମାମୁଁ କହିକି)

ଚନ୍ଦ୍ରା ତା ଆଖିର ଚଉଁରା ଉପରେ ଜହ୍ନକୁ ଖେଳେଇକି ଦେଖୁଥିଲା । ଆଲୁଅର ସିଢ଼ିରେ ହସ ତାର ଚଢ଼ି ଚଢ଼ି ଯାଉଥିଲା ।

Digitized by PPRACHIN, SOA

(ଚନ୍ଦ୍ରାକୁ ସ୍ବର୍ଶି ଆଉ ତାର ମୁହଁକୁ ଅଳ୍ପ ଉଠେଇ ଦେଇ)

ଚନ୍ଦ୍ରପରି ମୋ ଚନ୍ଦ୍ରା ଶ୍ରୀମୟୀ ଦେବ । (ଆବେଗ)

(ଫୁଲଝରରେ ନିଆଁ ଲଗୁ ଲଗୁ ଲିଭିଗଲା)

କିନ୍ତୁ???···ଚନ୍ଦ୍ରାଟା ସାଗ୍‌ ଯେ ଖାଲି ପାଉଁଶ ଆଉ ଆଗ୍ନେୟଗିରିଗୁଡ଼ାକ ଆଁ କରି ଅନେଇଛନ୍ତି ।

ଉଃ···ମୋ ଚନ୍ଦ୍ରାର ଭିତରଟା ତାହେଲେ ଜଳ ଜଳ ପାଉଁଶ, ପୁଣି ପାଉଁଶରୁ ଧୂଳି ହୋଇଯିବ ? ଆଉ ମଲା ଧୂଳିଗୁଡ଼ାକ ଅଜଗର ପରି ତା ଭିତରେ ଚକା ବାନ୍ଧିକି ଅନାଦିକାଳ ପାଇଁ ଶୋଇ ରହିବ ?

(ମୁଁ ଚନ୍ଦ୍ରା ଦେହରୁ ହାତ ଆଣି ନିଜ ଗୁଣ୍ଟରେ ରଖିଲି । ଆଖି ଡୋଳାକୁ ଘୋଡ଼ାଇ ପକାଇ ନିଜକୁ ଅନ୍ଧାର ଭିତରେ ଲୁଗ୍ଭଇବାକୁ ଚେଷ୍ଟା କରୁଥିଲି ।
(ମୁଁ ସ୍ବହିଁଲି ଓ ନିଶ୍ଚୟ କରି ନେଲି)

ହିଁ, ଚନ୍ଦ୍ରା ମୋର ଚନ୍ଦ୍ର ହେବ । ଆଗ୍ନେୟଗିରିର ଲାଭାର ପରିହିତି ଭିତରେ ତାଠିଁ ଭବୁରି ଧୂଳି ବସିଯାଉ, ସେ ହସିବ ଆଉ ସମସ୍ତଙ୍କୁ ଥଣ୍ଡା ଆଲୁଅ ଦେବ ।

(ମୁଁ ଚନ୍ଦ୍ରାର ନାଲିନେସା ବକଟେ ବକଟେ ପାପୁଲିକୁ ହାତରେ ନିଗ୍ବଉଥିଲି । ଝିପ୍ ଝିପ୍ ଜ୍ୟୋତ୍ସ୍ନାର ଜରିଗୁଣ୍ଡ ଓଠ ଉପରେ ତାର କୁଡ଼େଇ ହୋଇପଡ଼ୁଥିଲା ।

ସେ ଆସିଲା । (ଚନ୍ଦ୍ରାର ମାଆ । ସବୁବେଳେ ମୋର ତୃଷ୍ଣାୟୁ ପୁରୁଷ, ଅଶ୍ରଦ୍ଧାରେ ନୁହେଁ, ଅତି ଶ୍ରଦ୍ଧା ଓ ଅତ୍ୟନ୍ତ ସହାନୁଭୂତି ଯୋଗୁଁ ?)

(ସେ ଆସିଗଲା ପରେ)

ଆରେ, ସ୍ବୃଜନ ପା' ନଥିଲା !

(ମୁଁ ସ୍ବହିଁଲି । ସେ ବି ମୋତେ । ସେ ସ୍ବହାଣି ଯେମିତି ମୋ ଭିତରର ସବୁ ଥାକରୁ କଳା କଳା ଅକ୍ଷର ଗୁଡ଼ାକୁ ପଢ଼ିଁ ପଢ଼ିଁ ଯାଉଥିଲା । ମୁଁ ମୋତେ ମୋ ଆଖି ଭିତରେ ଏକାଠି କରି ତାକୁ ଦେଖୁଥିଲି ।)

ଏକ ଷପ୍ପିଷ୍ଟ ଚନ୍ଦ୍ର !

Digitized by PPRACHIN, SOA

ବହୁତ ଧଳା ମୁହଁରେ (କାରଣ—ଅତିରିକ୍ତ ରକ୍ତ-ହୀନତା) ଅନେକ ହସ । ରୂପର ପ୍ରଜାପତି ଉଡ଼ିବାକୁ ଡେଣା ଉଠାଇଲାଣି । ଦେହଯାକ ଅଗ୍ନିବର ଦାନ୍ତ ଦାଗ । (ଚନ୍ଦ୍ରର କଳଙ୍କ ପରିକ ? କଳଙ୍କ ଦାଗ ଦେଲା କିଏ ?) ଗମ୍ଭୀର ଦେହ ଭିତରେ ଗୁଡ଼ାଏ ଖାଲି ଲୁହ । ଆଉ ସେଗୁଡ଼ାକ ସୁନା ଚମ୍ପା ହୋଇ ଗୋଟି ଗୋଟି ଓଠ ଦେଇ ଖସି ଆସି ମୋ ମୁଁଅରେ ଲାଗିଯାଉଛି ।

(ହଠାତ୍)

ଆଜିପରି ଭୁଲିଲ ନ ଥିଲ ?

ସେ କହିଲା—ହେଉ, ଖାଇବ ଆସ ।

ମୁଁ—ମାନେ ?

ସେ—ଅର୍ଥାତ୍ କିଛି ଚୁଡ଼ା, କିଛି ମୁଢ଼ି ଏବଂ କିଛି କଖାରୁଫାଣ୍ଡି ।
(ମୁଁ କଥା ପକାଇଲି—ମୋ ପାଟିରୁ ବାହାରି ପଡ଼ିଲା) ଭଗବାନ ବଞ୍ଚାଇଲେ ।

(ମୁଁ ଜାଣିବାରେ ମୁଁ ସର୍ବତୋଭାବେ ନାସ୍ତିକ ଥିଲି ଏବଂ ଅଛି ଏବଂ ବେଳେ ବେଳେ ପ୍ରାଗ୍ ଐତିହାସିକ)

କେଇଟା ବାଜିଲାଣି ?

ନଅଟା ବାଜିବାକୁ ପଚିଶ ମିନିଟ୍ ।

●

Digitized by PPRACHIN, SOA

ରକ୍ତବୀଜ

ଚଢ଼େଇ ଉଡ଼ିଗଲା ଫୁର୍ ।
ଡାଳରେ ଫୁର୍ ।
ପୁଣି ଫୁର୍ ।
ଫୁର୍ ।
ଫୁର୍ ।
ଫୁର୍...

ଏ ଅନ୍ଧାର ଚଢ଼େଇ ଉଡ଼ାର ଶେଷ କେଉଁଠି ? ଏ ଅନ୍ଧାର ସରହଦର ମେଘନାଦ ପାଚେରୀ କେତେ ଯୋଜନ ଦୂରରେ ଆଲୋକର ରାଜୁତିକୁ କଂସା-କବାଟ କରି ଅଟକାଇ ରଖିଛି ? ଏ ଦୁର୍ନୀତିର ପଥର କାନ୍ଥକୁ ଶାବଳ ମାରି ତାକୁ ଟଳାଇ ଦେବାକୁ ଆଲୋକ ରାଜ୍ୟର ପାଇକମାନଙ୍କର ହାତମୁଠା କେତେ କଠୋର ? ସେ ନିବୁଜ ପାଚେରୀର ସ୍ତୂପ ଉପରେ ଯୁଦ୍ଧର ବଧା ମାରିବାକୁ ସେମାନଙ୍କ ବାହାର ମାଂସପେଶୀ ତଳେ ସତେ କ'ଣ ପର୍ଯ୍ୟାପ୍ତ ତାକତ ମହଜୁଦ ଅଛି ?

ସନ୍ନ୍ୟାସୀ ଚିନ୍ତାଗ୍ରସ୍ତ ଥିଲେ । ରାଜ୍ୟ ପ୍ରବ୍ରଜ୍ୟାରୁ ଫେରି ଆସିବା ପରେ ଚିନ୍ତାର ଗୋଲକ ଭିତରେ ଖରବେଳର ଭଅଁର ପରି ଭାବନା ତାଙ୍କର ଘୁଁ ଘୁଁ ହୋଇ ଘୂରି ବୁଲୁଥିଲା ।

ସେ କ'ଣ ଦେଖିଲେ ? ସେ ଦେଖିଲେ, ରାଜ୍ୟର ସବୁ ଲୋକଙ୍କ ଉପରେ ଅନ୍ୟାୟର ବୁଢ଼ିଆଣୀ ଜାଲ୍ ବୁଣି ଦେଇଛି । ସେ ଜାଲରେ ଗୁନ୍ଥେଇ ହୋଇ ସମସ୍ତଙ୍କ ଦେହରେ ଅନ୍ଧାରର ଅଳକ୍ଷ ଓହଳ ପଡ଼ୁଛି । ଅମାବର ତୂଳୀ ଚମ ଉପରେ କଳାର ପୋଛ ଦେଇ ସମସ୍ତଙ୍କୁ ଅନ୍ଧାରର ଅବୟବ ଦେଇଛି । ନିଜର କଳାରୂପକୁ ଦେଖି ଦେଖି ସମସ୍ତେ ନିଜ ଦେହର ଅସଲ ରଙ୍ଗ କଥା ବିଲକୁଲ ଭୁଲି ଯାଇଛନ୍ତି । ଯୁଗର ନାହାକ ଜମାନାର ପାଞ୍ଜି ପଢ଼ି ଶୁଣେଇ ଶୁଣେଇ ଯାଉଛି ଏ ଶତାବ୍ଦୀରେ ଏ ପୃଥିବୀରେ ରଙ୍ଗର ନାମ କଳା । ବ୍ଲଟିଂ

Digitized by PPRACHIN, SOA

ପେପର୍‌ର ଉପରେ କାଳି ଚରଗଲା ପର ଏ ଜମାନାର ବଇ-ବଇ ରଦ୍ଦ କାଗଜ ଉପରେ କଳାର ସ୍ୟାନ୍ଧ ସ୍ୱରଆଡ଼େ ମାଡ଼ିଯାଇ ଧଳାର ଚର୍ଣ୍ଣିକୁ ଚପି ଦେଇଛନ୍ତି । ସନ୍ନ୍ୟାସୀ ଦେଶ ପରିକ୍ରମା କରୁଁ କରୁଁ ସ୍ୱରଆଡ଼େ କଳାର କାରସାଦ ଦେଖି ଦେଖି ଥକି ପଡ଼ିଥିଲେ । ସବୁଠି ଅନ୍ଧାର ମଉଛବର ଧୂମ୍‌ଧାମ୍ ଚାଲିଛି । ଦୁର୍ନୀତି ଭେଜଭାତର ଲମ୍ବା ଲମ୍ବା ଚକାଚ ଖଲସ କଇ ସମସ୍ତେ କଳା କଳା ବୋତଲ ମୂହଁରେ କାମୁଡ଼ି ଲଙ୍ଗଳା ହୋଇ କଳାକାହ୍ନୁର କୀର୍ତ୍ତନ ପଢ଼ିଆରେ ଉଦଣ୍ଡ ନାଚ ନାଚୁଛନ୍ତି । ସନ୍ନ୍ୟାସୀ ବ୍ୟଥିତ ହୋଇଥିଲେ । ସେ ସମାଧିସ୍ଥ ହେଲେ ।

ସନ୍ନ୍ୟାସୀ କୃଚ୍ଛ୍ର ସାଧନା କଇ କ୍ଷୀରସିନ୍ଧୁ ଶେଇରେ ତପସ୍ୟାରତ ହେଲେ । ତପସ୍ୟା ବଳରେ ଅନନ୍ତଶଯ୍ୟାରୁ ଅନାଦିବ୍ରହ୍ମଙ୍କୁ ଆକର୍ଷଣ କଇ ଅନ୍ଧାର ଅସୁରର ନିଧନ ପାଇଁ ସ୍ତବ, ସ୍ତୁତି ଓ ଅଶ୍ରୁର ଅର୍ଘ୍ୟ ଢାଳିଦେଲେ । ଶ୍ରୀପତି ତୃପ୍ତ ହେଲେ ଏବଂ ମହାଶକ୍ତିଙ୍କୁ ପରମେଶ୍ୱରୀ ରୂପରେ ରାକ୍ଷସ ସଂହାରପାଇଁ ନିଯୁକ୍ତ କଲେ ।

ଯୁଦ୍ଧର ହତ୍ୟାପର୍ବ ଆରମ୍ଭ ହେଲା । ମହାଚଣ୍ଡୀ ରାକ୍ଷସ ବଂଶଙ୍କ ମୁଣ୍ଡ ହାଣି ହାଣି ଚାଲିଲେ; କିନ୍ତୁ ସେମାନଙ୍କ କଟା ମୁଣ୍ଡର ରକ୍ତଧାରରୁ ଲକ୍ଷ ଲକ୍ଷ ରାକ୍ଷସ ମୁଣ୍ଡ ଟେକି ଉଠିଲେ । ରକ୍ତବୀଜଙ୍କ ସଂହାର ଅସମ୍ଭବ ହୋଇପଡ଼ିଲା । ସେମାନଙ୍କ ପ୍ରତି ରକ୍ତବିନ୍ଦୁରୁ ଜୀବନ ସଞ୍ଚର ଆସୁଛି । ପ୍ରତି ରକ୍ତଟୋପା ଦୁର୍ମଦ ରାକ୍ଷସ ହୋଇ ଯୁଦ୍ଧଂ ଦେହିର ଉଦ୍ଧତ ଆହ୍ୱାନ ଦେଉଛି । ମହାଶକ୍ତି ମ୍ରିୟମାଣ ହୋଇପଡ଼ିଲେ ।

ସନ୍ନ୍ୟାସୀଙ୍କ ଶ୍ୱାସରୁଦ୍ଧ ହେଲା । ତାଙ୍କ ଭଗୀରଥର ତପସ୍ୟା ନିଷ୍ଫଳ ହୋଇଛି । ଆଲୋକର ସୁରଧୁନୀ ହିମପର୍ବତର ନିରନ୍ଧ୍ର ବାହୁବନ୍ଧନ ଭିତରେ ବନ୍ଦିନୀ ହୋଇପଡ଼ିଛି ।

ସନ୍ନ୍ୟାସୀ ତ୍ରାହି ତ୍ରାହି ବୋଲି ଆକୁଳ କ୍ରନ୍ଦନ କଲେ । ପରମ ପୁରୁଷଙ୍କ ପୁରୁଷାର୍ଥ ବ୍ୟର୍ଥ ହୋଇଯାଇଛି । ସେ କ୍ଷୋଭ ଆଉ ଆକ୍ଷେପରେ ଆତ୍ମବଳି ଦେବାକୁ ତରବାରି ଉଠାଇଲେ ।

ଅନାଦି ପୁରୁଷ ଯୁଦ୍ଧରତା ମହାଶକ୍ତିଙ୍କୁ ରକ୍ତବୀଜଙ୍କ ହତ୍ୟା ପାଇଁ ଏକ ନୂତନ କୌଶଳର ସଙ୍କେତ ଦେଲେ । ମହାଚଣ୍ଡୀ ନିଜର ଅଙ୍ଗରୁ କୋଟି କୋଟି ପ୍ରେତିନୀଙ୍କୁ ସୃଷ୍ଟି କଇ କଠୋର ଆଦେଶ ଦେଲେ—ରକ୍ତବିନ୍ଦୁ ରାକ୍ଷସର ରୂପ ନେବା ପୂର୍ବରୁ ରକ୍ତକୁ ଲହ ଲହ ଜିହ୍ୱାରେ ଚାଟି ଚାଟି ଅତି ଶୀଘ୍ର ନିଃଶେଷ କର ।" ତା'ପରେ ମହାମାୟୀ ମହାସମର ପାଇଁ ମହାବେଗରେ ଆଗେଇ ଗଲେ ।

Digitized by PPRACHIN, SOA

କାହିଁ ? ରକ୍ତବୀଜ ଗୋଷ୍ଠୀର ଗୋ-ଗୋଷ୍ଠ ତ ଗୋଧନ ଶୂନ୍ୟ ହେଉନ ? ପ୍ରଳୟଙ୍କରୀ ପ୍ରବଳ ଦେବଶକ୍ତି ଅସୁରକୁଳଙ୍କୁ ଯେତିକ ବିଯୁକ୍ତ କରୁଛି ରାକ୍ଷସ ପକ୍ଷର ସୈନ୍ୟ ସଂଖ୍ୟା ତା'ଠୁଁ ବହୁ ଗୁଣରେ ଯୁକ୍ତ ହୋଇ ମହାଶକ୍ତିଙ୍କ ଶକ୍ତିକୁ ବେଶି ବେଶି ଉପହାସ କରୁଛି ! ମହାଦୁର୍ଗା ସନ୍ଦେହ ମନରେ ପଛକୁ ଗୁହିଁଲେ । ପ୍ରେତମାମାନେ ଅସୁର ଶିବିରକୁ ଘେରି ବସିଛନ୍ତି । ରାକ୍ଷସଙ୍କ ଗୁପ୍ତଚରମାନେ କୃତ୍ରିମ ରକ୍ତ ବୋତଲ ପ୍ରେତମାମାନଙ୍କ ହାତକୁ ବଢ଼ାଇ ଦେଉଛନ୍ତି । ସେମାନେ ବୋତଲର ଉତ୍ପନ୍ନ ରକ୍ତ ଢୋକ ଢୋକ ଅନ୍ଧାରର ମଦାନ୍ଧ ପୁରୁଷମାନଙ୍କ ସାଙ୍ଗରେ ରତିକ୍ରୀଡ଼ା ପାଇଁ ନିଜକୁ ବିବସ୍ତ୍ର କରୁଛନ୍ତି ।

ମହାଶକ୍ତି ପ୍ରେତମାମାନଙ୍କୁ ଶାସ୍ତିଦେବାକୁ ଅଭିଶାପ ପଠାଇଲେ । ଅଭିସମ୍ପାତର ନିଆଁହୁଳା ରାକ୍ଷସର କଳାବ୍ୟୂହର ଅଗ୍ନିବାରଣ ଆଗରେ ସମୁଦ୍ରସ୍ନାନ କରି ଅଙ୍ଗାର ମୁଣ୍ଡା ହୋଇ ତଳକୁ ଗଡ଼ି ପଡ଼ିଲା । ଶ୍ରୀଶକ୍ତି ଦେଖିଲେ ତାଙ୍କର ଅସ୍ତ୍ରଶସ୍ତ୍ରମାନେ ରକ୍ତବୀଜଙ୍କ ଲମ୍ବତାଳ ପାଖରେ ଲାଳସାର ନିଶ୍ଚେତନ ଶୁଙ୍ଘି ଚୂପ୍‌ଚାପ୍ ପୋଷା ବିଲେଇ ପରି ଘୁଡ଼ୁ ଘୁଡ଼ୁ ହୋଇ ଆଖି ବୁଜି ଦେଉଛନ୍ତି ।

ମହାଦୁର୍ଗା ଦୌଡ଼ିଥିଲେ । ତାଙ୍କ ବାହନର ଗୋଡ଼ ଆଡ଼କୁ ଦୁର୍ନୀତିର କଳା କଳା ଲୁହା ବେଡ଼ିମାନେ ଗଡ଼ି ଗଡ଼ି ଆସୁଛନ୍ତି ।

ଆଦିବ୍ରହ୍ମ ଧାଉଁଥିଲେ । ତାଙ୍କର ଅନନ୍ତନାଗ ହଠାତ ତାଙ୍କ ସହିତ ବିଶ୍ୱାସଘାତକତା କରି କ୍ଷୀରସିନ୍ଧୁ ତ୍ୟାଗ କରିଥିବ ।

ସନ୍ନ୍ୟାସୀ ଅସମ୍ଭାଳ ହୋଇ ପଳାଉଥିଲେ । ତାଙ୍କ ତପସ୍ୟାର ପୁଣ୍ୟ ବେକକୁ ଲକ୍ଷ୍ୟ କରି ରକ୍ତବୀଜର ସେନାପତିମାନେ ଚମର ଦଉଡ଼ି-ଫାଶ ଫୋପାଡୁଛନ୍ତି ।

କଳାର କମିଆ ଭିତରେ ବାଣ୍ଟବଣା ହୋଇ ମିତ୍ର ପକ୍ଷର ଶକ୍ତିମାନେ ଆପଣା ଭିତରେ ହାବୁଡ଼ି ଖାଇ ଗୋଡ଼ ହାତ ଛିଣ୍ଡାଇ ଅଣ୍ଡାଳ ପଳାଇବାକୁ ବାଟ ପାଉ ନଥିଲେ ।

ରକ୍ତବୀଜର ଅନ୍ଧାର ବାହିନୀ ସେମାନଙ୍କୁ ପଛଆଡୁ ହୁରୁଡ଼ାଇ ହୁରୁଡ଼ାଇ କଳକଳା ରଡ଼ି ଛାଡ଼ି ମାଡ଼ି ମାଡ଼ି ଆସୁଥିଲେ ।

●

Digitized by PPRACHIN, SOA

କଣ୍ଟା ଓ କୂଜନ

ଏକଦା ଏକ ବାଲିର ସମୁଦ୍ର ମଲା ଅଜଗର ପରି ଅନାଦିକାଳରୁ କେବଳ ଶୋଇ ରହିଥିଲା । ତାର ମଲା କାତର ପଞ୍ଜ ଅଭ୍ୟନ୍ତର ଭିତରେ ଗୋଟିଏ ନିଃସଙ୍ଗ କଣ୍ଟାଗଛ ନିଜର ସ୍ଥିତିରେ ନିଜକୁ ନିମଗ୍ନ କରି ଜନ୍ମାବଧି କେବଳ ଠିଆ ହୋଇ ରହିଥିଲା । କଣ୍ଟାଗଛର ଫୁଙ୍ଗୁଳା ଆମ୍ଳପିର ଧସିବନ୍ଧା ଧାଡ଼ିମାନଙ୍କରେ କେବଳ ଲେଖାଥିଲା ଗତାନୁଗତିକ ଅନେକଟା ସ୍ୱେଚ୍ଛାଗୃହୀ ବାଲିଝଡ଼ର ଝିଙ୍କାଟି ଫିଙ୍ଗା ଫଙ୍ଗପାଳୀ ଚଡ଼ାଉ ଓ ଜଳନ୍ତା ଆକାଶର ଅଜସ୍ର ନିଷ୍ଠୁର ସୌର ନିଶ୍ୱାସ ଏବଂ ନିସ୍ତବ୍ଧ ମରୁରାତିର ପର୍ଯ୍ୟାପ୍ତ ରୌଦ୍ରଶକ୍ତ ଶୀତଳତା । ଶରବନ୍ଧ୍ୟା ଜୀବନର ନିର୍ମମ ନିର୍ମୋକ କଣ୍ଟାଗଛର ପ୍ରାଣ ପ୍ରକ୍ରିୟାକୁ ଛେଚି ଛେଚି ଅସହାୟ ଭାବରେ ସମତଳ କରି ଦେଇଥିଲା ଏବଂ ତା ଉପରେ ତାର ଜୀବନ ସିଡ଼ିଟି ମାଟି ସହିତ ସମାନ୍ତରାଳ ଭାବରେ ସବୁଦିନ ପାଇଁ ଶୋଇ ପଡ଼ିଥିଲା । ଦେହରେ ତାର ପତ୍ର ନଥିଲା, ଫୁଲ ନଥିଲା, ଫଳ ନଥିଲା, ବଞ୍ଚିବାର ରୋମାଞ୍ଚ ନଥିଲା । ପତ୍ର, ଫୁଲ, ଫଳର ଆସିବାଯିବାର ଜୀବନ ଧର୍ମ ବାଲିର ହିଂସ୍ର ବଳୟ ତଳେ ନିଶ୍ଚିହ୍ନ ହୋଇ ହଜି ଯାଇଥିଲା । ସେଥିରେ ଉଦୟ କିମ୍ବା ଅସ୍ତର ଅନୁଭବ ନଥିଲା । ସେଠି ଆଶା ଓ ନିରାଶାର ଅସମତଳ ସ୍ୱାଭାବିକତା ନଥିଲା । ଏକ ମହାଶୂନ୍ୟତା'ର ସିଂହାବଲୋକନ ତାର ଅତୀତ ଓ ବର୍ତ୍ତମାନର ଏକମାତ୍ର ଯୋଗସୂତ୍ର ଥିଲା ।

ଏଇମିତି ଅନେକ ଦିନ ସେ ଏକ କଣ୍ଟାର କବନ୍ଧ ପରି ପଡ଼ି ରହିଥିଲା । ଦିନେ ହଠାତ୍ ଏଇ ଭୌତିକ ସ୍ଥିତିର ଅନ୍ଧାର ଭିତରେ ଏକ ପଥହଜା ପକ୍ଷୀ ତା ଉପରେ ବାଧହୋଇ ଆଶ୍ରୟ ନେଲା । ତାର ନିରର୍ଥକ ଜୀବନ ଉପରେ ପ୍ରଥମ ଥର ପାଇଁ ଅନ୍ୟ ଏକ ସାର୍ଥକ ଜୀବନର ସେ ସ୍ପର୍ଶ ପାଇଲା । ତା'ର ଜମାଟବନ୍ଧା ବରଫୀ ଅନୁଭବର ଅଥର୍ବ ପ୍ରାଣ ଉଷ୍ମତାର ସଦ୍ୟସ୍ୱାଦୁ ଓ ବୋହିବାର ଆଶୁ ସ୍ଫୁରଣ ପ୍ରଥମଥର ପାଇଁ ସେଦିନ ଚାଖିଥିଲା । ଆଜୀବନ ନିସ୍ତରଙ୍ଗ ପ୍ରାଣରେ ତାର ଜୀବନ ରଙ୍ଗର ପ୍ରଥମ ଉଦ୍‌ବେଳ ଉଠିଲା । ମେରୁବଳୟର ଶରନ୍ଦ୍ରାଗତ

Digitized by PPRACHIN, SOA

'ନାହିଁ'ର କସ୍ତୁରଧତା ଭିତରେ 'ଅଛି'ର ପ୍ରାଥମିକ ସ୍ପନ୍ଦନ ତା'କୁ ଏକ ଅପୂର୍ବ ଆରମ୍ଭର ଅନୁଭୂତି ଦେଲା ।

ଜୀବନଧର୍ମୀ ଆଶ୍ରିତ ପକ୍ଷୀଟି କୃତଜ୍ଞତାରେ ପ୍ରୀତିର କୂଜନ ଦେଇ ଅଙ୍ଗରେ ତାର ଚଞ୍ଚୁ ଘାତ କଲା । ଚଞ୍ଚୁର ତୁଣ୍ଡଧର ପ୍ରାଣମୟ ଅଥଚ ପକ୍ଷୀଟି କଣ୍ଟାଗଛର ଦେହରେ କୁଟି ଦେଇଗଲା କୂଜନର ଦାଗ । ଚଞ୍ଚୁର ସଂଘାତ ତା'ର ପକ୍ଷାଘାତଗ୍ରସ୍ତ ପ୍ରାଣ ପ୍ରାଙ୍ଗଣରେ ଜୀବନ୍ୟାସର ବିସ୍ଫୋରଣ ଦେଲା । ନେହେଲର ଘର୍ଷଣରେ ପ୍ରଥମେ ପୀଡ଼ିତ ସ୍ନାୟୁ ଅନ୍ତସ୍ଥ ହେଲାପରି ତାର ଜରଦ୍‌ଗବ ପ୍ରାଣ ସର୍ବପ୍ରଥମେ ବ୍ୟଥାର ଚମକ ପାଇଲା । କବାଟକୁ ଧକ୍‌କା ମାରି ଅନ୍ଧାର ଘରକୁ ଆଲୁଅ ଆସିଲେ ପ୍ରଥମେ କାନ୍ଥ କବାଟରେ ଆଘାତ ସହେ । ତାପରେ ଆଲୁଅର ସ୍ପର୍ଶ ସେ ଆଘାତକୁ ପରିଶୋଧ କରେ ।

ଯାଯାବର ପକ୍ଷୀ ଚଞ୍ଚୁ ଚଳାଇ ଆବେଗହୀନ ଗଣ୍ଠିରେ ତାର କୁଟି ଦେଇଗଲା କେତୋଟି ସ୍ପନ୍ଦ ସ୍ରୋତ ଜୀବନର ମଧୁମୟ ଛନ୍ଦ । ସେହି ସ୍ନିଗ୍ଧ ସୂକ୍ଷ୍ମ ଛିଦ୍ର ଦେଇ କଣ୍ଟାଗଛର ଅବରୁଦ୍ଧ ପ୍ରାଣମଧୁ ଟୋପା ଟୋପା ହୋଇ ପ୍ରଥମ ଥର ପାଇଁ ପ୍ରାଣକେନ୍ଦ୍ରରୁ ଝରି ଆସିଲା ।

ପରଦିନ ପ୍ରଭାତରେ ପଥଭ୍ରଷ୍ଟ ଭ୍ରମଣ ପକ୍ଷୀ ଜୀବନର ସଂସାରକୁ ବାନ୍ଧିବାର ବାର୍ତ୍ତାଧରି ଉଡ଼ିଗଲା ।

ସେଦିନ କଣ୍ଟାଗଛ ଆଗରେ ସୂର୍ଯ୍ୟ ଉଠିଲା । ସେ ସୂର୍ଯ୍ୟ ଥିଲା ତା ଜୀବନରେ ପ୍ରାରମ୍ଭର ସୂର୍ଯ୍ୟ । ସେ ସୂର୍ଯ୍ୟର ରଶ୍ମିମାନରୁ ସେ ପିଇଥିଲା ଅଭ୍ୟୁଦୟର ମଦ ।

ସେଦିନ ସୂର୍ଯ୍ୟ ବୁଡ଼ିଲା । ସେହି ମ୍ଳାନ ସୂର୍ଯ୍ୟର ରଙ୍ଗରୁ ସେ ଢୋକିଥିଲା ଅସ୍ତରାଗର ସୁରା ।

●

Digitized by PPRACHIN, SOA

ମୋର ପ୍ରଳୟ

ଥରେ ମତେ ଜବରଦସ୍ତ ଶୋଇ ପକାଇ ମୋ ଖୋଳପା ଭିତରୁ ମୁଁ ମାନେ ବାହାରକୁ ଫକ୍‌ଫାକ୍ ହେଇଁ ଚଢ଼ିଥିଲେ, ଜେଇଲା ମାଛ ଯେମିତି ପାଣି ହାଣ୍ଡିରୁ କୁଦାମାରେ ।

ଆହା ! ମୁଁ ବଡଲୋକ ! ଗୁଡ଼ାଏ ଗଣ୍ଡି ଓ ମେଞ୍ଚାଏ ଶିରାର ବିଭିଷଣ ସ । ଜୀବନ ମରଣ ମଝିରେ କେଡ଼େ ବକଟେ ଜାଗା । ଗୁଳାମୁଣ୍ଡ ଛୁଇଁଲା ଛୁଇଁଲା ହେଲାଣି । କଣ୍ଠାର କାନ୍ଥକୁ ଠେଲି ଠେଲି ମୋ ହୃଦଯାକ ରକ୍ତର ଝୁଡ଼ ପଡ଼ୁଛି । କଣ୍ଠା ଅଗର ଡାଆଣୀମାନେ କ୍ରୁଟା ଲଗାଇ ମୋଠୁଁ ସବୁ ଶୋଷିନେଇଛନ୍ତି । ମୁଁ ମତେ ଧରି କମ କାନ୍ଦିନ, କମ ତ ହସିନ । ଅଶ୍ୱର ଗଉଡ଼ର ଘୋଡ଼ାବା - ବନ୍ଧା ଗୋଲ୍ଲିକାର କଂସ ଦେଖିଛି । ଛେଳି ପଡରରେ ହଦକୁ ସିଲିଁ ଫାଗ ବୋଲାଇ, ବାଘକୁ କେମିତି ନର୍ଧୂମ ଉଠେବସ କରେ, ସେ ସୁଆଙ୍ଗ ବି ଦେଖିଛି ।

ପ୍ରକାଶ ଥାଉକି (ମୁଁ ଅତି କାକୁସ୍ଥ ଚିତ୍ତରେ କହୁଛି) ମୁଁ ଅକିଞ୍ଚନ, ମୋର ଉପରସ୍ଥ ଇଟର୍ ଅନର୍, ଇଓର୍ ମେଗ୍ନାନିମସ୍‌ସେଲ୍ ଫ୍ଙ୍କ ଚୌହଦ୍ଦି ଭିତରେ ମୁଁ ତୃଣାଦପି ସୁନୀଚ । ମୁଁ ହଲପ କରି କହୁଛି, ଯାହା କହୁଛି ସତ କହୁଛି ।

× × ×

ମୋ ସାତ ପେଡ଼ିର ବାନ୍ଧୁଣିଗୁଡ଼ାକ ଖସରି ଖସରି ହୁଗୁଳି ଗଲା । (ମୁଁ ବଚରା ସବୁ ଜାଣୁଥିଲି; କିନ୍ତୁ ଅତିକାୟ ତନ୍ଦ୍ରାର ଓଜନ ମତେ ମାଡ଼ି ବସିଥିଲା ।)

କିଏ ? କିଏ ଫଣା ଟେକିଲା ?

'ମୁଁ'—(ଅସମ୍ଭବ ଇଗୋର ମଣିଷ । ଅନେକ ସମ୍ଭାବନା ମୋଠିଁ ସିଇଁ ହେଇ ରହିଛି । ଅପର୍ଯ୍ୟାପ୍ତ ମୋର କଳ୍ପନାର ଡେଣା । ଅଜସ୍ର ସୁନାଟମ୍ପାର କଡ଼ ମୋ ଭିତରେ କଡ଼ ମୋଡ଼ୁଛି ।)

Digitized by PPRACHIN, SOA

ମୁଁ—ଅଚ୍ୟୁତାନନ୍ଦ ପନ୍ତ—ଗଳ୍ପ ଲେଖକ । ପୌରୁଷ ମୋର ରେରେକାର କରୁଛି । ମୋ କଲମ ଭିତରେ ଜଳିବା ପାଇଁ ଅନେକ ଜାଳେଣି ଫେଣ୍ଟି ହୋଇ ରହିଛି ।

କିନ୍ତୁ ମୋ ବଞ୍ଚିବାର ମାଲିକଙ୍କ ଯନ୍ତ୍ରର ମନ୍ତ୍ରର ଗୁହା ଭିତରେ କାପାଳିକର ଧଳା ଚମ୍ପା କଳା ଚମ୍ପା ରହିଛି ।

...ମତେ ହାଇ ଆ...ସୁ...ଛି... ।

× × ×

ମୁଁ କିନ୍ତୁ ଉଠିଲି । (ପେଡ଼ର ମୁଣ୍ଡିକୁ ଧକ୍କା ଲଗାଇ ମୁଣ୍ଡ ଉଠାଇଲା ଅନ୍ୟ ଏକ ନାଗ ବଛା)

ମୋର ପରିଚୟ :—ପ୍ରବୁଦ୍ଧ ପରମେଶ୍ୱର ଉଲଙ୍ଗ ଭିତରୁ ମୁଁ ସମ୍ଭବାମି । ମୋ ରକ୍ତ ପେଟରେ ଶଙ୍କର କଥା କହୁଛି । ଶ୍ରୀକୃଷ୍ଣ ଗୀତା ଗାଉଛି । ମୁଁ ବିଶ୍ୱରୂପର ଦ୍ରଷ୍ଟା । ମୁଁ ଉନ୍ମତ୍ତ । ମୁଁ ଉଦଗ୍ର ।

'ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ'ର କୁଳ ନନ୍ଦନ ।

...ସବୁ ଯେ...ଛୁଆଙ୍କ କାଞ୍ଜିଆଁହୋଦା ଲାଗି ପେଜ ମୁଦାକ ପାଇଁ...

× × ×

(ପେଡ଼ ଭିତରୁ ଗର୍ଜନ ଉଠିଲା)

ଘୁମ୍ ଘୁଡ଼—ମୁଁ ବଡେ ହେଉଛି ।

ମୋର ଭୂମିକା : – ଆମର ସମସ୍ତେ ଘୁଙ୍କର ରଖିଥିଲେ; ଘୁଙ୍କଣ କରୁ ନ ଥିଲେ । ଗଜପତି ଗୌଡ଼େଶ୍ୱର ମୋ ଗୋସବାପାଙ୍କ ଗୋସବାପ ମୁଣ୍ଡରେ ପାଟ ଶାଢ଼ି ବାନ୍ଧି, ତମ୍ବାପଟିଆ ସନନ୍ଦ ଦେଇ ସାବ୍ୟସ୍ତ କରିଥିଲେ ଆମେ ଶ୍ରେଷ୍ଠୀ । ଆମ ବୁନିଆଦର କାନ୍ଥୁଡ଼ା ତଳେ ଅାଭିଜାତ୍ୟର ଓଥରା ନଖ ପକାଇ ବସିଛି ।

ଘୁଡ଼, ଶୁଣ୍ଢି ଦୋକାନରେ ନୌକରି କଲେ ଶୁଣ୍ଢିକୁ ଜୁହାର ବଜାଇବାକୁ ବାଧ । × × ×

ନାଗବଛା ସବୁ ଝିମେଇ ପଡ଼ିଲେ ଯେ । ମୁଁ ଉଠିଲିଣି । ମୁଁ ମୁଁ—ଅଚ୍ୟୁତାନନ୍ଦ ପନ୍ତ । ଭିଙ୍କି ବଗ ଘୁଙ୍କଣ କରେ । ଅମକେଇ ତମକେଇଙ୍କ ହୁକୁମ୍

Digitized by PPRACHIN, SOA

ଉପରେ ମୋ ସ୍ମୃତି । (କାହିଁକନା, ଋଷିବାବାଙ୍କଠୁଁ ବର ଆଦାୟ କରିବାକୁ ମୋ ପାଖରେ 'ବାନ୍ଧ ବାନ୍ଧ ଦଉଡ଼' ନାହିଁ । ମୋ ଛୁଆ ଓପାସ ଶୁଅନ୍ତି ।)

ମୁଁ, ଆଚ୍ୟୁତାନନ୍ଦ ପନ୍ତ—ମୁଁ ମୁହଁରେ ତୁରୀ ଦେଇ ଫୁକାର ଦେଉଛି । ହେ, ହେ, ମୋର ନାଗମାନେ, ଉତ୍ତିଷ୍ଠତ, ଜାଗ୍ରତ । ସତେ ପଛକେ ମାଡ଼ ମକଚ ସାବାଡ଼ କରିଦିଅ, ତୁମେ ରାହୁର ଗୁଣ୍ଡରେ ଫଣା ଭଙ୍ଗୀ କରି ଚନ୍ଦ୍ରକୁ ଛଡ଼ାଇ ଆଣ । ମୋର ସମାଧି ଉପରେ ଲାଞ୍ଜ ରଖି ତୁମେ ଠେଙ୍ଗା ହୁଅ, ତୁମ ମୁହଁର ଅଗ ଯେମିତି ତାଙ୍କ ଭଳି ନେଉଳର ଦୁକୁଦୁକକ ପାଇବ । ତା'ପରେ ଦାନ୍ତର ବୋତାମକୁ ସବୁ ଖୋଲି ଫୁଙ୍କୁନା କରିଦିଅ । ମୁଁ ତୁମକୁ ନିଆଁ ପିନ୍ଧେଇ ଦେଉଛି । ତାଙ୍କ ଉପରେ ତୁମେ ଧୂଆଁର ଗୁନ୍ଦୁଆ ଟାଙ୍ଗି ଦିଅ । ଆଜ ଅଣନିଃଶ୍ୱାସୀ କରି ଫାଙ୍କାବାଜର ବର୍ଣ୍ଣାଢ଼୍ୟ ନବଗୁଞ୍ଜରକୁ ଶିକାର କର ।

ଶାଶ୍ୱତର ସମାଗମପାଇଁ ହେ ମୋର ତୁମେମାନେ ସହସ୍ରଶୀର୍ଷା, ପୁରୁଷଃ, ସହସ୍ରାକ୍ଷଃ ମୁଁ ତୁମକୁ ନମସ୍କାର କରୁଛି ।

●

Digitized by PPRACHIN, SOA

ଏକ ଆରବ୍ୟ ରଜନୀର ଅତିଚେତନା

ଆକାଶରେ ଗୋଲ ଜହ୍ନ ଘୁଞ୍ଚି ଘୁଞ୍ଚି ଯାଉଥିଲା—

ହସି ହସି କଣେଇ ଝିଅ ମୁହଁକୁ ଆସ୍ତେ କରି ପଛେଇ ନେଲାପରି ।

ଆକାଶରେ ଟିକିଏ ବି ମେଘ ନ ଥିଲା ।

ସେଇମିତି ଝିଅର ହସ ଉପରେ ଯେମିତି ଜମା ଦାଗ ପଡ଼ି ନ ଥାଏ ।

ଆକାଶରେ ତାରା ସବୁ ବିଞ୍ଚୁଡ଼ି ହୋଇ ପଡ଼ିଥିଲେ ।

ସେହି·ନସ୍ୱାଦ ଝିଅର ମନ-କଆଁସରେ ସ୍ୱପ୍ନର କାଜର ସବୁ ବିଛେଇ ହୋଇ ପଡ଼ିଲାପରି ।

ଗଛର ପିଲହଟ ସବୁ ଠିଆ ହୋଇଥିଲେ ।

ମାଟିର ମେଡ଼ ଉପରେ ଜ୍ୟୋତ୍ସ୍ନାର ଜରି ମଡ଼େଇ ହୋଇ ଯାଇଥିଲା ।

ପାଣିର ଅଗଣାରେ ଆଲୁଅର ଫୁଲ କୁଢ଼େଇ ହୋଇ ଚଢ଼ିଥିଲା । ଏଇ ଉମରଖୟ୍ୟାମୀ ରାତିର ରଙ୍ଗଧୂଳି ମୋ ଉପରେ ଝିପ୍ ଝିପ୍ ଖିଆଲର କୁଣ୍ଡା ଝାଡ଼ୁଥିଲା ।

ମୁଁ—ଯା'ର ପଇଁତିରିଶ ବର୍ଷରେ ମୁଣ୍ଡରେ ଅନେକ ବାଳ ପାଚିଗଲାଣି ।

ମୁଁ—ଯା'ର ସାମର୍ଥ୍ୟ ପରିବାରରେ ଦୁଇଓଳି ଅନ୍ନସଂସ୍ଥାନ କରି ପାରୁନି ।

ମୁଁ—ଯା'ର ସାତଟା ଛୁଆ ଯୁକ୍ତ ଏକ ଛୁଆର ମାଆ । ଆଠଟା ହେଲେ ମୁହଁ ଅକ୍ଟୋପସ୍ ଭଳି ଯାହାକୁ କୁଣ୍ଢେଇ ଧରିଛନ୍ତି ।

ମୁଁ—ଯାହାର କାମଗୁଡ଼ାକ ଖାଲି ଦୋଷ । କାରଣ କାମକୁ ବେକାମ କରି ବେକାମକୁ କାମର ସଜ୍ଜା ଦେବାକୁ ପାଖରେ ପଇସା ନାହିଁ ।

ମୁଁ—ଯାହାକୁ ଗାଁବାଲା ଥଟ୍ଟା କରନ୍ତି । କାହିଁକିନା ଗାଁରେ ସମସ୍ତଙ୍କଠୁଁ ବେଶି ପଢ଼ିଲେ ବି ତା ଘରଚୁଆ ହୋଇ ପାରେନି ।

Digitized by PPRACHIN, SOA

ମୁଁ—ଯାହାକୁ ତା ବମ୍ ଟିକେଟ କଲାବେଳେ ତାଙ୍କ ବସ୍ ଭଡ଼ା ବାବଦ ଟଙ୍କା ମାଗେ ।

ଏଇମିତରେ ମୁଁ ମୋ ଭିତରୁ ହଠାତ୍ ଖସିଯାଇ ଆଉଥରେ ଅଙ୍ଗୁର-କୁଞ୍ଜରେ କ୍ଲିଓପାଟ୍ରାର ଲଙ୍ଗଳା ଗୁଣ୍ଡରେ ମୁହଁ ଗୁଞ୍ଜି ମିଠାମିଠିକା ନିଦ ଶୁଉଥିଲି ।

ମୁଁ ମୋର ଆଲବମର ପ୍ରଥମ ପୃଷ୍ଠା ଖୋଲିଲି । ଆଁ, କେଉଁ ଶ୍ବେତ ମୁହଁଟେ, ଆଜ କେତେ ସୁନ୍ଦର ! ଶାଢ଼ୀର ସମୁଦ୍ରଭିତରୁ ଚନ୍ଦ୍ରଭାଗାର ସୂର୍ଯ୍ୟ ଯେମିତ ଚହଟି ଆସୁଛି । ଯମୁନାର ଢେଉ କୃଷ୍ଣର ବଂଶୀ ଶୁଣି ଅଟକି ଯାଇଛି । ଆଜ ଚମ୍ପାଗୋରୀ ରାଧା ପାଣିଭିତରେ ପଥର ହୋଇ ନିଜକୁ କେମିତ ଦେବ ବ୍ୟାଖ୍ୟା କରୁଛି । ଏଇମିତ ଜହ୍ନଭିତରେ ସେ ମୋ ପାଖକୁ ଆସିଥିଲା । ଗ୍ରେସିଆନ୍ ଅର୍ନର ଶଙ୍ଖପରି ନିଜକୁ ଅକ୍ଷୁଣ୍ଣ ରଖି ଆଜି ବି ମୋ ଭିତରେ ଛଟକା ହସ ହସୁଛି । ହାୟରେ ମୁଁ ! ହାୟ ମୋ ଜୀବନତା ! ହାୟ ମୋ ରକ୍ତଗୋଲାପ !

ଦ୍ବିତୀୟ ପୃଷ୍ଠାରେ—ହଂସ ତା'ର ପଦ୍ମକେଶରରେ ଥଣ୍ଟ ଭୁଲେଇଛି । ପାଣି ଉପରେ ଦୁଇଟି ଫୁଲ । ଜଣେ ଦେଉଛି, ଆଉଜଣ ନେଉଛି । ପ୍ୟାର ନେବା ଯାହା, ତା'ର ଦେବା ତାହା । ପାଣି ଉପରେ ଜୀବନର ସ୍ବାଦୁ । ପାଣିତଳେ ସ୍ବାଦୁର ଗୁଇ । ଆଃ, କେବେ ମୁଁ ଏଙ୍କୁ ଦେଖିଥିଲି ? ଏଇମିତ ଜହ୍ନରାତିରେ । ହାୟ ମୋ କବିତା । ହାୟ ମୋ ରଙ୍ଗୀନ୍ ସୁରା ।

ସେ ପୃଷ୍ଠାପରେ, ଅନେକ ପୃଷ୍ଠାରେ—ଏ ତ ମୁଁ । ମୁଁ ନଈପଠାରେ ପ୍ରଜାପତିପରି ନାଚ ବୁଲୁଛି । ମୁଁ ଗୋଲାପର ଡେମ୍ଫକୁ ଆସ୍ତେ ଆଉଜାଇ ଆଣି ଖୁବ୍ ଆସ୍ତେ ଗାଲରେ ଘଷୁଛି । ମୁଁ ଗୀତ ଗାଇ ବେଳାଏ ନାଚୁଛି । ବଣର ଅତି ଅବାଧ କପୋତ ପରି ମୁଁ ମୋର କପୋତୀର ପିଚ୍ଛ ନେଉଛି । ମୁଁ ମୋ ପୁଅକୁ ଚକାଭଉଁରି ଖେଳାଉଛି । ରଙ୍ଗମଞ୍ଚରେ ମୁଁ ଶବର ସାଜ ବେଦମ୍ ଶୃଙ୍ଗ ବାଡ଼ାଉଛି । ସବୁ ମୁଁ । ସବୁ ଜହ୍ନରାତିର ମୁଁ ।

ମୁଁ କଲମ ଧରିଲି ।

ମୁଁ ଜାଣେ ମୁଁ ତାସ୍ ଖେଳ ଯାଇ ନ ବୋଲି କାଲି ମୋ ବସ୍ ଭଦ୍ର ତମାମ ତମତମ ହେବେ । ମୁଁ ଯାଇଥିଲେ, ମୁଁ ବହୁତଥର ଇଚ୍ଛା କରି ହାରିଥାନ୍ତି । ସେ ବହୁତ ହସିଥାନ୍ତେ । ଆଉ ଅଳ୍ପ କଷ୍ଟ ମୋତେ ଧାର ଦେଇଥାନ୍ତେ । ମୁଁ ଜାଣେ

Digitized by PPRACHIN, SOA

ରାତ୍ରରେ କବାଟ ମେଲିଥିଲି ବୋଲି ଶ୍ରୀମନ୍ତଙ୍କଠାରୁ ପାଳଣି ଶୁଣିବି । ମୁଁ ଜାଣେ ମୁଡ଼ିବାଲା କାଲି ବାଳରେ ମୁଡ଼ି ନ ଦେଇ ମୋ ଝୁଅଙ୍କୁ ସକାଳେ ଓପାସ ରଖିବ ।

ମୁଁ ଜାଣିଶୁଣି କଲମରେ କାଳି ଭରିଲି । ମୋ କବଚାଖାଚା ଦେଖି ଶ୍ରୀମନ୍ତ, ବସ୍ ଏବଂ ଗାଁବାଲା ସମସ୍ତେ ମୋର ପରମହିତୈଷୀ ଆସନ ଜବରଦସ୍ତ ଦଖଲ କରି କେତେଥର ତାଗିଦ କରିଥିଲେ—ଏଗୁଡ଼ାକ ସବୁ ମିଛ ବେପାର । ଦୁନିଆର ସତ ବେପାରରେ ମୁଁ ମୋର ମୂଳ ଜମା ଯେତେବେଳେ ଖାଇ ବସିବି, ଅନ୍ତତଃ ମିଛ ବେପାର କରି ମୁଁ ବଞ୍ଚିବି ।

ଜହ୍ନ ମତେ ଭାରି ହସାଉଥିଲା । ଗୁହାଳର ନର୍ଦ୍ଦମା ଭିତରୁ ମୁଁ ହଠାତ୍ ପଘା ଛିଣ୍ଡାଇ ପଡ଼ିଆର ହାଲୁକା ଘାସ ଉପରେ କୁଦା ମାରୁଥିଲି ।

ମୋ କଲମ ମତେ କହୁଥିଲା—

ଓମରଖୟ୍ୟାମ ଦିନେ ପାରସ୍ୟର ସମ୍ରାଟଙ୍କୁ ଦୟାକରି ଫେରାଇ ଦେଇ ତାଙ୍କ ପ୍ରାସାଦକୁ ଯିବାକୁ ମନା କରିଥିଲେ । ଜହ୍ନର ଖୋଲା ବଗିଚା ଭିତରେ ଶୁଖିଲା ରୁଟି ଖାଇ କଲମର ଗାର ଟାଣି ପ୍ରତିଦିନ ଅସଂଖ୍ୟ ପାରସ୍ୟର ସମ୍ରାଟଙ୍କୁ ସେ ଜନ୍ମ ଦେଉଥିଲେ ।

ଯାହାହେଉ ମୁଁ ବଞ୍ଚିଗଲି ।

●

Digitized by PPRACHIN, SOA

ଆପଣଙ୍କ ଗପ ଏବଂ ମୋ ଗପ

ଆପଣଙ୍କ ଗପ :—

ରାମ ରାବଣକୁ ମାରି ଅଯୋଧ୍ୟାକୁ ବାହାରିଲେ । ସ୍ୱର୍ଣ୍ଣଲଙ୍କାକୁ ଛାଡ଼ି ଅଯୋଧ୍ୟାକୁ ବାହୁଡ଼ିଯିବା ବୋକାମି ହେବ ବୋଲି ଲକ୍ଷ୍ମଣ ଭାବିଲେ । ଲଙ୍କାରେ ରାଜା ହୋଇ ରହିଯିବାକୁ ରାମଙ୍କୁ ଅନୁରୋଧ କଲେ । ରାମ ଲକ୍ଷ୍ମଣଙ୍କୁ ଟିକିଏ ବାହାରେ ବୁଲି ଆସିବାକୁ କହିଲେ ।

ଛଡ଼ନନ୍ତର ଲକ୍ଷ୍ମଣ ବୁଲୁ ବୁଲୁ ସମୁଦ୍ର କୂଳରେ ପହଞ୍ଚିଲେ । ଏକ ସାମୁଦ୍ରିକ ପକ୍ଷୀ ସମୁଦ୍ର ଉପରେ ଅଣ୍ଡା ଦେଉଥାଏ । ପ୍ରତିଟି ଲହଡ଼ି ଆସିଲେ ସେ ତା'ର ଅଣ୍ଡାଟି ଧରି ଉପରକୁ ଉଠିଯାଏ ଓ ଲହଡ଼ି ଚାଲିଗଲେ ଅଣ୍ଡାଟି ପୁଣି ସମୁଦ୍ର ଉପରେ ରଖିଦିଏ ।

ଲକ୍ଷ୍ମଣଙ୍କୁ ହସ ମାଡ଼ିଲା । ସେ ଅତିଷ୍ଠ ହୋଇ ପଚାରିଲେ—'ଆଚ୍ଛା, ପକ୍ଷି ! ଏତେ ହଇରାଣ ନ ହୋଇ ତୁ ସମୁଦ୍ର କୂଳରେ କାହିଁକି ଅଣ୍ଡା ଦେଉନୁ' ?

ପକ୍ଷୀଟି ବିନମ୍ର ଭାବରେ ଉତ୍ତର ଦେଲା—'ମୋ ମା, ଗୋସି ମା' ଏଇ ସମୁଦ୍ର ଉପରେ ଅଣ୍ଡା ଦେଉଥିଲେ ।'

ଲକ୍ଷ୍ମଣ ଶୀଘ୍ର ଫେରିଆସି ରାମଙ୍କୁ କହିଲେ—'ଆମେ ଅଯୋଧ୍ୟାକୁ ଫେରିଯିବା ।'

ମୋ ଗପ :—

ମୋ ଗୋସିବାପ ଗାଁରେ ଘର କରି ରହୁଥିଲେ । ମୋ ବାପା ମତେ ଗାଁରେ ଘର କରିବାକୁ ପରାମର୍ଶ ଦେଇଥିଲେ; କିନ୍ତୁ ମୋ' ପୂଅର ଜିଦ୍‌ରେ ମୁଁ ଭୁବନେଶ୍ୱରରେ ଘର ତିଆରି କଲି ।

●

Digitized by PPRACHIN, SOA

ପ୍ଲସ୍ ଓ ମାଇନସ୍

ଅଧା ଶିକ୍ଷା ଆକ୍ରନ୍ଦର୍ତ୍ତା ସାଙ୍ଗକୁ ସମେତ ଟାଙ୍ଗମାନ୍ ଦରଫୁଟା ଭୁତ, ଅବଢଶ ଓଦ୍. ଓଦ ଓାଲପାଣି ଚାହିଁଏ ପ୍ରାପ୍ତ ଥାଏ । ତାପରେ ଅତିରିକ୍ତ ବଜେଟ୍‌ରେ ଯଦି କେବେ ବଦବା ଏ ଖୋଳ ଟିକଏ ବା ଭଜା ଦ୍ୱଖଣ୍ଡ ଜୁଟିଯାଏ ତ ନମିବ୍ ଟେନ, ନାକରେ କାନରେ ପୂରାଇବାକୁ ପଡ଼େ । ସ୍କୁଲର Warning bell ଟାର ପ୍ରଭ ଟଂ ଟଂ ସଙ୍ଗରେ ଚାଳପଡ଼ାଇ ଗୁଣ୍ଡାଗୁଡ଼ାକ ମୋର ତଣ୍ଟି ପାର ହେବାକୁ ଲଗେ ଅବଶ୍ୟ ପୂର୍ଣ୍ଣ ପାଣିଗ୍ଲାସର ବନ୍ଧୁତାର ହାର୍ଦ୍ଦିକ ସାହଚର୍ଯ୍ୟରେ । ଅଚଳଚ୍ଛୁଆ ସାର୍ଟ ଖଣ୍ଡିକ ଗଳାଇ ଦେଇ ବୋତାମ ମାରିବା ବେଳକୁ ସେଗୁଡ଼ାକ ବାରମ୍ବାର ଅବାଧ୍ୟ । ଉପର ପରିସରର ବ୍ୟାପକ ଦ୍ରୁମ ଅଭିବୃଦ୍ଧି ହେତୁ ଅଟକ ରହିବାକୁ ଏକାବେଳକେ ବିମୁଖ । ଗ୍ରନ୍ଥି ଉପରେ ପଞ୍ଜରାର ବହୁଳ ସେଡ଼ଂଗୁଡ଼ାକ ସାର୍ଟର ଫାଙ୍କ ଦେଇ ଆତ୍ମପ୍ରକାଶ କରନ୍ତି, ଯଦିଓ ମୋର ଏକାନ୍ତ ଇଚ୍ଛା ସେମାନେ ଅବଗୁଣ୍ଠନବତୀ ହୁଅନ୍ତୁ । କଲର ତଳେ ଟିକଏ ବେକଖଣ୍ଡାରେ ଆଙ୍ଗୁଳି ପଶିଆସେ । ବେଶ୍ ସୁନ୍ଦର ସହଯୋଗ—ଖାଳ, ଧୂଳି, ପୁଣି ଖାଳ, ପୁଣି ଧୂଳି, ତାଉପରେ ତଥି; ସାର୍ଟର କଲରଟାକୁ ବାସୀ ଚକୁଳି ପିଠାର ଗଢ଼ଣର ଖାଡ଼ା କରି ରଖିଥାଏ, ଏଣେ ଠିକ୍ ତା ତଳକୁ ପିଠି ଉପରେ ପ୍ରାପ୍ତ ଅଧଇଞ୍ଚ ବେଧ ନେଇ ଗୋଟାଏ ନବବଧନ ନିଧ ମଳର କଙ୍କଳ ଆସ୍ତରଣ । ଗୋଡ଼ରେ ଚପଲ ହଳକ ଦେଖିଆଲରେ ଜୋଇନଏ । ବୁଢ଼ା ଆଙ୍ଗୁଳିଟାର ବନ୍ଧନ ମାସ ମାସ ଧରି ଛିନ୍ନ, ଏଣେ ଗୋଇଠି ପଟର ତଳ ସୋଲ୍‌ରେ ବାରମ୍ବାର ମଟର ଟାୟାରର୍ ସଂଯୋଗପାଇଁ ଇଞ୍ଚକଆ କଣ୍ଟାଗୁଡ଼ାକ ଶିର ସଜନ୍ତ ହେଲେ ସୁଦ୍ଧା ଉଭୟ ଏ ମିଳନରେ ବିଲ୍‌କୁଲ୍ ନାରାଜ ।

ତାପରେ ତକାରଟେ ପାଇଁ ବି ଅବକାଶ ନାହିଁ, ଆମେ କରିବାଏ କ୍ଲାସରେ ପ୍ଲସ୍ ମାଇନସ୍, ମାଇନସ୍ ପ୍ଲସ୍‌ର ଯୁଗପତ୍ ଅସଂଖ୍ୟ ସୃଷ୍ଟି । ଚକ୍‌ଗୁଣ୍ଡିର ଶିରଳନ ସ୍ଥାନରେ ଫିକାଳିଆ ବ୍ଲାକବୋର୍ଡ଼ ଉପରେ ଧଙ୍ଗୁର ଚେକ୍‌ଷ୍ଟିକ୍

Digitized by PPRACHIN, SOA

ବେଳେବେଳେ ଶତଛିନ୍ନ ହୋଇ ରେଖାପାତ କରିବାକୁ ବିମୁଖ ହୋଇ ଉଠିଲେ ବି ତାର ଅବଶିଷ୍ଟ ହସ୍ତସ୍ଥିତ ଅସ୍ତିତ୍ୱ ନେଇ ମୁଁ ଆଙ୍କିଚାଲେ ପ୍ଲସ୍ ପରେ ମାଇନସ୍, ମାଇନସ୍ ପରେ ପ୍ଲସ୍, ମଝିରେ ଆଶୁ ବର୍ଦ୍ଧିଷ୍ଣୁ ଦାଢ଼ିଗୁଡ଼ାକ ତାହାର ବହିଃପ୍ରକାଶ ପାଇଁ ଝିଙ୍ଝିଣେଇ ଉଠେ—ବାଁ ହାତ ନେଡ଼ିର ଗୋଟାଏ ଅଲକ୍ଷ ସଂଘାତ ସଞ୍ଚାଳନରେ ମୁଁ ଚକ୍‌ଗୁଣ୍ଡିର ଶୁଭ୍ରମଣ୍ଡଳରେ ସେଗୁଡ଼ାକୁ ଅସ୍ୱାଭାବିକ କୁଣ୍ଡା କରି ଦେଉଛି ବୋଲି ଫ୍ରଣ୍ଟବେଞ୍ଚର ଚପଳା ଛାତ୍ରୀଗୋଷ୍ଠୀରେ ଗୋଟାଏ ତୁଷ୍ଟ ଅଥଚ ରୁଦ୍ଧ ହାସର ଲହଡ଼ି ଉଠି ମୋତେ ଅପ୍ରତିଭ କରେ । ତଥାପି ହାତ ମୋର ପ୍ଲସ୍ ମାଇନସ୍‌ର ସରଳ ଦ୍ୱନ୍ଦ୍ୱରେଖାମାନ ଟାଣି ଚାଲେ, ଯେମିତି ଚାଲୁଥିଲା ।

ଶେଷ ଘଣ୍ଟାବାଜେ—ହାତ କାଲୁଆ ଆଙ୍ଗୁଳିଗୁଡ଼ାକ ଟିକିଏ ଫୁଟାଇ ନେଇ ସୁସ୍ଥିର ଗୋଟାଏ ନିଃଶ୍ୱାସ ଛାଡ଼େ । ଜୀବନଟାକୁ ଟିକିଏ ତଳେଇ ଦେଖେ—କଳାପଟା ଉପରେ ଚକ୍‌ର ଧଳାଗାର କେତେବର୍ଷ ହେଲା ଟାଣି ଟାଣି ଦାରିଦ୍ର୍ୟର କଳା ପରଦା ଉପରେ ବଞ୍ଚି ରହିବାର କେତେଟା ଅଭିଯାନର ନିଷ୍ଫଳ ରେଖାପାତ କରୁଛି । ଆଗକଳା, ପଛକଳା, ଏହି କଳାର ଅସୀମତା ଭିତରେ କେବଳ ଲଢ଼ି ଭିଡ଼ି କେତେଟା ଗାର ଟାଣି ଚାଲିବି । ନବନିର୍ମିତ ଜୀବନ ରାସ୍ତାର ହେରେକ୍ ଗେଟିର ମୁଣ୍ଡକୁ ଛୁଇଁକରି ଦାରିଦ୍ର୍ୟ ରୋଲରେ ପେଷି ଦେଇ ଯାଉଛି ! ସେତିକି ନୁହେଁ, ତାପରେ ଚାଲିବ ଗାଡ଼ି, ଘୋଡ଼ା, ମଟର୍, ଧୂଳିହୋଇ ମୋର ଅସ୍ତିତ୍ୱକୁ ମୁଁ ସମୂଳେ ନିଃଶେଷ କରିବା ଯାଏ ବି ।

ଗଣିତ ଶିକ୍ଷକ ମୁଁ, ଯେତେ ଟାଣୁଆ ହେଉ ହାତ ନ ଭୁକୁଥିଲେ ବି ଅଙ୍କଗୁଡ଼ାକ ମୁଁ ଯେମିତି ହେଉ ଟାଣି ଓଟାରି ଛୁଡ଼ାଇଦିଏ । ଛାତ୍ର ଓ ଶିକ୍ଷକ ମହଲରେ ମୋର ଗୋଟାଏ ଚିରପ୍ରତିଷ୍ଠିତ ପ୍ରଶଂସା; କିନ୍ତୁ କାହିଁକି ଏ ଜୀବନ ଅଙ୍କଟାତ କେବେ ଛୁଟେଉନି । ମେ ମାସ ଶେଷରେ ଜାନୁୟାରୀର ଦରମା ବାକି । ଆଜି ପାଞ୍ଚମିନଟ୍ ଡେରି ହୋଇଛି ବୋଲି ହେଡମାଷ୍ଟରେ ପଞ୍ଚମରେ ତ କାଲି ଲିଜର୍ ପିରିଅଡ଼ରେ ବସିଗଲେ ସୁଦ୍ଧା ଭୁଙ୍କାଟାରେ ଫଁ ଫାଁ । ଦୁର୍ଦ୍ଦଶାର ଅଠରଖଣ୍ଡ ମହାଭାରତ ବର୍ଣ୍ଣନା ପରେ ପିଲ୍ଲାଙ୍କ ପଇସା ଫଟେଇ ଦେଇ ଅଧଗାରେ ପୋକରା ବାଇଗଣ ବାଜରେ ବାନ୍ଧିଲେ ବି ପରିବାବାଲୀ ମୁହଁ ଛୁଞ୍ଚାଡ଼ି ସିଂ ସିଂ । ଝାଡ଼ା ପରସ୍ତା କଂଟ୍ରୋଲ କରି ୧୦ଟା ପର୍ଯ୍ୟନ୍ତ ହୋମ୍‌ଟାସ୍କ ଖାତାଗୁଡ଼ାକରେ ନାଲିଗାର ମାରି ମାରି ପିଠି ସଳଖିଲାବେଳକୁ ପଛଆଡ଼କୁ ଆହୁରି ଚାଡ଼େ

Digitized by PPRACHIN, SOA

ଗଢା । ଘୃଣ୍ୟଘଣ୍ଟା ବକର ବକର ପରେ ପାଟିରୁ ବଚ ବାନ୍ଧାଖସିବ, ପରଦିନ ଟିଉସନକୁ ଯାଇ ଘୁଷୀଟାକୁ ପଚ୍ଛର ତ ସବୁଗୁଡ଼ାକ ଫେର୍ ପ୍ରଥମ ପୃଷ୍ଠାର ପ୍ରଥମ ଧାଡ଼ିରୁ ଅବୁଝା । ମାରୁଆଡ଼ୀ ଦୋକାନରେ ଦାନ୍ତ ନକୁଟି ବନ୍ଧୁ ମକାମଳ ପରେ ଶାଢ଼ି ଖଣ୍ଡ ଆଣି ଶ୍ରୀମତୀଙ୍କ ମହାମାନ ଭଞ୍ଜନ ପରେ ଆରଦିନ ସ୍କୁଲରୁ ଫେରି ଦେଖେତ ପୁଣିକ ନୂତନ ଦୁର୍ଦମ୍ୟ କ୍ଷୋଭ ତର୍ଜି ଉଠିଛି, ମୁହଁ ଫଣ ଫଣ, ପିଲ୍ଲୁ ଧଇଲବେଳକୁ ବାଟକାଟି ଇଆଡ଼େ ତ ସିଆଡ଼େ । ସ୍କୁଲର ଦୁମଦୁମଟା ହେମଦନ୍ତ୍ରା ନାଡ଼ର ପାହାର୍ ପରି ଘୁଣ୍ଡିଟାକୁ କୁଟି ପକାଏ । ସବୁ ଗୁଡ଼ାକ ତ ଅଚ୍ଛଡ଼ା, କାହିଁ କେବେ ତ ଛୁଉନ ?

ହେଡ଼ମାଷ୍ଟରଙ୍କ କୃପାରୁ ରୁଟିନ୍ ସେଟ୍ କରିବାକୁ ବସି ସଞ୍ଜବେଳ ହ ଲାଗିଲା । ତଥାପି ସାରିବାକୁ ହେବ । ପେଟରେ ଖେଳର ହାବୁକା, ପ୍ଲସ ମାଇନସ୍‌ର ଘର୍ଷଣରେ କାନମୂଳଟା ଧାନପୋକ ପରି ଝିଁ ଝିଁ କରି ଉଠୁଛି । ତଥାପି ରୁଟିନ୍ ସାରିବାକୁ ହେବ । ଘୃଣ୍ୟ—ଶିକ୍ଷକପ୍ରାଣୀ କୁଟୁମ୍ବର ସମ୍ବଳ । ମାଡ଼ଖାଇ ଗୋଖର ସାପ ନିଜେ ନିଜକୁ କାମୁଡ଼ି ବିଷ ଝଡ଼େଇଲା ପରି ରାଗଗୁଡ଼ାକ ମନ ଭିତରେ ଉଠି ମନଟାକୁ ହିଁ ବିଷାକ୍ତ କରି ପକାଏ ।

ଫେରୁ ଫେରୁ ରାତି ଆଠ । ଓଳନିଆ ମୁଣ୍ଡ ଭିତରେ ଚକ୍ରଟା ବେଶି ଫେଣେଇ ଉଠିଲା । ଶିକ୍ଷକ ଜାତିର ସ୍ରଷ୍ଟା—ଦେଶର ମେରୁଦଣ୍ଡ, ବକ୍ତୃତା ମଞ୍ଚ ଉପରେ ନେତାମାନଙ୍କ ବକ୍ତବ୍ୟଟା ମିସିମିପି ଅବବାହିକାଠୁଁ ଆହୁରି ଲମ୍ବା । ପାଣି ପେଇଁକି ଦୁଧବାନ୍ତ କରାଇବା ପାଇଁ ଶିକ୍ଷକଙ୍କ ମଗଜରେ ଗୋଟାଏ ସ୍ୱତନ୍ତ୍ର ମେସିନ୍ ବସାଇଛନ୍ତି ଆଜି ।

ଘରେ ଗୋଡ଼ ଦେଉଁଣୁ ନ ଦେଉଁଣୁ ତେଣୁ ଆକର୍ଣ୍ଣଟାଣି ବାକ୍ୟବାଣ ଛୁଟିଲେ ଦେବୀ ଚଣ୍ଡୀଙ୍ଗଦା । ଅମୋଘ, ଅନିବାର, ଅଫେରନ୍ତ, ଅବାଧ । ଏକଦମ୍ ପଂକ୍ତି ମିଳାଇ ଯୁଦ୍ଧଂ ଦେହି । କିଛି ବୁଝିବେନି ସୁଝିବେନି, ନିଆଁ ରଡ଼ ଘୃଣ୍ୟ । ହେଇତ ପୀତବାସ ବାବୁ ବି. ଏ. ପାସ୍ କରିଛନ୍ତି, ତାଙ୍କୁ ସପ୍ଲାଇ ଇନ୍‌ସପେକ୍ଟର ପୋଷ୍ଟ ମିଳିଲା, ଆଉ କଣ ତୁମେ କୁଣ୍ଡାଦେଇ ପାସ୍ କରିଛ ? ତୁମର ଘର ଚଳିଲେ କେତେ ନ ଚଳିଲେ କେତେ ? ମୁଁ କାହିଁକି ଜଳିସଳି ହେଇ ମରିବି ? ମାଛବାଲୀ କାହିଁକି ଧିକ୍ ଧିକ୍ କରି ମୋ ଜୀବନ ଖାଇବ ? ଛୁଆଟାର ଖିଆଚଟା ହେବ ବୋଲି ୧୫ ଦିନ ହେଲା କହି ପାଟି ଘୋରି ଗଲାଣି, ଖଣ୍ଡେ ଆଳୁଆ କ ତାଟିଆ ତୁମକୁ ଜୁଟୁନି ?...ଲୁହ-ସିଂଘାଣି-ନାକପୋଛା ସହକାରେ, ମୁହଁ ହେଇ ଗୃହଲକ୍ଷ୍ମୀ ଗୋଟାଏ ଶକ୍ତ ତୋଫାନର ରୂପ ।

Digitized by PPRACHIN, SOA

ଜୀବନଟା ମୋର ବଙ୍ଗୋପସାଗର କୂଳର ଝାଉଁବଣ, ଶର ଚୈତ୍ରର ବତାସରେ ବିଧୁନିତ । ଘାବରେଇଲେ କି ଚଳିବ ? ତେବେ ଦୁଇସ୍ୱର ସପ୍ତାହର ଲଲ୍ ପିରଅଡ଼କୁ ଉଖାରି ଝଞ୍ଜାର ବାଟ ଫିଟେଇଲା କିଏ ? ଆଜିକାର ତାଣ୍ଡବରେ ଉନ୍ମୋଚନର ପ୍ରଥମ ରୁଦ୍ରତାଳ ପାତ କଲା କେଉଁ ଭୂତରାଜ ?

"ହେଉ କଣ ଗଣତନ୍ତ୍ର ହୁକୁମ ହେଉ । ପେଟଟାରେ ଏବେ ବିଦ୍ରୋହ । ଦୁଇଟା ବିପ୍ଳବକୁ ଦବେଇବା ପାଇଁ ଫୌଜର ଚଡ଼ା ମାହାତ ଦରକାର । କଣ କରିବ ଅଭାବତ ଦୁନିଆର ନିତ୍ୟ ଯାତ୍ରୀ । ବିଧାମାର ପକେଇ ଚେଚେଇବାକୁ ବସିଛ ।" ଏତକ ଅର୍ଦ୍ଧ ପ୍ରକାଶ୍ୟ ଓ ଅର୍ଦ୍ଧ ସ୍ୱଗତରେ ପ୍ରକାଶ କରି ବଡ଼ପୁଅ ଟୁନାକୁ ଡାକିଲି ଖାଇବାକୁ ।

"ବାବା, ଆଜି କ୍ଲାସରେ ପଢ଼ିଥିଲି ସୁଷମ ଖାଦ୍ୟ ପାଇଁ ଦଶ ଆଉନ୍ସ ଦୁଧ ଖାଇବାକୁ ପଡ଼ିବ । ମା' ଖାଲି ଶୁଖିଲା ମୁଢ଼ି ଗୁଡ଼ାକ ଦେଲା, ଦୁଧ ଟିକିଏ ମାଗିଲି ବୋଲି ମାଇଲା । ଖୁବ୍ ମାରିଛି ବାବା !" ଟୁନାର ଚକ୍ଷୁଟା ଗିଣିଗିଣି ହୋଇ ସଙ୍କେଇ ଉଠୁଥିଲା । ଲୁହଧାର ମୋ ହାତର ଭାତଗୁଣ୍ଡାଟା ତିନ୍ତେଇଦେଲା । ଜୋରରେ ଗୋଟାଏ ନିଃଶ୍ୱାସ ନେଲି ।

"ଓହୋ, ତେବେ ତୋର ସୁଷମର ଦାବୀ ଏ ବିଷମ ଝଡ଼ର ପ୍ରଥମ କୁଳ ବାହୁଛି ? କଣ କରିବରେ ଟୁନା, ଜୀବନଟାର ପ୍ରତି ପାହୁଣ୍ଡରେ ତ ମୋର ବେସମ ବଜେଟ୍ ।"

ଟୁନାର ମୋଡ଼ା ମୋଡ଼ା କୁନ୍ତଳ ବାଳକୁ ବାଁ ହାତ ଆଙ୍ଗୁଳି ଚଳାଇ ଅଳପ ଅଳପ ସାଉଁଳାଉ ଥିଲି ଆଦରକୁ ଗୃହ୍ଣି ।

ସମାପ୍ତ

Digitized by PPRACHIN, SOA